# ସୂଚୀ


| | | | |
|---|---|---|---|
| ୧. | ମା' ପୁସ୍ତକର କେତେକ ଶବ୍ଦର ବ୍ୟାଖ୍ୟା | ଶ୍ରୀଅରବିନ୍ଦ | ୭ |
| ୨. | ଆଧ୍ୟାତ୍ମିକ ରୂପାନ୍ତର | ଶ୍ରୀମା | ୯ |
| ୩. | A True Leader | Sri Pranab Kumar Bhattacharya | ୧୧ |
| ୪. | ଭାରତର କେତେକ ସମସ୍ୟା ଓ ତାହାର ସମାଧାନ | | ୧୨ |
| ୫. | ଶ୍ରୀମା ଓ ଆମ୍ଭେମାନେ | ଶ୍ରୀ ନଳିନୀକାନ୍ତ ଗୁପ୍ତ | ୧୫ |
| ୬. | ଏକ ଭାଷଣ ଓ ପ୍ରଶ୍ନୋତ୍ତର | ଶ୍ରୀ ମାଧବ ପଣ୍ଡିତ | ୧୭ |
| ୭. | ମା'ଙ୍କ ଦୂତ | ଶ୍ରୀ ପୃଥ୍ୱୀନ୍ଦ୍ରନାଥ ମୁଖୋପାଧ୍ୟାୟ | ୧୯ |
| ୮. | ତୁଳସୀ ଦାସଙ୍କ ଜୀବନୀ | ଶ୍ରୀ ରାମକୃଷ୍ଣ ଦାସ | ୨୧ |
| ୯. | ଶ୍ରୀଅରବିନ୍ଦ ଓ ନୂତନ ମାନବ-ଜାତି | ଅଧ୍ୟାପକ ପ୍ରପତ୍ତି | ୨୫ |
| ୧୦. | ଜାତୀୟ ଚେତନାର ଉଦ୍‌ବୋଧନ | ଶ୍ରୀ ବିଶ୍ୱମ୍ଭର ସାମନ୍ତ | ୨୬ |
| ୧୧. | ଓଡ଼ିଶାର ଜୁଲାଇ ଟୁରର ରଜତ ଜୟନ୍ତୀ | ଶ୍ରୀ ମଧୁସୂଦନ ମିଶ୍ର | ୨୮ |
| ୧୨. | ଓଡ଼ିଶାର ପାଠଚକ୍ର ଆନ୍ଦୋଳନ | ଶ୍ରୀ ସାଧୁଚରଣ ପଟ୍ଟନାୟକ | ୩୦ |
| ୧୩. | ଶ୍ରୀଅରବିନ୍ଦ ପାଠଚକ୍ର ସଙ୍ଗଠନର ସୂତ୍ର | ଶ୍ରୀ ଅନାଦି ଚରଣ ସ୍ୱାଇଁ | ୩୨ |
| ୧୪. | ଶରୀର ମନ୍ଦିର | ଶ୍ରୀମତୀ କନକଲତା ମହାନ୍ତି | ୩୪ |
| ୧୫. | କିଛି ସ୍ମୃତି, କିଛି ଅନୁଭୂତି | ଶ୍ରୀ ଜନାର୍ଦ୍ଦନ ପତି | ୩୭ |
| ୧୬. | ଦ୍ୟୁମନ୍‌ଭାଇଙ୍କ ପରିଚାଳନା ପ୍ରଣାଳୀ | ଶ୍ରୀ ପ୍ରକାଶ ଚନ୍ଦ୍ର ପଣ୍ଡା | ୩୯ |
| ୧୭. | ପାଠଚକ୍ର - ପୂର୍ଣ୍ଣାଙ୍ଗ ଯୋଗର ଚାବିକାଠି | ଶ୍ରୀ ଲଳିତ ମୋହନ ପଟ୍ଟନାୟକ | ୪୪ |
| ୧୮. | ବାବାଜି ମହାରାଜ ଶ୍ରୀରାମକୃଷ୍ଣ ଦାସଙ୍କ ସ୍ମରଣେ | ଗୁଣାନନ୍ଦ ଭାଇ | ୪୫ |
| ୧୯. | ସ୍ୱର୍ଣ୍ଣପୁତ୍ର ଚମ୍ପକଲାଲ | ଶ୍ରୀମତୀ ଅମଳା ପାତ୍ର | ୪୭ |
| ୨୦. | CHOICE IS IMPERATIVE | Dr. Shyama Kanungo | ୪୮ |
| ୨୧. | ଏପ୍ରିଲ ସମ୍ମିଳନୀର ପୃଷ୍ଠଭୂମି | ଶ୍ରୀ ପ୍ରସାଦ ତ୍ରିପାଠୀ | ୫୦ |
| ୨୨. | ସବୁବେଳେ ମାଆ ତୋର କରୁଣା ବରଷେ | ଶ୍ରୀମତୀ ଜ୍ୟୋସ୍ନାରାଣୀ ଦାଶ | ୫୧ |
| ୨୩. | TIPS ON ORGANISATION | Sri Gadadhar Mishra | ୫୨ |
| ୨୪. | FRIENDS OF DALIJODA | | ୫୪ |
| ୨୫. | SRI AUROBINDO INTEGRAL SCHOOLS IN ORISSA | | ୫୬ |


◆◆◆

The photograph of Sri Aurobindo and the messages of The Mother and Sri Aurobindo printed in this Souvenir are with due permission from the Managing Trustee, Sri Aurobindo Ashram Trust, Pondicherry.

# ସ୍ମରଣିକା

## ୩୯ତମ ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ

**୪, ୫, ୬ ଏବଂ ୭ ଏପ୍ରିଲ ୨୦୦୯**


## ମାତୃଭବନ

ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩

ଟେଲିଫୋନ : (୦୬୭୧) ୨୩୪୪୩୩୮, ୨୩୪୦୭୧୮

୨୩୪୦୫୬୮, ୨୩୪୩୩୦୭

e-mail : matrubhaban@bsnl.in

website: www.motherorissa.com

# P R A Y E R

For 39th All Orissa Sri Aurobindo Study Circle Conference
on
4th, 5th, 6th & 7th April 2009
at

**MATRUBHABAN, CUTTACK, ORISSA**

Sweet Mother,

Pranams at Thy Lotus feet.

The 39th All Orissa Sri Aurobindo Study Circle Conference is going to be organised from 4th to 7th April, 2009 at Matrubhaban, Cuttack.

At this forum the programme for the Sri Aurobindo Study Circles of Orissa is formulated for the forthcoming year with mutual discussions, where all the organisers of Study Circles actively participate.

Next year the 4th April commemorates 100th year of Sri Aurobindo's arrival at Pondicherry. We wish to prepare Orissa for this great day by distributing Sri Aurobindo's message of 15th August, 1947 to every student, particularly to the students of Sri Aurobindo Integral schools.

We pray Our Sweet Mother to be with us materially and shape our thoughts and feelings so that they may be useful for Her purpose.

We pray for Her Grace that love for Her alone controls and directs all our actions.

With deep gratitude at Her Feet.

Thy children
Members of All Orissa Sri Aurobindo
Study Circle Committee
Matrubhaban,
Cuttack
Orissa



*Pranab Kumar Bhattacharya*

**Department of Physical Education**
SRI AUROBINDO ASHRAM

PONDICHERRY - 605002, INDIA

Telegram:
SRI AUROBINDO - PONDICHERRY

Dated **31-1-2009**

I am glad to hear that you are going to hold the "39th All Orissa Sri Aurobindo Study Circle Conference from the 4th to 7th of April 2009.

Sending Mother's Ashirvadi, along with my very best wishes and a copy of "A True Leader"

Yours' affly

'Dada'

"Dada"

N.B. : "A True leader" is printed at Page - 11

**SRI AUROBINDO ASHRAM**
COPYRIGHT DEPARTMENT

Telegrams
AUROBINDO-PONDICHERRY

PONDICHERRY - 605 002
India

**Sri Manoj Das Gupta**
Managing Trustee

**All Orissa Sri Aurobindo Study Circle Committee**
**Matrubhaban**
Sri Aurobindo Marg
CUTTACK 753013

Dear Sirs,

On the occasion of the 39th "All Orissa Sri Aurobindo Study Circle Conference" to be held at Matrubhaban, Cuttack, we invoke Sri Aurobindo's and the Mother's Blessings.

Regarding the Souvenir that is to be published for the occasion, you may include in it some extracts from Sri Aurobindo's and the Mother's writings as well as Their photographs. Kindly note that the photographs should figure inside the Souvenir and not on the cover. The quality of the prints must be ensured.

Proper reference notes should be given and due acknowledgement made to the Sri Aurobindo Ashram Trust for the above permission. A copy of the Souvenir may kindly be sent to us for our records.

With kind regards,

Sincerely,

Manoj Das Gupta

# *Message from*
# Batti Da

**Sri P. Prabhakar (Batti)**
Sri Aurobindo Ashram
Pondicherry

16.2.09

"THE GOAL IS FAR. THE CALL IS CLEAR. TO BE YOUNG IN BODY, MIND AND SPIRIT IS THE BOAT. COURAGE AND PERSEVERANCE ARE THE OARS, SINCERITY THE RUDDER. THUS MAY ONE GO FAR."

With all my best wishes and affection.

***Batti***
16.02.09

*Sharmajee Writes...*

**Prof. C.N. Sharma**
**Sri Aurobindo Ashram**
**Pondicherry**
**605002**

Dt. 24.2.09

I am glad to know that you are planning more organised programme for the year ahead and want that more area of mass-life in Orissa come under the influence of the ideal envisaged by Sri Aurobindo and the Mother. Orissa is already in the forefront of National Life in this regard. Quite a long section of life has been touched by these inspiring messages and people are with a sincere commitment willing to accept it. All organized programme for the year ahead will very certainly help them in the process.

It is very evident that the global life now is being very powerfully pounded by forces on which man seems to have little control. It will be a most patent way to win back man from this erring path. Of course the global life depends on so many other factors beyond the concerns of a province or a country, but, there is no doubt that it will give a positive boost to the movement in the right direction.

Ancient Rishis revealed to us that the whole creation is one because it is created by the Brahman, who is both the material as well as the efficient cause of the created Universe. It is He who is all. And in this regard whatever happens in one corner of the universe, it has its vibration all over and any development, any where, has its influence everywhere, though it may not be marked at the outset by human intelligence. However, physical sciences too these have made almost a physical proclamation of this truth.

Just as the discoveries of Science are globally effective, so also the steps in the spiritual endeavour too have the subtle echo or vibration every where.

Anything happening in Orissa or else where in this regard is therefore of global importance. I am glad to congratulate you and pray to the Divine Mother to crown your effort with success.

**C. N. Sharma**
Sri Aurobindo Ashram
Pondicherry

*Inspirations from...*

Ananda Reddy

**Ananda Reddy**
Sri Aurobindo Ashram
Pondicherry- 605002

No where in the world do we have such a long and unbroken line of Annual Conferences on Sri Aurobindo Studies such as the one that is organised at the Matrubhaban, Cuttack! I admire your perseverance and your unflinching devotion.

These conferences have seen many speakers and orators come and go: some were wise while others were witty, some were great scholars while others were buds of inspiration, but all of them exuberated one main thing: their intense love for the Mother and their reverence for Sri Aurobindo.

And all along the audience that throng in thousands sit through the talks not only rapt in attention but are caught in the web of devotional vibes which surpass all language contours.

So, for me these conferences are more a confluence of devotional hearts than a display of scholarship and that is what is the stamp of the Orissa conferences in my view. Each participant returns home charged with devotion for them and that is in fact what remains after all the fret and fury of mental knowledge fades off.

A conference that catches Their Presence alone serves the purpose of all Aurobindonian seminars and conferences. And Orissa has achieved this in its own inimical manner. I bow down in all humility to the organizers and the attendees of such conferences at Cuttack, Bhubaneswar and other places of Orissa.

I wish the 39th All Orissa Sri Aurobindo Study Circles Conference not only organisational success, which is your birth right by now, but a greater leap towards the inner Mother and supreme Sri Aurobindo.

May the next year, 2010, the centenary year when Sri Aurobindo came to Pondicherry, also be celebrated at Cuttack with a grandiose celebration that behooves him for the year 1910 represents "The Coming of the Golden Pursushottama".

Love,

Ananda Reddy

# ମା' ପୁସ୍ତକର କେତେକ ଶବ୍ଦର ବ୍ୟାଖ୍ୟା

**ଶ୍ରୀଅରବିନ୍ଦ**

**୧. ଅସତ୍ୟ ଓ ଅଜ୍ଞାନତା (Falsehood and Ignorance) :** ଅଜ୍ଞାନତା ହେଲା ଅବିଦ୍ୟା, ଏହା ଏକ ସ୍ୱତନ୍ତ୍ର ଚେତନା ଯହିଁରୁ ଅହଂମୂଳକ ମନ ଓ ପ୍ରାଣର ଉତ୍ପତ୍ତି ହୋଇଛି, ସେହି ଚେତନା ପକ୍ଷେ ଏହା ସ୍ୱାଭାବିକ । ଅତିମାନସ ଆଲୋକ (ବିଜ୍ଞାନ)ଠାରୁ ବିଶ୍ୱବୁଦ୍ଧି ପୃଥକ୍ ହେବା ଫଳରେହିଁ ଏହି ଅଜ୍ଞାନତାର ସୃଷ୍ଟି ହୋଇଛି– ଦିବ୍ୟ ଚେତନାର ସତ୍ୟଠାରୁ, ଶକ୍ତି ଓ ଆନନ୍ଦର ସତ୍ୟଠାରୁ ପୃଥକ୍ ହେବା ଫଳରେହିଁ ବିଜ୍ଞାନମୟ ଆଲୋକର ଜଗତ ପରିବର୍ତ୍ତେ ଓ ଦିବ୍ୟ ସତ୍ୟର ଜଗତ ପରିବର୍ତ୍ତେ ଆମ୍ଭେମାନେ ଦେଖୁଛୁ ଏହି ଅର୍ଦ୍ଧସତ୍ୟ ଓ ଅର୍ଦ୍ଧଭ୍ରାନ୍ତିର ନିମ୍ନତର ବିଶ୍ୱବୁଦ୍ଧିର ଜଗତ । ଶଙ୍କରାଚାର୍ଯ୍ୟ ପ୍ରଭୃତି ଦାର୍ଶନିକମାନେ ସେହି ରତଶକ୍ତିକୁ ନଜାଣି ତାହାକୁହିଁ କହିଛନ୍ତି ମାୟା ଏବଂ କହିଛନ୍ତି ଯେ ତାହାହିଁ ଭଗବାନଙ୍କର ଶ୍ରେଷ୍ଠ ସୃଷ୍ଟି । ଏହି ଜଗତର ଚେତନାରେ ସବୁକିଛି ହିଁ ସୀମିତ ଅଥବା ବିକୃତ; ମୂଳ ପୂର୍ଣ୍ଣ ଆଲୋକଠାରୁ ସ୍ୱତନ୍ତ୍ର ହେବା ଫଳରେହିଁ ଏପରି ଘଟିଛି । ଏହି ଚେତନା ଯେଉଁ ସତ୍ୟକୁ ଦେଖେ ତାହାହିଁ ଅର୍ଦ୍ଧଜ୍ଞାନ । ତେଣୁ ଏହାକୁ କୁହାଯାଇଛି ଅଜ୍ଞାନତା ।

ଅନ୍ୟ ପକ୍ଷରେ, ଯାହାକୁ ଅସତ୍ୟ କୁହାଯାଏ ତାହା ଏହି ଅବିଦ୍ୟା ନୁହେଁ, କିନ୍ତୁ ଏହି ଅବିଦ୍ୟାର ଏକ ଚରମ ପରିଣତି । ଆସୁରିକ ଶକ୍ତି ଦ୍ୱାରା ଅସତ୍ୟର ସୃଷ୍ଟି, ଯାହା କେବଳ ସତ୍ୟଠାରୁ ସ୍ୱତନ୍ତ୍ର ନୁହେଁ ବା ଭ୍ରାନ୍ତ ନୁହେଁ, କିନ୍ତୁ ସତ୍ୟର ବିରୋଧୀ, ଏହା ସତ୍ୟକୁ ବିକୃତ କରେ । ଏହି ଅନ୍ଧ ଆସୁରିକ ଶକ୍ତି ବା ରାକ୍ଷସୀ ମାୟା ନିଜର ବିକୃତ ଚେତନାକୁ ଓ ସତ୍ୟର ବିପରୀତ ବସ୍ତୁକୁ ପ୍ରକୃତ ଜ୍ଞାନ ବୋଲି ଜାହିର କରେ । ଏହିସବୁ ଶକ୍ତିକୁ ଆମ୍ଭେମାନେ କହୁ ବିରୋଧୀ ସତ୍ତା ବା ବିରୋଧୀ ଶକ୍ତି । ଯେତେବେଳେ ସେସବୁ ଶକ୍ତି ବିକୃତ ଅଜ୍ଞାନତାକୁ ସତ୍ୟ ବୋଲି ଉପସ୍ଥାପିତ କରନ୍ତି, ତାହାହିଁ ହେଲା ସତ୍ୟ, ଯୋଗର ଭାଷାରେ ଏହାକୁ କୁହାଯାଏ – 'ମିଥ୍ୟା', 'ମୋହ' ।

**୨. ଶକ୍ତି ଓ ଆକୃତି (Powers and Appearances)) :** ଏହିସବୁ ମିଥ୍ୟାଶକ୍ତି ଓ ସତ୍ତା ଏହି ଅଜ୍ଞାନତର ଜଗତରେ ଅସତ୍ୟକୁ ସତ୍ୟ ବୋଲି ମନୁଷ୍ୟକୁ ପ୍ରଭାବିତ କରନ୍ତି । ଭାରତରେ ଏମାନଙ୍କୁ ଏମାନଙ୍କର ବିଭିନ୍ନ ଶକ୍ତି ଅନୁସାରେ (ମାନସପ୍ରାଣଶକ୍ତି, ମଧ୍ୟପ୍ରାଣଶକ୍ତି ଓ ନିମ୍ନପ୍ରାଣଶକ୍ତିର ସ୍ତର) ଅସୁର, ରାକ୍ଷସ ଓ ପିଶାଚ ନାମ ଦିଆଯାଇଛି; ଏମାନେ ଦେବତାମାନଙ୍କର (ଆଲୋକ ଶକ୍ତିର) ବିରୋଧୀ । ଏମାନେ ହେଉଛନ୍ତି ବିଭିନ୍ନ ଶକ୍ତି, କିନ୍ତୁ ଏମାନଙ୍କର କ୍ଷେତ୍ର ଅଲଗା । ପୂର୍ବେ ଏମାନେ ଦେବଶକ୍ତି ଥିଲେ (ମହାଭାରତରେ ଏମାନଙ୍କୁ କୁହାଯାଇଛି "ପୂର୍ବେ ଦେବାଃ") କିନ୍ତୁ ଭଗବତ୍ ସଙ୍କଳ୍ପର ବିରୋଧୀ ହେବା ଫଳରେ ଅନ୍ଧକାର ଶକ୍ତି ଦିଗରେ ସେମାନଙ୍କର ପତନ ହୋଇଛି । ଯେଉଁ ରୂପରେ ସେମାନେ ଜଗତ ଉପରେ ପ୍ରଭୁତ୍ୱ ସ୍ଥାପନ କରନ୍ତି – କେତେବେଳେ ମିଥ୍ୟା ସ୍ୱରୂପ ନେଇ, କେତେବେଳେ ବା ଦେବତାମାନଙ୍କର ବାହ୍ୟରୂପ ନେଇ – ସେହି ଅନୁସାରେ ସେମାନଙ୍କର "ଆକୃତି" ନିରୂପିତ ହୋଇଥାଏ ।

**୩. ବିଭିନ୍ନ ଶକ୍ତି ଓ ବ୍ୟକ୍ତିତ୍ୱ (Powers and Personalities):** 'ଶକ୍ତି' ଶବ୍ଦଟିର ବ୍ୟବହାର ସମ୍ବନ୍ଧେ ବ୍ୟାଖ୍ୟା କରାହୋଇଛି– ବିଶ୍ୱକ୍ଷେତ୍ରର କ୍ରିୟାଧାରାରେ ଯେ କେହି ବା ଯାହା କିଛି ସଚେତନ ଭାବରେ କାର୍ଯ୍ୟ କରିବାର କ୍ଷମତା ରକ୍ଷା କରେ, ତାକୁହିଁ 'ଶକ୍ତି' ନାମରେ ଅଭିହିତ କରାଯାଇପାରେ । କିନ୍ତୁ ତୁମେ ଯେଉଁ ଚାରୋଟି ଶକ୍ତିର କଥା କହିଛ (ମହେଶ୍ୱରୀ, ମହାକାଳୀ, ମହାଲକ୍ଷ୍ମୀ ଓ ମହାସରସ୍ୱତୀ), ସେମାନେ ମଧ୍ୟ ହେଉଛନ୍ତି ଶକ୍ତି, ପରାତ୍ପର ଚିତ୍‌ଶକ୍ତିଙ୍କର ଅର୍ଥାତ୍ ଆଦ୍ୟାଶକ୍ତି ମା'ଙ୍କର ବିଭିନ୍ନ ରୂପରେ ଅଭିବ୍ୟକ୍ତି, ଯେଉଁମାନଙ୍କ ଦ୍ୱାରା ସେ ବିଶ୍ୱର ନିୟନ୍ତ୍ରଣ କରୁଛନ୍ତି । ସବୁଗୁଡ଼ିକହିଁ ଭଗବତ୍ ବ୍ୟକ୍ତିତ୍ୱ, କାରଣ ପ୍ରତ୍ୟେକେ ଏକହିଁ ଦେବତାଙ୍କର ବିଭିନ୍ନ ବ୍ୟକ୍ତି-ଚରିତ୍ର ଓ ଚେତନା ରୂପ ନେଇ କାର୍ଯ୍ୟ କରନ୍ତି । ଯେଉଁମାନେ ବଡ଼ ବଡ଼ ଦେବତା, ସେମାନେ ମଧ୍ୟ ଏହିଭାବେ ଭଗବାନଙ୍କର ବିଭିନ୍ନ ବ୍ୟକ୍ତିତ୍ୱ – ଏକହିଁ ମହାଚେତନା ବିଭିନ୍ନ ବ୍ୟକ୍ତି ଚେତନାରେ ଅଭିବ୍ୟକ୍ତ, "ଏକମ୍ ସତ୍ ବହୁଧା" । ଏପରିକି କୌଣସି ମନୁଷ୍ୟ ଜଣେମାତ୍ର ବ୍ୟକ୍ତି ନୁହେଁ, ଯେପରିକି ଆଗେ ମନେ କରାଯାଉଥିଲା, କିନ୍ତୁ ଗୋଟିଏ ମନୁଷ୍ୟ ମଧ୍ୟରେ ଅନେକଗୁଡ଼ିଏ ବ୍ୟକ୍ତିତ୍ୱ ଥାଏ । ସମସ୍ତ ଚେତନା ଏକ ହୋଇ ମଧ୍ୟ ପୁଣି ବହୁତ ହୁଏ । "ବିଭିନ୍ନ ଶକ୍ତି ଓ ବ୍ୟକ୍ତିତ୍ୱ" କହିଲେ ଏକହିଁ ସତ୍ତାର ବିଭିନ୍ନତାକୁ ବୁଝାଏ । ଶକ୍ତି କହିଲେ ଯେ ତାହା ନୈର୍ବ୍ୟକ୍ତିକ ହେବ ଓ ଅବ୍ୟକ୍ତମ୍ ହେବ, ତାହା ନୁହେଁ, ଯେପରି ତୁମେ କହିଛ – ବରଂ କୁହାଯିବ ଯେ ତାହା ଭଗବତ୍ ଅଭିବ୍ୟକ୍ତିର ବିଶ୍ୱଜଗତକୁ ଆସି ନିଜକୁ ଅଭିବ୍ୟକ୍ତ କରୁଛି ।

**୪. ବିଭୂତିସକଳ (Emanations) :** ବିଭୂତି କହିଲେ ତାହାହିଁ ବୁଝାଏ ଯେଉଁ ମାତୃକାମାନଙ୍କ କଥା ତୁମେ ତୁମ ଚିଠିରେ ଲେଖିଛ । ମା'ଙ୍କର ବିଭୂତି ହେଲା ତାଙ୍କ ଚେତନା ଓ ଶକ୍ତିର କିଛି ଅଂଶ ଯାହା ତାଙ୍କ ମଧ୍ୟରୁ ବାହାରି ଆସି ତାଙ୍କ ସହ ସଂଯୋଗ ରକ୍ଷାପୂର୍ବକ ତାଙ୍କ ଲୀଳାରେ ଅଂଶ ଗ୍ରହଣ କରେ । ଯେତେବେଳେ ସେହି ଲୀଳା ଶେଷ ହୋଇଯାଏ ତାହା ନିଜର ମୂଳ ଉତ୍ସକୁ ଫେରିଯାଏ, କିନ୍ତୁ ଦରକାର ହେଲେ ପୁନର୍ବାର ତାହା ଲୀଳା ମଧ୍ୟକୁ ଫେରି ଆସିପାରେ । କିନ୍ତୁ ଅନ୍ୟ ପକ୍ଷରେ ତାହା ସେହି ଯୋଗସୂତ୍ର ଛିନ୍ନ କରି ମଧ୍ୟ ସ୍ୱାଧୀନ ଦିବ୍ୟସତ୍ତା ଭାବରେ ନିଜର ଲୀଳାରେ ପ୍ରବୃତ୍ତ ହୋଇପାରେ । ସମସ୍ତ ଦେବତା ଏହିପରି ସେମାନଙ୍କ ବିଭୂତିସବୁକୁ ନିଜ ମଧ୍ୟରୁ ବାହାର କରିଦେଇ ପାରନ୍ତି ଯେଉଁମାନେ ମୂଳ ଚେତନା ଓ ଶକ୍ତିରେ ସେମାନଙ୍କ ସହ ଅଭିନ୍ନ, ଯଦିଓ ଉତ୍ସ ସହିତ ସେମାନଙ୍କର ତାରତମ୍ୟ ରହିଥାଏ । ସେହି ଅର୍ଥରେ ଏହି ବିଶ୍ୱକୁ ମଧ୍ୟ ପରମଙ୍କର ଏକ ବିଭୂତି ବୋଲି କୁହାଯାଇପାରେ । ତେବେ କୌଣସି ସାଧକଙ୍କ ଚେତନାରେ ମା'ଙ୍କ ବିଭୂତି ଆସିଲେ ସେତେବେଳେ ତାହା ସେହି ସାଧକଙ୍କ ଚେତନାର ଉପଯୁକ୍ତ ରୂପ ଓ ବିଶେଷତ୍ୱ ନେଇ ଅଭିବ୍ୟକ୍ତ ହୁଏ ।

ମା'ଙ୍କର ଏହି ଚାରି ଶକ୍ତିକୁ ଗୋଟାଏ ଦୃଷ୍ଟିରୁ ତାଙ୍କର ବିଭୂତି ବୋଲି ମଧ୍ୟ କୁହାଯାଇପାରେ, ଯେପରି ଦେବତାମାନଙ୍କୁ ଭଗବାନଙ୍କର ବିଭିନ୍ନ ରୂପ ବୋଲି କୁହାଯାଏ । କିନ୍ତୁ ସେମାନଙ୍କର ଏକ ଅଧିକ ସ୍ଥାୟୀ ଓ ସ୍ଥିର ନିର୍ଦ୍ଦିଷ୍ଟ ଚରିତ୍ର ଅଛି । ସେମାନେ ହେଉଛନ୍ତି ଏକସଙ୍ଗେ ସ୍ୱତନ୍ତ୍ର ସତ୍ତାବିଶେଷ ଯେଉଁମାନେକି ଆଦ୍ୟାଶକ୍ତିଙ୍କ ଦ୍ୱାରା ନିଜ ନିଜର ଲୀଳା ପାଇଁ ଅନୁମତି ପାଇଛନ୍ତି ଏବଂ ତାହା

ସତ୍ତ୍ୱେ ସେମାନେ ମଧ୍ୟ ମା'ଙ୍କର ଅର୍ଥାତ୍ ମହାଶକ୍ତିଙ୍କର ଅଂଶାବଳୀ । ମା' ନିଜ ଇଚ୍ଛା ଅନୁସାରେ ହୁଏତ ସ୍ୱତନ୍ତ୍ର ସତ୍ତା ହିସାବରେ ସେମାନଙ୍କ ଭିତରେ ଅଭିବ୍ୟକ୍ତ ହୁଅନ୍ତି, କିମ୍ବା ନିଜର ବିଭିନ୍ନ ରୂପ ହିସାବରେ ସେମାନଙ୍କୁ ନିଜ ଭିତରେ ଏକତ୍ର ଧାରଣ କରି ଇଚ୍ଛାନୁସାରେ କେତେବେଳେ ସେମାନଙ୍କୁ ଲୀଳାରେ ବ୍ୟାପୃତ କରାନ୍ତି ବା ନିଜ ଭିତରେ କେବଳ ଧରି ରଖିଥା'ନ୍ତି । କିନ୍ତୁ ଅତିମାନସ ଭୂମିରେ ସେମାନେ ସର୍ବଦା ମା'ଙ୍କ ଭିତରେ ରହିଛନ୍ତି ଏବଂ କେବେ ହେଲେ ସ୍ୱତନ୍ତ୍ରଭାବେ କାର୍ଯ୍ୟ କରନ୍ତି ନାହିଁ – କାର୍ଯ୍ୟ କରନ୍ତି ଅତିମାନସ ମହାଶକ୍ତିଙ୍କର ଅନ୍ତରଙ୍ଗ ଅଂଶରୂପେ, ପରସ୍ପର ସହ ଗଭୀର ସମ୍ପର୍କ ଓ ସଙ୍ଗତି ରକ୍ଷା କରି ।

**୫. ଦେବତାଗଣ (Gods) :** ମା'ଙ୍କର ଏହି ଚାରି ଶକ୍ତି ହେଉଛନ୍ତି ବିଶ୍ୱଦେବତା, ବିଶ୍ୱଲୀଳାରେ ଚିରନ୍ତନ; ସେମାନଙ୍କର ଆସନ ସେହିସବୁ ମହତ୍ତର ବିଶ୍ୱଦେବତାଙ୍କ ସଙ୍ଗରେ । ଯେତେବେଳେ କୁହାଯାଏ ଯେ ଏହି ତ୍ରିଭୁବନର ମହାଶକ୍ତିରୂପେ ମା ଦେବତାମାନଙ୍କ ଉର୍ଦ୍ଧ୍ୱରେ (ଅଧିମାନସ ଭୂମିରେ) ଛିଡ଼ା ହୋଇଛନ୍ତି, ସେତେବେଳେ ଏହିମାନଙ୍କ ବିଷୟରେହିଁ କୁହାଯାଇଥାଏ । ପୂର୍ବରୁ କୁହାଯାଇଛି ଯେ ମୂଳ ଉତ୍ସ ତଥା ଅନ୍ତର୍ନିହିତ ସ୍ୱରୂପରେ ଦେବତାମାନେ ହେଉଛନ୍ତି ଭଗବାନଙ୍କର ଚିରନ୍ତନ ମୂର୍ତ୍ତ ବିଭୂତିରାଜି ଯେଉଁମାନେ ଆଦ୍ୟାଶକ୍ତି ପରାପ୍ରରା ଜନନୀଙ୍କ ଦ୍ୱାରା ପରମଙ୍କ ମଧ୍ୟରୁ ଉତ୍ସାରିତ ହୋଇଛନ୍ତି । ବିଶ୍ୱକ୍ରିୟାରେ ସେମାନେ ହେଲେ ଭଗବାନଙ୍କ ଶକ୍ତି ଓ ବ୍ୟକ୍ତିତ୍ୱସବୁ ଏବଂ ସେମାନଙ୍କର ପ୍ରତ୍ୟେକଙ୍କର ଏହି ବିଶ୍ୱରେ ସ୍ୱତନ୍ତ୍ର ଆସନ, ଦାୟିତ୍ୱ ଓ କ୍ରିୟା ରହିଛି । ସେମାନେ ନୈର୍ବ୍ୟକ୍ତିକ ସତ୍ତା ନୁହନ୍ତି, ସେମାନେ ହେଲେ ବିଶ୍ୱ-ବ୍ୟକ୍ତିତ୍ୱ ଯଦିଓ ନୈର୍ବ୍ୟକ୍ତିକ ଶକ୍ତିର ଗତିବୃତ୍ତିର ଅନ୍ତରାଳରେ ସେମାନେ ନିଜକୁ ପ୍ରଚ୍ଛନ୍ନ କରିପାରନ୍ତି ଓ ସାଧାରଣତଃ ତାହାହିଁ କରନ୍ତି । କିନ୍ତୁ ଅଧିମାନସ ଭୂମି ତଥା ତ୍ରିଭୁବନରେ ସେମାନେ ସ୍ୱତନ୍ତ୍ର ସତ୍ତାରୂପେ ପ୍ରତୀୟମାନ ହେଲେ ବି ଅତିମାନସ ଭୂମିରେ ସେମାନେ ସେହି ଅଦ୍ୱିତୀୟ ପରମ 'ଏକ'ଙ୍କ ଭିତରକୁ ଫେରିଯା'ନ୍ତି ଏବଂ ଏକ ଅଖଣ୍ଡ ସୁସମନ୍ୱିତ କ୍ରିୟା ମଧ୍ୟରେ ବହୁଧା ବ୍ୟକ୍ତିତ୍ୱରୂପେ ଏକ ପୁରୁଷ, ଦିବ୍ୟ ପୁରୁଷୋତ୍ତମଙ୍କ ସହ ମିଳିତ ହୁଅନ୍ତି ।

**୬. ଉପସ୍ଥିତି (Presence) :** ଯେତେବେଳେ ଉପସ୍ଥିତି କଥାଟି କୁହାଯାଏ, ସେତେବେଳେ ତାହା ଏହି ଅର୍ଥରେ କୁହାଯାଏ ଯେ ତୁମର ବ୍ୟକ୍ତିତ୍ୱ ଓ ଚେତନା ନିକଟରେ ଭଗବାନଙ୍କର ଏକ ବିଶେଷ ସତ୍ତାରୂପେ ଉପସ୍ଥିତି, ତାହାର ଆଉ କୌଣସି ବ୍ୟାଖ୍ୟା ବା ବର୍ଣ୍ଣନା ଦରକାର ହୁଏ ନାହିଁ । ଯେତେବେଳେ କୁହାଯାଏ "ଅନିର୍ବଚନୀୟ ଉପସ୍ଥିତି" ସେତେବେଳେ ତାହାର ଅର୍ଥ ଏହାଠାରୁ ଆଉ ବେଶୀ କିଛି କହିବାର ନାହିଁ, ଯଦିଓ ତୁମେ ଜାଣ ଯେ ତୁମ ମଧ୍ୟରେ ବ୍ୟକ୍ତିତ୍ୱ ଓ ନିର୍ବ୍ୟକ୍ତିତ୍ୱ ଉଭୟ ଏକ ସଙ୍ଗେ ଅଛି । ଶକ୍ତି, ଆଲୋକ, ଆନନ୍ଦ ପ୍ରଭୃତି ସବୁକିଛି ସେହି ଅନିର୍ବଚନୀୟ ଉପସ୍ଥିତିରୁହିଁ ପ୍ରସାରିତ ହେଉଛି । ଏହାହିଁ ହେଲା ତାହାର ବିଶେଷ ତାତ୍ପର୍ଯ୍ୟ, ଯଦିଓ ତାହାର କମ୍ ବେଶୀ ହୋଇପାରେ – କିନ୍ତୁ ମୂଳତଃ ତାହା ହେଲା ସୁନିଶ୍ଚିତ ଉପସ୍ଥିତିର ସୁନିଶ୍ଚିତ ଅନୁଭୂତି ।

**୭. ବିଶ୍ୱାତୀତା ଜନନୀ (The Transcendent Mother) :** ଏହାହିଁ ହେଉଛି ଆଦ୍ୟାଶକ୍ତିର ଅର୍ଥ, ସେ ହେଉଛନ୍ତି ବିଶ୍ୱର ଉର୍ଦ୍ଧ୍ୱରେ ପରାଚେତନା ଓ ପରାଶକ୍ତି, ତାଙ୍କରି ଦ୍ୱାରାହିଁ ସମସ୍ତ ଦେବତା ଅଭିବ୍ୟକ୍ତ ହୁଅନ୍ତି, ଏପରିକି ଅତିମାନସ ଈଶ୍ୱର ମଧ୍ୟ – ଯେ କି ଅତିମାନସ ପୁରୁଷୋତ୍ତମ ଏବଂ ସମସ୍ତ ଦେବତା ହେଲେ ଯାହାଙ୍କର ଶକ୍ତି ଓ ବ୍ୟକ୍ତିତ୍ୱ – ଅଭିବ୍ୟକ୍ତିର କ୍ଷେତ୍ରରେ ତାଙ୍କରି ଭିତର ଦେଇ ପ୍ରକଟ ହୁଅନ୍ତି ।

❖ ❖ ❖

ଆମ ଭିତରର ଦିବ୍ୟ ଚାଳକ ଆମର ବିକ୍ଷୋଭ ଦ୍ୱାରା ଅପମାନିତ ହୁଅନ୍ତି ନାହିଁ, ଆମ ବିଶ୍ୱାସର ଅଭାବ ଯୋଗୁଁ ନିରୁତ୍ସାହିତ ହୁଅନ୍ତି ନାହିଁ କିମ୍ବା ଆମର ଦୁର୍ବଳତା ଯୋଗୁଁ ବୀତସ୍ପୃହ ହୋଇ ପଡ଼ନ୍ତି ନାହିଁ; ତାଙ୍କର ଥାଏ ଦିବ୍ୟଜନନୀଙ୍କର ସମସ୍ତ ପ୍ରେମ ଓ ଶିକ୍ଷକର ସମସ୍ତ ଧୈର୍ଯ୍ୟ ।

**ଶ୍ରୀଅରବିନ୍ଦ**

# ଆଧ୍ୟାତ୍ମିକ ରୂପାନ୍ତର

**ଶ୍ରୀମା**

**ପ୍ରଶ୍ନ :** ଶ୍ରୀଅରବିନ୍ଦ ତାଙ୍କର 'ଚିନ୍ତାରାଜି ଓ ଦୃଷ୍ଟି-ନିମେଷ' (Thoughts and Glimpses) ପୁସ୍ତକରେ ଏହାହିଁ ଉଲ୍ଲେଖ କରିଛନ୍ତି: "ଭଗବାନ କାହିଁକି ତାଙ୍କର ସ୍ୱକୀୟ ଜଗତକୁ ହାତୁଡ଼ି ଦ୍ୱାରା ଏପରି ପିଟନ୍ତି ଏବଂ ତାକୁ ରକ୍ତର ବନ୍ୟାରେ ବୁଡାଇ ଦିଅନ୍ତି, ନରକର ଅଗ୍ନିକୁଣ୍ଡରେ ବି ନିକ୍ଷେପ କରନ୍ତି ? ଏହାର କାରଣ ଏହି ଯେ ବର୍ତ୍ତମାନ ମନୁଷ୍ୟ ଖଣିଗର୍ଭସ୍ଥ ଅପରିଣତ, ଅମାର୍ଜିତ, କଠିନ ଧାତୁପିଣ୍ଡତୁଲ୍ୟ। ତାକୁ ଶୋଧନ କରି, ନରମ କରି, ତରଳାଇ ଗୋଟାଏ ଯଥାର୍ଥ ବସ୍ତୁରେ ପରିଣତ କରିବାକୁ ହେଲେ ଏହାଛଡ଼ା ଅନ୍ୟ ଉପାୟ ନାହିଁ।"

ଉତ୍ତର : ହଁ, ଏକଥା ଆମ୍ଭେମାନେ ବିଶେଷ ଭାବେ ଜାଣିବା ଉଚିତ, ବର୍ତ୍ତମାନ କ'ଣ ମନୁଷ୍ୟ ସେହି ଖାଣ୍ଟି ସୁନା ଅବସ୍ଥାରେ ପହଞ୍ଚିଛି, ଯେଉଁଥିରେ ତାକୁ ଏହିପରି ଶୋଧନ କରିବାକୁ ହେଲେ ଆଉ ସେହି ହିଂସା ଓ ଦ୍ୱେଷର ଉପାୟଗୁଡ଼ିକ ପ୍ରୟୋଜନ ହେବ ନାହିଁ ?

ବସ୍ତୁତଃ ବର୍ତ୍ତମାନ ସେ ଅବସ୍ଥା ଆସି ନାହିଁ; ମନୁଷ୍ୟ ଏବେ ବି ତୀବ୍ର ଆସକ୍ତି ସହ ଏପରି ଆଚରଣ କରୁଛି, ଯେଉଁଥିରେ ଏହିପରି କଠୋର ଉପାୟଗୁଡ଼ିକ ଗ୍ରହଣ କରିବା କେବଳ ଆବଶ୍ୟକ ନୁହେଁ, ବରଂ ଅନିବାର୍ଯ୍ୟ। ଏଥି ନିମନ୍ତେ ପୃଥିବୀରେ ପ୍ରତ୍ୟେକ ଦେଶ ଆଜି ଗୋଟାଏ ସାଧାରଣ ବ୍ୟାଧିରେ ଆକ୍ରାନ୍ତ ହୋଇ ଗଭୀର ଅସ୍ୱସ୍ତି ଭୋଗ କରୁଛି: ସମଗ୍ର ଜଗତର ମସ୍ତକ ଉପରେ ସବୁବେଳେ ଗୋଟାଏ ଭୟଙ୍କର ଯୁଦ୍ଧର କୃଷ୍ଣ ମେଘମାଳା ଝୁଲୁଛି।

କିନ୍ତୁ, ଯଦିଓ ମନୁଷ୍ୟ ଏପର୍ଯ୍ୟନ୍ତ ଖାଣ୍ଟି ଧାତୁରେ ପରିଣତ ହୋଇ ନାହିଁ, ତଥାପି ତାହାର ବିଶୁଦ୍ଧି ସକାଶେ ପୃଥିବୀ ଇତିହାସରେ ଆଦିମକାଳରୁ ଆଜି ପର୍ଯ୍ୟନ୍ତ ଏହିପରି ଅନେକ ଘଟଣା ଘଟିଯାଇଛି, ଯେଉଁଥିରେ ଆମ୍ଭେମାନେ ଅନେକ କିଛି ଭଲ ଦିଗରେ ଆଶା କରିପାରିବା। ଅନ୍ତତଃ ଏତିକି ଆଶା କରିପାରିବା ଯେ, ମନୁଷ୍ୟ ସମାଜର କୌଣସି ଗୋଟିଏ ନିର୍ବାଚିତ ଅଂଶ ଅର୍ଥାତ୍ କେତେକ ମନୁଷ୍ୟ ଦ୍ୱାରା ଗଠିତ ଛୋଟ ଦଳଟିଏ ଏପରି ଖାଣ୍ଟି ସୁନାରେ ପରିଣତ ହେବାକୁ ତିଆରି ହୋଇଛି। ଆଉ ସେହିମାନେ ହିଁ ପ୍ରଥମେ ଦେଖାଇ ଦେବେ ଯେ କିପରି ଯୁଦ୍ଧ ବିଗ୍ରହ ନକରି ଶାନ୍ତି ପ୍ରତିଷ୍ଠା କରାଯାଏ, କୌଣସି ହୁଲସ୍ଥୁଲ କାଣ୍ଡ ନ ଘଟାଇ ସମୁଚିତ ବୀର୍ଯ୍ୟର ପ୍ରକାଶ କରାଯାଏ।

ଶ୍ରୀଅରବିନ୍ଦ ଏହି ପୁସ୍ତକର କେତେକ ଧାଡ଼ି ପରେ ପୁନଶ୍ଚ ଏହି ସମସ୍ୟାର ସମାଧାନ ସମ୍ବନ୍ଧେ ଲେଖିଛନ୍ତି : "ମନୁଷ୍ୟ ଥରେ ଯଦି କେବଳ ଆଧ୍ୟାତ୍ମିକତାରେ ରୂପାନ୍ତରିତ ହେବାକୁ ରାଜୀ ହୁଏ, ତାହାହେଲେ ସବୁକିଛି ବଦଳିଯିବ।" ଏହାହିଁ ହେଲା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ! ଯଦି ମନୁଷ୍ୟ ଆଧ୍ୟାତ୍ମିକ ରୂପାନ୍ତର ସକାଶେ ରାଜୀ ହୁଏ, ତାହା ମଧ୍ୟରେ ଅନେକ ଅଂଶ ଏହାକୁ ଅସ୍ୱୀକାର କରନ୍ତି ଏବଂ ପୂର୍ବବତ୍ ରହିବାକୁ ଚାହାନ୍ତି। ସେଥି ନିମିତ୍ତ କୁହାହୋଇଛି ଅଶୁଦ୍ଧ ଓ ମିଶ୍ରିତ ଧାତୁପିଣ୍ଡ, ତାକୁ ତରଳାଇ ଶୋଧନ କରିବା ସକାଶେ ବାରମ୍ବାର ଜ୍ୱଳନ୍ତ ଅଗ୍ନିକୁଣ୍ଡରେ ନିକ୍ଷେପ କରିବାକୁ ହେଉଛି।

ଆଜି ଏହି ମୁହୂର୍ତ୍ତରେ ଆମ୍ଭେମାନେ ପୃଥିବୀ-ଇତିହାସର ଗୋଟାଏ ତ୍ରିଛକି ମୋଡ଼ ଉପରେ ଆସି ଉପସ୍ଥିତ ହୋଇଛୁ। ଚାରିଆଡୁ ମୋତେ ପ୍ରଶ୍ନ କରୁଛନ୍ତି, "ଏହାପରେ କ'ଣ ଘଟିବ ?" ସର୍ବତ୍ର ଦେଖାଦେଇଛି ଗୋଟାଏ ଭୟ, ଅନିଶ୍ଚିତତା ଓ ଉତ୍କଣ୍ଠା। "ଏବେ କ'ଣ ଘଟିବ ?" – ଏହିପରି ଗୋଟାଏ ଭାବ। ଏହି ପ୍ରଶ୍ନର ଏକମାତ୍ର ଉତ୍ତର ଶ୍ରୀଅରବିନ୍ଦ ଦେଇଛନ୍ତି: "ଥରେ ଯଦି ମନୁଷ୍ୟ ଆଧ୍ୟାତ୍ମିକତାରେ ରୂପାନ୍ତରିତ ହେବାକୁ ରାଜୀ ହୁଏ!" ସମ୍ଭବତଃ ଯଦି ଅଳ୍ପ କେତେକ ବ୍ୟକ୍ତି ଖାଣ୍ଟି ସୁନା ହୋଇଯାଆନ୍ତି, ତାହାହେଲେ ସେମାନଙ୍କର ଦୃଷ୍ଟାନ୍ତହିଁ ଘଟଣାବଳୀର କ୍ରମ ବଦଳାଇ ଦେବାକୁ ପର୍ଯ୍ୟାପ୍ତ ହେବ। କିନ୍ତୁ ଏହା ହେବା ନିତାନ୍ତ ଆବଶ୍ୟକ।

ତାହାହେଲେ ଏହି ଯେଉଁ ସାହସ, ଏହି ଯେଉଁ ବୀରତ୍ୱ ଭଗବାନ ଆମ୍ଭମାନଙ୍କଠାରୁ ଦାବି କରୁଛନ୍ତି, ଏହାର ଆମ୍ଭେମାନେ ସୁଯୋଗ ନ ନେବା କାହିଁକି ? ନିଜ ଭିତରର ବାଧାବିଘ୍ନ, ଅପୂର୍ଣ୍ଣତା ଓ ତାମସିକତା ବିରୁଦ୍ଧରେ ସଂଗ୍ରାମ ନ କରିବା କାହିଁକି ? ଚାଲ ସେହି ଅନ୍ତଃଶୁଦ୍ଧି - ଅଗ୍ନିକଣ୍ଡର ସମ୍ମୁଖୀନ ହେବା ଯେଉଁଥିରେ ସମଗ୍ର ମାନବସଭ୍ୟତାର ଧ୍ୱଂସକାରୀ ଏକ ଭୟଙ୍କର ଦାନବୀୟ ଯୁଦ୍ଧବିଗ୍ରହର ମଧ୍ୟଦେଇ ପୁନଶ୍ଚ ଯିବାକୁ ପ୍ରୟୋଜନ ହେବ ନାହିଁ।

ବର୍ତ୍ତମାନ ଏହାହିଁ (ଏହି ଉପର୍ଯ୍ୟୁକ୍ତ ବିଷୟଟି) ଆମ୍ଭମାନଙ୍କ ସମ୍ମୁଖରେ ସମସ୍ୟା। ପ୍ରତ୍ୟେକଙ୍କୁ ହିଁ ନିଜ ଉପାୟରେ ଏହି ସମସ୍ୟାର ସମାଧାନ କରିବାକୁ ହେବ।

ଆଜି ସନ୍ଧ୍ୟାରେ ତୁମ୍ଭେମାନେ ମୋତେ ଯେଉଁ ପ୍ରଶ୍ନ ପଚାରିଛ, ତାହାର ସେହି ଗୋଟିଏ ଉତ୍ତର ଯାହା ଶ୍ରୀଅରବିନ୍ଦ କହି ଯାଇଛନ୍ତି : "ଥରେ ଯଦି ମନୁଷ୍ୟ ଆଧ୍ୟାତ୍ମିକତାରେ ରୂପାନ୍ତରିତ ହେବାକୁ ସ୍ୱୀକାର କରେ!" ଏହା ସଙ୍ଗେ ମୁଁ ଆଉ ଗୋଟିଏ କଥା ଯୋଗ କରି ଦେଉଛି: ଆମ୍ଭମାନଙ୍କ ନିଜ ତରଫରୁ ଦେଖିବାକୁ ହେଲେ ଏ ବିଷୟରେ ସ୍ଥିର କରିବାର ସମୟ ଅତି ଅଳ୍ପ, ଆଉ ବିଳମ୍ବ କଲେ ଚଳିବ ନାହିଁ।

ଚେତନାର ରୂପାନ୍ତର :

ପ୍ରଶ୍ନ : ଚେତନାର ରୂପାନ୍ତର କିପରି କରିବାକୁ ହୁଏ ?

ଉତ୍ତର : ଏହା କରିବା ପାଇଁ ଅନେକ ଉପାୟ ଅଛି। ପ୍ରତ୍ୟେକର ପ୍ରକୃତି ଅନୁଯାୟୀ ତା'ର ସବୁଠାରୁ ଉପଯୋଗୀ ଉପାୟଟିକୁ ବ୍ୟବହାର କରିବାକୁ ପଡ଼ିବ। ଏହି ଉପାୟଟିର ସୂଚନା କୌଣସି ଗୋଟାଏ ଅପ୍ରତ୍ୟାଶିତ ଅନୁଭୂତି ଦ୍ୱାର ସ୍ୱତଃସ୍ଫୁର୍ତ୍ତଭାବେ ଆସେ, –ଉଦାହରଣସ୍ୱରୂପ ତୁମେ ପ୍ରାୟ ଗୋଟାଏ ସାଧାରଣ ବାହ୍ୟିକ ଏବଂ ସମତଳ ଚେତନାରେ ବାସ କର। ସେହି ସମତଳ ଭୂମିରେ ସକଳ ମନୁଷ୍ୟ, ସକଳ ବସ୍ତୁ ଓ ସକଳ ଘଟଣାକୁ ଏପର୍ଯ୍ୟନ୍ତ ଦେଖି ଆସିଛ। କିନ୍ତୁ ହଠାତ୍ ଦିନେ କୌଣସି କାରଣରୁ ଉପର ସ୍ତରରେ ବିଶେଷ କିଛି ଘଟଣା

ଘଟିଲା ଏବଂ ତୁମେ ସେହି ସମତଳ ଭୂମିରେ ନଦେଖି ଊର୍ଦ୍ଧ୍ୱରୁ ଦେଖିବାକୁ ଲାଗିଲ ଏବଂ ତାହା ଉପରେ କର୍ତ୍ତୃତ୍ୱ ବିସ୍ତାର କରିବାକୁ ଲାଗିଲ । ସେତେବେଳେ ସନ୍ନିକଟସ୍ଥ ସଙ୍କୀର୍ଣ୍ଣ ଗଣ୍ଡିର ଜିନିଷଗୁଡ଼ିକ ଦେଖିପାରିବା ପରିବର୍ତ୍ତେ, ତୁମେ ସବୁ କିଛିକୁ ଆହୁରି ସମଗ୍ର ଭାବେ ଦେଖିବାକୁ ଲାଗିଲ । ଯେପରି ନିମ୍ନରୁ ଏକ ସମତଳ ଭୂମିରୁ ହଠାତ୍ ଏକ ପାହାଡ଼ର ଚୂଡ଼ା ଦେଶରେ ଉଠିଛ, ତୁମେ ସେଠାରେ ବସ୍ତୁସକଳକୁ ବିଚ୍ଛିନ୍ନଭାବେ ନ ଦେଖି ଊର୍ଦ୍ଧ୍ୱରୁ ଏକଭାବେ ସମଗ୍ରରୂପେ ଦେଖିବାକୁ ଲାଗିଲ ।

ଏହି ଅନୁଭୂତି ଅନେକ ଉପାୟରେ ପ୍ରାପ୍ତ ହୁଏ, କିନ୍ତୁ ସାଧାରଣତଃ ଏହା ହଠାତ୍ ଦେଖାଦିଏ ।

ଆଉ ସମୟ ସମୟରେ ଠିକ୍ ଏହାର ବିପରୀତ ଅନୁଭୂତି ଆସିପାରେ; ମାତ୍ର ପରିଣାମ ଏକ । ହଠାତ୍ ତୁମେ ଗୋଟାଏ ଗଭୀରରେ ବୁଡ଼ିଗଲ, ତୁମେ ବସ୍ତୁସକଳକୁ ଯେପରି ଦେଖିଥିଲ, ସେସବୁ ତୁମଠାରୁ ବିଚ୍ଛିନ୍ନ, ବାହ୍ୟିକ ଏବଂ ସମ୍ପର୍କଶୂନ୍ୟ ବୋଧ ହେଲା । ତୁମେ ଗୋଟାଏ ବିଶେଷ ଆନ୍ତର ଦୃଶ୍ୟ ମଧ୍ୟରେ ପ୍ରବେଶ କଲ । ସେଠାରେ ତୁମେ ବସ୍ତୁସକଳ ବା ଘଟଣାବଳିର ଗୋଟାଏ ନିବିଡ଼ ବୋଧ ବା ଗଭୀର ଅନୁଭୂତି ଲାଭ କଲ । ପରିଦୃଶ୍ୟମାନ ବହୁବିଧ ବସ୍ତୁସକଳର ପଶ୍ଚାତ୍‌ରେ ତୁମେ ସେତେବେଳେ ଗଭୀର ତାଦାତ୍ମ୍ୟ ଫଳରେ ଐକ୍ୟର ଅନୁଭୂତି ପ୍ରାପ୍ତ ହେଲ ।

ଅଥବା, ହଠାତ୍ ତୁମ ଚେତନାର ସୀମାବନ୍ଧନ ଭାଙ୍ଗିଗଲା । ତୁମେ ଗୋଟାଏ ଅନନ୍ତ ଏବଂ ଅସୀମ କାଳ ମଧ୍ୟରେ ପ୍ରବେଶ କଲ, ଯେଉଁ କାଳର ଆରମ୍ଭ ନାହିଁ କି ଅନ୍ତ ନାହିଁ– ଯେଉଁ କାଳ ସର୍ବଦା ଥିଲା ଏବଂ ଯାହା ସର୍ବଦା ରହିବ ।

ଜୀବନରେ ଏହିସବୁ ଅନୁଭୂତି ଆସେ ହଠାତ୍, ବିଦ୍ୟୁତ୍ ଝଲକ ତୁଲ୍ୟ, ପୁଣି ରହେ ନିମିଷକ ମାତ୍ର, ମାତ୍ର କ୍ଷଣକ ସକାଶେ; ତୁମେ ଜାଣ ନାହିଁ କିପରି ଓ କାହିଁକି ଏ ଅନୁଭୂତି ଆସେ । ଏହିସବୁ ଅନୁଭୂତି ଅସଂଖ୍ୟ ଏବଂ ବିଭିନ୍ନ ଲୋକଙ୍କ ପାଖରେ ବିଭିନ୍ନ ରୂପରେ ଆସେ । କିନ୍ତୁ ସେହି ନିମିଷକ ମଧ୍ୟରେ, ସେହି ନିମିଷ ମାତ୍ର ଅନୁଭୂତି ଫଳରେ ତୁମେ ଗୋଟାଏ ଜୀବନର ନିର୍ଦ୍ଦେଶକାରୀ ସୂତ୍ରକୁ ଧରିପାର ।

ତାହାପରେ, ଏହି ଅନୁଭୂତି ତୁମକୁ ସ୍ମରଣ ରଖିବାକୁ ହେବ, ପୁନର୍ବାର ତୁମକୁ ସେହି ଅନୁଭୂତିରେ ବାସ କରିବାକୁ ହେବ, ଅନ୍ତରର ଗଭୀରରେ ପ୍ରବେଶ କରିବାକୁ ହେବ, ଅନୁଭୂତିକୁ ଡାକି ଆଣିବାକୁ ହେବ, ଏହା ସକାଶେ ଅଭୀପ୍ସା କରିବାକୁ ହେବ । ଏହାହିଁ ଆରମ୍ଭ ମାତ୍ର ।

ଯେଉଁମାନେ ସ୍ୱକୀୟ ସତ୍ତାର ଗଭୀରତର ସତ୍ୟ ଉଦ୍‌ଘାଟନ କରିବା ସକାଶେ ବିଧିନିର୍ଦ୍ଦିଷ୍ଟ, ସେମାନଙ୍କ ଜୀବନରେ ଅତି କମ୍‌ରେ ଗୋଟିଏ ମୁହୂର୍ତ୍ତ ଆସେ ଯେତେବେଳେ ସେମାନେ ସତ୍ୟ-ଚେତନାର ଅନୁଭୂତି ପ୍ରାପ୍ତ ହୁଅନ୍ତି, ସେତେବେଳେ ସେମାନେ ଆଉ ସେହି ପୂର୍ବପରି ସାଧାରଣ ମନୁଷ୍ୟ ହୋଇ ରହନ୍ତି ନାହିଁ । ଅତି ବାଲ୍ୟକାଳରୁ ମଧ୍ୟ ସେମାନଙ୍କର ଏହି ଅନୁଭୂତି ଆସିପାରେ ଏବଂ କେବଳ ନିମିଷକ ସକାଶେ, କିନ୍ତୁ ତାହାହିଁ ପର୍ଯ୍ୟାପ୍ତ; ଏହାପରେ ସୁନିଶ୍ଚିତ ଭାବେ ତୁମେ ଜାଣି ପାରିବ ଯେ ତୁମକୁ କେଉଁ ପଥ ଧରି ଚାଲିବାକୁ ହେବ । ଏହା ଫଳରେ ସେହି ପଥର ଦ୍ୱାର ତୁମ ସମ୍ମୁଖରେ ଖୋଲିଯାଏ । ଏହାପରେ ତୁମକୁ ଏହି ପଥରେ ଅଗ୍ରସର ହେବାକୁ ହେବ ଏବଂ ଅଧ୍ୟବସାୟ, ଅକ୍ଳାନ୍ତ ଧୈର୍ଯ୍ୟ ଓ ଦୃଢ଼ ନିଷ୍ଠା ସହ ଏହି ଅନୁଭୂତିକୁ ପୁନର୍ବାର ପ୍ରାପ୍ତ ହେବାକୁ ହେବ । ଏହାହିଁ ତୁମକୁ ଆହୁରି କିଛି ଅଧିକତର ବାସ୍ତବ, ଅଧିକତର ଅଖଣ୍ଡତା ଆଡ଼କୁ ନେଇଯିବ ।

ଯଥାର୍ଥ ଆନ୍ତର ଚେତନା ପ୍ରାପ୍ତ ହେବାକୁ ବହୁ ମାର୍ଗ ନିର୍ଦ୍ଦେଶ କରାଯାଇଛି ଏବଂ କରାଯାଇପାରେ । କିନ୍ତୁ ଏହି ପଥ ଶିକ୍ଷା ଦ୍ୱାରା ବା ବହି ପଢ଼ି ଅଥବା ଗୁରୁଙ୍କଠାରୁ ଜାଣିବା ଅପେକ୍ଷା ନିଜ ଅନ୍ତରର ଅପ୍ରତ୍ୟାଶିତ ସ୍ୱତଃସ୍ଫୁର୍ତ୍ତ ଅନୁଭୂତି ଦ୍ୱାରା ପ୍ରାପ୍ତ ହେବା ଅଧିକ ଫଳପ୍ରଦ । ଏହାହିଁ ହେଲା ତୁମ ଅନ୍ତରାତ୍ମାର ଜାଗରଣ ବା ଚୈତ୍ୟପୁରୁଷଙ୍କ ସଙ୍ଗେ ସଂସ୍ପର୍ଶ । ଏହାହିଁ ତୁମକୁ ଦେଖାଇ ଦିଏ ତୁମ ପାଇଁ ସବୁଠାରୁ ଉତ୍କୃଷ୍ଟ ମାର୍ଗ କ'ଣ; ଏବଂ ଯାହାକୁ ତୁମେ ଅନାୟାସରେ ପ୍ରାପ୍ତ ହୋଇ ପାର ଏବଂ ଯାହାକୁ ଲକ୍ଷ୍ୟ ମାନି ଅଧ୍ୟବସାୟ ସହକାରେ ଅନୁସରଣ କରିପାର ।

କେତେକଙ୍କୁ ଏହା ରାତ୍ରିରେ ସ୍ୱପ୍ନରେ ଆସେ । ଅନ୍ୟମାନଙ୍କୁ ଅନ୍ୟ ଘଟଣା ସୂତ୍ରରେ ଏହା ମିଳେ, ସେମାନେ ଏପରି କିଛି ଦେଖନ୍ତି ଯାହାକି ସେମାନଙ୍କ ଭିତରେ ଗୋଟାଏ ନୂତନ ଚେତନାକୁ ଜାଗରିତ କରିଦିଏ । ସେମାନେ କିଛି ଶୁଣନ୍ତି ବା କିଛି ପଢ଼ନ୍ତି ବା ସୁଲଳିତ ସଙ୍ଗୀତ ବା ମଧୁର ବାକ୍ୟ, ବା କୌଣସି କୌଣସି କାର୍ଯ୍ୟରେ ଗଭୀର ଏକାଗ୍ରତା ଫଳରେ ଏହି ଅନୁଭୂତି ଲାଭ କରନ୍ତି । କେଉଁ ଉପାୟରେ ଏହା ଆସେ ସେଥିରେ କିଛି ଯାଏ ଆସେ ନାହିଁ– ହଜାର ଉପାୟରେ ଆସିପାରେ, ହଜାର କାରଣରୁ ବି ଆସିପାରେ । କେବଳ ବ୍ୟକ୍ତିକୁ ଏହି ସମୟରେ ଜାଗ୍ରତ ଏବଂ ସତର୍କ ରହିବାକୁ ହେବ । ସମୟ ସମୟରେ କୌଣସି ବୀରତ୍ୱ ବା ମହତ୍ତ୍ୱ ବା ଉଦାରତାର ଦୃଷ୍ଟାନ୍ତ ଦେଖିଲେ, କିମ୍ବା ଏପରି କୌଣସି ଗୁଣୀ ଲୋକଙ୍କୁ ଦେଖିଲେ, ଯାହାଙ୍କ କାର୍ଯ୍ୟଗୁଡ଼ିକ ଅତି ଆଶ୍ଚର୍ଯ୍ୟମୟ, ସେତେବେଳେ ମନରେ ହଠାତ୍ ଗୋଟାଏ ଉତ୍ସାହ, ଉଦ୍ଦୀପନା, ଅଥବା କୃତଜ୍ଞତା ଜାଗ୍ରତ ହୁଏ ଏବଂ ଏହାହିଁ ହଠାତ୍ ଗୋଟାଏ ନୂତନ ଚେତନା, ଜ୍ୟୋତି, ଉତ୍ତାପ, ଆନନ୍ଦର ପ୍ରବେଶ ନିମିତ୍ତ ଆଧାରର ଦ୍ୱାର ଖୋଲିଦିଏ, ଯାହା ପୂର୍ବରୁ ତୁମେ ଜାଣି ନଥିଲ । ଏହାହିଁ ସୂତ୍ର ଧରିବାର ଅନ୍ୟତମ ମାର୍ଗ ।

କିନ୍ତୁ ଚେତନାର ରୂପାନ୍ତର, ଏହି ପ୍ରୟୋଜନୀୟବୋଧ, ସର୍ବପ୍ରଥମେ ତୁମକୁ ସ୍ୱୀକାର କରିବାକୁ ହେବ ଏବଂ ଏହି ଧାରଣା ଅବଶ୍ୟ ମାନି ନେବାକୁ ହେବ ଯେ ଏହାହିଁ ଏକମାତ୍ର ମାର୍ଗ ଯାହା ସେହି ଲକ୍ଷ୍ୟରେ ନିଶ୍ଚୟ ପହଞ୍ଚାଇ ଦେବ । ଯେବେ ତୁମେ ଏହାକୁ ସିଦ୍ଧାନ୍ତ ବୋଲି ସ୍ୱୀକାର କର, ତେବେ ତୁମକୁ ସଜାଗ ଓ ସତର୍କ ହେବାକୁ ହେବ । ସେତେବେଳେ ତୁମେ ଉପାୟ ପାଇବ, ଅବଶ୍ୟ ପାଇବ ଏବଂ ଥରେ ଯଦି ତୁମେ ଏହି ଉପାୟ ଲାଭ କର ତେବେ ବିନା ଦ୍ୱିଧାରେ ଅଗ୍ରସର ହେବ । (ବୁଲେଟିନ୍ ଅଗଷ୍ଟ, ୧୯୫୭)

❖ ❖ ❖

# A True Leader

Sri Pranab Kumar Bhattacharya

**A True Leader is one who :**

1. Has the confidence of his people.
2. Has a loving and compassionate heart, and is ready to help.
3. Has a high ideal and a strong faith and has the capacity to carry with him all those who depend on him.
4. Is easily approachable and has an amiable disposition.
5. Looks after the material and spiritual needs of his dependants.
6. Can infuse confidence, enthusiasm, hope and will to progress in his comrades.
7. Has wisdom, farshight and forsight to deal with any situation.
8. Is poised, courageous, determined and enduring in the midst of the toughest battle.
9. Is simple, frank, upright, straightforward and honest.
10. Is resourceful in difficult situations.
11. Is strict and at the same time considerate in dealing with people.
12. Is loved, revered and respected by the populace.
13. Is a visionary with an open mind and has a broad consciousness to embrace everybody in his fold, having professional competence in his field.
14. Has no self interest and gives himself just for service.
15. Is always ready to sacrifice himself and all his belongings for the good of others.
16. And has the Grace of God.

❖ ❖ ❖

# ଭାରତର କେତେକ ସମସ୍ୟା ଓ ତାହାର ସମାଧାନ

*(ଦେଶ ତଥା ପୃଥିବୀ ଏକ ବିରାଟ ସଙ୍କଟମୟ ପରିସ୍ଥିତି ମଧ ଦେଇ ଗତି କରୁଅଛି । ଶ୍ରୀଅରବିନ୍ଦ ତାଙ୍କ ଭବିଷ୍ୟ ଦୃଷ୍ଟିରେ ଏସବୁ ଦେଖିଥିଲେ ଏବଂ ଆଜି ଆମ୍ଭେମାନେ ଯେଉଁ ସମସ୍ୟାଗୁଡ଼ିକର ସମ୍ମୁଖୀନ ହେଉଛୁ ସେସବୁର ସମାଧାନ ଦେଇ ଯାଇଥିଲେ ।*

*ଶ୍ରୀଅରବିନ୍ଦଙ୍କ ପଦାଙ୍କ ଅନୁସରଣ କରି ଇଂରାଜୀରେ ଶ୍ରୀଅରବିନ୍ଦ – ଆକ୍ସନ (Sri Aurobindo's Action ) ତରଫରୁ "On India – Some Problems and Solutions" ନାମକ ପୁସ୍ତିକାର ଓଡ଼ିଆ ଅନୁବାଦ ନିମ୍ନରେ ଦିଆଗଲା ।)*

### ବର୍ତ୍ତମାନ ପରିସ୍ଥିତି ସମ୍ପର୍କରେ :

**ପ୍ରଶ୍ନ :** ଦେଶ ଭିତରେ ଓ ବିଦେଶରେ ଦେଖା ଦେଉଥିବା ବର୍ତ୍ତମାନର ବିଶୃଙ୍ଖଳାର କାରଣ କ'ଣ ?

**ଉତ୍ତର :** ମଣିଷ ଅର୍ଦ୍ଧପଶୁ । ବିବର୍ତ୍ତମାନ ପ୍ରକୃତି ବର୍ତ୍ତମାନ ବିବର୍ତ୍ତନର ଏକ ସନ୍ଧିକ୍ଷଣରେ ଉପନୀତ । ମଣିଷକୁ ସୃଷ୍ଟି କରିସାରି ସେ ଅଟକି ଯିବାକୁ ଚାହେ ନାହିଁ । ସୃଷ୍ଟିର ଶିଖରରେ ମଣିଷକୁ ଦେଖି ସେ ସନ୍ତୁଷ୍ଟ ନୁହେଁ । ସେ ଚାହେ ତାକୁ (ମଣିଷକୁ) ଆଉ ଏକ ଉଚ୍ଚତର ଚେତନାର ସ୍ତରକୁ ନେଇଯିବାକୁ । କିନ୍ତୁ ମଣିଷ ମଧ୍ୟରେ ଥିବା ଜଡ଼ତା ଓ ପାର୍ଥିବ ପ୍ରକୃତି ଏହି ପରିବର୍ତ୍ତନରେ ପ୍ରତିବନ୍ଧକ ସୃଷ୍ଟି କରୁଛନ୍ତି । ଏହାହିଁ ବର୍ତ୍ତମାନର ବିଶୃଙ୍ଖଳାର ଏକମାତ୍ର କାରଣ ।

ଏହାର ପ୍ରତିକାର ହେଉଛି ଏକ ଉଚ୍ଚତର ଚେତନାରେ ପ୍ରତିଷ୍ଠିତ ହୋଇ ତାକୁହିଁ ଜୀବନରେ ଅଭିବ୍ୟକ୍ତ କରିବା ।

### ଯୁବ-ବିଶୃଙ୍ଖଳା ସମ୍ପର୍କରେ

**ପ୍ରଶ୍ନ :** କେଉଁ କାରଣ ଯୋଗୁ ବର୍ତ୍ତମାନ ଯୁବ-ସମାଜ ମଧ୍ୟରେ ବିଶୃଙ୍ଖଳା ଦେଖା ଦେଉଛି ଓ ଏହାର ସମାଧାନ କ'ଣ ?

**ଉତ୍ତର :** ପୃଥିବୀ ପୃଷ୍ଠରେ ପ୍ରକାଶିତ ହେଉଛି ଏକ ନୂତନ ଆଲୋକ ଓ ଏହା ଏକ ନୂତନ ଭବିଷ୍ୟତକୁ ରୂପ ଦେବାରେ ଲାଗିଛି । ନିଜ ଅଜ୍ଞାତସାରରେ ହେଲେ ମଧ ତରୁଣମାନେ ଏହି ନୂତନ ଆଲୋକ ପ୍ରତି ଉନ୍ମୁକ୍ତ । ସେଥିଯୋଗୁ ସେମାନେ ପୁରାତନ ମୂଲ୍ୟବୋଧ, ପୁରାତନ ଅନୁଷ୍ଠାନ, ପୁରାତନ ନିର୍ମିତ ସମସ୍ତ ବସ୍ତୁ ତଥା ପୁରାତନ ଜୀବନଧାରାକୁ ଭାଙ୍ଗି ନଷ୍ଟ କରିଦେବାକୁ ଆରମ୍ଭ କରିଛନ୍ତି । ଅବଶ୍ୟ ବିକୃତ ଗ୍ରହଣଶୀଳତା ହେତୁ ସେମାନେ ଭଲମନ୍ଦ ବିଚାରଶୂନ୍ୟ ଭାବରେ ଏହା କରିଚାଲିଛନ୍ତି ।

ସମାଧାନର ଉପାୟ ହେଉଛି ଯୁବ-ସମାଜକୁ ବ୍ୟକ୍ତି ଓ ସମାଜର ପୂର୍ଣ୍ଣତା ତଥା ବ୍ୟକ୍ତି ଓ ସମାଜର ପରସ୍ପର ଯଥାର୍ଥ ସମ୍ପର୍କ ସମ୍ବନ୍ଧେ ସଚେତନ କରାଇବା ।

ଏହା ହୋଇପାରିବ କେବଳ ପୂର୍ଣ୍ଣାଙ୍ଗ-ଶିକ୍ଷା ଓ ରୂପାନ୍ତର ବଳରେ । ରୂପାନ୍ତର ନିର୍ଭର କରେ ଶ୍ରୀଅରବିନ୍ଦଙ୍କ ଆଦର୍ଶକୁ କାର୍ଯ୍ୟକାରୀ କରିବା ନିମନ୍ତେ ବ୍ୟକ୍ତିଗତ ତଥା ସମଷ୍ଟିଗତ ପ୍ରୟାସ ଓ ପୃଥିବୀ ପୃଷ୍ଠରେ ପ୍ରକାଶିତ ହେଉଥିବା ନୂତନ ଆଲୋକ ଉପରେ ।

ମନର ଊର୍ଦ୍ଧ୍ୱରେ ଥିବା ଏକ ଜ୍ଞାନ ଓ ଚେତନା ପୃଥିବୀ ପୃଷ୍ଠକୁ ଅବତରଣ କରିଛି । ମନର କ୍ରିୟାହେବା ପରିବର୍ତ୍ତେ ଏକ ଆନ୍ତର ପ୍ରେରଣା ବଳରେ ସକଳ କ୍ରିୟା ଚାଲିବ । ସେହି ଉଚ୍ଚତର ଜ୍ଞାନହିଁ ମଣିଷସମାଜକୁ ଊର୍ଦ୍ଧ୍ୱକୁ ଉଠାଇ ନେବ ।

### ଶିକ୍ଷା ସମ୍ପର୍କରେ :

**ପ୍ରଶ୍ନ :** ବର୍ତ୍ତମାନ ଗଭୀର ଭାବରେ ଅନୁଭବ କରାଯାଉଛି ଯେ ଭାରତର ପ୍ରଚଳିତ ଶିକ୍ଷା-ପଦ୍ଧତି ଆଦୌ ସନ୍ତୋଷଜନକ ନୁହେଁ । ଏହାକୁ ଉନ୍ନତ କରିବାକୁ ହେଲେ କି କି ପରିବର୍ତ୍ତନ ଆବଶ୍ୟକ ?

**ଉତ୍ତର :** ଏ ସମ୍ବନ୍ଧେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେଉଛି ଯୁବ-ସମାଜ ସମ୍ମୁଖରେ ଯାହା ସର୍ବୋତ୍ତମ ଅର୍ଥାତ୍ ଜୀବନର ଉଚ୍ଚତମ ଓ ମହତ୍ତମ ଲକ୍ଷ୍ୟଟି ଆଣି ଉପସ୍ଥାପିତ କରିବା ।

ଜୀବନ ଏକ ମିଥ୍ୟାମୟ– ଏହି ଧାରଣାହିଁ ଭାରତ ବର୍ଷର ଅଧଃପତନର ପ୍ରଧାନ କାରଣ । ଏ ଧାରଣାକୁ ବଦଳାଇ ଦେଇ ସେ ସ୍ଥାନରେ ଏକ ଆସ୍ତିମୂଳକ ଧାରଣା ଆଣି ଉପସ୍ଥାପିତ କରିବାକୁ ହେବ ଯେ ଜୀବନ ଏକ ପ୍ରଗତିଶୀଳ ସତ୍ୟ ଓ ବର୍ତ୍ତମାନ ଏହା ପରିଣତ ହୋଇଛି ଏକ ରଣକ୍ଷେତ୍ରରେ ଯାହା ମଧଦେଇ ଶାଶ୍ୱତ ପୂର୍ଣ୍ଣତା ତା'ର ନିଜ ଛାଞ୍ଚରେ ଆମକୁ ଗଢ଼ିନେଉଛି । ଜୀବନର ଚରମ ଲକ୍ଷ୍ୟ ହେଉଛି ପୂର୍ଣ୍ଣ ରୂପାନ୍ତର ଯାହା ଫଳରେ ଆମର ହେବ ସର୍ବାଙ୍ଗୀନ ବିକାଶ ଓ ଆମ ମଧଦେଇ ପ୍ରକାଶ ପାଇବ ଦିବ୍ୟ ପୂର୍ଣ୍ଣତା ।

ଏହି ରୂପେ ଆମେ ହୋଇଉଠିବୁ ଏକ ପ୍ରଗତିଶୀଳ ସଙ୍ଗତି ଓ ଐକ୍ୟର କ୍ଷେତ୍ର ।

ସକଳ ମିଥ୍ୟା ବିରୁଦ୍ଧରେ ରୂପାନ୍ତରର ବିରାଟ ସଂଗ୍ରାମ ସଫଳତାର ସହ ଯୁଦ୍ଧ କରିବା ଲାଗି ଶିଶୁମାନେ ବୀର ଯୋଦ୍ଧା ହେବା ନିମନ୍ତେ ଅଭୀପ୍ସା କରିବା ଉଚିତ । ସେମାନେ ହେବା ଉଚିତ ସ୍ଥୂଳ ଭୌତିକ ଜୀବନରେ ସର୍ବାଙ୍ଗୀନ ପୂର୍ଣ୍ଣତାର ଉପାସକ ଓ କର୍ମୀ ।

**ପ୍ରଶ୍ନ :** ଶିକ୍ଷାର ଯଥାର୍ଥ ପଦ୍ଧତି କ'ଣ ?

**ଉତ୍ତର :** ପ୍ରତ୍ୟେକ ଛାତ୍ରକୁ ତା'ର ନିଜସ୍ୱ ପ୍ରକୃତି ଓ ସ୍ୱଭାବ ଅନୁଯାୟୀ ଏକ ସ୍ୱତଃସ୍ଫୂର୍ତ୍ତ ପୂର୍ଣ୍ଣତା ଦିଗରେ ପରିଚାଳନା କରାଯିବା ଉଚିତ । ଚୈତ୍ୟପୁରୁଷ ତଥା ଆତ୍ମାର ପୂର୍ଣ୍ଣ ନିର୍ଦ୍ଦେଶରେ ମନ, ପ୍ରାଣ, ଶରୀରର ସର୍ବାଙ୍ଗୀନ ବିକାଶ ହେବା ଆବଶ୍ୟକ ।

ଶିକ୍ଷକ ଛାତ୍ରର ଉଦାସୀନ ନମନୀୟ ମନର ଗ୍ରହଣଶୀଳତା ଉପରେ ନିଜକୁ କିମ୍ବା ନିଜର ମତାମତକୁ ଜୋରକରି ଚାପିଦେବା ଉଚିତ ନୁହେଁ। ନିଜକୁ ସେ ଦେଖିବା ଉଚିତ ଏକ ସହାୟକାରୀ ଭାବରେ ଏବଂ ଛାତ୍ରମାନଙ୍କୁ ବାହାରୁ ଶିକ୍ଷା ଦେବା ପରିବର୍ତ୍ତେ ସେମାନଙ୍କର ଭିତର ଚେତନାକୁ ଜାଗ୍ରତ କରିବାର ଲକ୍ଷ୍ୟ ରଖିବା ଉଚିତ।

ଶିକ୍ଷାଦେବା ଅପେକ୍ଷା ଉଦାହରଣରେ ଦେଖାଇଦେବା ଅଧିକ ଗୁରୁତ୍ୱପୂର୍ଣ୍ଣ ଏବଂ ଉଦାହରଣ ଅପେକ୍ଷା ପ୍ରଭାବ ପକାଇ ପାରିବା ଆହୁରି ବେଶୀ ଗୁରୁତ୍ୱପୂର୍ଣ୍ଣ। ପ୍ରଭାବ ଅର୍ଥ ଶିକ୍ଷକର ବାହ୍ୟ କର୍ତ୍ତୃତ୍ୱ ନୁହେଁ। ଏଠାରେ ପ୍ରଭାବ ଅର୍ଥ ଶିକ୍ଷକର ସଂସ୍ପର୍ଶଶକ୍ତି, ତା'ର ଉପସ୍ଥିତି, ଅନ୍ୟ ଆତ୍ମା ସହ ନିଜ ଆତ୍ମାର ନିକଟ ସମ୍ପର୍କ ଏବଂ ସେ ନିଜେ ଯାହା ଏବଂ ଯାହାକିଛିର ଅଧିକାରୀ ତାକୁ ଅନ୍ୟମାନଙ୍କ ମଧ୍ୟରେ ଏପରିକି ନୀରବତା ମଧ୍ୟରେ ବି ସଞ୍ଚାର କରାଇ ପାରିବା।

**ପ୍ରଶ୍ନ :** ସବୁଠାରୁ ଏପରି କେଉଁ ଗୁରୁତ୍ୱପୂର୍ଣ୍ଣ ବସ୍ତୁ ଅଛି ଯାହାକୁ ଶିକ୍ଷାକ୍ଷେତ୍ରରେ ଦେଶ ତାହାର ଲକ୍ଷ୍ୟ ରୂପେ ଗ୍ରହଣ କରିବ ?

**ଉତ୍ତର :** ଗୋଟିଏ ସତ୍ୟ ଅଭିବ୍ୟକ୍ତ ହେବା ଲାଗି ଚାହୁଁଛି। ଏହି ସତ୍ୟକୁ ଜାଣିବା ଓ ତା'ର ଅଭିବ୍ୟକ୍ତି ଲାଗି କାର୍ଯ୍ୟ କରିବା ଆମର ଲକ୍ଷ୍ୟ ହେବା ଉଚିତ।

**ପ୍ରଶ୍ନ :** ସମଗ୍ର ଭାରତବର୍ଷ ଲାଗି ବୃହତ୍ତର ଭାବେ କିପରି ଏକ ଆଦର୍ଶ ଶିକ୍ଷା ପଦ୍ଧତିର ପ୍ରଚଳନ ହୋଇପାରିବ ?

**ଉତ୍ତର :** ସର୍ବପ୍ରଥମ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବାହ୍ୟ ସଫଳତା, ପଦବୀ ଏବଂ ଅର୍ଥୋପାର୍ଜନ ଉପରେ ସମାଜ ଯେଉଁ ଅତ୍ୟଧିକ ମୂଲ୍ୟ ପ୍ରଦାନ କରୁଛି ସେସବୁକୁ ବନ୍ଦକରି ତା' ପରିବର୍ତ୍ତେ ଆତ୍ମାର ସଂସ୍ପର୍ଶ ଲାଭକରି ଛାତ୍ରମାନଙ୍କର ମନ, ପ୍ରାଣ, ଶରୀରରେ ସତ୍ୟର ଅଭିବ୍ୟକ୍ତି ହେଉ, ଏହାରି ଉପରେ ବିଶେଷ ଜୋର ଦେବା ଆବଶ୍ୟକ।

ଦ୍ୱିତୀୟତଃ ରାଷ୍ଟ୍ରକୁ ମଧ୍ୟ ଶିକ୍ଷାର ଆବଶ୍ୟକୀୟ ବିଷୟବସ୍ତୁ ପ୍ରତି ସର୍ବୋଚ୍ଚ ଗୁରୁତ୍ୱ ଦେବାକୁ ହେବ ଏବଂ ସମଗ୍ର ଜାତୀୟ ଜୀବନକୁ ନିରବଚ୍ଛିନ୍ନ ଶିକ୍ଷାଧାରାରେ ପରିଣତ କରିବାକୁ ହେବ।

ତୃତୀୟତଃ ପୂର୍ଣ୍ଣତାର ଆଦର୍ଶ ପ୍ରଚାର ନିମନ୍ତେ ରାଷ୍ଟ୍ର ଆଧୁନିକ ପ୍ରଚାର ବ୍ୟବସ୍ଥା ଯଥା- ସିନେମା, ଟେଲିଭିଜନ, ପୁସ୍ତକ, ଛବି ଓ ପତ୍ରିକା ଆଦିର ପୂର୍ଣ୍ଣ ସଦୁପଯୋଗ କରିବା ଉଚିତ।

ଚତୁର୍ଥତଃ ଦେଶସାରା, ଏପରିକି ଗାଁଗହଳିରେ ସ୍ଥାୟୀ ପ୍ରଦର୍ଶନୀ ଓ ମ୍ୟୁଜିୟମ୍ ଆଦି ପ୍ରତିଷ୍ଠା କରିବା ଉଚିତ ଯେଉଁଗୁଡ଼ିକ ଜ୍ଞାନଲାଭ ନିମନ୍ତେ ପ୍ରେରଣା ଦେବାର କେନ୍ଦ୍ର ରୂପେ କାର୍ଯ୍ୟ କରିବ ଓ ବିବର୍ତ୍ତନର ଅର୍ଥ ତଥା ଲକ୍ଷ୍ୟ ଲୋକମାନଙ୍କର ଆଗରେ ଉଦ୍‌ଘାଟନ କରିବ।

ପଞ୍ଚମତଃ ଶିକ୍ଷକମାନଙ୍କୁ ଲକ୍ଷ୍ୟ ରଖାଯାଇଥିବା ପୂର୍ଣ୍ଣତାର ବାସ୍ତବ ଉଦାହରଣ ହୋଇଉଠିବାକୁ ହେବ।

ଶେଷତଃ ସମଗ୍ର ଦେଶ ମଧ୍ୟ ତାହାର ଯଥାର୍ଥ ଲକ୍ଷ୍ୟ ଆବିଷ୍କାର କରିବା ଓ ତାକୁ ବାସ୍ତବ ରୂପ ଦେବାରେ ନିଜକୁ ବିନିଯୋଗ କରିବା ଉଚିତ।

**ପ୍ରଶ୍ନ :** ଭାରତବର୍ଷ ଲାଗି ଶିକ୍ଷାର ମାଧ୍ୟମ, ରାଷ୍ଟ୍ରଭାଷା ଏବଂ ଆନ୍ତର୍ଜାତିକ ଭାଷା କ'ଣ ହେବା ଉଚିତ ?

**ଉତ୍ତର :** ମାତୃଭାଷା ହେବା ଉଚିତ ଶିକ୍ଷାର ମାଧ୍ୟମ। ସରଳ ସଂସ୍କୃତ ହେବା ଉଚିତ ରାଷ୍ଟ୍ରଭାଷା। କିଛି କାଳ ଲାଗି ଇଂରାଜୀ ହେବା ଉଚିତ ଆନ୍ତର୍ଜାତିକ ଭାଷା।

### ଧର୍ମ ସମ୍ପର୍କରେ

**ପ୍ରଶ୍ନ :** ବିଭିନ୍ନ ଧର୍ମ ମଧ୍ୟରେ ଥିବା ଦ୍ୱନ୍ଦ୍ୱ ଓ ବିରୋଧର କାରଣ କ'ଣ ଏବଂ ଏହାକୁ ପୁନର୍ବାର କିପରି ସମାଧାନ କରାଯାଇପାରେ ?

**ଉତ୍ତର :** ବିଭିନ୍ନ ଧର୍ମ ମଧ୍ୟରେ ଦ୍ୱନ୍ଦ୍ୱ ଉପୁଜିବାର କାରଣ ହେଉଛି ପ୍ରତ୍ୟେକ ଧର୍ମ ନିଜକୁ ଏକ ସ୍ୱତନ୍ତ୍ର ସତ୍ୟ ବୋଲି ବିଚାର କରନ୍ତି ଓ ସେହି ଧର୍ମର ମତବାଦ, ବିଶ୍ୱାସ, କ୍ରିୟାନୁଷ୍ଠାନ, ପର୍ବ-ପର୍ବାଣୀ ଓ କେତେକ ନିର୍ଦ୍ଦିଷ୍ଟ ନୀତିନିୟମ ଅନୁସରଣ କରିବା ଲାଗି ଦାବି କରନ୍ତି।

ଏହାର ସମାଧାନ ହେଉଛି ସର୍ବପ୍ରଥମେ ଗ୍ରହଣ କରିନେବାକୁ ପଡ଼ିବ ଯେ ଧର୍ମ ମଧ୍ୟସ୍ଥ ଯଥାର୍ଥ ସତ୍ୟ ରହିଛି ଆଧାତ୍ମ ଉପଲବ୍ଧିରେ ଓ ଧର୍ମ ହେଉଛି ଏହାର ଏକ ବାହ୍ୟ ବିଧି-ବିଧାନ ମାତ୍ର। ଏହି ବାହ୍ୟ ସ୍ୱରୂପକୁ ଅତିକ୍ରମ କରିଯିବା, ଆଧାତ୍ମିକ ଉପଲବ୍ଧି ଉପରେ ଜୋର ଦେବା ଓ ଅସଂଖ୍ୟ ପ୍ରକାର ଆଧାତ୍ମିକ ଅନୁଭୂତି ଅଭ୍ରାନ୍ତ ଭାବରେ ଆସିପାରେ ବୋଲି ମାନିନେବା ସମାଧାନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

ଧର୍ମ ଉପରେ ଜୋର ଦେଇ ପୃଥିବୀ କେବେ ପୁନର୍ଗଠିତ ହୋଇ ନପାରେ। ନୂତନ ପୃଥିବୀ ସକଳ ଧର୍ମକୁ ଅତିକ୍ରମ କରି ଆଧାତ୍ମିକ ଅନୁଭୂତିର ବିଶୁଦ୍ଧତା ଉପରେହିଁ ଗୁରୁତ୍ୱ ଆରୋପ କରିବ।

ଧର୍ମସକଳକୁ ଐକ୍ୟବଦ୍ଧ କରାଯାଇ ପାରିବ ନାହିଁ, ମାତ୍ର ଆଧାତ୍ମିକ ଅନୁଭୂତିଗୁଡ଼ିକ ମଧ୍ୟରେ ଅଣାଯାଇ ପାରିବ ସମନ୍ୱୟ।

ଧର୍ମ-କ୍ଷେତ୍ରରେ ଭାରତବର୍ଷର ଉଦ୍ୟମ କେତେକ ପରିମାଣରେ ଆଧାତ୍ମିକ ସୂକ୍ଷ୍ମ ଦୃଷ୍ଟିଦ୍ୱାରା ପରିଚାଳିତ ହେଉଥିଲା ଯାହାକି ବର୍ତ୍ତମାନ ଲୋପ ପାଇଛି, କିନ୍ତୁ ଆମ୍ଭମାନଙ୍କୁ ଏହି ଦୃଷ୍ଟିକୁ ସ୍ପଷ୍ଟତଃ ଓ ମୂଳତଃ ପୁନଃପ୍ରତିଷ୍ଠା କରିବାକୁ ହେବ। ସେହି ପୁରାତନ ଧର୍ମ ଓ ଧାର୍ମିକ ମନୋଭାବର ପୁନରୁତ୍ଥାନ ନୁହେଁ, ମାତ୍ର ଏକ ଆଧାତ୍ମିକ ପୂର୍ଣ୍ଣତାର ଆଦର୍ଶ ଉପସ୍ଥାପିତ କରିବାକୁ ହେବ ଯାହାକି ଆତ୍ମାର ପୂର୍ଣ୍ଣାଙ୍ଗ ଉପଲବ୍ଧି ଓ ଭୌତିକ ଜୀବନରେ ତାହାର ସର୍ବାଙ୍ଗୀନ ଅଭିବ୍ୟକ୍ତିକୁ ବୁଝାଏ।

### ଭାରତୀୟ ସଂସ୍କୃତି ସମ୍ପର୍କରେ :

**ପ୍ରଶ୍ନ :** ଭାରତୀୟ ସଂସ୍କୃତିର ଲକ୍ଷ୍ୟ କ'ଣ ହେବା ଉଚିତ ?

**ଉତ୍ତର :** ଭାରତର ଆତ୍ମା ସମ୍ବନ୍ଧୀୟ ଜ୍ଞାନ ଅଛି, କିମ୍ବା ପୂର୍ବେ ଥିଲା। ତା'ର ସଂସ୍କୃତିର ଲକ୍ଷ୍ୟ ହେବା ଉଚିତ ଜଡ଼ ମଧ୍ୟରେ ଓ ଭୌତିକ ଜୀବନରେ ଆତ୍ମାର ଅଭିବ୍ୟକ୍ତି।

### ସରକାର ସମ୍ପର୍କରେ :

**ପ୍ରଶ୍ନ :** ଭାରତର ଆବଶ୍ୟକତା ଓ ବିଶେଷତ୍ୱ ନେଇ କେଉଁ ପ୍ରକାର ଆଦର୍ଶ ସରକାର ଗଠନ ଉପଯୁକ୍ତ ବୋଲି ବିବେଚିତ ହେବ ?

**ଉତ୍ତର :** ସରକାର ଲୋକମାନଙ୍କ ପାଇଁ। ଏହା ଶାସନରେ ସ୍ଥିରତା ଓ ଦେଶର ପ୍ରଗତି ଲାଗି ସବୁକିଛି ସୁଯୋଗ ଦେବା ଉଚିତ। ସ୍ଥିରତା ଆସିବ ଐକ୍ୟବଦ୍ଧ ଓ

ସମବେତ କାର୍ଯ୍ୟ ଫଳରେ ଏବଂ ପ୍ରଗତି ଆସିବ ସ୍ୱାଧୀନ ବ୍ୟକ୍ତିଗତ ଅଭିବୃଦ୍ଧି ବଳରେ ।

ସରକାର ସେହିଭଳି ଲୋକମାନଙ୍କ ଦ୍ୱାରା ପରିଚାଳିତ ହେବା ଉଚିତ ଯେଉଁମାନେ ନିଃସ୍ୱାର୍ଥପର, ନିରହଂକାର ଏବଂ ଯଥାର୍ଥରେ ସଚ୍ଚୋଟ ଓ ସମର୍ଥ । ସେମାନଙ୍କର ଆନୁଗତ୍ୟ ରହିବା ଉଚିତ ସମଗ୍ର ଦେଶପ୍ରତି, ସେମାନଙ୍କର ସମସ୍ତ ସେବା ସମଗ୍ର ଦେଶର ହିତାର୍ଥେ ବିନିଯୁକ୍ତ ହେବା ଉଚିତ, କୌଣସି ଗୋଟିଏ ଦଳ ଲାଗି ନୁହେଁ ।

ବର୍ତ୍ତମାନର ସମ୍ବିଧାନ ଯଦି ଏଭଳି ଲୋକଙ୍କୁ ସରକାର ଗଠନ କରିବାକୁ ଅନୁମତି ନଦିଏ ତେବେ ସମ୍ବିଧାନକୁ ପରିବର୍ତ୍ତନ କରିଦିଆଯିବା ଉଚିତ ।

### ପଡ଼ୋଶୀ ରାଷ୍ଟ୍ର ସହ ସମ୍ପର୍କ ସମ୍ବନ୍ଧେ :

**ପ୍ରଶ୍ନ :** ପଡ଼ୋଶୀ ରାଷ୍ଟ୍ରମାନଙ୍କ ସହ ଭାରତର କିପରି ସମ୍ପର୍କ ରହିବା ଉଚିତ ?

**ଉତ୍ତର :** କେତୋଟି ପଡୋଶୀ ରାଷ୍ଟ୍ର ସହ, ଉଦାହରଣ ସ୍ୱରୂପ ବିଶେଷ କରି ପାକିସ୍ତାନ ସହ ଆମର ସମ୍ପର୍କ ଅତ୍ୟନ୍ତ ତିକ୍ତ । କେବଳ କେତୋଟି ଧନଶାଳୀ ଦେଶ ଯେଉଁମାନେ କି ଯୁଦ୍ଧାସ୍ତ୍ର ବିକ୍ରିକରନ୍ତି ଓ ଏ ପ୍ରକାର କୁକୁଡ଼ା ଲଢ଼େଇକୁ ଉତ୍ସାହିତ କରନ୍ତି ସେମାନଙ୍କୁ ଛାଡ଼ି ଦେଲେ ବର୍ତ୍ତମାନର ଏହି ତିକ୍ତତା ସମ୍ପୂର୍ଣ୍ଣ ନିରର୍ଥକ ଓ କାହାରି ପକ୍ଷେ ମଙ୍ଗଳଜନକ ନୁହେଁ । ଆମେ ନିଜ ନିଜ ମଧ୍ୟରେ ଯୁଦ୍ଧରେ ରତହୋଇ ଅନ୍ୟମାନଙ୍କୁ ଏହାଦ୍ୱାରା ସନ୍ତୁଷ୍ଟ କରିବା ପରିବର୍ତ୍ତେ ଅଧିକ ସୁଖୀ ହୋଇପାରନ୍ତୁ ଯଦି ପଡ଼ୋଶୀ ରାଷ୍ଟ୍ର ଭାରତ, ପାକିସ୍ଥାନ, ଆଫଗାନୀସ୍ଥାନ, ସିଂହଳ, ବର୍ମା, ନେପାଳ, ଭୁଟାନ୍, ତିବ୍ବତ ଓ ଅନ୍ୟ ଯେଉଁ ରାଷ୍ଟ୍ରମାନେ ଯୋଗଦେବା ପାଇଁ ଚାହାନ୍ତି ସେମାନଙ୍କୁ ନେଇ ଗୋଟିଏ ରାଷ୍ଟ୍ରସଂଘ ଗଢ଼ାଯାଆନ୍ତା ।

### ସ୍ୱଦେଶପ୍ରେମ, ଜାତୀୟତା, ଆନ୍ତର୍ଜାତିକ ସମ୍ପର୍କ ଓ ମାନବ ସମାଜର ଐକ୍ୟ ସମ୍ବନ୍ଧେ :

**ପ୍ରଶ୍ନ :** ଜାତୀୟ ଜୀବନରେ, ବିଶେଷ କରି ଧୀରେ ଧୀରେ ବୃଦ୍ଧି ପାଉଥିବା ଆନ୍ତର୍ଜାତୀୟ ଭାବ ଓ ମାନବିକ ଐକ୍ୟବୋଧର ପରିପ୍ରେକ୍ଷୀରେ ସ୍ୱଦେଶପ୍ରେମର ସ୍ଥାନ କେଉଁଠି ?

**ଉତ୍ତର :** ଯେତେବେଳେ ମଣିଷ ଚେତନା ଅଭିବୃଦ୍ଧି ସାଧନ ହେବ ସେତେବେଳେ ସେ ଦ୍ୱନ୍ଦ୍ୱ ଓ ନିଜର ଅଭିରୁଚି ପରିବର୍ତ୍ତେ ଅଧିକରୁ ଅଧିକ ସଙ୍ଗତି ଓ ଐକ୍ୟର ବିଧାନ ଅନୁସାରେ ପରିଚାଳିତ ହେବ । ତା'ପରେ ସମ୍ଭବ ହେବ ଆନ୍ତର୍ଜାତିକ ଭାବ ଓ ମାନବିକ ଐକ୍ୟବୋଧ । ତାହା ସହ ମଧ୍ୟ ସମ୍ଭବ ହେବ ବହୁ ନାଗରିକତ୍ୱ ଓ ବିଶ୍ୱ ସରକାର ।

ଆଜିକାଲି ଦେଶପ୍ରେମ କହିଲେ ଯେଉଁ ପ୍ରତିଯୋଗିତା ଓ ଆଧିପତ୍ୟକୁ ବୁଝାଏ ତାହା ଠିକ୍ ନୁହେଁ । କିନ୍ତୁ ନିଜ ଦେଶକୁ ଭଲପାଇବା ଓ ନିଜ ଦେଶର ସର୍ବୋତ୍ତମ ଅଭିବ୍ୟକ୍ତି ନିମନ୍ତେ କାର୍ଯ୍ୟ କରିବା ହେଉଛି ଯଥାର୍ଥ ସ୍ୱଦେଶପ୍ରେମ । ଏହା ପୂର୍ଣ୍ଣ ନ୍ୟାୟସଙ୍ଗତ ଓ ସବୁ ସମୟରେ ରହିବା ଉଚିତ ।

### ଅର୍ଥନୀତି ସମ୍ପର୍କରେ :

**ପ୍ରଶ୍ନ :** ଅର୍ଥନୀତିର ଲକ୍ଷ୍ୟ କ'ଣ ହେବା ଉଚିତ, ବିଶେଷ କରି ଆୟର ତାରତମ୍ୟ ଓ ବେକାର ସମସ୍ୟା ଦୃଷ୍ଟିରୁ ?

**ଉତ୍ତର :** ଅର୍ଥନୀତିର ଲକ୍ଷ୍ୟ ହେବ ନାହିଁ ଯେ ପ୍ରତିଯୋଗିତା ମୂଳକ କିମ୍ବା ସହଯୋଗିତାମୂଳକ ଉତ୍ପାଦନ ନିମନ୍ତେ ବିରାଟକାୟ ଇଞ୍ଜିନସବୁ ସୃଷ୍ଟି କରିବା । ଏହାର ଲକ୍ଷ୍ୟ ହେଉଛି କେବଳ ଅଳ୍ପ କେତେକଙ୍କୁ ନୁହେଁ ବରଂ ସମସ୍ତଙ୍କୁ ସେମାନଙ୍କର ସର୍ବୋତ୍ତମ ସାମର୍ଥ୍ୟ ଅନୁସାରେ ଓ ସେମାନଙ୍କ ସ୍ୱଭାବ ତଥା ସ୍ୱାଧୀନ ଅବସର ଅନୁଯାୟୀ କର୍ମର ଆନନ୍ଦ ଉପଲବ୍ଧି କରିବାକୁ ସୁଯୋଗ ଦେବା, ଯାହା ଫଳରେ ସମସ୍ତଙ୍କର ଆନ୍ତର ଅଭିବୃଦ୍ଧି ଘଟିବା ସଙ୍ଗେ ସଙ୍ଗେ ଏକ ସରଳ ସୁନ୍ଦର ସମୃଦ୍ଧ ଜୀବନ ପ୍ରତିଷ୍ଠିତ ହେବ ।

ଅର୍ଥୋପାର୍ଜନ ନିମିତ୍ତ ଅର୍ଥ ଉଦ୍ଦିଷ୍ଟ ନୁହେଁ । ଅର୍ଥର କାର୍ଯ୍ୟ ହେଉଛି ପୃଥିବୀକୁ ଏକ ନୂତନ ଓ ଉଚ୍ଚତର ସୃଷ୍ଟି ନିମନ୍ତେ ପ୍ରସ୍ତୁତ କରିବା ।

### ବ୍ୟକ୍ତିଗତ ବାଧାବିପତ୍ତି ସମ୍ପର୍କରେ :

ଜୀବନର ରହିଛି ଏକ ଉଦ୍ଦେଶ୍ୟ । ଏ ଉଦ୍ଦେଶ୍ୟ ହେଉଛି ଭଗବାନଙ୍କୁ ଆବିଷ୍କାର କରିବା ଓ ତାଙ୍କରି ସେବା କରିବା । ଭଗବାନ ବହୁ ଦୂରରେ ନାହାନ୍ତି, ଅଛନ୍ତି ଆମରି ଅନ୍ତରର ଗଭୀରତମ ପ୍ରଦେଶରେ ଓ ସକଳ ଚିନ୍ତା ତଥା ଅନୁଭୂତିର ଊର୍ଦ୍ଧ୍ୱରେ । ତାଙ୍କରି ସାନ୍ନିଧ୍ୟରେ ରହିଛି ଶାନ୍ତି, ନିଶ୍ଚୟତା ଓ ସକଳ ବାଧାବିପତ୍ତିର ସମାଧାନ । ତୁମର ସମସ୍ୟା ସକଳକୁ ତାଙ୍କରି ହାତରେ ସମର୍ପି ଦିଅ, ସେ ତୁମକୁ ସକଳ ଦୁଃଖ କଷ୍ଟରୁ ଉଦ୍ଧାର କରିବେ ।

❖ ❖ ❖

ଅସୁବିଧା ଏବଂ ବାଧାବିପତ୍ତି ହେଉଛି ପରୀକ୍ଷା, ଏସବୁକୁ ଭଗବାନଙ୍କଠାରୁ ଆସିଥିବା ଏକ କୃପା ବୋଲି ବିଚାର କରିବା ଉଚିତ– ଫଳରେ ସେସବୁ ଠିକ୍ ସେଇଆ ହୋଇଉଠିବେ ଓ ତୁମର ଲକ୍ଷ୍ୟପଥରେ ତୁମକୁ ଦ୍ରୁତ ଗତିରେ ଆଗେଇ ନେବେ ।

**ଶ୍ରୀମା**

# ଶ୍ରୀମା ଓ ଆମ୍ଭେମାନେ

## ଶ୍ରୀ ନଳିନୀକାନ୍ତ ଗୁପ୍ତ

ଜଣେ କାନାଡ଼ା ବାସୀଙ୍କ ପ୍ରଶ୍ନ

"A practical Guide to Integral Yoga" ପୁସ୍ତକର ୧୭୯ ପୃଷ୍ଠାରେ ଲେଖାଅଛି :

"ଭୌତିକ ସ୍ତରରେ ସାଧନାର ପୂର୍ଣ୍ଣତା ନିମିତ୍ତ ଶ୍ରୀମା'ଙ୍କର ସ୍ଥୂଳ ସାନ୍ନିଧ୍ୟ ଅପରିହାର୍ଯ୍ୟ । ଅନ୍ୟ କୌଣସି ପ୍ରକାରେ ଶାରୀରିକ ତଥା ବାହ୍ୟ ସତ୍ତାର ରୂପାନ୍ତର ଅସମ୍ଭବ ।"

**ମୋର ପ୍ରଶ୍ନ ହେଉଛି :** ଶ୍ରୀମା'ଙ୍କ ସାମ୍ପ୍ରତିକ ଶରୀରତ୍ୟାଗର ପରିପ୍ରେକ୍ଷୀରେ ଆମ୍ଭମାନଙ୍କୁ ଏହି ଉକ୍ତିର କିପରି ବ୍ୟାଖ୍ୟା କରିବାକୁ ହେବ ? ଏଥିରୁ କ'ଣ ଏହାହିଁ ବୁଝାଯାଉଛି ଯେ ଆସ୍ପୃହାଶୀଳ ସାଧକର ପୂର୍ଣ୍ଣ ରୂପାନ୍ତର ଆଉ ସମ୍ଭବ ନୁହେଁ ? ଅଥବା ଭୌତିକ ସ୍ତରରେ ଏହି ପୂର୍ଣ୍ଣଯୋଗ-ପଥରେ ଶିଷ୍ୟତ୍ୱଗ୍ରହଣର କ'ଣ ସମାପ୍ତି ଘଟିଲା ?

**ଉତ୍ତର :** (୧)

ଏହା ସ୍ପଷ୍ଟ ଯେ ଶାରୀରିକ ରୂପାନ୍ତରର ଅବ୍ୟବହିତ କାର୍ଯ୍ୟକ୍ରମ ବର୍ତ୍ତମାନ ସ୍ଥଗିତ ରହିଛି (ଯେହେତୁ ଶ୍ରୀମା ସମ୍ପ୍ରତି ଯେଉଁ ଚରମ ରୂପାନ୍ତର ଚାହିଁଥିଲେ, ପୃଥିବୀ ସେଥିପାଇଁ ପ୍ରସ୍ତୁତ ନୁହେଁ,) –ତେବେ ଏହାର ଅର୍ଥ ନୁହେଁ ଯେ ଶାରୀରିକ ରୂପାନ୍ତର ବନ୍ଦ ହୋଇଯାଇଛି ବା କାର୍ଯ୍ୟକ୍ରମରୁ ତାହାକୁ ସମ୍ପୂର୍ଣ୍ଣ ବାଦ୍ ଦିଆଯାଇଛି । (ଶ୍ରୀମା ତାଙ୍କର ରୂପାନ୍ତରକ୍ରିୟା ପୂର୍ବାପେକ୍ଷା ବର୍ତ୍ତମାନ ଅଧିକ ତୀବ୍ରଭାବେ କରାଉଛନ୍ତି)

କିନ୍ତୁ ଆମକୁ ଯାହା ଦିଆଯାଇଛି, ତାହା ଏକ ଅଲୌକିକ ଘଟଣା ଅପେକ୍ଷା କୌଣସିମତେ କମ୍ ନୁହେଁ । ଶ୍ରୀମା ଆମ୍ଭମାନଙ୍କ ପାଇଁ ଆନ୍ତର ଲୋକର ସୂକ୍ଷ୍ମ ଭୌତିକ ସ୍ତରରେ ତାଙ୍କର ନୂତନ ଶରୀର ପ୍ରସ୍ତୁତ କରିଛନ୍ତି; ତାହା ଯଦିଓ ଏକାନ୍ତ ସ୍ଥୂଳ ନୁହେଁ ତଥାପି ତାଙ୍କର ଭୌତିକ ଶରୀରତୁଲ୍ୟ ଜୀବନ୍ତ ଓ ବାସ୍ତବ । ତାଙ୍କର ଏକ ଶେଷ ଲେଖାରେ ସେ ତାଙ୍କର ସୂକ୍ଷ୍ମ ଦୃଷ୍ଟିରେ ଏହାକୁ ସେ ଯେପରି ଦେଖିଛନ୍ତି ସେପରି ବର୍ଣ୍ଣନା କରିଛନ୍ତି । ଦୀର୍ଘ କାଳର କଠୋର ସାଧନା ଦ୍ୱାରା ସେହି ଶରୀରକୁ ସେ ଗଠନ କରିଛନ୍ତି, ସମ୍ପୂର୍ଣ୍ଣରୂପେ ଗଠିତ ଏହି ଶରୀରକୁ ସେ ଆମ୍ଭମାନଙ୍କ ନିକଟରେ ତଥା ମାନବସମାଜ ନିକଟରେ ଛାଡ଼ିଯାଇଛନ୍ତି ।

ଭୌତିକ ଆବରଣ ପଶ୍ଚାତ୍‌ରେ ପ୍ରସ୍ତୁତ ତାଙ୍କର ଏହି ନୂତନ ଶରୀରକୁ ସେ ସ୍ଥୂଳ ଶରୀର ମଧ୍ୟରେ ଅନୁପ୍ରବିଷ୍ଟ କରାଇବାକୁ ଚାହୁଁଥିଲେ, ଏପରିକି ସେହି ସ୍ଥୂଳ ଶରୀର ମଧ୍ୟକୁ ଏହି ନୂତନ ଉପାଦାନକୁ ଜୋର୍ କରି ପ୍ରବେଶ କରାଇବାକୁ ଚାହିଥିଲେ । କିନ୍ତୁ ଜଡ଼ଜଗତ ଓ ମାନବର ଶାରୀରିକ ପ୍ରକୃତି ଏପର୍ଯ୍ୟନ୍ତ ପ୍ରସ୍ତୁତ ହୋଇ ନଥିଲା । ପୃଥିବୀ ଏହି ନୂତନ ଉପାଦାନକୁ ତଥାପି ଏକ ଅନଧିକାର ପ୍ରବେଶ ଓ ବିଦେଶୀ ବସ୍ତୁ ବୋଲି ଭାବୁଥିଲା । ପରିଣାମତଃ ତାଙ୍କର ଭୌତିକ ଆଚ୍ଛାଦନଟି ଭାଙ୍ଗିପଡ଼ିଲା –ବୋଧହୁଏ ଭାଙ୍ଗିପଡ଼ିଲା ନାହିଁ ବରଂ ଜୋର୍ କରି ଭଙ୍ଗାଗଲା– କିନ୍ତୁ ତାହା ଅନ୍ୟ ଏକ ବିଷୟ ।

କିନ୍ତୁ ଶ୍ରୀମା'ଙ୍କର ଏହି ନୂତନ ଶରୀର ତାହାର ସୌନ୍ଦର୍ଯ୍ୟ ଓ ଶକ୍ତିରେ ଜୀବନ୍ତ ଓ ଗୌରବୋଜ୍ଜ୍ୱଳ ହୋଇ ନିରବଚ୍ଛିନ୍ନ ଭାବରେ ଆମ୍ଭମାନଙ୍କ ମଧ୍ୟରେ, ଆମ୍ଭମାନଙ୍କ ଚତୁଃପାର୍ଶ୍ୱରେ, ଏହି ଜଗତରେ ଏହାର ଭୌତିକ ରୂପାୟଣର ଅନ୍ତିମ ପରିଣତି ଦିଗରେ କାର୍ଯ୍ୟ କରିଚାଲିଛି ।

ବର୍ତ୍ତମାନ ପରିସ୍ଥିତିରେ ଆମ୍ଭମାନଙ୍କଠାରୁ ଯାହା ଆଶା କରାଯାଉଛି ତାହା ହେଉଛି– ଏହି ହିରଣ୍ମୟୀ ଦିବ୍ୟଜନନୀଙ୍କୁ ଆମ୍ଭମାନଙ୍କ ଅନ୍ତରରେ ଦର୍ଶନ କରିବା ଏବଂ ଆନ୍ତର ତଥା ବାହ୍ୟ ଜୀବନରେ ତାଙ୍କରି ଚିରଈପ୍‌ସିତ ହିରଣ୍ମୟ ସନ୍ତାନରେ ପରିଣତ ହୋଇଉଠିବା ।

ଶ୍ରୀଅରବିନ୍ଦ ଏକ ଆନ୍ତର ମନ, ଆନ୍ତର ପ୍ରାଣ ଏବଂ ଆନ୍ତର ଶରୀର କଥା କହିଛନ୍ତି । ଏଇ ମାତ୍ର ସେଦିନ "ପ୍ଲେ-ଗ୍ରାଉଣ୍ଡ ଧ୍ୟାନ ସମୟରେ ତାହା ପାଠ କରାଯାଇଥିଲା । ଏହି ହିରଣ୍ମୟ ଶରୀର, ଏହି ନୂତନ ଶରୀର ଏକ ନୂତନୀକୃତ ଓ ନବରୂପାୟିତ ଆନ୍ତର ମନ, ଆନ୍ତର ପ୍ରାଣ ଓ ଆନ୍ତର ଶରୀର ମଧ୍ୟରୁ ଗଠିତ ହୋଇଥାଏ । ଶ୍ରୀମା'ଙ୍କର ଦିବ୍ୟ ଉପସ୍ଥିତିକୁ ଆମର ଶରୀର ସତ୍ତାରେ ଗ୍ରହଣ କରିବା ତଥା ସେ ଯେଉଁ କାର୍ଯ୍ୟ ଗ୍ରହଣ କରିଛନ୍ତି ତାହା କରିବା ପାଇଁ ସମ୍ମତି ଦେବା ଓ ତହିଁରେ ସହଯୋଗ କରିବା ଦ୍ୱାରାହିଁ ଆମ୍ଭେମାନେ ତାଙ୍କ ପ୍ରତି ଆମର ପ୍ରେମପ୍ରଦର୍ଶନ କରିପାରୁ, ତାଙ୍କର ଦିବ୍ୟକୃପା ନିକଟରେ ଆମର ଋଣକୁ ପରିଶୋଧ କରିପାରୁ ।

(୨)

ଅତୀତରେ ସୁଯୋଗର ଅବ୍ୟବହାରଜନିତ ଯେଉଁ ତ୍ରୁଟି ଆମେ କରିଛୁ ତାହାର ସଂଶୋଧନ ନିମିତ୍ତ ଆମ ପାଇଁ ବର୍ତ୍ତମାନ ସମୟ ଆସିଛି । ସୁଯୋଗର ଅବ୍ୟବହାର କରାହୋଇଛି, ବାସ୍ତବିକ ଶୋଚନୀୟ ଅବ୍ୟବହାର । ଯେପର୍ଯ୍ୟନ୍ତ ଶ୍ରୀମା'ଙ୍କର ଭୌତିକ ଶରୀର ଆମର ଆଶ୍ରୟସ୍ୱରୂପ ଥିଲା, ସେପର୍ଯ୍ୟନ୍ତ ଆମେ ଆମ କର୍ମର ପୂର୍ଣ୍ଣ ପରିଣାମ ଅର୍ଥାତ୍ ଚରମ ଦୁଃଖକଷ୍ଟ ଦ୍ୱାରା ପୀଡ଼ିତ ହେଉ ନଥିଲୁ; କାରଣ ତାଙ୍କ ଶରୀର ଏକ ନିରପେକ୍ଷ ସହାୟକ (buffer) ରୂପେ କାର୍ଯ୍ୟ କରୁଥିଲା: ଏହା କର୍ମଫଳର ଶକ୍ତିକୁ ନଷ୍ଟ କରି ତାହାର ଅମଙ୍ଗଳ ପରିଣାମକୁ ସର୍ବନିମ୍ନ ଅବସ୍ଥାକୁ କମାଇ ଦେଉଥିଲା । ତାଙ୍କର ଶରୀର ଆମର ସମସ୍ତ ଭାର ବହନ କଲା ଏବଂ ଆମକୁ ସେସବୁ ଦୁଃଖଯନ୍ତ୍ରଣା ନିଶ୍ଚୟ ଭୋଗ କରିବାକୁ ହୋଇଥା'ନ୍ତା । ମାନବସମାଜ, ଏପରିକି ସମଗ୍ର ପୃଥିବୀ– ଏମାନେ ଜାଣନ୍ତି ନାହିଁ ଯେ ତାଙ୍କର ସ୍ଥୂଳ ଶରୀର କିପରି ସୁରକ୍ଷାକାରୀ ଦିବ୍ୟକୃପାକୁ ସେମାନଙ୍କ ନିମିତ୍ତ ଏହି ପୃଥିବୀକୁ ଉତାରି ଆଣିଥିଲା । ଏହି ଦିବ୍ୟଶରୀରର ଉପସ୍ଥିତି ବ୍ୟତୀତ ସେମାନେ ଧ୍ୱସ୍ତବିଧ୍ୱସ୍ତ ଏବଂ ନିଶ୍ଚିହ୍ନ ହୋଇଯାଇଥା'ନ୍ତେ ।

ଶ୍ରୀମା'ଙ୍କ ଶରୀରର ଉପସ୍ଥିତି ଫଳରେ ପୃଥିବୀ ତିଷ୍ଠି ରହିପାରିଛି, ମାନବଜାତିର ଭବିଷ୍ୟତ ସୁନିଶ୍ଚିତ ହୋଇଛି, ଆଉ କିଛି ଅଧିକ କରିବା, ଭବିଷ୍ୟତ୍‌ର ଏକ ସ୍ଥୂଳରୂପ ଆମ୍ଭମାନଙ୍କୁ ଦେଖାଇଦେବା ଥିଲା ଶ୍ରୀମା'ଙ୍କର ଲକ୍ଷ୍ୟ;

କିନ୍ତୁ ଏହା ନିଶ୍ଚିତ ଯେ ତାହା ହେବାର ନଥିଲା; କାରଣ ସେହି ସାଧନା ନିମିତ୍ତ ଆମଠାରୁ, ପୃଥିବୀଠାରୁ ଏବଂ ମାନବଜାତିଠାରୁ ମଧ କେତେକ ପରିମାଣରେ ସହଯୋଗିତାର ଆବଶ୍ୟକତା ଥିଲା– ଆମର ମନେପଡ଼େ ତାଙ୍କର ସେଇ ସତର୍କବାଣୀ : "ଯଦି ଆଧ୍ୟାତ୍ମିକ ରୂପାନ୍ତର ନିମିତ୍ତ ମାନବଜାତି କେବଳ ସମ୍ମତ ହୁଅନ୍ତା" – ବେଶ୍, ଏହାହିଁ ହେଲା ସାମାନ୍ୟତମ ସହଯୋଗ; କିନ୍ତୁ ତାଙ୍କର ଶରୀର ଏହି ସାମାନ୍ୟତମ ସହଯୋଗ ମଧ ପାଇଲା ନାହିଁ। କୌଣସି ଅସୁବିଧା ଓ ଚେଷ୍ଟା ବିନା ତାଙ୍କ ଶରୀର ସମସ୍ତଙ୍କ ସକାଶେ ଏତେ ସହଜଲଭ୍ୟ ହୋଇପଡ଼ିଥିଲା ଯେ ତାହା ଆମ ପାଇଁ ଆମର ଦ୍ୱାର ନିକଟକୁ ସ୍ୱତଃ ଯେଉଁସବୁ ଅମୂଲ୍ୟ ବସ୍ତୁ ନେଇ ଆସିଥିଲା, ସେ ସମ୍ବନ୍ଧରେ ଆମେ ସଚେତ ହୋଇପାରିଲୁ ନାହିଁ। କିପରି ତାହର ସଦୁପଯୋଗ କରିବାକୁ ହେବ, ତହିଁରୁ ପ୍ରକୃତ ଉପକାର ପାଇହେବ, ତାହା ଆମେ ଜାଣିଲୁ ନାହିଁ। ଅନେକ ଥର ଶ୍ରୀମା ଏ ବିଷୟରେ ଦୁଃଖର ସହ ଆମକୁ ସୂଚନା ଦେଇଛନ୍ତି, କିନ୍ତୁ ଆମେ ଧନିକର ଅତି ଆଦରର ଅପବ୍ୟୟୀ ସନ୍ତାନ ସଦୃଶ ସେହି ମହାନ୍ ସମ୍ପଦର ଅପଚୟ କଲୁ।

ଏହା ଅତି ଶୋଚନୀୟ ବିଷୟ, କିନ୍ତୁ ଆମର ଶୋଚନା ନିମିତ୍ତ ସେ କୌଣସି କାରଣ ରଖିଯାଇ ନାହାନ୍ତି। ସେ ଆମ ସହିତ ଛାଡ଼ିଯାଇଛନ୍ତି ତାଙ୍କର ରକ୍ଷାକାରିଣୀ ଶକ୍ତିର ପ୍ରକୃତ ଉତ୍ସ, ପାର୍ଥିବ ବାତାବରଣରେ ଓ ଆମର ବ୍ୟକ୍ତିଗତ ପରିବେଶରେ ତାଙ୍କ ଜୀବନ୍ତ ମହାଚେତନାର ସ୍ଥୂଳ ପ୍ରଭାବ। ଆମକୁ କେବଳ ଆମର ସକୃତଜ୍ଞ ଦୃଷ୍ଟି ଖୋଲି ଏହା ଦର୍ଶନ କରିବାକୁ ହେବ। ଶ୍ରୀମା'ଙ୍କର ସାନ୍ନିଧଲାଭ ନିମିତ୍ତ ଯେଉଁ ସିଡ଼ିଟି ଥିଲା ତାହା ଅପସାରିତ ହୋଇଯାଇଛି, କିନ୍ତୁ ସେ ଆମର ଅଧିକ ନିକଟତର ହୋଇଛନ୍ତି, ସାମାନ୍ୟ ଉର୍ଦ୍ଧ୍ୱାରୋହଣହିଁ ଆମକୁ ପୁନଶ୍ଚ ତାଙ୍କର ପ୍ରେମାପ୍ଲୁତ ବାହୁ ନିକଟରେ ପହଞ୍ଚାଇ ଦେବ।

ଯେହେତୁ ତାଙ୍କର ଯେଉଁ ସ୍ଥୂଳ ଶରୀର ଉପରେ ଆମେ ସମ୍ପୂର୍ଣ୍ଣଭାବେ ନିର୍ଭର କରିଥିଲୁ, ବର୍ତ୍ତମାନ ତାହାର ଆଶ୍ରୟ ଆମେ ହରାଇଛୁ, ତେଣୁ ଯାହା ଯଥାର୍ଥ ଆଶ୍ରୟ ତାହାର ସନ୍ଧାନ କରିବାକୁ ଆମେ ଆଜି ବାଧ୍ୟ। ସେହି ଆଶ୍ରୟ ହେଉଛି ତାଙ୍କର ଚେତନାର ଆଶ୍ରୟ, ଆନ୍ତର ସତ୍ୟର ଆଶ୍ରୟ– ତାଙ୍କର ଆନ୍ତର ଉପସ୍ଥିତି, ତାଙ୍କର ଜୀବନ୍ତ ଆନ୍ତର ବ୍ୟକ୍ତିତ୍ୱ–ଯାହାର ପ୍ରତିନିଧିତ୍ୱ କରୁଥିଲା ତାଙ୍କର ଶରୀର, ଯାହାର ସାନ୍ନିଧ୍ୟର ସଦୁପଯୋଗ ନିମିତ୍ତ ଆମ୍ଭେମାନେ ସଜାଗ ଓ ସଚେଷ୍ଟ ନଥିଲୁ। ବର୍ତ୍ତମାନ ଆମ ପାଇଁ ରହିଛି ଏହି ଏକମାତ୍ର ଲଭ୍ୟ ପଥ। ଏହା ନିଃସନ୍ଦେହ ଯେ ଏହି ପଥ ଅତି କଷ୍ଟସାଧ୍ୟ; ତାଙ୍କର ଶରୀରର ସହାୟତାରେ ଆମେ ଶିଶୁକ୍ରୀଡ଼ା ସଦୃଶ ଅତି ସହଜରେ ଚେତନାର ସିଡ଼ିରେ ଆରୋହଣ କରିପାରିଥା'ନ୍ତୁ। ବର୍ତ୍ତମାନ ଆମ ନିଜ ପନ୍ଥାରେ ଯିବା ଲାଗି କିଛି ଅଧିକ ତପସ୍ୟା ଆବଶ୍ୟକ। ତପସ୍ୟା ଆବଶ୍ୟକ ହେବ–ତାଙ୍କରି ନିଜ ଚେତନାର ସ୍ତର ନିକଟକୁ ଆମର ବାହ୍ୟ ଜୀବନ ଓ ସ୍ଥୂଳ ଚେତନାକୁ ଉନ୍ନୀତ କରିବା ନିମିତ୍ତ, ଏସବୁକୁ ସେଥିପାଇଁ ପ୍ରସ୍ତୁତ ଓ ତତ୍ପର କରିବା ନିମିତ୍ତ। ତାଙ୍କର ଭୌତିକ ଶରୀର ଥିଲା ଏକ ସର୍ତ୍ତହୀନ ସାହାଯ୍ୟ ଓ ସୁରକ୍ଷା ନିମିତ୍ତ ଆମ ପାଇଁ ଏକ ସୁବର୍ଣ୍ଣ ସୁଯୋଗ, ବର୍ତ୍ତମାନ ଏସବୁ ହୋଇଉଠିବ ସର୍ତ୍ତାଧୀନ–ସର୍ତ୍ତ ହେଲା ଆମର ସ୍ୱେଚ୍ଛାପୂର୍ଣ୍ଣ ସହଯୋଗ, ଆମର ସାନନ୍ଦ ଓ ସଚେତ ସାହଚର୍ଯ୍ୟ–ଅବଶ୍ୟ ତାଙ୍କର ଦିବ୍ୟକୃପା ସର୍ବଦା ବିଦ୍ୟମାନ। ଯେତେବେଳେ ଆମର ସଙ୍କଟକାଳ ଆସନ୍ନ ସେତେବେଳେ ସେ ଥରେ ସ୍ପଷ୍ଟତଃ ଲକ୍ଷ୍ୟ କରି ଆମକୁ ପଚାରିଥିଲେ– "ତୁମ୍ଭେମାନେ ପ୍ରସ୍ତୁତ ଅଛ କି ?" ପ୍ରାୟ ନଭାବି ନଚିନ୍ତି, ଦୁଃସାହସ ଓ ବୀରତ୍ୱର ଛଳନା ଦେଖାଇ ଅନେକ ଉତ୍ତର ଦେଲେ– "ହଁ, ଆମ୍ଭେମାନେ ପ୍ରସ୍ତୁତ।" କିନ୍ତୁ ବାସ୍ତବରେ ଆମେ ପ୍ରସ୍ତୁତ ନଥିଲୁ।

ତେବେ ବର୍ତ୍ତମାନ ଆମ ପାଇଁ ଏବଂ ପୃଥିବୀ ପାଇଁ ଯେଉଁ କଠିନ କାର୍ଯ୍ୟସାଧନ କରିବାକୁ ଅଛି, ତାହାହେଲା ନିଜକୁ ପ୍ରସ୍ତୁତ କରିବା, ଅର୍ଥାତ୍ ଆମର ଭୌତିକ ସତ୍ତା ଓ ଚେତନାକୁ ପୁରାତନ ପ୍ରତିକ୍ରିୟାସବୁରୁ ମୁକ୍ତ କରିବା; ସେସବୁ ମଧରେ ଶ୍ରୀମା'ଙ୍କ ଚେତନା, ଯେଉଁ ଚେତନା ଦ୍ୱାରା ବର୍ତ୍ତମାନ ସୁଦ୍ଧା ସେ ଆମକୁ ଆଲିଙ୍ଗନ କରିଅଛନ୍ତି, ସେଇ ଚେତନାର ଅନୁପ୍ରବେଶ କରାଇବା, ଯାହାଫଳରେ ଯେତେବେଳେ ଆମ ପାଇଁ ପୁନରାହ୍ୱାନ ଆସିବ– ଯଦିଓ ସେହି ଆହ୍ୱାନ ସର୍ବଦା ରହିଛି– ସେତେବେଳେ ଆମ ମୁଖରୁ ସଦୁତ୍ତର ନିର୍ଗତ ହେବ– "ଆମେ ପ୍ରସ୍ତୁତ।"

❖ ❖ ❖

ବିନମ୍ର ହେବାର ଅର୍ଥ ବ୍ୟକ୍ତି ନିଜେ ଯାହା ସେ ସମ୍ବନ୍ଧରେ ତା'ର ଯଥାଯଥ ବିଚାର ରହିବା ଉଚିତ ଏବଂ କେବେ ବି ଭୁଲିବ ନାହିଁ ଯେ ତା'ର କୃତି ଯାହା ବି ହେଉ ନା କାହିଁକି ଭଗବାନଙ୍କ ଇଚ୍ଛା ପୂରଣ ପାଇଁ ତାକୁ ଯାହା କରିବାକୁ ହେବ ତା' ତୁଳନାରେ ସେସବୁ ବାସ୍ତବରେ କିଛି ନୁହେଁ।

**ଶ୍ରୀମା**

# ଏକ ଭାଷଣ ଓ ପ୍ରଶ୍ନୋତ୍ତର

**ଶ୍ରୀ ମାଧବ ପଣ୍ଡିତ**

**(୨୮.୧୧.୧୯୭୩)**

ସେହିଦିନ (୧୭.୧୧.୭୩) ସନ୍ଧ୍ୟା ୭.୨୫ ମିନିଟରେ ଆପଣମାନେ ଜାଣନ୍ତି ମା' ଶରୀର ତ୍ୟାଗ କଲେ। କୁହାଯାଏ ତାଙ୍କ ଶରୀର ତ୍ୟାଗର କାରଣ ଥିଲା ହୃତ୍‌କ୍ରିୟା ବନ୍ଦ ହୋଇଯିବା କିନ୍ତୁ ମୁଁ ଆପଣମାନଙ୍କୁ କହୁଛି ହୃତ୍‌କ୍ରିୟା ବନ୍ଦ ହେବା ତାହାର କାରଣ ନଥିଲା, ବରଂ ଶରୀର ତ୍ୟାଗର ଏହା ଥିଲା ପରିଣତି। ସେ ସ୍ଥିର କରି ସାରିଥିଲେ, ଯେଉଁ ମୁହୂର୍ତ୍ତରେ ଅନ୍ୟ ଶରୀରଟି ପ୍ରସ୍ତୁତ ହୋଇଗଲା ସେ ତା' ମଧ୍ୟକୁ ଚାଲିଗଲେ।

ମା' ମୃତ୍ୟୁବରଣ କରି ନାହାନ୍ତି, ସେ କେବଳ ତାଙ୍କର ଶରୀର ପରିବର୍ତ୍ତନ କରିଛନ୍ତି। ଗୀତାରେ ବର୍ଣ୍ଣିତ ଆତ୍ମା ଯେପରି ଶରୀର ପରିବର୍ତ୍ତନ କରେ ସେପରି ନୁହେଁ, କିନ୍ତୁ ସଚେତନ ଭାବେ ତାଙ୍କ ପୂର୍ଣ୍ଣ ବ୍ୟକ୍ତିତ୍ୱ ରକ୍ଷା କରି ସେ ସେହି ଶରୀର ମଧ୍ୟକୁ ଚାଲିଗଲେ। ସେଦିନର ମୋର ଅଭିଜ୍ଞତା ଅନୁଯାୟୀ ମା' ସେହି ନୂତନ ଶରୀର ମଧ୍ୟରେ ଥାଇ ତାଙ୍କ ପ୍ରତି ଉନ୍ମୁକ୍ତ ତାଙ୍କର ଯନ୍ତ୍ରମାନଙ୍କ ଦ୍ୱାରା ଅତିମାନସର ଅବତରଣଜନିତ ପରିଣାମକୁ ତ୍ୱରାନ୍ୱିତ କରିବେ। କିନ୍ତୁ ଏଣିକି ମା'ଙ୍କର କାର୍ଯ୍ୟ ଆଶ୍ରମ କିମ୍ବା ଅରୋଭିଲ୍‌ରେ ସୀମାବଦ୍ଧ ରହିବ ନାହିଁ, ସମଗ୍ର ପୃଥିବୀ ହେବ ତାଙ୍କର ଆଶ୍ରମ। ପରଦିନ ରେଡ଼ିଓରେ ମୁଁ ଯାହା କହିଥିଲି, "ମା' ଯେଉଁ ଦିବ୍ୟ ପ୍ରେମର ସାଗର ଥିଲେ ତାହା ବର୍ତ୍ତମାନ ମହାସାଗର ରୂପରେ ଉଦ୍‌ବେଳିତ।" –ଏକଥା ଏକ ଧାରଣା କିମ୍ବା କଳ୍ପନା ନୁହେଁ, ବରଂ ଏକ ଅଭିଜ୍ଞତା।

ମୁଁ ଏ ସମ୍ବନ୍ଧେ ନିଶ୍ଚିତ ଯେ ଆପଣମାନେ ସମସ୍ତେ ମା'ଙ୍କର ଉପସ୍ଥିତି ଅନୁଭବ କରିପାରୁଥିବେ। ତାଙ୍କର ଉପସ୍ଥିତି ଯେପରି ଅନୁଭୂତ ହେଉଛି ଅନ୍ୟ କୌଣସି ମୃତ ବ୍ୟକ୍ତିଙ୍କର ସେପରି ହୋଇପାରିବ ନାହିଁ। ଆଶ୍ରମ ବାତାବରଣରେ ଆପଣମାନେ କୌଣସି ଆତଙ୍କ ଅନୁଭବ କରୁଛନ୍ତି କି? ଦୁଇହଜାର ଲୋକ ତାଙ୍କର ନେତାଙ୍କୁ ହରାଇ ଯେଉଁ ଶାନ୍ତି ଓ ସ୍ଥିରତା ଅନୁଭବ କରୁଛନ୍ତି ତାହା ଆପଣମାନେ କଳ୍ପନା କରିପାରୁଛନ୍ତି ତ? ଦୁଃଖର ଚିହ୍ନ ଅଛି କି? ତଥାପି ସ୍ଥୂଳ ବିଚ୍ଛେଦର କିଛିଟା ଯନ୍ତ୍ରଣା ରହିଛି, କିନ୍ତୁ ସେ ତ ସବୁବେଳେ ଉପସ୍ଥିତ ଅଛନ୍ତି। ହଜାର ହଜାର ଭକ୍ତ ଯେଉଁମାନେ ମା'ଙ୍କ ଶରୀରତ୍ୟାଗ ପରେ ଦର୍ଶନ ଲାଗି ଆସିଥିଲେ ସେମାନେ କହୁଥିଲେ: "ଆମ୍ଭେମାନେ ଅତିଶୟ ଦୁଃଖ ଓ ଅବସାଦଗ୍ରସ୍ତ ହୋଇପଡ଼ିଥିଲୁ, ଆମେ ଜାଣିପାରିଲୁ ନାହିଁ କ'ଣ କରିବାକୁ ହେବ। ଯାହା ପାଇଲୁ– ଉଡାଜାହାଜ, ଟ୍ରେନ୍, ବସ୍, କାର– କିଛି ବିଚାର ନକରି ସେଥିରେ ପଳାଇ ଆସିଲୁ।" ସେମାନେ କହନ୍ତି ଯେ ସେମାନେ ଏଠି ପହଞ୍ଚିବାର ଅଧ ଘଣ୍ଟାଏ କିମ୍ବା ଘଣ୍ଟାଏ ପରେ ସେମାନଙ୍କର ଦୁଃଖ ପୋଛି ହୋଇଯାଇଛି। ସେମାନେ ଭାବିଲେ ସେମାନଙ୍କର ଆସିବା ସାର୍ଥକ ହୋଇଛି। ମା' କୁଆଡ଼େ ଯାଇ ନାହାନ୍ତି। ଏଠାରେ ଅଛନ୍ତି। 'ସେ ଏଠାରେ ଅଛନ୍ତି' ଅର୍ଥ ଏଇ ପୃଥିବୀରେ ଅଛନ୍ତି।

ମା' ଆମ୍ଭମାନଙ୍କୁ ଏ ନିର୍ଭର ପ୍ରତିଶ୍ରୁତି ଦେଇଛନ୍ତି ଯେ ଶ୍ରୀଅରବିନ୍ଦ ସୂକ୍ଷ୍ମଭୌତିକ ଜଗତରେ ତାଙ୍କ ଅତିମାନସ ଶରୀରରେ ରହିଛନ୍ତି ଓ ପୃଥିବୀରେ ଅଭିବ୍ୟକ୍ତ ହେବା ନିମନ୍ତେ ଅନୁକୂଳ ଅବସ୍ଥାକୁ ଅପେକ୍ଷା କରି ରହିଛନ୍ତି। ପୃଥିବୀର ଉପାଦାନ ପରିବର୍ତ୍ତିତ ନ ହେଲେ ସେ ଶରୀର ଏଠାରେ କାର୍ଯ୍ୟ କରିପାରିବ ନାହିଁ। ମା' ଯେଉଁ ନୂତନ ଶରୀର ଗ୍ରହଣ କରିଛନ୍ତି ତାହା ପୃଥିବୀର ନିକଟତର। ସୂକ୍ଷ୍ମଭୌତିକ ଜଗତରେ ଶ୍ରୀଅରବିନ୍ଦଙ୍କ ଅତିମାନସ ଶରୀର ଓ ଏହି ପାର୍ଥିବ ଜଗତ ମଧ୍ୟରେ ମା' ଏକ ସେତୁ ହେବାକୁ ଯାଉଛନ୍ତି। ଶ୍ରୀଅରବିନ୍ଦ ସାବିତ୍ରୀରେ ମା'ଙ୍କ ସମ୍ବନ୍ଧେ କହିଛନ୍ତି :

ସ୍ୱର୍ଣ୍ଣମୟ ସେତୁ ସିଏ ଅଦ୍ଭୁତ ବହ୍ନି।

(She is the golden bridge, the wonderful fire.)

ଆମ୍ଭେମାନେ ଯେଉଁମାନେ ତାଙ୍କରି ଲକ୍ଷ୍ୟ ପୂରଣ ନିମିତ୍ତ ତାଙ୍କ ପ୍ରତି ବିଶ୍ୱସ୍ତ ଓ ଆମଠାରୁ ଯେଉଁ ପୂର୍ଣ୍ଣତା ସେ ଚାହୁଁଛନ୍ତି ତାକୁ ହାସଲ କରିବା ନିମିତ୍ତ ଜୀବନର ପ୍ରତିଟି ମୁହୂର୍ତ୍ତ ଉତ୍ସର୍ଗ କରିବାକୁ ସଙ୍କଳ୍ପବଦ୍ଧ, ସେଇମାନଙ୍କ ପାଇଁ ଊର୍ଦ୍ଧ୍ୱରୁ ଯାହାକିଛି ଆସିବ ତା'ରି ସେତୁରୂପେ କାର୍ଯ୍ୟ କରୁଛନ୍ତି। ସେ ଆମ୍ଭମାନଙ୍କ ପାଇଁ ଯାହା କରିଛନ୍ତି ସେଥିନିମନ୍ତେ କୃତଜ୍ଞତା ଜଣାଇବାର ଏକମାତ୍ର ଉପାୟ ହେଉଛି ଆମେ ଆମର ନିଜ ନିଜ ଧାରା ଅନୁଯାୟୀ ତାଙ୍କୁହିଁ ଆମ୍ଭମାନଙ୍କ ମଧ୍ୟରେ ଜୀବନ୍ତ ଜାଗ୍ରତ ରଖି ଆମର ସତ୍ତାରେ ପ୍ରକାଶିତ ହେବାକୁ ହେବ।

ସମଗ୍ର ପୃଥିବୀକୁ ଆଚ୍ଛାଦିତ କରି ସେ ଅଛନ୍ତି। ଯେଉଁମାନଙ୍କର ତାଙ୍କ ପ୍ରତି ଉନ୍ମୀଳନ, ପ୍ରେମ ଓ ଭକ୍ତି ରହିଛି, ବନ୍ୟା ଭଳି ସେମାନଙ୍କ ମଧ୍ୟକୁ ତାଙ୍କର ଚେତନା, ପ୍ରେମ ଓ ଶକ୍ତି ପ୍ରବେଶ କରୁଛି। ସେଇ ସମ୍ପର୍କ ବଜାୟ ରଖନ୍ତୁ ଓ ତାଙ୍କ ନିମନ୍ତେ ଏକ ପ୍ରେମପୂର୍ଣ୍ଣ ଭାବ ପୋଷଣ କରନ୍ତୁ। କୃତଜ୍ଞତା ଭରା ଆନନ୍ଦ ସହ ତାଙ୍କରି ଚେତନା ମଧ୍ୟରେ ବାସକରନ୍ତୁ। ତାଙ୍କ ପାଇଁ ମୃତ୍ୟୁ ନାହିଁ।

ମୋର ମନେପଡ଼େ ଏହି ୧୯୭୩ ମସିହା ଫେବୃୟାରୀ ୨୧ ତାରିଖ ମା'ଙ୍କ ଜନ୍ମଦିନରେ ଯେତେବେଳେ ମୁଁ ତାଙ୍କୁ ସାକ୍ଷାତ କରିଥିଲି ସେତେବେଳେ ସ୍ୱତଃସ୍ଫୁର୍ତ୍ତ ଭାବରେ ମୁଁ ତାଙ୍କୁ କହିପକାଇଥିଲି, "ଯଦି ମୋର ଜୀବନ ବିନିମୟରେ ଆପଣଙ୍କର ଭୌତିକ ପରମାୟୁ ଗୋଟିଏ ଦିନ ବି ବଢ଼ିଯାଇ ପାରେ ତେବେ ଅନୁଗ୍ରହ କରି ଏ ଜୀବନ ଗ୍ରହଣ କରନ୍ତୁ।" ସେ କିଛି ସମୟ ଅନ୍ତରକୁ ଚାଲିଗଲେ ଓ ମୋର ହାତକୁ ଧରି କହିଲେ, "ଜୀବନ ଚିରନ୍ତନ।"

ସେ ଶାଶ୍ୱତ ମଧ୍ୟରେ ବାସ କରୁଥିଲେ। ସେ କେବଳ ପାର୍ଥିବ ସ୍ଥାନ କାଳ ମଧ୍ୟରେ ଆବଦ୍ଧ ନଥିଲେ। ତାଙ୍କର ଜୀବନ ଓ କର୍ମ ନିମନ୍ତେ ସବୁବେଳେ ରହିଥିଲା ଏକ ଭିନ୍ନ ପରିସୀମା। ମୋ ଭଳି ଅନ୍ୟଜଣେ କର୍ମୀଙ୍କୁ ସେ ଥରେ କହୁଥିଲେ, "ଯଦି ମୁଁ ବର୍ତ୍ତମାନ କିଛି କୁହେ ତେବେ ଅନୁଗ୍ରହ କରି ସେଇ କଥାକୁ ଅଧଘଣ୍ଟାଏ ପରେ ଯେପରି ମୋ ନାମଦେଇ ଉଦ୍ଧାର ନକର, କାରଣ ସେଇ ଅଧଘଣ୍ଟାଏ ଭିତରେ ମୁଁ ୫୦୦ ମାଇଲ ଆଗକୁ ଚାଲିଯାଇଥିବି।"

ଏହା ବହୁ ବର୍ଷ ପୂର୍ବର କଥା। ତାଙ୍କ ଯଥାର୍ଥ ବ୍ୟକ୍ତିତ୍ୱର କିଛି କିଛି ଆଭାସ ସେ ଏଇରୂପେ ଆମକୁ ଦେଇଥିଲେ। ଥରେ ଜଣେ ବ୍ୟକ୍ତି ତାଙ୍କ ସହ କଥାବାର୍ତ୍ତା କରୁଥିଲେ, ସେଇ ସମୟରେ ମୁଁ ସେଠାରେ ଉପସ୍ଥିତ ଥିଲି। ସେ ତାଙ୍କୁ କହୁଥିଲେ, "ତୁମେ କ'ଣ ଦେଖିପାରୁନା ଯେ ମୋର ଯେଉଁ ଅଂଶଟି ଏଠାରେ ଅଛି।" ଏଇସବୁ କଥାରୁ ଆପଣମାନେ ସହଜରେ ତାଙ୍କର ଅତିଭୌତିକ ଦିଗ ସମ୍ବନ୍ଧେ ଜାଣିପାରୁଥିବେ। ମୋର ସେ ସମ୍ବନ୍ଧେ ବିଶେଷ କିଛି କହିବା ଆବଶ୍ୟକ ନାହିଁ। ଆପଣମାନଙ୍କର ସମସ୍ତଙ୍କର ତାଙ୍କ ଉପରେ ବିଶ୍ୱାସ ଓ ଭରସା ଅଛି; ତେଣୁ ଆପଣମାନଙ୍କ ଆଗରେ କିଛି ପ୍ରମାଣ କରି ବୁଝାଇବା ଲାଗି ମୁଁ ଏହା କହୁ ନାହିଁ, କେବଳ ଆପଣମାନେ ଏକଥା ଶୁଣିବାକୁ ଭଲପାଇବେ ବୋଲି କହୁଛି।

ଅଧ୍ୟାତ୍ମ ଶକ୍ତିକୁ ବ୍ୟବହାରିକ ଦିଗରେ ପ୍ରୟୋଗ କରିବା ଦୃଷ୍ଟିରୁ ମା'ଥିଲେ ଅତୁଳନୀୟ। ମୁଁ ନିଜକୁ ଜଣେ ଅଧ୍ୟାତ୍ମ ଯୁକ୍ତିବାଦୀ ହିସାବରେ ପରିଚୟ ଦିଏ। ମୋର ଯେତିକି ସାଧାରଣ ବୋଧ ରହିଛି ତାକୁ କିଛି ସ୍ପର୍ଶ ନକଲେ ମୁଁ କିଛି ଗ୍ରହଣ କରେ ନାହିଁ। ମୁଁ ଆପଣମାନଙ୍କୁ ଏକଥା ଦୃଢ଼ତାର ସହ କହୁଛି ଏବଂ ତାଙ୍କ ଶ୍ରୀଚରଣରେ ୩୫ବର୍ଷ ସେବକଭାବେ କଟାଇବା ପରେ ମୁଁ କହିବାକୁ ଗର୍ବ ଅନୁଭବ କରୁଛି ଯେ ସେ କେବେ ବି ମୋତେ କୌଣସି କଥା ବିଶ୍ୱାସରେ ଗ୍ରହଣ କରିଯିବାକୁ କହି ନାହାନ୍ତି। ମୁଁ ହୁଏ କିମ୍ବା ଯେ କେହି ବ୍ୟକ୍ତି ହେଉ, ତାଙ୍କୁ କିଛି ପଚାରିଲେ, ସବୁ କାମ ବନ୍ଦ କରି ସେ ଗୋଟିଏ ପିଲାକୁ ବୁଝାଇଲା ଭଳି ସବୁ ଟିକିନିଖି କରି ବୁଝାନ୍ତି ସତେ ଯେପରି ସମଗ୍ର ଶାଶ୍ୱତ ଆମ ସମ୍ମୁଖରେ ବିଦ୍ୟମାନ। ତାଙ୍କ ବାଣୀ ହେଉ କିମ୍ବା ତାଙ୍କ କାର୍ଯ୍ୟ ହେଉ ସେ ସମ୍ବନ୍ଧେ ତନ୍ନ ତନ୍ନ କରି ବୁଝାଇଦେବାକୁ ସେ କେବେ ବି ମନାକରନ୍ତି ନାହିଁ।

ଯେ ମା'ଙ୍କୁ ଓ ମା'ଙ୍କର ବ୍ୟକ୍ତିତ୍ୱକୁ ବୁଝିପାରିଛି ତା' ପାଇଁ କୌଣସି ସମସ୍ୟା ନାହିଁ। ଏ ଆଦର୍ଶ ମହାନ୍, ମହାନ୍ ଏହାର ଗୁରୁ। ସଫଳତା ବିଫଳତାର ପ୍ରଶ୍ନ ଏଠି ଉଠୁ ନାହିଁ, ଯେଉଁ ବିଧିନିର୍ଦ୍ଦିଷ୍ଟ କାର୍ଯ୍ୟ ସେମାନେ କରିବାକୁ ଆସିଥିଲେ ତାହା କରିଗଲେ। ସତର ବର୍ଷ ଧରି (ଫେବୃୟାରୀ ୨୯, ୧୯୫୬ର ଅତିମାନସ ଅଭିବ୍ୟକ୍ତି ପରଠାରୁ) ଏହି ଆଦର୍ଶ ପୃଥିବୀ ସାରା ବ୍ୟାପିବାରେ ଲାଗିଛି ଓ ଏହା ନିରବିଚ୍ଛିନ୍ନ ଭାବେ ବ୍ୟାପିବାରେ ଲାଗିରହିବ। ଆମ୍ଭମାନଙ୍କର ପ୍ରତ୍ୟେକଙ୍କର ରହିଛି ଏକ କର୍ତ୍ତବ୍ୟ। ତାହା ହେଉଛି ପୂର୍ଣ୍ଣାଙ୍ଗ ଜୀବନର ମହାନ୍ ଆଦର୍ଶ, ମାନବଜୀବନର ଦିବ୍ୟ ଜୀବନରେ ରୂପାନ୍ତର, ଆମର ବିକାଶ-ପ୍ରାପ୍ତ ଅଂଶରେ - ତାହା ଯେତେ କ୍ଷୁଦ୍ର ହେଉ ପଛେ– ସତ୍ୟ ଚେତନାର ଅଭିବ୍ୟକ୍ତି ଆଦି ଉଦ୍ଦେଶ୍ୟ କାର୍ଯ୍ୟକାରୀ କରିବା। ବର୍ତ୍ତମାନ ମୁହୂର୍ତ୍ତରେ ଆଉ ଅଧିକ କିଛି ମୁଁ କହୁନାହିଁ।

❖ ❖ ❖

କୃତଜ୍ଞ ହେବାର ଅର୍ଥ, ଭଗବାନଙ୍କର ବିଚିତ୍ର କୃପା ଯେ ବ୍ୟକ୍ତିକୁ ତା'ର ବ୍ୟକ୍ତିତ୍ୱ, ତା'ର ଅଜ୍ଞାନତା, ତା'ର ଭୁଲ ବୁଝାମଣା ଏବଂ ତା'ର ଅହଙ୍କାର ଓ ଏ ସବୁର ବିରୋଧ ତଥା ବିଦ୍ରୋହ ସତ୍ତ୍ୱେ ସବୁଠାରୁ କ୍ଷୁଦ୍ର ପଥ ଦେଇ ତା'ର ଦିବ୍ୟଲକ୍ଷ୍ୟ ଦିଗରେ ନେଇଚାଲେ– ଏକଥା କେବେ ବି ଭୁଲିବାକୁ ହେବ ନାହିଁ।

**ଶ୍ରୀମା**

# ମା'ଙ୍କ ଦୂତ

## ଶ୍ରୀ ପୃଥ୍ୱୀନ୍ଦ୍ରନାଥ ମୁଖୋପାଧ୍ୟାୟ

ଆଜକୁ ପ୍ରାୟ ଚାଳିଶବର୍ଷ ପୂର୍ବର କଥା । ପ୍ରଥମ ଦିନ ମା'ଙ୍କର ଚରଣ ସ୍ପର୍ଶ କରି ଆଶ୍ରମ ମଧରେ ଆସି ପହଞ୍ଚିଛି– ଏମିତି ସମୟରେ ଉଜ୍ଜ୍ୱଳ ଶୁଭ୍ର ସାଢ଼େ ପାଞ୍ଚହାତ ଆଲୋକସ୍ତମ୍ଭ ଭଳି ସମ୍ମୁଖରେ ଆସି ଯେଉଁ ମଣିଷଟି ଠିଆ ହେଲେ, ଜାଣିବାକୁ ପାଇଲି ସିଏ ହିଁ ବହୁବିଦିତ ନଳିନୀକାନ୍ତ ଗୁପ୍ତ । ସମସ୍ତଙ୍କର ନଳିନୀଦା । ସେଦିନ ମୋର ସୁଖ-ଦୁଃଖର ସାଥୀ ସୁଧୀର ଦାଦୁ (ସରକାର) କହି ଦେଇଥିଲେ, "ମନର ଯା କିଛି କଥା କାହାକୁ କୁହନ୍ତିନି, ମା'ଙ୍କୁ ହିଁ ଏକମାତ୍ର କହିପାରୁ । ମା' ଯଦି ଦୈବାତ୍ ପାଖରେ ନଥାନ୍ତି । ଏଇ ନଳିନୀର ଦ୍ୱାରସ୍ଥ ହେବୁ– ଦେଖିବୁ ମା' ସାଙ୍ଗେ ସାଙ୍ଗେ ତୋର କଥା ଜାଣିବାକୁ ପାଇଛନ୍ତି ।" ଆଉ ଗୋଟିଏ ବିଷୟ ସଚେତନ କରାଇ ଦେଇଥିଲେ ସୁଧୀର ଦାଦୁ: "କଥା କହୁ କହୁ ଯଦି ଦେଖୁ ନଳିନୀ ଚୁପ୍ ରହିଯାଇଛି ତେବେ ଟିକେ ଧୈର୍ଯ୍ୟ ଧରିବୁ; କାରଣ, ବାହାରେ ନୀରବ ରହି ନଳିନୀ ସେତେବେଳେ ଅନ୍ତରରେ ମା'ଙ୍କ ସହିତ କଥା କହୁଥାଏ ।"

ବାସ୍ତବିକ ସେ ଯୁଗରେ ଭାରି ମଧୁର ଥିଲା ଆଶ୍ରମ ଜୀବନ । ଖେଳ ସାଥୀ ହିସାବରେ, ପାଠ ପରିଚାଳିକା ହିସାବରେ, ଭଲ ମନ୍ଦର ଦ୍ୱନ୍ଦ୍ୱ ଉପଲକ୍ଷ୍ୟେ ମା' ତ ନିଜକୁ ସର୍ବଦା ଆମର ହାତ ପାଖରେ ରଖିଥିଲେ – ଆଉ ଥିଲେ ଅତ୍ୟନ୍ତ ସୁହୃଦ୍ର ଭୂମିକାରେ ଏମିତି ସବୁ ବ୍ୟକ୍ତି, ଯାହାଙ୍କର ଜୋତାର ଫିତା ବାନ୍ଧି ଦେବାର ଯୋଗ୍ୟତା ଅର୍ଜନ କରାଯାଇଥାଆନ୍ତା ବହୁ ଜନ୍ମର ତପସ୍ୟାରେ । ମା' ହୁଏତ କାହାରି ସହିତ କଥା କହୁ କହୁ ଧ୍ୟାନସ୍ଥ ହୋଇ ଯାଇଥାନ୍ତି– ପାଖରେ ବସି ପବିତ୍ରଦା ସେତେବେଳେ ଆମକୁ ଗପ ଶୁଣାଉଥାନ୍ତି, କି ଭାବରେ ତାଙ୍କର ପାଣି କଷ୍ଟର ଅଭିଜ୍ଞତା ହୋଇଥିଲା ମଙ୍ଗୋଲିଆର ଲାମାମାନଙ୍କର ପଡ଼ିଆରେ, ଅଥବା ଜାପାନର ଭୂମିକମ୍ପ ସମୟରେ କେମିତି ସେ ବଗିଚାରେ ବସି ଗଣିତ ସମାଧାନ ନେଇ ଚିନ୍ତା କରୁଥିଲେ କିମ୍ୱା ଆଇନ୍ଷ୍ଟାଇନ୍ଙ୍କ ସହିତ ଆଳାପ ମୁହୂର୍ତ୍ତରେ କିଭଳି ବେହେଲା ଶୁଣିଛନ୍ତି ବିଶ୍ୱବିଶ୍ରୁତ ସେହି ବୈଜ୍ଞାନିକଙ୍କ ପାଖରୁ । ବନ୍ଧୁ ମନୋଜ ଦାଶଗୁପ୍ତଙ୍କ ସୀତାରର ତାର ଛିଣ୍ଡି ଯାଇଛି ଶୁଣି ହନ୍ତଦନ୍ତ ସତୀର୍ଥ ଭଳି ଦୌଡ଼ି ଆସିଛନ୍ତି ଅମ୍ବୁଭାଇ ପୁରାଣୀ । ଇଂରାଜୀ-ଫରାସୀ ସାହିତ୍ୟ କ୍ଲାସରେ ନୀରଦବରଣ ଉପହାର ଦେଇଛନ୍ତି ଶଲ୍ୟ ଚିକିତ୍ସକ କିଭଳି କବି ହୋି ଉଠିଛନ୍ତି ଶ୍ରୀଅରବିନ୍ଦଙ୍କର କରୁଣା ପ୍ରସାଦରେ । ଆମ୍ଭମାନଙ୍କର ହାତର ଲେଖା କିଶୋର ପତ୍ରିକାର ସମ୍ପାଦନାର ପ୍ରସଙ୍ଗରେ ପରମ ଉତ୍ସାହରେ ନଳିନୀଦା ପରାମର୍ଶ ଦେଇଛନ୍ତି– ଯେମିତି ଜୀବନର ଏହି ପ୍ରଥମଥର ସାହିତ୍ୟ ପତ୍ରିକା ନେଇ ତାଙ୍କର କାରବାର ।

ଅଦ୍ଭୁତ ଧରଣର ଗୋଟିଏ ଟୋପି ମୁଣ୍ଡରେ, ପାର୍ଶ୍ୱବର୍ତ୍ତୀ ଅମୃତଦାଙ୍କୁ ନେଇ ଠିକ୍ ସାଢ଼େ ଏଗାରଟା କଡ଼ା (୦।-୦।) ଖରାରେ ନଳିନୀଦା ସେତେବେଳେ ଡାଇନିଂ ରୁମ୍‌କୁ ଖାଇବାକୁ ଯାଉଥିଲେ, ନଗଣ୍ୟ ଏକ ସାଧକଙ୍କ ଭଳି । ଆମ୍ଭମାନଙ୍କର ଜନ୍ମଦିନର ନିମନ୍ତ୍ରଣ ପାଇ ସେ ଦୁଇଜଣ, ଯାଆଁଳା ଭାଇ ଯେମିତି ଖାଇବାକୁ ଆସୁଥିଲେ ଘରକୁ । ପରିବେଶଣ ଡେରି ହେବା ଦେଖି ନିଜେ ସ୍ୱଳ୍ପଭାଷୀ ନଳିନୀଦା ମୋର ଅସଜଡ଼ା ଡ୍ରୟାର ସଜେଇ ଦେଇଥିଲେ– ମା'ଙ୍କର ଜଗତରେ ଶୃଙ୍ଖଳାର ବିଧାନ ହାତ କଲମରେ ପ୍ରଦର୍ଶନ କରିବାକୁ । ଗଳ୍ପଛଳରେ ବାପାଙ୍କୁ କହିଛନ୍ତି, ପଣ୍ଡିଚେରୀରେ କିଭଳି ଦେଶବନ୍ଧୁ ଚିତ୍ତରଂଜନ ଆସି ଶ୍ରୀଅରବିନ୍ଦଙ୍କୁ ଦର୍ଶନ କଲେ ।

ବିଭିନ୍ନ ପରିସ୍ଥିତିର କଲ୍ୟାଣରେ ଦିନେ ଦିନେ ଦାଦା (ପ୍ରଣବ କୁମାର) କ୍ରମଶଃ ମୋତେ ତାଙ୍କର ଘନିଷ୍ଠ ସୀମା ଭିତରକୁ ନେଇ ଧନ୍ୟ କରାଇଛନ୍ତି ମା'ଙ୍କ ସହିତ ନିବିଡ଼ତର ହେବାର ପଥରେ, ମା'ଙ୍କୁ ସମ୍ପୂର୍ଣ୍ଣ ଅନ୍ଦର ମହଲଠାରୁ ପାଇବାର ସୌଭାଗ୍ୟ ପାଇଁ ତାଙ୍କ ପାଖରେ ମୋର କୃତଜ୍ଞତା ଅପରିସୀମ, ତା' ସହିତ ଅସ୍ୱୀକାର କରି ପାରିବିନି ମୋର ବ୍ୟକ୍ତିତ୍ୱର ଉନ୍ମେଷରେ ତାଙ୍କର ପ୍ରଭାବ । କିନ୍ତୁ ସାହିତ୍ୟ – ସାଧନାର ପ୍ରଥମ ଦିଗରେ ଯେମିତି କବିତା – ରଚନାର ପ୍ରରୋଚନାରେ ପାଇଥିଲି ଦିଲ୍ଲୀପଦାଙ୍କୁ, ସେମିତି ପ୍ରଥମରୁ ନଳିନୀଦା ଦେଇଥିଲେ ମୋର ପଥ ନିର୍ଦ୍ଦେଶ । ବିଶେଷଣର ପ୍ରୟୋଗରେ ତାଙ୍କର ସାବଧାନତା ତାଙ୍କର ଜୀବନ–ଦର୍ଶନରହିଁ ଅଭିବ୍ୟକ୍ତି । ନିତାନ୍ତ ବ୍ୟକ୍ତିଗତ ହେଲେ ବି ସେଇ ଦିଗ ନିର୍ଣ୍ଣୟର ଛୋଟ ଧରଣର ସ୍ମୃତି ଆଜି ଘୋଡ଼େଇ ଦେବାକୁ ମୁଁ ଅକ୍ଷମ ।

ଯେଉଁଦିନ ମୋର ପନ୍ଦର ବର୍ଷ ପୂର୍ଣ୍ଣ ହେଲା ସେଦିନ – ଶ୍ରୀଅରବିନ୍ଦଙ୍କର "ଏଲିମେଣ୍ଟସ୍ ଅଫ୍ ଯୋଗ" ବଙ୍ଗଳା ଅନୁବାଦ କରି ମା'ଙ୍କୁ ଦେଇଥିଲି ସକାଳ ଓଳି; ବଙ୍ଗଳା ନାମଟା ନଳିନୀଦାହିଁ ଉଦ୍ଭାବନ କରନ୍ତି, "ଯୋଗର ପ୍ରଥମ ପାଦ" । ସେଦିନ ଉପର ଓଳି ମା' ମୋତେ ଜଣାଇଲେ, "ବହିଟା ନଳିନୀର ପସନ୍ଦ ହୋଇଛି; ଶୀଘ୍ର ଛପା ହେବ ।" ଇତି ମଧରେ ମା'ଙ୍କର ଆହ୍ୱାନରେ ମୁଁ ତାଙ୍କ କ୍ଲାସରେ ଯାଇ ହୃଦୟଙ୍ଗମ କରିଛି – କିପରି ଭାବରେ ଗୋଟାଏ ଧାରାରେ ବୈଜ୍ଞାନିକ ଆଉ ସାହିତ୍ୟିକର ନିଷ୍ଠା ମିଳେଇ ସେ ଶ୍ରୀଅରବିନ୍ଦଙ୍କର କ୍ଲାସରେ ଗ୍ରନ୍ଥାବଳୀ ଫରାସୀ ଭାଷାରେ ଅନୁବାଦ କରିଛନ୍ତି । ସେଇ ନଳିନୀଦା ବି ଉପସ୍ଥିତ ରହୁଥିଲେ, ଯେମିତି ରହୁଥିଲେ ପବିତ୍ରଦା ଅଧା ଡଜନ ଅଭିଧାନ କୋଳ ପାଖରେ ନେଇ । କିଶୋରମାନଙ୍କ ପାଖରେ ସାଧନାର ତତ୍ତ୍ୱ ପ୍ରସଙ୍ଗରେ ମା' ସମସ୍ତଙ୍କ ସମ୍ମୁଖରେ ରହି ଯାଇ ଜାଣିବାକୁ ଚାହିଁଛନ୍ତି, "ନଳିନୀ, ତୁମର କ'ଣ ମତ ?"

ଅବାକ୍ ଲାଗୁଥିଲା ଶ୍ରୀମା'ଙ୍କ ପାଖରେ ଏଇ ମନୁଷ୍ୟଟିର ସମାଦର ଦେଖି । ପବିତ୍ରଦାଙ୍କୁ ତ ମା' ଭଲପାଉଥିଲେ; କିନ୍ତୁ ସେଠି ମା'ଙ୍କର ଶାସନର ରୂପଟି ପ୍ରୟୋଜନ ଭଳି ଫୁଟି ଉଠୁଥିଲା – ମା'ଙ୍କର ଗାଳି ଖାଇ ନୀରବରେ ଆଖି ପୋଛୁଥିଲେ ପବିତ୍ରଦା । ମା'ଙ୍କର ଭଲ ପାଇବାର ସାଥିରେ ପ୍ରଶ୍ରୟ ପାଇଛନ୍ତି ଅମୃତଦା – ତାଙ୍କର ତୁରନ୍ତ ଜବାବର ରସିକତାରେ ଦେଖିଛି ହସୁ ହସୁ ମା'ଙ୍କର ମୁଣ୍ଡଟା ବାମ ଦିଗରେ ଢ଼ଳି ପଡ଼ିବାକୁ । ଦାଦାଙ୍କୁ ବି ମା' ଭଲପାଇବା ଦେଇଛନ୍ତି, କିନ୍ତୁ ଯେଉଁ ମୁହୂର୍ତ୍ତରେ କୌଣସି ବିଷୟରେ ଦାଦା ଗମ୍ଭୀର ହୋଇଯାଇ ଗୋଟିଏ ସିଦ୍ଧାନ୍ତ ନେଇଛନ୍ତି, ଅତ୍ୟନ୍ତ ସରଳ ବାଳିକା

ଭଳି ମା' ମାନି ନେଇଛନ୍ତି ସଙ୍ଗେ ସଙ୍ଗେ। କିନ୍ତୁ ନଳିନୀଦାଙ୍କ ସହିତ ମା'ଙ୍କର ସମ୍ପର୍କଟା ଆମକୁ ଅବାକ୍ କରୁଥିଲା। ଆମ୍ଭେମାନେ ଯେଉଁମାନେ ଅଧା-ଅଧା ଫରାସୀରେ ଦେଢ଼ଖଣ୍ଡ ବାକ୍ୟ କିଛିଦିନ ପୂର୍ବରୁ କହିବାକୁ ଶିଖିଛୁ, ମା' ସଯତ୍ନରେ କୃତାର୍ଥଙ୍କ ଭଳି ଆମ୍ଭମାନଙ୍କ ସାଥିରେ ଅନବରତ ଫରାସୀରେହିଁ କଥା କହିଛନ୍ତି, ଭୁଲ୍ ଧରି ଦେଇଛନ୍ତି, ସୁନ୍ଦର କୌଣସି ପ୍ରୟୋଗରେ ତୁଷ୍ଟ ହୋଇ ଅଭିନନ୍ଦନ ଜଣେଇଛନ୍ତି। ଅଥଚ ନଳିନୀଦାଙ୍କ ସହିତ ଇଂରାଜୀ ଛଡ଼ା ମା' କଥା କହୁନଥିଲେ। ଯେ ନଳିନୀହିଁ, ମା'ଙ୍କ ମତରେ, ଏକମାତ୍ର ଭାରତୀୟ ଯେ ନିରଙ୍କୁଶ ଫରାସୀରେ ଚିନ୍ତା କରିବାକୁ ସମର୍ଥ। ଶ୍ରୀଅରବିନ୍ଦଙ୍କ ସହିତ ତ ଇଂରାଜୀ ଭାଷାରେହିଁ ମା' କଥା କହୁଥିଲେ।

କଲିକତାର ମାସିକ 'ପାଠଶାଳା' ପତ୍ରିକାରେ ୧୯୫୨ସାଲରେ ମୁଁ ନଳିନୀଦାଙ୍କର ନିର୍ଦ୍ଦେଶରେ "ଶ୍ରୀଅରବିନ୍ଦ ଆଶ୍ରମର ଇତିବୃତ୍ତି" ଲେଖେ ଧାରାବାହିକ ପ୍ରାୟ ଦୁଇବର୍ଷ। ପ୍ରତିଟି କିସ୍ତି ପଢ଼ି ସଂଶୋଧନ କରି ନଳିନୀଦା ନିଜେହିଁ ତାହା ଛପାଇବାକୁ ପଠାଉଥିଲେ। ଗୋଟିଏ ସଂଖ୍ୟାରେ ମା'ଙ୍କର ସେତେବେଳେ ଅପ୍ରକାଶିତ ଜୀବନର ଗୋଟିଏ ପର୍ବ ପ୍ରକାଶିତ ହୋଇଛି। ଜନୈକ ସାଧକ ସର୍ବଜ୍ଞ ଭଳି ଲାଇବ୍ରେରୀର କପି 'ପାଠଶାଳା'ରେ ନାଲି ଅକ୍ଷରରେ ଟିପ୍‌ପଣୀ ଯୋଡ଼ି ଦେଲେ – ଏଗୁଡ଼ିକ ଲେଖକଙ୍କ କପୋଳ-ପ୍ରସୂତ। କପିଟି ଦେଖି ନଳିନୀଦା ସ୍ତମ୍ଭିତ; ମିନିଟଏ ଖଣ୍ଡେ ଭାବି, ତାଙ୍କ ଟେବୁଲରେ ଥିବା ସେହି ସଂଖ୍ୟାରେ ଅନ୍ୟ ଏକ କପି ମୋତେ ଦେଇ କହିଲେ: "ଏଇ କପିଟା ଲାଇବ୍ରେରୀକୁ ଦିଅ; ମୁଁ ଅମୃତକୁ ବୁଝାଇ କହିବି, ଏହି ଲେଖାରେ ଭୁଲ୍ ଟିକେ ବି ନାହିଁ।"

ଆଶ୍ରମରେ ଦିନେ ହିରଣ୍ମୟ ସେନ୍‌ଙ୍କ "ବାଘାଯତୀନ" ଜୀବନୀ ଚିତ୍ର ଦେଖା ହେଲା (ମା' ସେତେବେଳେ ଆଉ ଖେଳପଡ଼ିଆକୁ ଆସୁ ନଥିଲେ)। ଚିତ୍ର ପରିଚାଳକଙ୍କ ପ୍ରାର୍ଥନାରେ ମା' ଆଶ୍ୱାସ ଦେଲେ ଯେ ଛବିଟା ଦେଖିବାର ଆଗ୍ରହ ତାଙ୍କର ଥିବା ସତ୍ତ୍ୱେ ସଶରୀରେ ସେ ଆସି ପାରିବେନି କିନ୍ତୁ ସେ "ଉପସ୍ଥିତ" ରହିବେ। ଛବିଟି ଦେଖାଇବା ପୂର୍ବରୁ ମା'ଙ୍କ ପ୍ରସ୍ତାବରେ – ନଳିନୀଦା ଦର୍ଶକଙ୍କର ପାଖରେ ବାଘାଯତୀନ୍‌ର ପରିଚୟ ଦେଇ କହିଲେ: "ଶ୍ରୀଅରବିନ୍ଦଙ୍କ ସହିତ ଜନ୍ମ ଜନ୍ମ ଧରି ସେ ଆସିଛନ୍ତି ଭଗବାନଙ୍କର ନିର୍ଦ୍ଦିଷ୍ଟ କର୍ମ ସାଧନ କରିବାକୁ।" ପରଦିନ ଉଲ୍ଲସିତ ଇନ୍ଦୁଲେଖାଦି ମୋତେ ବୁଦ୍ଧି ଦେଲେ: ତୁମର (ନଳିନୀ) ଦାଦାଙ୍କ ପାଖରୁ ଉକ୍ତିଟି ଲେଖେଇ ନିଅ – ଇତିହାସର କାମରେ ଲାଗିବ।" କଥା ଦେଇ ବି ନଳିନୀଦା ସେଟା ଲେଖି ଦେବାକୁ ଡେରି କରୁଛନ୍ତି ଦେଖି ଦିନେ ଅଝଟ ହେଲି। ସେ ଜବାବରେ କହିଲେ: "ସେ ଥିଲେ ଯେ ପର୍ଯ୍ୟାୟରେ, ସେ ତୁଳନାରେ ଆମେ ସେତେବେଳେ ଖାଲି ପଥରେ ଗୋଡ଼ ଦେଇଛୁ। ମାନିକତଲାର ବଗିଚାରେ ଦୈବାତ୍ ସେ ଦେଖାକରିବାକୁ ଆସିଲେ ବାରୀନଦା ତାଙ୍କୁ ନେଇ ଯାଇ ନିଭୃତରେ ଆଳାପ କରୁଥିଲେ। ପ୍ରଫୁଲ୍ଲ ଚାକୀ, ମୁଁ, ନରେନ୍ଦ୍ର ଭଟ୍ଟାଚାର୍ଯ୍ୟ ସେତେବେଳେ ବି ଦୂରରୁ ତାଙ୍କୁ ସମ୍ମାନ ଜଣେଇଛୁ; ଏଇ ଇତିହାସରେ ଲେଖିଯୋଖିବାର ମୂଲ୍ୟ କମ୍। ସେମାନେ ଯାହା ଦେଇ ଯାଇଛନ୍ତି, ତାହାରି ଆଲୋକରେ ଆଉ ସବୁକିଛି ଭାସ୍ୱର। ଏହି କଥାହିଁ ମୁଁ ଲେଖିଦେବାକୁ ଚାହେଁ।"

୧୯୫୪ ମସିହା ଜାନୁୟାରୀ ୧୩ ତାରିଖରେ ନଳିନୀଦାଙ୍କୁ ତାଙ୍କ ଜନ୍ମଦିନରେ ଅର୍ଘ୍ୟ ଦେଇଥିଲି "ଆଲୁଅର ଚକୋର" ନାମରେ ଦୀର୍ଘ ଏକ କବିତା ଲେଖି। ଭଲମନ୍ଦ ଉଚ୍ଚବାଚ୍ୟ ନକରି ପରବର୍ତ୍ତୀ ସଂଖ୍ୟା "ବର୍ତ୍ତିକା" ରେ କମା ପୂର୍ଣ୍ଣଚ୍ଛେଦ ନବଦଳେଇ କବିତାଟି ଛପେଇ ରହସ୍ୟରେ ଉଦ୍ଭାସିତ ନଳିନୀଦା ମତେ ପଚାରିଲେ: "କବିତାଟିକୁ ଚିହ୍ନି ପାରୁଛ ?"

ଦୈବକ୍ରମରେ ତରୁ ଦତ୍ତଙ୍କର ଲେଖା ଗୋଟିଏ ଫରାସୀ ଉପନ୍ୟାସ ହାତକୁ ଆସିଲା ୧୯୫୫ ସାଲରେ ବଙ୍ଗଳା ଅନୁବାଦ କରି 'ମାସିକ ବସୁମତୀ'ରେ ତାହା ଛପେଇବାକୁ ଦେଲି। ପ୍ରଥମ ସଂଖ୍ୟା ପଢ଼ି ସାନନ୍ଦରେ ନଳିନୀଦା' ଡାଇନିଂରୁମ୍‌ରେ ମୋର ମା'ଙ୍କୁ ସାଧୁବାଦ ଦେଇ କହିଲେ, "ଉଷା, ତାକୁ କୁହ ମୋ ସହିତ ଦେଖା କରିବାକୁ।" "ବଙ୍କିମଚନ୍ଦ୍ର ପ୍ରସଙ୍ଗରେ ଲେଖିବାକୁ ବସି ଶ୍ରୀଅରବିନ୍ଦ ଯାହା ମନ୍ତବ୍ୟ କରନ୍ତି ତରୁ ଦତ୍ତ ସମ୍ବନ୍ଧରେ, ନଳିନୀଦା ସେଥିପ୍ରତି ମୋର ଦୃଷ୍ଟି ଆକର୍ଷଣ କଲେ। ସେଇ ଉତ୍‌କ୍ଷିପ୍ତ ବାଣୀଟି ଗ୍ରନ୍ଥାଗାରରେ ପ୍ରକାଶ ସମୟରେ ମୁଁ ବ୍ୟବହାର କରିଥିଲି।

ରବୀନ୍ଦ୍ର ପ୍ରଭାବରେ ଧନ୍ୟ କବି ହିମେନେତଙ୍କର ରଚନା ପଢ଼ିବି ବୋଲି, ମୁଁ ସ୍ପାନିଶ୍ ଶିଖୁଛି ଶୁଣି ନଳିନୀଦା' ଖୁସି; ସେ'ବି ସେଇ ଭାଷାର ଭକ୍ତ। "ପ୍ଲାତେରେ" ନାମରେ ଗଧର କାହାଣୀ ଅନୁବାଦ କରି ନଳିନୀଦାଙ୍କୁ ପଢ଼ିବାକୁ ଯେତେବେଳେ ଦେଲି – ଆଦ୍ୟପ୍ରାନ୍ତ ମୂଳଲେଖା ସାଙ୍ଗରେ ମିଳେଇ ସେ ଗୋଟିଏ ଭୂମିକା ଲେଖି ଦେଇଥିଲେ, ତା'ଆଜି ହାତ ପାଖରେ ନାହିଁ। ପ୍ରକାଶ୍ୟରେ ସେଇ ଥରକ ସେ ଟିକେ ସୁଖ୍ୟାତି କରିଥିଲେ ମୋର ସାହିତ୍ୟ ଚର୍ଚ୍ଚାର।

କଲିକତାରୁ ବିପ୍ଳବୀ ନେତା ପଞ୍ଚାନନ ଚକ୍ରବର୍ତ୍ତୀ ଆସିଲେ ୧୯୬୪ ସାଲରେ : ନଳିନୀଦା'ଙ୍କ ପାଖରୁ ସେ ଜାଣିବାକୁ ଚାହିଁଲେ – "ଶ୍ରୀଅରବିନ୍ଦଙ୍କର ସାଧନାରେ ପ୍ରକୃତରେ ମନୁଷ୍ୟର କୋଉ ଉପକାର ହେଲା ? ମତେ ବିସ୍ମୟରେ ଅଭିଭୂତ କରି ନଳିନୀଦା' ଜବାବ ଦେଲେ, "ଆଜି ଆମେ ପୃଥ୍ୱୀନର ମୁହଁରୁ ଶୁଣିବା ଏହାର ଉତ୍ତର।" ସଂକ୍ଷେପରେ ଯାହା ପାରେ ସେତିକି କହି ତାଙ୍କ ଆଡ଼କୁ ଦୀନ ଭାବରେ ଅନେଇବା କ୍ଷଣି ନଳିନୀଦା' ସ୍ୱଗତୋକ୍ତି ଭଳି ଯୋଡ଼ିଦେଲେ : "ଠିକ୍ କଥା। ଶ୍ରୀଅରବିନ୍ଦ ଚାହିଁଛନ୍ତି ଯେଉଁ ନୂତନ ଚେତନାର ସ୍ଫୁରଣ, ତାହା ଆଜି ଦିନର ଆଲୁଅ ଭଳି ପ୍ରକଟ। ତାହାପରେ ଅନବଦ୍ୟ ଭଙ୍ଗିମାରେ ମିନିଟ କୋଡ଼ିଏ ଏଇ ଦେବପ୍ରୟାସର ସେ ଯେଉଁ ବ୍ୟାଖ୍ୟା ଦେଲେ – ଜୀବନରେ ବହୁଥର ମୁଁ ଆକ୍ଷେପ କରିଛି, ସେଦିନ ତାହା ରେକର୍ଡ କରି ରଖା ହୋଇନାହିଁ ବୋଲି। ଶ୍ରୋତାର ସ୍ନାୟୁତନ୍ତ୍ରୀ ଝଙ୍କୃତ କରି ପ୍ରତିଟି ଶବ୍ଦ ଯେପରି ଗୋଟିଏ ଗୋଟିଏ ଉପଲବ୍ଧି ଭଳି ଉଦ୍ଦୀପନା ଆଣି ଦେଇଥିଲା ସେଦିନ।

ଶ୍ରୀମା'ଙ୍କର ସମ୍ମତି ଓ ଆଶୀର୍ବାଦ ନେଇ ୧୯୬୬ ସାଲରେ ଯେତେବେଳେ ମୁଁ ଫ୍ରାନ୍‌ସକୁ ଆସେ, ଦ୍ୱିଧାନ୍ୱିତ ମୋର ଚେତନାକୁ ଆଶ୍ୱସ୍ତ କରି ଏକାଧିକବାର ମା ମୋତେ ତାଙ୍କ ଚରଣପ୍ରାନ୍ତରେ ଉପସ୍ଥିତ ହେବାର ସୁଯୋଗ ଦିଅନ୍ତି ଏବଂ ସମ୍ମୁଖରେ ଯାହା କିଛି ପ୍ରତିଶ୍ରୁତି ମୋତେ ଦେଇଥିଲେ – ନିୟମିତ ପତ୍ର ବିନିମୟର ସାହାଯ୍ୟରେ ଲିଖିତ ଭାବରେହିଁ ସ୍ମରଣ କରେଇ ଦେଇଛନ୍ତି ସେସବୁର ଅଭ୍ରାନ୍ତ ସତ୍ୟ। ପବିତ୍ରଦା'ଙ୍କ ଜୀବନକାଳରେ ସେହିଁ ମନେପଡ଼େ, ପ୍ରଗାଢ଼ ସ୍ନେହରେ ସେ ଦିନେ ମୋତେ କହିଲେ: "ସତ କହିଲେ: ମୁଁ ତୁମର ଅଜା– ନଳିନୀ ତୁମର ଅଜା ନୁହେଁ କି ?"

❖ ❖ ❖

# ତୁଳସୀ ଦାସଙ୍କ ଜୀବନୀ

**ଶ୍ରୀ ରାମକୃଷ୍ଣ ଦାସ**

**ପ୍ରଶ୍ନ-** ତୁଳସୀ ଦାସଙ୍କ ରାମ ଚରିତ ମାନସ ଭାରତ ବର୍ଷରେ ଅଧିକାଂଶ ଭାଷାରେ ଅନୁବାଦ ହୋଇଛି। ହିନ୍ଦି ଅଞ୍ଚଳରେ ତ ରାମାୟଣ ପ୍ରସିଦ୍ଧ। ତାଙ୍କ ଜୀବନ ଚରିତ ସମ୍ବନ୍ଧେ କିଛି କୁହନ୍ତୁ। କେମିତି ରାମାୟଣ ରଚନା କଲେ ? ସେ ବିଷୟରେ କିଛି କୁହନ୍ତୁ।

**ବାବାଜି ମହାରାଜ-** ତୁଳସୀ ଦାସଙ୍କ ଜନ୍ମ ହୋଇଥିଲା ରାଜାପୁରରେ। ଯାହା ଅଯୋଧ୍ୟା ପାଖରୁ କିଛି ଦୂରରେ। ତାଙ୍କ ପିତା ଥିଲେ ରାଜଗୁରୁ ଓ ତାଙ୍କର ବଡ ପରିବାର ଥିଲା। ସମସ୍ତେ ଥିଲେ ପଣ୍ଡିତ। ତୁଳସୀ ଦାସଙ୍କର ଯେତେବେଳେ ଜନ୍ମ ହେଲା, ମା ଗର୍ଭରୁ ଜନ୍ମ ହେବା ସଙ୍ଗେ ସଙ୍ଗେ ସେ ରାମ କହିଥିଲେ। ତାଙ୍କର ଦୁଇଟି ଦାନ୍ତ ଉଠିଥିଲା। ସେ ମୂଳା ନକ୍ଷତ୍ରରେ ଜନ୍ମ ହୋଇଥିଲେ। ତାଙ୍କ ବଂଶରେ ତ ସବୁ ବଡ ବଡ ପଣ୍ଡିତ ଥିଲେ। ତାଙ୍କ ପିତାଙ୍କର ୨/୩ ଜଣ ଭାଇଥିଲେ। ସେ ପଣ୍ଡିତ ତାଙ୍କ ଜନ୍ମ ପତ୍ରିକା ଦେଖିକରି ବୁଝିପାରିଲେ ଯେ, ଯଦି ତୁଳସୀ ଦାସ ବଞ୍ଚିକରି ରହିବେ, ତେବେ ଏ ବଂଶରେ କେହି ରହିବେ ନାହିଁ, ସମସ୍ତେ ମରିଯିବେ। ତେଣୁ ସେ ଯଦି ମରିଯିବେ, ତେବେ ବଂଶ ରକ୍ଷା ହେବ। ଏଇ ଧାରଣା ନେଇ ସେ ଭାବିଲେ ଯେ ତୁଳସୀ ଦାସ କିପରି ମରି ଯିବେ। ଏବଂ ତାପରେ ସମସ୍ତେ ସେଇୟା ଚାହିଁଲେ। ଏକଥା ତାଙ୍କ ମା ଶୁଣି ପାରିଲେ। ତାଙ୍କ ମା ମରିବା ପୂର୍ବରୁ ଭାବିଲେ ଯେ ଯଦି ତୁଳସୀ ଦାସ ଏ ଘରେ ରହିବ, ତେବେ ତାକୁ ଖାଇବାକୁ ନଦେଇ ମାରି ଦିଆଯିବ। ସମସ୍ତେ ଭାବିଲେ ତାଙ୍କୁ କେଉଁଠାକୁ ପଠାଇ ଦେବା ଦରକାର। ସେ ଜନ୍ମରୁ ରାମ କହିବାରୁ ତାଙ୍କର ନାମ 'ରାମବୋଲା' ରଖାଗଲା। ସେ ଗ୍ରାମରେ ଚୁନିୟା ବୋଲି ଗୋଟିଏ ଦାସୀ ଥିଲା। ତୁଳସୀ ଦାସଙ୍କର ମା ଚୁନିୟାକୁ ଡାକିଲେ ଓ କହିଲେ "ମୁଁ ଆଜି ମରିଯିବି, ଆଜି ରାତିରେ ମୋର ଶରୀର ତ୍ୟାଗ ହେବ। ମୋର ଯେତେ ଅଳଙ୍କାର ସବୁ ଦେଇଯାଉଅଛି। ଏ ପିଲାଟିକୁ ନେଇଯାଅ। ତୁ ଏହାର ଲାଳନ ପାଳନ କରିବୁ। ରାତା ରାତି ତୁ ଚାଲିଯା।" ଚୁନିୟା ତୁଳସୀ ଦାସଙ୍କ ମା'ଙ୍କର ସବୁ ଅଳଙ୍କାର ନେଇଗଲେ ଓ ତୁଳସୀ ଦାସକୁ ନେଇ ତା ଶାଶୁଘରକୁ ଚାଲିଗଲେ। ତୁଳସୀ ଦାସଙ୍କର ଜନ୍ମର ତିନିଦିନ ପରେ ତାଙ୍କ ମା ମରିଗଲେ। ସମସ୍ତଙ୍କର ଧାରଣା ଆହୁରି ଦୃଢ଼ ହୋଇଗଲା ଯେ, ତୁଳସୀ ଦାସ ମୂଳା ନକ୍ଷତ୍ରରେ ଜନ୍ମ ହୋଇଛନ୍ତି ଏବଂ ପରିବାରରେ ସମସ୍ତେ ମରିଯିବେ। ଚୁନିୟା ତିନି ବର୍ଷ ପର୍ଯ୍ୟନ୍ତ ତୁଳସୀ ଦାସଙ୍କୁ ରଖିଲେ। ତୁଳସୀ ଦାସଙ୍କୁ ଯେତେବେଳେ ତିନି ବର୍ଷ ଚୂନିୟାର ଶାଶୁଙ୍କୁ ସାପ କାମୁଡ଼ିଲା ଓ ସେ ମରିଗଲେ। କିଛିଦିନ ପରେ ଚୂନିୟା ବି ମରିଗଲେ। ଲୋକଙ୍କର ବିଶ୍ୱାସ ହୋଇଗଲା ଯେ ତୁଳସୀ ଦାସ ଯେଉଁ ଯାଗାକୁ ଯିବେ ସେଠାରେ ଲୋକ ମରିବେ। ତୁଳସୀ ଦାସ ତ ଛୋଟପିଲା ୩/୪ ବର୍ଷ ହୋଇଥାନ୍ତି। ସେ ଗାଁରେ ବୁଲନ୍ତି। ଗାଁରେ କିଏ ଟିକେ ଖାଇବାକୁ ଦେଇଦେଲା, ସେ ଖାଇବେ। ଗ୍ରାମବାସୀ କହିଲେ, " ଏହାକୁ କାହା ଦୁଆର ମୁହଁରେ ରଖିବାକୁ ଦିଅନାହିଁ। ସେ ଯେଉଁଠି ରହିବ, ସେଠାରେ ସମସ୍ତେ ମରିବେ। ସେ ଗାଁରୁ ଚାଲିଯିବା ଦରକାର। ସେମାନେ ତୁଳସୀ ଦାସଙ୍କର ପିତାଙ୍କର ଘରେ ଯାଇ ପହଞ୍ଚିଲେ ଓ କହିଲେ " ତୁମ ପୁଅକୁ ତୁମେ ନିଅ।" ସେ କହିଲେ, " ସେ ଅଲକ୍ଷଣା ପିଲାକୁ ଆମେ ଆଣିବୁ ନାହିଁ।" ସେମାନେ ମନା କରିବାରୁ ଗ୍ରାମବାସୀ କହିଲେ, ସେ ଗ୍ରାମରୁ କେମିତି ଚାଲିଯାଉ। ଛୋଟ ପିଲା ତେଣୁ ମାରିବା ଠିକ୍ ହେବନି। ଖାଇବାକୁ ନ ଦେଲେ ସେ ଚାଲିଯିବ। ତେଣୁ କେହି ଖାଇବାକୁ ଦିଅନ୍ତି ନାହିଁ। ସମସ୍ତ ଗ୍ରାମବାସୀ କହିଲେ, ଏ ପିଲା ସହ କେହି ମିଶିବ ନାହିଁ, କଥାବାର୍ତ୍ତା କରିବ ନାହିଁ। କାରଣ ସେ ବହୁତ ଅଭାଗା ପିଲା, ତା'ସହ ଯିଏ କଥାବାର୍ତ୍ତା କରିବ ସିଏ ମରିଯିବ। ଏ ସକାଶେ ତାଙ୍କୁ କେହି ଦାଣ୍ଡରେ ବସିବାକୁ ଦିଅନ୍ତି ନାହିଁ। ସେ ଗୋଟିଏ ଗଛମୂଳେ ରହିଥାନ୍ତି। କିନ୍ତୁ ଶରୀର ବହୁତ ହୃଷ୍ଟପୃଷ୍ଟ ଥାଏ। ସେ ଏକ ଛୋଟପିଲା ୩/ ୪ ବର୍ଷର, ଗାଁ ଗଛମୂଳେ ଦିନରାତି ରହିବେ। ଗ୍ରାମବାସୀ କହିଲେ, "ତାକୁ ତ କେହି ଖାଇବାକୁ ଦେଉନାହାଁନ୍ତି, ତେବେ ସେ ବଞ୍ଚିଛି କେମିତି ଓ ଶରୀର ହୃଷ୍ଟପୃଷ୍ଟ ହୋଇଛି କିପରି ?" । ସମସ୍ତେ ରାତିରେ ପହରା ଦେଲେ ଦେଖିବାକୁ ଯେ କିଏ ରାତିରେ ଖାଇବାକୁ ଆଣି ଦେଉଛି। ରାତିରେ ପହରା ଦେବା ସମୟରେ ଗୋଟିଏ ଦୁଷ୍ଟ ସ୍ତ୍ରୀ ଲୋକଥିଲା। ତୁଳସୀ ଦାସଙ୍କୁ ପ୍ରତିଦିନ ପାର୍ବତୀ ଆଣି ଭୋଜନ କରେଇ ଦେଇ ଯାଉଥିଲେ। ପାର୍ବତୀ ଭୋଜନ ଦେବା ସମୟରେ ସେ ସ୍ତ୍ରୀ ଲୋକ ପାର୍ବତୀଙ୍କର ଗୋଡକୁ ଯାଇ ଧରି ପକାଇଲା। ପାର୍ବତୀ ଅନ୍ତର୍ଦ୍ଧାନ ହୋଇଗଲେ ଓ ସେହିଦିନଠାରୁ ସେ ଆଉ ଖାଇବାକୁ ଦେବାକୁ ଆସିଲେ ନାହିଁ। ତୁଳସୀ ଦାସଙ୍କୁ ସେତେବେଳେ ୪ ବର୍ଷ ହେଲାଣି। ନରହରି ଆନନ୍ଦ ନାମରେ ଜଣେ ସାଧୁ, ସିଦ୍ଧ ପୁରୁଷ ଥିଲେ। ସେ ରାମାନୁଜ ସମ୍ପ୍ରଦାୟର ଥିଲେ। ତାଙ୍କୁ ଶଙ୍କର ଭଗବାନ ସ୍ୱପ୍ନରେ କହିଲେ ତୁଳସୀ ଦାସ ଯେଉଁ ଗ୍ରାମରେ ଅଛନ୍ତି, ତାକୁ ସେଠାରେ ଲୋକ ବହୁତ ହଇରାଣ କରୁଛନ୍ତି, କେହି ଖାଇବାକୁ ଦେଉନାହାନ୍ତି। ତୁମେ ଯାଇ ତାଙ୍କୁ ନେଇ ଆସି ଶିଷ୍ୟ କର। ସେ ଭଗବାନଙ୍କର ବହୁତ କାମ କରିବେ। ଭଗବାନଙ୍କର କାର୍ଯ୍ୟକରିବା ସକାଶେ ସେ ଆସିଛନ୍ତି। ନରହରି ଆନନ୍ଦ ସେ ଗ୍ରାମକୁ ଗଲେ। ରାମବୋଲାକୁ ସେ ଦେଖିପାରିଲେ ଓ ଗ୍ରାମବାସୀଙ୍କୁ କହିଲେ "ଏହାକୁ ନେବାକୁ ଚାହେଁ, ତୁମର କିଛି ଆପତ୍ତି ଅଛିକି ?" ସେମାନେ କହିଲେ, "ଆମର ତ ଭଲ ହେଲା। ତୁମର କ'ଣ ଘର ନା ଗ୍ରାମ ନା ପରିବାର କ'ଣ ଅଛି ? ତୁମର ତ କୌଣସି ଚିନ୍ତା ନାହିଁ। ଏହାକୁ ନେଇ ଯାଅ। ତେବେ ଆମର ଗ୍ରାମ ରକ୍ଷାହେବ।" ନରହରି ଆନନ୍ଦ ପଚାରିଲେ, "କାରଣ କ'ଣ ?" ସେମାନେ କହିଲେ, " ସେ ଯେଉଁ ଯାଗାକୁ ଯାଏ ସେଠାରେ ଲୋକ ମରିବେ, ଆମ ଗ୍ରାମରେ ତ ଆପତ୍ତି ଥିଲା, ତୁମେ ନେଇଯାଅ ଭଲ ହେଲା।" ନରହରି ଆନନ୍ଦ ତାଙ୍କୁ ସାଙ୍ଗରେ ନେଇ ଆସିଲେ। ଆଯୋଧାରେ ଆସି ପହଞ୍ଚିଲେ। ସେଠାରୁ ରାଜାପୁର ବହୁତ ଦୂର ନୁହେଁ। ପ୍ରାୟ ୫୦/୬୦ ମାଇଲ ହେବ। ନରହରି ଆନନ୍ଦ ସରଯୁ କୂଳରେ ଆସି ପହଞ୍ଚିଲେ। ସ୍ନାନ କଲେ, ତୁଳସୀ

ଦାସ ମଧ ସ୍ନାନ କଲେ। ତୁଳସୀ ଦାସଙ୍କୁ ସେହିଠାରେ ସେ ଦୀକ୍ଷା ଦେବାକୁ ଚାହିଁଲେ। ଦୀକ୍ଷାଦେବା ପୂର୍ବରୁ ତୁଳସୀ ଦାସ ନିଜେ ଗାୟତ୍ରୀ ମନ୍ତ୍ର ବୋଲିଦେଲେ। ତାଙ୍କର ଏ ସ୍ୱଭାବ ପୂର୍ବ ସଂସ୍କାରବଶତଃ ଥିଲା। ଏପରି ବି ଲୋକ ଅଛନ୍ତି।

"ଜୀବନବିସ୍ତାର ହେତୁ ବାଲ୍ମୀକି ତୁଳସୀ ଦାସ ହୋୟୋ" ଅର୍ଥାତ କଳିଯୁଗରେ ଉଦ୍ଧାର କରିବା ସକାଶେ, ସ୍ୱୟଂ ବାଲ୍ମିକୀ ତୁଳସୀ ଦାସ ଅବତାର ନେଇଥିଲେ। ତାପରେ ନରହରି ଆନନ୍ଦ ସରୟୁ ନଦୀ କୂଳରେ ତାଙ୍କୁ ଦୀକ୍ଷା ଦେଲେ। ତାଙ୍କୁ ତାପରେ ନିଜେ କିଛି ପଢ଼ାଇଲେ। ସେତ କିଛ ପଢ଼ି ନଥିଲେ। ପଣ୍ଡିତ ମହାଶୟ ଅଯୋଧ୍ୟାରେ କିଛିଦିନ ରହି ତାଙ୍କୁ ପଢ଼ାଇଲେ। ପଢ଼େଇ କରି କାଶୀ ଚାଲି ଆସିଲେ। କାଶୀରେ ଜଣେ ବହୁତ ବଡ ପଣ୍ଡିତ ଥିଲେ। ସେ ତୁଳସୀ ଦାସଙ୍କୁ ଦେଖି କହିଲେ, " ଏ ପିଲାଟିକୁ ମୋତେ ଦେଇଦିଅ। ମୁଁ ଏହାକୁ ପଢ଼େଇବି।" ତୁଳସୀ ଦାସ ତାପରେ ବନାରସରେ ରହି ତାଙ୍କ ଗୁରୁଙ୍କ ଠାରୁ ସଂସ୍କୃତ ପଢ଼ିଲେ। ସଂସ୍କୃତରେ ବହୁତ ପଣ୍ଡିତ ହେଲେ। ତାପରେ ନରହରି ଆନନ୍ଦଜୀ ତାଙ୍କ ଶରୀର ତ୍ୟାଗ କଲେ। ବୃଦ୍ଧାବସ୍ଥା ହୋଇଯାଇଥିଲା। ତୁଳସୀ ଦାସ ବନାରସରୁ ଆସି ଭାବିଲେ ରାଜାପୁର, ଯେଉଁଠାରେ ସେ ଜନ୍ମ ହୋଇଥିଲେ, ସେ ଜାଗାକୁ ଦେଖିବାକୁ ଯିବେ। ଦେଖିଲେ ତାଙ୍କ ଜନ୍ମ ସ୍ଥାନରେ ଆଉ କେହି ନାହାଁନ୍ତି। ପରିବାରର ସମସ୍ତ ସଦସ୍ୟ ମରିଯାଇଛନ୍ତି। କେବଳ ସେ ଜାଗା ପଡିଛି। ତୁଳସୀ ଦାସଙ୍କୁ ଦେଖି, ଗ୍ରାମବାସୀମାନେ ଖୁବ୍ ଆଗ୍ରହ କଲେ ରହିବା ସକାଶେ। ସେଠାରେ ତାଙ୍କ ପାଇଁ ଘର ତିଆରି କରିଦେଲେ। ତୁଳସୀ ଦାସ ସେହିଠାରେ ରହିଲେ। ତାପରେ ସେଠାରେ ରହି ସେ ବାଲ୍ମିକୀ ରାମାୟଣ କଥା କୁହନ୍ତି। କିଛିଦିନ ଯିବାପରେ ଜଣେ ବ୍ରାହ୍ମଣ ଆସି ତୁଳସୀ ଦାସଙ୍କୁ କହିଲେ, ମୋତେ ଭଗବାନଙ୍କର ଆଦେଶ ହୋଇଛି ଯେ , ମୋର କନ୍ୟାକୁ ତୁମେ ବିବାହ କର। ତୁଳସୀ ଦାସ କହିଲେ, "ଆଶ୍ଚର୍ଯ୍ୟକଥା ! ସାଧୁ ବିବାହ ହେବାକୁ ଚାହିଁବେ ?। ସେ ବ୍ରାହ୍ମଣ କହିଲେ, "ତୁମେ ଯଦି ବିବାହ ନ କରିବ, ମୁଁ ଏହିଠାରେ ଅନଶନ କରି ପ୍ରାଣତ୍ୟାଗ କରିବି।" ତୁଳସୀ ଦାସ କହିଲେ "ତୁମ ଇଚ୍ଛା। ପ୍ରାଣତ୍ୟାଗ କର ବା ନ କର। କିନ୍ତୁ ତୁମ ସକାଶେ ବିବାହ କରି ମୁଁ କ'ଣ ମୋର ଜୀବନକୁ ନଷ୍ଟ କରିବି !" ବ୍ରାହ୍ମଣ ତାପରେ ତୁଳସୀ ଦାସଙ୍କ ଦୁଆରରେ ତିନିଦିନ ଉପବାସ କରି ରହିଲେ ଓ କହିଲେ, ତୁମେ ଯଦି ବିବାହ ନ କରିବ ମୁଁ ଏହିଠାରେ ପ୍ରାଣତ୍ୟାଗ କରିବି।" ତୁଳସୀ ଦାସ ଭାବିଲେ, " ଏ ବ୍ରାହ୍ମଣ ଶରୀର ତ୍ୟାଗ କରିବ ବରଂ ଏହା ଅପେକ୍ଷା ବିବାହ କରିନେବା ଠିକ୍।" ବ୍ରାହ୍ମଣଙ୍କର କନ୍ୟାର ନାମଥିଲା ସରସ୍ୱତୀ। ସେ ତୁଳସୀ ଦାସଙ୍କୁ ବିବାହ କଲେ। ତୁଳସୀ ଦାସ ସେହିଠାରେ ରହିଲେ, ସେ କିନ୍ତୁ ବହୁତ ବଡ଼ ପଣ୍ଡିତ ଥିଲେ। ସେ ଯଜମାନ କାର୍ଯ୍ୟକରିବାକୁ ଲାଗିଲେ। ପୁରୋହିତ କାର୍ଯ୍ୟକରନ୍ତି ତଥା ସାଧନାଭଜନ କରନ୍ତି। କିନ୍ତୁ ସରସ୍ୱତୀଙ୍କର ପ୍ରତି ତାଙ୍କର ବହୁତ ମୋହଥିଲା। ସରସ୍ୱତୀଙ୍କର ଭାଇ ଭଉଣୀକୁ ନିଜ ଘରକୁ ନେଇଯିବା ସକାଶେ ଆସନ୍ତି କିନ୍ତୁ ତୁଳସୀ ଦାସ ମନା କରି ଦିଅନ୍ତି। ଏମିତି କେତେଥର ଆସି ଫେରିଗଲେ। ଥରେ ତୁଳସୀ ଦାସ ଯାଇଥାନ୍ତି କୌଣସି ଯଜମାନ କାର୍ଯ୍ୟରେ। ଭାଇ ଆସି ସରସ୍ୱତୀଙ୍କୁ ନେଇଗଲେ। ତୁଳସୀ ଦାସ ସନ୍ଧ୍ୟାବେଳେ ଘରକୁ ଫେରିଲେ। ଦେଖିଲେ, ସରସ୍ୱତୀ ନାହାନ୍ତି। ସେ ଭାବିଲେ ଯେ ସେ ବାପଘରକୁ ଚାଲିଯାଇଛି। ସେଠାରୁ ସେ ଫେରି ଶ୍ୱଶୁର ଘରକୁ ଯିବାକୁ ଆରମ୍ଭ କଲେ। କିଛି ଦୂର ପରେ ରାତ୍ରି ହୋଇଗଲା। ନଦୀପାର ହୋଇ ସେ ରାତ୍ରିରେ ଯାଇ ପହଞ୍ଚିଲେ। ପହଞ୍ଚିକରି ଡାକିଲେ। ସରସ୍ୱତୀ ଜାଣିପାରିଲେ ଯେ ତୁଳସୀ ଦାସ ଆସିଛନ୍ତି। ସେ କବାଟ ଫିଟାଇବାକୁ ଆସିଲେ। କବାଟ ଫିଟାଇବାକୁ ଆସି କହିଲେ. " ଏ ହାଡ଼ ମାଂସ ଶରୀରପ୍ରତି ତୁମର ଯେତେ ମମତା, ସେଇ ମମତା ଯଦି ଭଗବାନଙ୍କ ପ୍ରତି ହୋଇଥାନ୍ତା ତେବେ ଭଗବାନଙ୍କୁ ତୁମେ ପାଇସାରନ୍ତଣି।" କବାଟ ଖୋଲି ଦେଖିଲାବେଳକୁ ତୁଳସୀ ଦାସ ଫେରି ଯାଉଛନ୍ତି। ସେ ସେଇଠି ଦେଖି କରି ଛିଡା ହୋଇ ପଡିଗଲେ ଓ ତାଙ୍କର ପ୍ରାଣତ୍ୟାଗ ହେଲା। ସରସ୍ୱତୀଙ୍କର ଭାଇ ଆସି , ଗୋସ୍ୱାମୀ ତୁଳସୀ ଦାସଙ୍କର ପଛେ ପଛେ ଚାଲିଲେ। ତୁଳସୀ ଦାସ ଆଗରେ ଯାଉଛନ୍ତି, ସେ ତାଙ୍କର ପଛେ ପଛେ ଯାଉଛନ୍ତି। ସେ କେତେ ଅନୁନୟ ବିନୟ କରି କହୁଥାନ୍ତି ଯେ, "ଥରେ ଫେରି ଆସ, ପାଞ୍ଚ ମିନିଟ ସକାଶେ ତୁମେ ଦେଖିକରି ଚାଲିଯାଅ।" କିନ୍ତୁ ତୁଳସୀ ଦାସ ଆଉ ଫେରିଲେ ନାହିଁ। ସେ ବି ଜାଣି ନାହାନ୍ତି ଯେ ସରସ୍ୱତୀ ମରିଗଲେ ନା ରହିଲେ। ଏମିତି ଚାଲିଯାଇ ପ୍ରୟାଗରେ ପହଞ୍ଚିଲେ। ସେଠାରେ ସ୍ନାନ ଇତ୍ୟାଦି କରି ତାପରେ ସାଧନ ଭଜନ କରିବା ସକାଶେ ଗୋଟିଏ ସ୍ଥାନରେ ରହିଲେ। ସେ ଯେଉଁଠାରେ ରହନ୍ତି ସେହିଠାରେ ଭଗବାନଙ୍କ ଚରିତ୍ର କୁହନ୍ତି। ସେଠାରେ କିଛିଦିନ ରହିଲେ। ବାଲ୍ମିକୀ ରାମାୟଣ କୁହନ୍ତି। ବହୁତ ବକ୍ତା ଶୁଣିବାକୁ ଆସନ୍ତି। ସେ ପ୍ରତିଦିନ ଯେତେବେଳେ ଝାଡା ଫେରିବାକୁ ଯାଆନ୍ତି, ଲୋଟାରେ ପାଣି ନେଇ ଯାଆନ୍ତି। ଯେତିକି ପାଣି ବଞ୍ଚେ ସେତିକି ଏକ ଓସ୍ତ ଗଛ ମୂଳେ ଢ଼ାଳି ଦିଅନ୍ତି। ପ୍ରେତମାନେ ଅନ୍ୟ ଜିନିଷ କିଛି ଖାଇପାରନ୍ତି ନାହିଁ। ଔଷଧିୟ ଜିନିଷ ଖାଆନ୍ତି। ସେହି ଓସ୍ତ ଗଛରେ ଗୋଟିଏ ପ୍ରେତ ଥିଲା। ସେ ସେହି ପାଣି ପିଏ। ଦିନେ ସେହି ପ୍ରେତ ପ୍ରଘଟ ହୋଇ କହିଲା, "ମୋର ତୁମ ପ୍ରତି ବହୁତ ଶ୍ରଦ୍ଧା। ମୋତେ ବହୁତ ଦିନ ତୁମେ ଖାଇବାକୁ ଦେଲଣି। ତୁମେ ଯାହା ମାଗିବ ମୁଁ ତାହା ଦେବି।" ତୁଳସୀ ଦାସ କହିଲେ, "ମୁଁ ଭଗବାନଙ୍କୁ ଦର୍ଶନ କରିବାକୁ ଚାହେଁ।" ସେ କହିଲେ ମୁଁ ଯଦି ଭଗବାନଙ୍କୁ ଦର୍ଶନ କରେଇ ଦେଇଥାଆନ୍ତି, ମୁଁ କ'ଣ ପ୍ରେତ ହୋଇଥାଆନ୍ତି ? ମୋର ସେହି କ୍ଷମତା ନାହିଁ, ଦର୍ଶନ କରେଇ ଦେବାର। କିନ୍ତୁ ଉପାୟ କହିଦେଉଛି। ତୁମ କଥା ଶୁଣିବାକୁ ପ୍ରଥମରେ ଯେଉଁ ବ୍ୟକ୍ତି ଆସନ୍ତି ଓ ସମସ୍ତେ ଯିବା ପରେ ଯାଆନ୍ତି, ଯାହାକୁ କୁଷ୍ଟ ରୋଗ ହୋଇଛି, ସେ ହେଉଛନ୍ତି ହନୁମାନ। ତାଙ୍କୁ ତୁମେ କୁହ। ସେ ତୁମକୁ ଭଗବାନଙ୍କର ଦର୍ଶନ କରାଇଦେବେ।" ଏକଥା ଶୁଣି ତୁଳସୀ ଦାସଙ୍କର ଆନନ୍ଦର ସୀମା ରହିଲା ନାହିଁ। ବହୁତ ପ୍ରସନ୍ନତାରେ ଆଗରୁ ଗଲେ। ଯେଉଁ ସମୟରେ ଯିବାର କଥା ତା' ପୂର୍ବରୁ ଯାଇ ସେ ବସିଲେ। ସେ ଦେଖିଲେ ଯେ ଗୋଟିଏ କୁଷ୍ଟ ରୋଗୀ ଆସି ବସିଲା। ସେ ଅନୁମାନ କଲେ ଯେ ଇଏ ହିଁ ହୋଇଥିବେ । କଥା ସରିଲା। ସମସ୍ତେ ଚାଲିଗଲେ। ଶେଷକୁ ସେ କୁଷ୍ଟ ରୋଗୀ ବସିଲା। ସେ ସମସ୍ତେ ଯିବା ପରେ ସେ ଯାଆନ୍ତି। ତୁଳସୀ ଦାସଜୀ ଯାଇ ତାଙ୍କ ଚରଣରେ ସାଷ୍ଟାଙ୍ଗ ଦଣ୍ଡବତ କରି ପକାଇଲେ। ସେ କହିଲେ, "ମୁଁ କେତେ ପାପ କରିଥିବାରୁ ଆଜି କୁଷ୍ଟ ରୋଗୀ ହୋଇଛି। ତୁ କ'ଣ ମୋତେ ପ୍ରଣାମ କରୁଛୁ" । ତୁଳସୀ ଦାସ ତାଙ୍କର ଗୋଡ଼ ଧରି ଆଉ ଛାଡିଲେ ନାହିଁ। ହନୁମାନ ତାପରେ ନିଜେ ତାଙ୍କର ରୂପ ପ୍ରକଟ କରି ଦେଖାଦେଲେ। କହିଲେ, "ଭଗବାନଙ୍କୁ ଏମିତି ତ ଦର୍ଶନ କରିପାରିବ ନାହିଁ। ଚିତ୍ରକୂଟ

ଚାଲିଯାଅ। ସେଇଠାରେ ଭଗବାନଙ୍କ ଦର୍ଶନ ପାଇବ। ଗୋସ୍ୱାମୀ ତୁଳସୀ ଦାସ ଚିତ୍ରକୂଟ ଗଲେ। ଚିତ୍ରକୂଟରେ କିଛିଦିନ ରହିଲେ। ହନୁମାନଜୀ ବରାବର ତାଙ୍କ ପାଖକୁ ଆସନ୍ତି। ସେଠାରେ ରହି ସେ କିଛି କବିତା ଲେଖିବା ଆରମ୍ଭ କରିଦେଲେ। ସେଠି ଗୋଟିଏ ପିଲାଥାଏ। ସେ ଆସି କହିଲା, "ବାବା, ମୋତେ କିଛି ନୂଆ ନୂଆ କବିତା ଦିଅ। ମୁଁ ତାକୁ ପଢ଼ିବି ଓ ଶୁଣେଇବି"। ତୁଳସୀ ଦାସ ଗୋଟିଏ ଗୋଟିଏ କବିତା ଲେଖିକରି ଦିଅନ୍ତି। ସେ ଆସି ସେଗୁଡ଼ିକୁ ବହୁତ ସୁନ୍ଦର ସ୍ୱରରେ ଶୁଣାଏ। ସେ ହେଲା ଗୀତା ପରି ସୁନ୍ଦର ବହିଟିଏ। ହନୁମାନଜୀ ଆସିଲେ। ତୁଳସୀ ଦାସ କହିଲେ, " ମହାରାଜ! ମୋତେ ଟିକେ ଦର୍ଶନ କରାଇ ଦିଅନ୍ତୁ"। ହନୁମାନ କହିଲେ, "ଠିକ୍ ଅଛି କାଲି ଦର୍ଶନ ହେବ। କିନ୍ତୁ ବହୁତ ସାବଧାନ ହୋଇରହିବୁ।" ତୁଳସୀ ଦାସଜୀ ବହୁତ ସାବଧାନ ହୋଇ ଭଗବାନଙ୍କ ଧ୍ୟାନରେ ବସିଲେ। କିଛି ସମୟ ଧ୍ୟାନରେ ବସିଲା ପରେ, ତାଙ୍କର ଆଖି ଖୋଲିଗଲା। ଆଖି ଖୋଲିବାରୁ ଦେଖିଲେ, ଦୁଇଟି କେଳା, ଆଉ ଜଣେ କେଲୁଣୀ। ସେ ରାସ୍ତାରେ ଯାଉଛନ୍ତି। ଦେଖିବାକୁ ବହୁତ ସୁନ୍ଦର। ଯେମିତି ତାଙ୍କ ଉପରେ ଆଖି ପଡ଼ିଲା। ମନ ସ୍ୱାଭାବିକ ଭାବେ ଆକର୍ଷିତ ହୋଇଗଲା ତାଙ୍କ ପ୍ରତି। ସେ ତେଣୁ ସାବଧାନ ହୋଇ କହିଲେ, "ଆଜି ଭଗବାନଙ୍କ ଦର୍ଶନ ହେବ। ଆଉ ମୋର ଦୃଷ୍ଟି ଅନ୍ୟ ଅଡକୁ ଚାଲିଗଲା। ଫେର୍ ସାବଧାନ ହୋଇ ଧ୍ୟାନ କରିବାକୁ ଲାଗିଲେ। ରାତ୍ରି ହୋଇଗଲା। ହନୁମାନଜୀ ଆସିଲେ। କହିଲେ, "ଭଗବାନଙ୍କର ଦର୍ଶନ ହେଲା ?"। ତୁଳସୀ ଦାସ କହିଲେ, " ନାହିଁ, ଭଗବାନଙ୍କର ଦର୍ଶନ ହୋଇନାହିଁ।" ହନୁମାନ ପଚାରିଲେ, "ତୁ କାହାକୁ ଦେଖିଛୁ ?" ସେ କହିଲେ, "ମୁଁ ଦେଖିଛି। ଧ୍ୟାନରେ ବସିବା ସମୟରେ ହଠାତ୍ ମୋର ଆଖି ଖୋଲିଗଲା। ଦେଖିଲି ଦୁଇଜଣ କେଳା ଓ ଜଣେ କେଲୁଣୀ ଯାଉଛନ୍ତି। ସେମାନେ ବହୁତ ସୁନ୍ଦର।" ହନୁମାନ କହିଲେ, "ସେ ହିଁ ତ ଭଗବାନ"। ତୁଳସୀ ଦାସ କହିଲେ, " ସେମିତି ନୁହେଁ। ମୋତେ ସାକ୍ଷାତ୍ ଦର୍ଶନ କରାଅ।" ହନୁମାନଜୀ କହିଲେ, " ଆଚ୍ଛା ମୁଁ ପରେ ତୋତେ କହିବି"। କିଛିଦିନ ଗଲା, ପୁଣି ଆସି କହିଲେ, "କାଲି ଭଗବାନଙ୍କର ଦର୍ଶନ ହେବ"। ତୁଳସୀ ଦାସଜୀ ବହୁତ ସାବଧାନ ହୋଇ ଧ୍ୟାନରେ ବସିଲେ। ଧ୍ୟାନରେ ବସିଛନ୍ତି, ହଠାତ୍ ତାଙ୍କର ଆଖି ଖୋଲିଗଲା। ଆଖି ଖୋଲି ଦେଖିଲାବେଳକୁ ଦୁଇଜଣ ରାଜକୁମାର ଘୋଡ଼ା ଚଢ଼ି ଯାଉଛନ୍ତି। ଦେଖିବାକୁ ସେମାନେ ଅତ୍ୟନ୍ତ ସୁନ୍ଦର। ଅତ୍ୟନ୍ତ ସୁନ୍ଦର ମାନେ, ସଂସାରରେ ଏପରି ସୁନ୍ଦର କେହି ମଣିଷ ହୁଅନ୍ତି ନାହିଁ। ତାଙ୍କର ଦୃଷ୍ଟି ତ ଜବରଦସ୍ତି ହୋଇ ଚାଲିଗଲା। ପୁଣି ସାବଧାନ ହୋଇ ବସିରହିଲେ। କହିଲେ, " ଆଜି ଭଗବାନଙ୍କର ଦର୍ଶନ। କିନ୍ତୁ ଦୃଷ୍ଟି ପୁଣି ଏହି ଆଡେ ଚାଲିଗଲା।" ଏମିତି ଭାବି ପୁଣି ଆଖି ବନ୍ଦ କରି ବସିଲେ। ଯେମିତି ରାତି ହୋଇଛି, ହନୁମାନଜୀ ପୁଣି ଆସିଲେ। ପଚାରିଲେ, "ଆଜି ଭଗବାନଙ୍କର ଦର୍ଶନ ହୋଇଛି ?"। ତୁଳସୀ ଦାସ କହିଲେ, " ନାହିଁ ହୋଇନାହିଁ।" ହନୁମାନ ପଚାରିଲେ, "ତୁ କାହାକୁ ଦେଖିଛୁ ନା ନାହିଁ ?"। ତୁଳସୀ ଦାସ କହିଲେ, ଦୁଇଜଣ ରାଜକୁମାର ଘୋଡାରେ ଯାଉଥିଲେ। ସେମାନେ ଅତ୍ୟନ୍ତ ସୁନ୍ଦର। ଏପରି ସୁନ୍ଦରତା କୌଣସି ଶାସ୍ତ୍ରରେ ବର୍ଣ୍ଣନା କରାଯାଇନାହିଁ। ହନୁମାନଜୀ କହିଲେ, " ସେଇତ ଥିଲେ ରାମଚନ୍ଦ୍ର ଓ ଲକ୍ଷ୍ମଣ।" ତୁଳସୀ ଦାସ କହିଲେ, ମୋତେ ସ୍ୱଷ୍ଟରୂପେ ଦର୍ଶନ କରାଅ।" ହନୁମାନଜୀ କହିଲେ, "ଆଚ୍ଛା"। ପୁଣି କିଛିଦିନ ଚାଲିଗଲା। କିଛିଦିନ ଚାଲିଗଲା ପରେ ପୁଣି ହନୁମାନଜୀ କହିଲେ, "କାଲି ଦର୍ଶନ ହେବ।" ଚିତ୍ରକୂଟରେ ମନ୍ଦାକିନୀ ନଦୀ। ତୁଳସୀ ଦାସ ଭୋର ୩ଟା ସମୟରେ ଉଠିକରି ମନ୍ଦାକିନୀ ନଦୀକୁ ସ୍ନାନ କରିବାକୁ ଗଲେ। ସ୍ନାନ କରିସାରି ତିଳକ ଘଷୁଛନ୍ତି ଲଗାଇବା ପାଇଁ। ଦୁଇଜଣ ଅତ୍ୟନ୍ତ ସୁନ୍ଦର ବାଳକ ଅର୍ଥାତ ଶାସ୍ତ୍ର ମଧ୍ୟ ବର୍ଣ୍ଣନା କରିପାରିବ ନାହିଁ , ଏତେ ସୁନ୍ଦର। ଆସିକରି କହିଲେ, "ବାବା, ଆମକୁ ତିଳକ ଲଗାଇ ଦିଅ"। ତୁଳସୀ ଦାସ ଯେମିତି ଶୁଣିଲେ ଓ ତିଳକ ଦେବାକୁ ଯେମିତି ଚାହିଁଲେ। ହନୁମାନଜୀ କହିଲେ, " ଏ ଫେର୍ ମୋତେ ହଇରାଣ କରିବ।" ସେ ଗଛରେ ଗୋଟିଏ ଶୁଆରୂପ ଧାରଣ କରି କହିଲେ, "ମନ୍ଦାକିନୀ କେ ଘାଟପର ହେଏ ସନ୍ତନ ଭିଡ଼, ତୁଳସୀ ଦାସ ଚନ୍ଦନ ଘୋଷିତ ତିଳକ କରିତ ରଘୁବୀର।" ଏକଥା ଯେମିତି ତୁଳସୀ ଦାସ ଶୁଣିଛନ୍ତି, ସେ ଦୁଇଭାଇଙ୍କୁ ଦୁଇ ହାତରେ କୋଳକୁ ନେଇ ଆନନ୍ଦର ସୀମା ରହିଲା ନାହିଁ। ସେ ପଚାରିଲେ, "ଏଠି ଯେତେ ସାଧୁସନ୍ଥ ସମସ୍ତେ ରାମ ଲକ୍ଷ୍ମଣ।" ଏହିପରି କହି ଦୁଇହାତରେ ଆଣି ତାଙ୍କୁ ଦେହରେ ଲଗାଇ ଦେଲେ ଓ ସମାଧିସ୍ଥ ହୋଇଗଲେ। ଭୋର ୩ଟାରୁ ରାତି ୮ଟା ପର୍ଯ୍ୟନ୍ତ ତୁଳସୀ ଦାସଜୀ ସେଇ ସମାଧିରେ ରହିଲେ। ତାପରେ ହନୁମାନଜୀ ଆସି ତାଙ୍କୁ ସମାଧି ଭଙ୍ଗ କଲେ। ତୁଳସୀ ଦାସ ଚିତ୍ରକୂଟରେ କିଛିଦିନ ରହିବାପରେ, ହନୁମାନଜୀ ତାଙ୍କୁ କହିଲେ, "ତୁମେ ଏଥର ଅଯୋଧ୍ୟା ଯାଅ ଏବଂ ସେହିଠାରେ ରାମାୟଣ ଲେଖ। ବର୍ତ୍ତମାନ କଳି ପ୍ରବଳ ହେଲାଣି। ଲୋକଙ୍କର ଅଧ୍ୟାତ୍ମିକତା ପ୍ରତି ଆକର୍ଷଣ ନାହିଁ। ରାମାୟଣ ଲେଖିବା ଦ୍ୱାରା ଲୋକଙ୍କର କଲ୍ୟାଣ ହେବ।" ତୁଳସୀ ଦାସଜୀ ହନୁମାନଙ୍କର ଆଜ୍ଞା ପାଳନ କରି ଅଯୋଧ୍ୟା ଯିବାକୁ ଯାତ୍ରା କଲେ। ରାସ୍ତାରେ ପ୍ରୟାଗ ପଡ଼େ। ପ୍ରୟାଗରେ ସେ ଦୁଇଜଣ ସାଧୁଙ୍କୁ ଭେଟିଲେ। ପରନ୍ତୁ ସେ ଥିଲେ ଭରଦ୍ୱାଜ ଓ ଯାଜ୍ଞବଲ୍କ। ସେ ଦୁଇଜଣ ଯାକ ରାମାୟଣ କଥା କୁହନ୍ତି। ଯାଜ୍ଞବଲ୍କ କୁହନ୍ତି, ଭରଦ୍ୱାଜ ଶୁଣନ୍ତି। ତୁଳସୀ ଦାସଜୀ ରହି ସେଠାରେ ତାଙ୍କଠାରୁ ରାମାୟଣ ଶୁଣିଲେ। ସେଥିଲେ ତ ସାଧୁବେଶରେ, କହୁଥିଲେ ଯାଜ୍ଞବଲ୍କ ଓ ଭରଦ୍ୱାଜ। ତାଙ୍କଠାରୁ ରାମାୟଣ କିଛିଦିନ ଶୁଣିଲାପରେ ସେ ପୁଣି ଅଯୋଧ୍ୟାକୁ ଯାତ୍ରା କଲେ। କିଛିଦୂର ଆସିଛନ୍ତି, ସେ ତ ବରାବର ଭଗବାନଙ୍କ ରୂପରେ ମଗ୍ନ ରୁହନ୍ତି। ଅଯୋଧ୍ୟା ରାସ୍ତାକୁ ଭୁଲି କାଶୀ ରାସ୍ତାରେ ଚାଲିଗଲେ। ଦେଖିଲେ, କାଶୀରେ ପହଞ୍ଚିଯାଇଛନ୍ତି, ତେଣୁ ମନେ କଲେ, "କାଶିରେ ରହିବା" କାଶୀରେ ରହି ପୁଣି ରାମାୟଣ ରଚ଼ନା କଲେ। ରାମାୟଣ ରଚ଼ନା କଲେ ସଂସ୍କୃତରେ। ସେ ପ୍ରତିଦିନ ରାମାୟଣ ଲେଖନ୍ତି ଓ ରଖିଦିଅନ୍ତି। ସକାଳକୁ ଦେଖିଲାବେଳକୁ କିଛି ନଥିବ। କିଏ ନେଇଯାଏ। ବହୁତ ଚିନ୍ତିତ ହୋଇ ଭାବିଲେ, "କିଏ ନେଇ ଯାଉଛି ?" ଏମିତି କିଛିଦିନ ଚାଲିଗଲା। ରାତ୍ରିରେ ସ୍ୱପ୍ନରେ ଶିବଜୀ କହିଲେ, "ସଂସ୍କୃତରେ ରାମାୟଣ ଲେଖିଲେ ଲୋକଙ୍କର କଲ୍ୟାଣ ହେବନାହିଁ। ସଂସ୍କୃତରେ କେତେ ଲୋକ ପଢ଼ିବେ ଯେ ତୋର ରାମାୟଣ ପଢ଼ିବେ ?" ପ୍ରାକୃତ ଭାଷାରେ ଲେଖ ସର୍ବସାଧାରଣ ତାକୁ ପଢ଼ିପାରିବେ। ଏକଥା ସ୍ୱପ୍ନରେ କହିବାରୁ ତୁଳସୀ ଦାସଙ୍କର ନିଦ ଭାଙ୍ଗିଗଲା। ନିଦ ଭାଙ୍ଗିଲାରୁ ଦେଖିଲେ, ସାମ୍ନାରେ ଈଶ୍ୱର ଓ ପାର୍ବତୀ ଛିଡ଼ା ହୋଇଛନ୍ତି। ତାଙ୍କୁ ଦର୍ଶନ କରିସାରି ଆନନ୍ଦର ସୀମା ରହିଲା ନାହିଁ। ତାଙ୍କ ଚରଣରେ ପଡ଼ିଗଲେ। ସେ ଆଶୀର୍ବାଦ ଦେଇ କହିଲେ, "ତୁ ରାମାୟଣ ଲେଖ", ଏହା କହି ଅନ୍ତର୍ଦ୍ଧାନ ହୋଇଗଲେ।

ଗୋସ୍ୱାମୀ ତୁଳସୀ ଦାସ ରାମାୟଣ ଲେଖିବା ସକାଶେ ଅଯୋଧ୍ୟା ଆସିଲେ। ଅଯୋଧ୍ୟାରେ ପହଞ୍ଚିଲେ। ରାମନବମୀ ଦିନ ସେ ରାମାୟଣ ଲେଖିବାକୁ ଆରମ୍ଭ କଲେ। ସେ ଯେଉଁଠାରେ ରାମାୟଣ ଲେଖିଛନ୍ତି ତାହା ବର୍ତ୍ତମାନ ତୁଳସୀ ଚଉରା ନାମରେ ପ୍ରସିଦ୍ଧ। ରାମାୟଣ ସମାପ୍ତ ହେଲା। ହନୁମାନଜୀ ତାଙ୍କୁ ବରାବର ସାହାଯ୍ୟ କଲେ। ରାମାୟଣ ସମାପ୍ତ ହେଲାପରେ ପୁଣି ସେ କାଶୀ ଆସିଲେ। କାଶୀ ପଣ୍ଡିତମାନେ ବହୁତ ବିରୋଧ କଲେ ତୁଳସୀ ଦାସଙ୍କ ରାମାୟଣକୁ। ସେମାନେ କହିଲେ ପ୍ରାକୃତ ଭାଷାରେ ରାମାୟଣ ହୋଇଛି, ତେଣୁ ଏହା ଗ୍ରାହ୍ୟ ନୁହେଁ। ପଣ୍ଡିତମାନଙ୍କର ସ୍ୱଭାବ ବିରୋଧ କରିବା। ସେଠାରେ ଥିଲେ ଜଣେ ମଧୁସୂଦନ ସରସ୍ୱତୀ। ସେ ଜଣେ ପ୍ରକାଣ୍ଡ ବିଦ୍ୱାନ। ସଂସ୍କୃତରେ ଅସାଧାରଣ ପଣ୍ଡିତ ଓ ମହାତ୍ମା ମଧ୍ୟ। ବହୁତ ଉଚ୍ଚକୋଟୀର ମହାତ୍ମା ତଥା ସନ୍ୟାସୀ। ସେ ଅଦ୍ୱୈତବାଦୀ। ସମସ୍ତଙ୍କର ମତ ହେଲା ଯେ ମଧୁସୂଦନ ସରସ୍ୱତୀ ଏହି ରାମାୟଣକୁ ପଢ଼ି ଯାହାକହିବେ, ସେଇଟା ହିଁ ମାନ୍ୟ ହେବ। ମଧୁସୂଦନ ସରସ୍ୱତୀ ଅଦ୍ୱୈତବାଦୀ ଥିଲେ। କିନ୍ତୁ ଅଦ୍ୱୈତବାଦୀ ବା ଦ୍ୱୈତବାଦୀ ହୁଅନ୍ତୁ, ସେମାନେ ତାଙ୍କ ଲକ୍ଷ୍ୟରେ ପହଞ୍ଚିଲେ ତାଙ୍କର ଆଉ ବୈର ବିରୋଧ, ପକ୍ଷପାତିତା ନଥାଏ। ସେ ରାମାୟଣ ପଢ଼ିକରି ଲେଖିଲେ ଯେ, ତୁଳସୀ ଯେମିତି ପବିତ୍ର ଭାବେ ଲେଖିଛନ୍ତି, ଏହି ରାମାୟଣ ପ୍ରତ୍ୟେକ ମନୁଷ୍ୟ ସକାଶେ ବହୁତ ଉପଯୋଗୀ ହେବ। ମଧୁସୂଦନ ସରସ୍ୱତୀ ଯେତେବେଳେ ଲେଖିଦେଲେ ପଣ୍ଡିତମାନେ ତ କିଛି କହିପାରିଲେ ନାହିଁ କିନ୍ତୁ ସେମାନଙ୍କର ସନ୍ତୋଷ ହେଲା ନାହିଁ। ତଥାପି ମଧ୍ୟ ତୁଳସୀ ଦାସଙ୍କ ସଙ୍ଗେ ବିବାଦ କଲେ। ଏବଂ କହିଲେ ଏହି ରାମାୟଣ ଚଳିବ ନାହିଁ। ତାପରେ ତୁଳସୀ ଦାସ କହିଲେ, "ତେବେ ତୁମେ କ'ଣ ଚାହୁଁଛ।" ସେମାନେ କହିଲେ "ଆମେ ଏହାର ପ୍ରମାଣ ଚାହୁଁଛୁ।" ତୁଳସୀ ଦାସ କହିଲେ, "ଯଦି ପ୍ରମାଣ ଚାହୁଁଛ ତେବେ ଶିବାଜୀ, ବିଶ୍ୱନାଥଙ୍କର ମନ୍ଦିରରେ ସବୁଗ୍ରନ୍ଥ ରଖାଯାଉ। ତା'ର ତଳେ ରାମାୟଣ ରଖାଯାଉ। ଯଦି ଶଙ୍କର ଭଗବାନ ରାମାୟଣର ବହୁତ ଉପଯୋଗିତା ବୋଲି ମନେ କରିବେ, ତେବେ ସେ ସମସ୍ତ ଶାସ୍ତ୍ର ଉପରେ ରଖିଦେବେ। ଏହି ପ୍ରସ୍ତାବ ହେଲା। ଯେତେ ପୁରାଣଶାସ୍ତ୍ର ସବୁ ରଖାଗଲା କିନ୍ତୁ ସବୁଠାରୁ ତଳେ ରଖାଗଲା ରାମାୟଣ। ସମସ୍ତେ ଥାଇ ଚାବି ବନ୍ଦ ହେଲା। ସକାଳ ହେଲା। ସମସ୍ତେ ଆସିବାରୁ ଚାବି ଖୋଲାଗଲା। ଚାବି ଖୋଲା ହୋଇ ଦେଖା ହୋଇଛି ଯେ ସବୁତଳେ ତୁଳସୀ ଦାସଙ୍କର ଯେଉଁ ରାମାୟଣ ଥିଲା, ତାହା ଉପରେ ଅଛି। ଏହା ଯେମିତି ଦେଖିଦେଲେ, ପଣ୍ଡିତମାନେ କହିଲେ, ଆଉ କିଛି ଚଳିବ ନାହିଁ। ତାପରେ ନୀରବ ହୋଇଗଲେ। ହିଂସା ଥାଏ ପରନ୍ତୁ ହିଂସା ଆଉ କିଛି କରିପାରିଲା ନାହିଁ। ସେହି ରାମାୟଣ ପ୍ରଚାର ହେଲା। ଏମିତ ବହୁତ ଦିନ ଚାଲିଗଲା। ବହୁତ ଦିନ ଚାଲିଯିବା ପରେ ରାମାୟଣ ପ୍ରସାର ହୋଇଗଲା। କଳି ଦିନେ ହାତରେ ଖଡ୍ଗ ଧରି ଗୋସ୍ୱାମୀ ତୁଳସୀ ଦାସଙ୍କ ସାମନାରେ ପ୍ରଘଟ ହେଲା ଏବଂ କହିଲା, "ତୁ ଜାଣିଛୁ ଏହା ମୋର ଯୁଗ। ଏଠାରେ ତୋର ଧର୍ମ ଇତ୍ୟାଦି ଚାଲିବ ନାହିଁ। ରାମାୟଣକୁ ବନ୍ଦ କର ଓ ଗଙ୍ଗାରେ ଫୋପାଡି ଦିଅ। ନଚେତ୍ ମୁଁ ତୋତେ ନାନା ପ୍ରକାର କଷ୍ଟ ଦେବି।" ତୁଳସୀ ଦାସ କହିଲେ, "ତୋର ଯାହା ଇଚ୍ଛା ତୁ ସେଇଆ କର, କିନ୍ତୁ ତୋତେ ମୁଁ ଭୟ କରିବି ନାହିଁ।" ହନୁମାନଜୀଙ୍କୁ କହିଲେ। ସେତ ବରାବର ସାକ୍ଷାତ ଦର୍ଶନ ବହୁଥର ଦିଅନ୍ତି। ହନୁମାନଜୀ କହିଲେ, " କଳିଯୁଗ ଏପରି କରୁଛି। ତା'ର ତ ଶାସନ ଯୁଗ। ମୁଁ କିଛି କରିପାରିବି ନାହିଁ। ତୁ ପ୍ରାର୍ଥନା ଲେଖ। ମୁଁ ରାମଚନ୍ଦ୍ରଙ୍କ ପାଖକୁ ନେଇକରି ଯିବି।" ତୁଳସୀ ଦାସଙ୍କର ବାହୁରେ ବହୁତ ପୀଡା ହେଲା କଳିଯୁଗର ଆକ୍ରମଣ ଯୋଗୁଁ। ସେ ବିନୟ ପତ୍ରିକା ଲେଖିଲେ। ଏହାପରେ ହେଲା ବିନୟ ପତ୍ରିକା। ବିନୟ ପତ୍ରିକା ଏକ ଗ୍ରନ୍ଥ ଅଛି। ତୁଳସୀ ଦାସ ସବୁ ବିନୟ ପତ୍ରିକା ଲେଖିଲେ। ହନୁମାନଜୀ ନେଇକରି ଗଲେ। ରାମ, ଲକ୍ଷ୍ମଣ, ସୀତାଜୀ ସମସ୍ତେ ଥିଲେ। ଯେମିତି ହନୁମାନଜୀ କହିଲେ, ସୀତାଜୀ କହିଲେ, "ମୁଁ ଜାଣେ। ସେ ମୋର ସନ୍ତାନ, ଭକ୍ତ।" ଲକ୍ଷ୍ମଣଜୀ ସ୍ୱୀକାର କଲେ। ରାମଚନ୍ଦ୍ରଜୀ ଲେଖିଦେଲେ ଯେ "ତୁଳସୀ ଦାସ ମୋର।" ଭଗବାନ ଯାହାକୁ ନିଜର କରିନେବେ, କଳି ତାର କ'ଣ କରିବ!" ତୁଳସୀ ଦାସଙ୍କର ରାମାୟଣ ବହୁତ ପ୍ରଚାର ହେଲା। ସାଧୁ ସମାଜରେ ତଥା ସାଧାରଣ ଜନତାରେ ବହୁତ ଲୋକ ଆଗ୍ରହ କରି କହିଲେ। ଗୋସ୍ୱାମୀ ତୁଳସୀ ଦାସଜୀ ଦ୍ୱାଦଶ ଗ୍ରନ୍ଥ ଲେଖିଛନ୍ତି। ତାପରେ ସେ ଶେଷକୁ କାଶୀରେ ଯାଇ ରହିଲେ। ତାଙ୍କର ନାମ ବହୁତ ପ୍ରଚାର ହୋଇଗଲା। ବହୁତ ଲୋକ ତାଙ୍କର ଦର୍ଶନ ସକାଶେ ଆସିଲେ। ତାଙ୍କୁ ଆଉ ସମୟ ହେଲା ନାହିଁ। ସବୁ ସମୟରେ ଲୋକ ଭିଡ। ସେ ତାପରେ ନିଶ୍ଚୟ କଲେ ଯେ କାହାସହ ଆଉ ଦେଖା କରିବେ ନାହିଁ। ସେ ସକାଶେ ବାଉଁଶରେ ଗୋଟିଏ ମଞ୍ଚା ତିଆରି କଲେ। ସେ ମଞ୍ଚାରେ ବସିଲେ। ଆଉ ସେଠାରୁ ଓହ୍ଲାଇ କରି ଆସନ୍ତି ନାହିଁ। ଏମିତି ବହୁତ ଦିନ ଚାଲିଗଲା। କାଶୀ ପାଖରେ ତୋଡର ମଲ୍ଲ ନାମରେ ଗୋସ୍ୱାମୀ ତୁଳସୀ ଦାସଙ୍କର ଜଣେ ବହୁତ ବଡ ଭକ୍ତ ଥିଲେ। ସେ ମରିଯିବା ପରେ ତାଙ୍କର ଦୁଇପୁଅ ଥିଲେ। ସେମାନେ ମଧ୍ୟ ବଡ ଭକ୍ତ। ଗୋସ୍ୱାମୀ ତୁଳସୀ ଦାସଜୀଙ୍କ ପାଖକୁ ଯିଏ ଆସନ୍ତି, ସେ କାହାସହ ଦେଖା କରିବାକୁ ଆସନ୍ତି ନାହିଁ। କିନ୍ତୁ ତୋଡର ମଲ୍ଲଙ୍କର ଦୁଇପୁଅ ଯେତେବେଳେ ଆସନ୍ତି, ସେତେବେଳେ ସେ ଆସନ୍ତି। ସେମାନେ ପ୍ରଣାମ କରନ୍ତି ଓ ତୁଳସୀ ଦାସ ପୁଣି ଚାଲିଯାଆନ୍ତି। ଆଉ କାହାରି ସଙ୍ଗେ ଦେଖାକରନ୍ତି ନାହିଁ। ସମସ୍ତେ କହିଲେ ତୁଳସୀ ଦାସ ବହୁତ ପକ୍ଷପାତୀ। କାହାକୁ ଦର୍ଶନ ଦେଉନାହାନ୍ତି କେବଳ ଏହି ଦୁଇଜଣଙ୍କୁ ଆସି ଦର୍ଶନ ଦେଉଛନ୍ତି। ଏମିତି ବହୁତ ଲୋକ କହିଲେ। ଦିନେ ତୁଳସୀ ଦାସ ସେ ଦୁଇଜଣଙ୍କୁ ଦେଖାଦେବା ସକାଶେ ଆସିଲେ ନାହିଁ। ସେ ଦୁଇଜଣ ସନ୍ଧ୍ୟା ପର୍ଯ୍ୟନ୍ତ ରହିଲେ। ତାପରେ ଯେତେବେଳେ ନ ଆସିଲେ, ସେଇଠାରେ ଦୁଇଜଣଯାକ ତାଙ୍କର ଶରୀର ତ୍ୟାଗ କଲେ। ତୁଳସୀ ଦାସ ଏକଥା ଯେମିତି ଶୁଣିଲେ, ସଙ୍ଗେ ସଙ୍ଗେ ଆସିଲେ ଓ କହିଲେ, "ମୁଁ ଆସିଛି, ତୁମେ ପ୍ରଣାମ କର।" ସଙ୍ଗେ ସଙ୍ଗେ ଦୁଇଭାଇ ଜୀବିତ ହୋଇ ପ୍ରଣାମ କଲେ। ଏହିପରି ତୁଳସୀ ଦାସଙ୍କର ବୟସ ହେଲା ୧୮୦ ବର୍ଷ। ଆଉ ଭଗବାନଙ୍କର ଧ୍ୟାନରେ ସବୁ ସମୟରେ ଲୀନ ରହୁଥିଲେ। ଏହିପରି ୧୮୦ ବର୍ଷ ବୟସରେ, ସେ କାଶୀରେ ଦେହତ୍ୟାଗ କଲେ।

❖ ❖ ❖

# ଶ୍ରୀଅରବିନ୍ଦ ଓ ନୂତନ ମାନବ ଜାତି

**ଶ୍ରୀ ପ୍ରପତ୍ତି**

ଶ୍ରୀଅରବିନ୍ଦଙ୍କ ସାଧନା ଓ ସିଦ୍ଧିର ଏକ ବୈପ୍ଳବିକ ପରିଣାମ ହେଲା ଏକ ନୂତନ ମାନବଜାତି ଓ ଏକ ନୂତନ ମାନବସମାଜର ଉଦ୍ଭବ ଓ ପ୍ରତିଷ୍ଠା । ବହୁ ବିଭିନ୍ନ ଯୁକ୍ତି ବିଚାର ଓ ସତ୍ୟଦୃଷ୍ଟି ଉପରେ ଶ୍ରୀଅରବିନ୍ଦ ମାନବଜାତିର ଏହି ଅଲଙ୍ଘନୀୟ ଓ ଅବଶ୍ୟମ୍ଭାବ୍ୟ ପରିଣତି ପ୍ରତି ଦୃଷ୍ଟି ଆକର୍ଷଣ କରିଛନ୍ତି । ବର୍ତ୍ତମାନ ମାନବଗୋଷ୍ଠୀ ଏକ ନୂତନ ପରିଣତିକୁ ଅପେକ୍ଷା କରୁଛି- ଏବଂ ଏହି ପରିଣାମ ହେବ ଏକ ଆଧ୍ୟାତ୍ମିକ ତଥା ଅତିମାନସିକ ବିବର୍ତ୍ତନ, ଯାହାଫଳରେ ମନୁଷ୍ୟୋତ୍ତର ଗୁଣ ଓ ଧର୍ମରେ ଭିନ୍ନ ଏକ ଦିବ୍ୟମାନବଜାତିର ପ୍ରତିଷ୍ଠା ହେବ । ଏହି ସୃଷ୍ଟିର ମୂଳରେ ରହିଛି ଏକ ନୂତନ ଚେତନାର ଅବତରଣ, କ୍ରିୟା ଓ ପ୍ରତିଷ୍ଠା ।

ଚେନତାର ମୂଳରେ ସୃଷ୍ଟି । ବର୍ତ୍ତମାନ ସୃଷ୍ଟିର ମୂଳତତ୍ତ୍ୱ ରୂପେ ଯେଉଁ ଚେତନା ଓ ଶକ୍ତି ରହିଛି ତାହାର ଅପସାରଣ ଓ ଅନ୍ୟ ଏକ ନୂତନ ଚେତନାର ଅବତରଣ ଓ ସଞ୍ଚାର ଫଳରେ ନୂତନ ବିଶ୍ୱ ପରିଣାମ ଦେଖାଦେବ, ଦେଖାଦେବ ନୂତନ ସୃଷ୍ଟି । ସୃଷ୍ଟିର ସକଳ ପର୍ଯ୍ୟାୟରେ ଦେଖାଦେବ ଏକ ଗୁରୁତର ଏବଂ ବ୍ୟାପକ ପରିବର୍ତ୍ତନ ଓ ରୂପାନ୍ତର । ନବସୃଷ୍ଟିର ସଙ୍ଗେ ସଙ୍ଗେ ବିଧ୍ୱଂସ, ବିପର୍ଯ୍ୟୟ ଓ ବିକ୍ଷୋଭ ମଧ୍ୟ ଦେଖାଦେବ । କାରଣ କେତେକ ପରିମାଣରେ ବିଧ୍ୱଂସ ବ୍ୟତୀତ ନୂତନ ସୃଷ୍ଟି ସମ୍ଭବ ହୋଇପାରିବ ନାହିଁ ।

ମନୁଷ୍ୟର ଅତୀତ ଥିଲା, ଭବିଷ୍ୟତ ମଧ୍ୟ ଅଛି । ତାହାର ଭବିଷ୍ୟତ ହେଉଛି ତାହାର ପୂର୍ଣ୍ଣାଙ୍ଗ ବିକାଶ, ପୂର୍ଣ୍ଣ ଚେତନା, ପୂର୍ଣ୍ଣ ଶକ୍ତି ଓ ପୂର୍ଣ୍ଣ ଆନନ୍ଦର ଅଭିବ୍ୟକ୍ତି । କିନ୍ତୁ ଏଥିପାଇଁ ଏକ ପୂର୍ଣ୍ଣ ସତ୍ୟମୟ, ପୂର୍ଣ୍ଣ ଜ୍ଞାନମୟ, ପୂର୍ଣ୍ଣ ଜ୍ୟୋତିର୍ମୟ ଓ ପୂର୍ଣ୍ଣ ଆନନ୍ଦମୟ ଚେତନାର ପ୍ରତିଷ୍ଠା ଓ କ୍ରିୟା ଦରକାର । ଶ୍ରୀଅରବିନ୍ଦ ଦୀର୍ଘକାଳ ଧରି ଏହି ମହତୀ, ପରମା ଦିବ୍ୟ ଭାଗବତୀ ଅତିମାନସଶକ୍ତି ଓ ଚେତନାର ଅବତରଣ ନିମିତ୍ତ କାର୍ଯ୍ୟ କରିଥିଲେ ଏବଂ ବର୍ତ୍ତମାନ ଏହି ଚେତନା ଅବତଣ କରି କାର୍ଯ୍ୟକରୁଛି । ବର୍ତ୍ତମାନ ସମୟ ନାନାଦିଗରୁ ଏକ ଗୁରୁତ୍ତ୍ୱପୂର୍ଣ୍ଣ ଓ ନିଷ୍ପତ୍ତିମୂଳକ ସମୟ । ଏହି ସମ୍ବନ୍ଧରେ ମା' ଗୋଟିଏ ବାଣୀରେ କହିଛନ୍ତି:-

" We are in a decisive hour of the histroy of the earth. The earth is preparing herself for coming of Superman and because of that the old manner of living loses its value. One must through himself boldly on the way of the future in spite of his new exigencies. Meaness of olden days no more tolerable. One must widen himself to receive that which should be born."

ଅର୍ଥାତ, "ଆମ୍ଭେମାନେ ପୃଥିବୀ ଇତିହାସର ଏକ ନିଷ୍ପତ୍ତିମୂଳକ ମୁହୂର୍ତ୍ତରେ ଆସି ପହଞ୍ଚିଛୁ । ପୃଥିବୀ ଅତିମାନବର ଆଗମନ ନିମିତ୍ତ ନିଜକୁ ପ୍ରସ୍ତୁତ କରୁଛି, ସେଥିପାଇଁ ସବୁପ୍ରକାର ପ୍ରାଚୀନ ଜୀବନଚର୍ଯ୍ୟା ତାହାର ମୂଲ୍ୟବୋଧ ହରାଇଛି । ବ୍ୟକ୍ତି ସାହସର ସହ ଭବିଷ୍ୟତର ଦିଗରେ ଅଗ୍ରସର ହେବା ଉଚିତ, ସେଥିରେ ତାର ଯେତେ ନୂତନ ଅସୁବିଧା ଥାଉନା କାହିଁକି । ପୁରାତନ ନୀଚବୃତ୍ତି ଏକବାରେ ଅସହ୍ୟ ହୋଇଉଠିଛି । ଯାହା ଜନ୍ମଲାଭ କରିବାକୁ ବସିଛି, ବ୍ୟକ୍ତି ତାହାକୁ ଗ୍ରହଣ କରିବା ନିମିତ୍ତ ନିଜକୁ ସମ୍ପ୍ରସାରିତ କରିବା ଉଚିତ ।"

(୨୯.୧୨.୭୧) -ଶ୍ରୀମା

ଏହି ନୂତନମାନବର ଅଭ୍ୟୁଦୟ କଥା, ଆଜି ସର୍ବତ୍ର ପ୍ରାୟ ସ୍ପଷ୍ଟ ହୋଇ ଉଠିଲାଣି । ଦେଶ ଦେଶାନ୍ତରେ ବହୁବ୍ୟକ୍ତି ଏକ ନୂତନ ପୃଥିବୀକୁ ଅପେକ୍ଷା କରି ରହିଛନ୍ତି । ଏ ସମ୍ବନ୍ଧରେ ମା' ପୁନର୍ବାର କହୁଛନ୍ତି:

" A new world wants to be born based on Truth and refusing the old slavery of falsehood.

In all the countries, there are some persons who know it or at least feel it.

To these persons we call . . . . . . . .

Do You want to collaborate ?"

ଅର୍ଥାତ, " ସତ୍ୟ ଉପରେ ପର୍ଯ୍ୟବେଶିତ ଏକ ନୂତନ ଜଗତ ଜନ୍ମ ନେବାକୁ ଚାହେ, ଯାହା ପୁରାତନ ମିଥ୍ୟାର ଦାସତ୍ୱ ସ୍ୱୀକାର କରିବାକୁ ଚାହେ ନାହିଁ ।

ପ୍ରତ୍ୟେକ ଦେଶରେ କେତେକ ଲୋକ ଅଛନ୍ତି ଯେଉଁମାନେ ଏକଥା ଜାଣୁଛନ୍ତି, ଅଥବା ଅନ୍ତତଃ କିଛିଟା ଅନୁଭବ କରୁଛନ୍ତି ।

ଏହି ଲୋକମାନଙ୍କୁ ଆମେ ଆହ୍ୱାନ କରୁଛୁ . . . . . . . . .

ତୁମେ ଏହି କାର୍ଯ୍ୟରେ ସହଯୋଗ କରିବାକୁ ଚାହଁ କି ?"

ନୂତନ ପୃଥିବୀର ଏହି ପ୍ରତିଷ୍ଠାରେ, ନୂତନ ମାନବ ସମାଜର ଏହି ଗଠନରେ ସେମାନେ ଅଂଶ ଗ୍ରହଣ କରିବେ ଯେଉଁମାନେ ନିଜ ମଧ୍ୟରେ ଏହି ନୂତନ ସତ୍ୟ, ନୂତନ ଜ୍ୟୋତି ଓ ନୂତନ ଶକ୍ତିକୁ ସ୍ଥାନ ଦେଇଛନ୍ତି ଏବଂ ନିଜକୁ ନୂତନ ଭାବେ ଗଢ଼ି ତୋଳିବାକୁ ଚାହିଁଛନ୍ତି । ଯେଉଁମାନେ ଏହି ଅପୂର୍ବ ସୁଯୋଗର ଉପଯୋଗ କରିବେ, ସେମାନେ କୃତକୃତ୍ୟ ହେବା ସଙ୍ଗେ ସଙ୍ଗେ ତାଙ୍କର ଭାବୀ ବଂଶଧର ମଧ୍ୟ କୃତକୃତ୍ୟ ହେବେ ।

❖ ❖ ❖

# ଜାତୀୟ ଚେତନାର ଉଦ୍‌ବୋଧନ

ଶ୍ରୀ ବିଶ୍ୱମ୍ଭର ସାମନ୍ତ

ଶ୍ରୀଅରବିନ୍ଦ 'କର୍ମ ଓ ଆଦର୍ଶ' ନାମକ ଏକ ଛୋଟ ପ୍ରବନ୍ଧରେ (ବନ୍ଦେ ମାତରମ୍, ଫେବୃୟାରୀ ୨୦, ୧୯୦୮) ସେତେବେଳର ଗୋଟିଏ ଧରଣର ଚିନ୍ତାଧାରାର ତୀବ୍ର ସମାଲୋଚନା କରିଥିଲେ। ସେଇ ଚିନ୍ତାଧାରାରେ ପ୍ରଧାନ ବକ୍ତବ୍ୟ ଥିଲା ଯେ ବର୍ତ୍ତମାନ ଦେଶ ଯେତେବେଳେ ଭୀଷଣ ଦାରିଦ୍ର୍ୟ, ରୋଗ, ଅଶିକ୍ଷା, ଅବନତି ଆଦି ଭିତରେ ସଢୁଛି, ସେତେବେଳେ ସ୍ୱାଧୀନତା, ଜାତୀୟତା ଆଦି ବଡ଼ ବଡ଼ ଆଦର୍ଶର କଥା ନକହି ବରଂ ସେହି ଦାରିଦ୍ର୍ୟ, ରୋଗ, ଅଶିକ୍ଷା ଆଦି ଘୁଞ୍ଚାଇବା ପାଇଁ ନିର୍ଦ୍ଦିଷ୍ଟ କାମ ଉପରେ ଜୋର୍ ଦେବା ଉଚିତ। ସ୍କୁଲ ଖୋଲିବା, ଡାକ୍ତରଖାନା ଖୋଲିବା, ଆର୍ଥିକ ବିକାଶ ପାଇଁ ନୂଆ ନୂଆ ଶିଳ୍ପ ପ୍ରତିଷ୍ଠା କରିବା, କୁଟୀରଶିଳ୍ପ, ଚାଷ ଆଦି ଉପରେହିଁ ସମସ୍ତ ଶକ୍ତି ନିୟୋଜିତ କରିବା ପାଇଁ ଦେଶବାସୀଙ୍କୁ ଆହ୍ୱାନ କରିବା ଉଚିତ। ଦେଶର ଦାରିଦ୍ର୍ୟ ଓ ଅବନତି ଆଗେ ଦୂର ହେଉ, ତାପରେ ମୁକ୍ତି, ଜାତୀୟତା ଓ ଅନ୍ୟାନ୍ୟ ବଡ଼ ବଡ଼ ଆଦର୍ଶର କଥା।

ଏଇ ଧରଣର ବିଚାର ଓ ଚିନ୍ତାଧାରାକୁ କଠୋର ସମାଲୋଚନା କରି ଶ୍ରୀଅରବିନ୍ଦ ସେତେବେଳେ ଲେଖିଥିଲେ, ଅବଶ୍ୟ ଏଇ ଧରଣର କର୍ମର ମୂଲ୍ୟକୁ କେହି ଊଣା କରି ଦେଖିବା ଉଚିତ ନୁହେଁ ଓ ଦେଶର ଉତ୍‌ଥାନ ପାଇଁ ସେ ସମସ୍ତ କର୍ମ ନିତାନ୍ତ ଆବଶ୍ୟକ ଓ ଅପରିହାର୍ଯ୍ୟ। କିନ୍ତୁ ବଡ଼ କଥା ହେଲା ଦେଶ ଓ ଜାତି ଆଗରେ ମହାନ୍ ଆଦର୍ଶ ସ୍ଥାପନ କରିବା ଏବଂ ସେହି ଆଦର୍ଶ ଭିତରୁହିଁ ଯେପରି କର୍ମର ସମସ୍ତ ପ୍ରେରଣା ଉତ୍ସାରିତ ହୁଏ ସେଥିପ୍ରତି ଧ୍ୟାନ ଦେବା। କାରଣ "ଆଦର୍ଶ ବିନା କିଛି ନୁହେଁ ଏବଂ ନିଜର ପ୍ରେରଣାଦାୟୀ ଶକ୍ତିରୁ ବିଚ୍ଛିନ୍ନ ହୋଇଗଲେ ତାହା ନିଷ୍ଫଳ ହେବ।"

ସେତେବେଳେ ଶ୍ରୀଅରବିନ୍ଦ ଏହି ଯେଉଁ ବିଷୟଟି ଉଠାଇଥିଲେ ଆଜି ମଧ୍ୟ ଆମେ ଆମ ଜାତୀୟ ଉଦ୍ୟମ ଓ ପ୍ରୟାସର ନାନା କ୍ଷେତ୍ରରେ ଯେଉଁସବୁ ସମସ୍ୟାର ସମ୍ମୁଖୀନ ହେଉଛୁ ତାର ମୂଳକୁ ଗଲେ ଦେଖିବା ଯେ ଏହି ଆଦର୍ଶର ଅଭାବହିଁ ଆମର ସମସ୍ତ ଉଦ୍ୟମ, ସମସ୍ତ କର୍ମକୁ ଖର୍ବ ଓ ଭ୍ରଷ୍ଟ କରିଦେଉଛି। ଆଜି ଦେଶର ବିଶିଷ୍ଟ ସମାଜସେବୀ, ଗଣ୍ୟମାନ୍ୟ ନେତା ଓ ମନ୍ତ୍ରୀଙ୍କଠାରୁ ଆରମ୍ଭ କରି ସାଧାରଣ କର୍ମୀ ପର୍ଯ୍ୟନ୍ତ, ପଦସ୍ଥ ସରକାରୀ ମୁଖପାତ୍ରଙ୍କଠାରୁ ଆରମ୍ଭ କରି ସାଧାରଣ କର୍ମଚାରୀ ପର୍ଯ୍ୟନ୍ତ ସମସ୍ତ ଦେଶବାସୀଙ୍କୁ ଜନହିତକର ଉନ୍ନୟନମୂଳକ ନାନା କର୍ମରେ ମନ ପ୍ରାଣ ଢ଼ାଳି ଦେବାକୁ ଆହ୍ୱାନ କରୁଛନ୍ତି। ଖାଲି ସେତିକି ନୁହେଁ, ଉନ୍ନୟନର ନାନା ଯୋଜନା, ନାନା ସଂସ୍ଥାସବୁ ଗଢ଼ାଯାଉଛି, ଶିଳ୍ପ ଓ କୃଷି ଆଦିର ବିକାଶ ପାଇଁ ସରକାରୀ ବେସରକାରୀ କେତେ ଉଦ୍ୟମ ହେଉଛି। କିନ୍ତୁ ଫଳ କାହିଁ? ଯେଉଁ ଦୁଃଖ, ଦାରିଦ୍ର୍ୟ, ଅନଟନ ଅନ୍ଧକାରରେ ଦେଶ ସଢୁଥିଲା, ତାହା ସେହିପରି ରହିଛି, ବରଂ ନିଜ ସମ୍ପର୍କରେ, ଦେଶ ସମ୍ପର୍କରେ, ନିଜର ଓ ଦେଶର ଭବିଷ୍ୟତ ସମ୍ପର୍କରେ ଅଧିକ ନୈରାଶ୍ୟ ଓ ଅନିଶ୍ଚିତ ଭାବ ଦେଖାଦେଇଛି। ଏହାର ମୂଳ କାରଣ ହେଲା ଦେଶ ଓ ଜାତି ଆଗରେ ଏପରି କିଛି ମହତ୍ ଆଦର୍ଶ ରଖାଗଲା ନାହିଁ, ଯାହାକୁ ସଫଳ ଓ ସାର୍ଥକ କରିବା ପାଇଁ ଲୋକେ ନିଷ୍ଠାର ସହିତ କର୍ମ କରିବାକୁ, ଆବଶ୍ୟକ ହେଲେ ତ୍ୟାଗ କରିବାକୁ ସ୍ୱତଃପ୍ରବୃତ୍ତ ହୋଇ ଆଗେଇ ଆସିବେ। ନିଜର ସଙ୍କୀର୍ଣ୍ଣ ସ୍ୱାର୍ଥ, କାମନାବାସନା ଓ ଭୋଗ ପ୍ରବୃତ୍ତିକୁ ଚରିତାର୍ଥ କରିବା ଛଡ଼ା ଜୀବନର ଅନ୍ୟ ମହତ୍ ଲକ୍ଷ୍ୟ କିଛି ଅଛି ବୋଲି ଯଦି କେତେ ଲୋକ ସଚେତ ନହେବେ ତେବେ ସେମାନେ ନିଜ ଅହଂର ବା ପାରସ୍ପରିକ ସ୍ୱାର୍ଥପୂରଣର ଉଦ୍ଦେଶ୍ୟ ଉପରେ ଏକତ୍ର ହୋଇଥିବା କେତେଗୁଡ଼ିଏ ଅହଂସମଷ୍ଟିର ଅର୍ଥାତ୍ ପରିବାର, ଦଳ ବା ଗୋଷ୍ଠୀ-ଅହଂର ସେବା କରିବା ଛଡ଼ା ଅନ୍ୟ କଥା ଭାବିବେ କାହିଁକି ? ଶ୍ରୀଅରବିନ୍ଦ ଯାହା ଲେଖିଥିଲେ, "ସ୍ୱାର୍ଥ ଓ ଉପଯୋଗୀ ସର୍ବସ୍ୱ ସାଧାରଣ ଜୀବନ ଧାରାରେ ଚାଲୁଥିବା ଯାଏ ଲୋକମାନେ ନିଜ ଛଡ଼ା ଅନ୍ୟ କିଛିର ସେବା କରିବାକୁ ପ୍ରେରଣା ଅନୁଭବ କରିବେ ନାହିଁ।" (Men in their ordinary utilitarian course of life do not feel called upon to serve anyone except themselves.")

ସେଇଥିଯୋଗୁଁ ଆମେ ଦେଖୁ ଜନସେବାର ଖୁବ୍ ଉତ୍ସାହ ନେଇ ସ୍କୁଲଟିଏ, ଡାକ୍ତରଖାନାଟିଏ ଗଢ଼ା ହେଲାଣି ତ ଦୁଇଦିନ ପରେ ପରିଚାଳନା ସମିତିର କିଏ ସଭ୍ୟ ହେବ ସେ ନେଇ ଝଗଡ଼ା ଓ ମାଲିମକଦ୍ଦମା। ଶିଳ୍ପ ପ୍ରତିଷ୍ଠାନଟିଏ ମୁଣ୍ଡ ଟେକୁ ଟେକୁ ଧର୍ମଘଟ ଓ ତାଲା ବନ୍ଦ। କୃଷି ଓ ଶିଳ୍ପ ନାମରେ କେତେ ସମବାୟ ସମିତି ଗଢ଼ାଯାଇ ପୁଣି କୁଆଡ଼େ ମିଳେଇ ଯାଏ, କେତେ ଋଣ ଆସେ, କାହା ଭାଗରେ ତାହା କୁଆଡ଼େ ଯାଏ କେଉଁଠି କିଛି ଟେର୍ ବି ମିଳେ ନାହିଁ। ସେଇଥିଯୋଗୁଁ ବ୍ଲକ ଉନ୍ନୟନ ଆଦି ସରକାରୀ ପ୍ରୟାସ ଆଦିର ବ୍ୟର୍ଥତା; ଦୁର୍ନୀତି, ଅପବ୍ୟୟ, ପ୍ରିୟାପ୍ରୀତି ତୋଷଣ, ଅର୍ଥ ଆତ୍ମସାତ୍ ଆଦିର ସାର୍ବଜନୀନ ପ୍ରସାର। ଲୋକଙ୍କର ଚେତନାରେ ଏକ ଜାଗରଣ ନ ଆଣିଲେ, ଏକ ମହାନ୍ ଆଦର୍ଶକୁ କାର୍ଯ୍ୟକାରୀ କରିବା ପାଇଁ ଜାତୀୟ ଚେତନାକୁ ଉଦ୍‌ବୋଧିତ ନକଲେ ହଜାର ଯୋଜନା, ହଜାର କର୍ମ କଲେ ଦୁର୍ନୀତି, କୁଶାସନ, ଅଶାନ୍ତି, ଅନିଶ୍ଚିତତା, ବିଭେଦ ଆଦିର କର୍ଦ୍ଦମରେ ଦିନୁ ଦିନ ଆହୁରି ତଳକୁ ତଳକୁ ବୁଡ଼ିଯିବା।

ପ୍ରକୃତରେ ଜାତୀୟ ଚେତନାର ଉଦ୍‌ବୋଧନ କହିଲେ ଠିକ୍ କ'ଣ ବୁଝାଏ ? ପ୍ରତ୍ୟେକ ଦେଶବାସୀ ଭିତରେ ଏପରି ଏକ ଚେତନା ଅନ୍ତର୍ନିହିତ ହୋଇ ରହିଛି ଯାହାକି ସତ୍ୟର ଆହ୍ୱାନ ଶୁଣିବାକୁ ସକ୍ଷମ। କାହା ଭିତରେ ହୁଏତ ଏହି ଚେତନା ଜାଗ୍ରତ ଓ ପ୍ରକଟ ହୋଇ ରହିଛି, କାହା ଭିତରେ ହୁଏତ ଏହା ସୁପ୍ତ ଓ ପ୍ରଚ୍ଛନ୍ନ ହୋଇ ରହିଛି; ଆଉ କାହା ଭିତରେ ଏପରିକି ବ୍ୟକ୍ତି ବା ଗୋଷ୍ଠୀଗତ ନାନା ସଙ୍କୀର୍ଣ୍ଣ ସ୍ୱାର୍ଥର ଗାଢ଼ ଆବରଣ ତଳେ ଏକଦମ୍ ଲୁଚି ଯାଇଥିଲେ ବି ଏ ଅଗ୍ନି କାହାରି ଭିତରୁ ପୂରା ନିର୍ବାପିତ ହୋଇ ନାହିଁ କି ହୋଇପାରିବ ନାହିଁ। କାରଣ ପ୍ରତ୍ୟେକ ମଣିଷ ଭିତରେ ଦିବ୍ୟ ଶାଶ୍ୱତ ସତ୍ୟରହିଁ ଅଂଶବିଶେଷ ଏହି ଚେତନା। ତେଣୁ ଏହା ସତ୍ୟର ବାଣୀ ଓ ଆହ୍ୱାନ ଶୁଣିବା ପାଇଁ ଓ ତାର ଉତ୍ତର ଦେବା ପାଇଁ ସକ୍ଷମ। ଗୋଟିଏ ଦେଶ ବା ଜାତି ଆଗରେ ସେହି ଶାଶ୍ୱତ ଦିବ୍ୟ ସତ୍ୟ ଯେଉଁ ନିୟତି, ଯେଉଁ ଭବିଷ୍ୟତ୍, ଯେଉଁ କାର୍ଯ୍ୟକ୍ରମ ରଖିଥାଏ, ତାହା ବୁଝିପାରିବା ଓ ତାହାକୁ କାର୍ଯ୍ୟକାରୀ କରିବା ପାଇଁ ଜାତି ହିସାବରେ ଆଗେଇ ଆସିବାକୁ ଯେଉଁ ଆହ୍ୱାନ ଓ ଉଦ୍‌ବୋଧନ ଦିଆଯାଏ

ତାହାହିଁ ଯଥାର୍ଥରେ ଜାତୀୟ ଚେତନାର ଉଦ୍‌ବୋଧନ। ଶାଶ୍ୱତ ସତ୍ୟର ସେହି ଆହ୍ୱାନ ପ୍ରତି ଦେଶବାସୀଙ୍କ ଅନ୍ତରସ୍ଥ ସତ୍ୟ ଚେତନାର ଉତ୍ତର ଓ ବାହ୍ୟ ଜୀବନରେ ତାର ଅଭିବ୍ୟକ୍ତିହିଁ ଜାତୀୟ ଚେତନା ଓ ଜାତୀୟ ଜୀବନର ସ୍ୱରୂପ, ବିକାଶ ଓ ପରିଣତିକୁ ନିର୍ଣ୍ଣୟ କରିଥାଏ। ସେହି ଚେତନାର ବିକାଶର ନାନା ପର୍ବରେ ତାହାରି ଭିତରୁହିଁ କର୍ମର ଅଜସ୍ର ଧାରା ଆପଣାଛାଏଁ ଫିଟି ବାହାରିପଡ଼େ।

ଏକଦା ଏହି ଶାଶ୍ୱତ ସତ୍ୟ ଆମ ଜାତି ଓ ଦେଶ ଆଗରେ ରାଜନୈତିକ ସ୍ୱାଧୀନତାର କାର୍ଯ୍ୟକ୍ରମ ରଖିଥିଲା– ହୁଏତ ଆହୁରି ଏକ ବୃହତ୍ତର କାର୍ଯ୍ୟକ୍ରମର ଅଙ୍ଗ ଓ ପ୍ରାରମ୍ଭିକ ପଦକ୍ଷେପରୂପେ, ଏବଂ ଦେଶବାସୀ ନିଜର ହୃଦୟରେ ସେହି ଆହ୍ୱାନର ସ୍ପନ୍ଦନ ଅନୁଭବ କରିଥିଲେ ଓ ତାହାର ଉତ୍ତର ଦେଇଥିଲେ ଦେଶର ସ୍ୱାଧୀନତାକୁ ଜୀବନର ମହାନ୍ ବ୍ରତ ଓ ସଙ୍କଳ୍ପରୂପେ ଗ୍ରହଣ କରି। ସେହି ସଙ୍କଳ୍ପକୁ ସିଦ୍ଧ କରିବା ପାଇଁ କୌଣସି କର୍ମରୁ, କୌଣସି ତ୍ୟାଗରୁ ସେମାନେ ପଛାଇ ନଥିଲେ। ପରସ୍ପର ଭିତରେ ଥିବା ସମସ୍ତ ବାଦବିବାଦ ଓ ସ୍ୱାର୍ଥର ସଂଘାତ ଭୁଲି ଏକ ମନ ଓ ଏକ ପ୍ରାଣ ହୋଇ ଲାଗି ପଡ଼ିଥିଲେ। କିନ୍ତୁ ସ୍ୱାଧୀନତା ଲାଭ ପାଇଁ ଜାତୀୟ ଚେତନା ଯେପରି ଉଦ୍‌ବୋଧିତ ହୋଇଥିଲା, ତାହାପରେ ଦେଶର ନେତୃବୃନ୍ଦଙ୍କ ଦ୍ୱାରା ଦେଶ ଆଗରେ ଏପରି କୌଣସି ଆଦର୍ଶ ରଖାଗଲା ନାହିଁ, ଯାହା ଜାତୀୟ ଚେତନାର ସେହି ପ୍ରବେଗକୁ ସେହିଭଳି ଉଦ୍ଦୀପିତ ଓ ଉଜ୍ଜୀବିତ କରି ରଖିଥାଆନ୍ତା ଓ ଆମ ଦେଶ ବିଶ୍ୱର ଜାତିମାନଙ୍କ ଦରବାରରେ ନିଜର ନିର୍ଦ୍ଧାରିତ ମହାନ୍ ଭୂମିକା ଗ୍ରହଣ କରିବା ଭଳି ଜାତୀୟ ଅଭ୍ୟୁତଥାନର ଦ୍ୱିତୀୟ ପର୍ବରେ ପ୍ରବେଶ କରିଥାଆନ୍ତା। କେଇ ବର୍ଷରେ ଥରେ ହେଉଥିବା ନିର୍ବାଚନରେ ନିଜ ନିଜ ଦଳକୁ ଜୟଯୁକ୍ତ କରିବା ପାଇଁ ଲୋକମାନଙ୍କୁ ସୁଖସୁବିଧାର ନାନା ମିଥ୍ୟା ପ୍ରତିଶ୍ରୁତି ଦେଇ ପ୍ରଲୋଭିତ କରିବା ଓ ନିଜ ନିଜ ଦଳର କର୍ମୀ ଓ ନେତାମାନଙ୍କ ଭିତରେ କ୍ଷମତାର ଲାଳସା ଉଦ୍ରେକ କରି ସେମାନଙ୍କର ସମସ୍ତ କର୍ମୋତ୍ସାହକୁ କ୍ଷମତାର ସେହି ନିଶାରେ ପ୍ରମତ୍ତ କରି ରଖିବା ଜାତୀୟ ଚେତନାର ଉଦ୍‌ବୋଧନ ନୁହେଁ। କିନ୍ତୁ ଦୁର୍ଭାଗ୍ୟବଶତଃ ଆଜି ଦେଶର ଅଧିକାଂଶ ରାଜନୈତିକ ଦଳର ଏହାହିଁ ମୁଖ୍ୟ ବେଉସା ଏବଂ ଦେଶବାସୀଙ୍କ ଚରିତ୍ରର ଉଚ୍ଚତର ଦିଗ ବା ମହତ୍ତର ପ୍ରବୃତ୍ତି ପ୍ରତି ନୁହେଁ, ନିମ୍ନତର ପ୍ରବୃତ୍ତି, ସଙ୍କୀର୍ଣ୍ଣ ଦଳୀୟ ସ୍ୱାର୍ଥ ଓ କାମନାବାସନାର ଚରିତାର୍ଥ ଦିଗରେହିଁ ଏହାର ଆବେଦନ।

ଏହି ଧରଣର ମନୋଭାବ ନେଇ ଦେଶବାସୀଙ୍କଠାରୁ ଆମେ ମହାନ୍ କିଛି ଆଶା କରିପାରିବା ନାହିଁ। ଯଦି ଆମେ ଦେଶବାସୀଙ୍କଠାରୁ ମହାନ୍ କିଛି ଆଶା କରିବା ତେବେ ଆମକୁ ସେମାନଙ୍କର ଚରିତ୍ରର ଉଚ୍ଚତର ଓ ମହତ୍ତର ଦିଗ ପ୍ରତି ଆବେଦନ ଜଣାଇବାକୁ ହେବ। ଶ୍ରୀଅରବିନ୍ଦ ଏହି ବିଷୟଟି ପ୍ରତିହିଁ ଆମର ଧ୍ୟାନ ଆକର୍ଷଣ କରିଛନ୍ତି ଯେତେବେଳେ ସେ ଲେଖିଛନ୍ତି : "He is propelled by the inertia of his own individual needs and if any other sort of work is expected of him, a different and more intense force must be continuously applied to him to produce the necessary energy, or in other words we must continuously appeal to his better nature, we must evoke the spiritual in him, we must call forth his moral enthusiasm..." "ସେ କର୍ମରେ ତତ୍ପର ହୁଏ କେବଳ ତାର ନିଜର ବ୍ୟକ୍ତିଗତ ସ୍ୱାର୍ଥ ଓ ଚାହିଦାର ପ୍ରବେଗରେ; ଯଦି ତା'ଠାରୁ ଅନ୍ୟ କୌଣସି ଧରଣର କର୍ମ ଆଶା କରାଯିବ, ତେବେ ତା ପ୍ରତି ନିରନ୍ତର ଭିନ୍ନ ଧରଣର ତଥା ଅଧିକ ଗଭୀରତର ଶକ୍ତି ପ୍ରୟୋଗ କରାଯିବା ଆବଶ୍ୟକ। ବା ଅନ୍ୟ କଥାରେ ଆମକୁ ନିରନ୍ତର ତାର ଉଚ୍ଚ ପ୍ରକୃତିକୁ ଆବେଦନ କରିବାକୁ ହେବ, ତା ଭିତରେ ତାର ଆତ୍ମସତ୍ତାକୁ ଆବାହନ କରିବାକୁ ହେବ, ତାର ନୈତିକ ପ୍ରୋତ୍ସାହକୁ ଆହ୍ୱାନ ଜଣାଇବାକୁ ହେବ।..." ପ୍ରତ୍ୟେକ ଦେଶବାସୀ ଭିତରେ ଯଥାର୍ଥ ଜାତୀୟ ଚେତନାର ଉଦ୍‌ବୋଧନ ଓ ଉନ୍ମେଷ ଦ୍ୱାରା କେବଳ ଏହା ସମ୍ଭବ। ସେଥିପାଇଁ ତାର କର୍ମ ଆଗରେ ମୂଳ ଯେଉଁ ଆଦର୍ଶ ଓ ଲକ୍ଷ୍ୟ ରଖିବାକୁ ହେବ ତାହା ସମାଜବାଦ, ଗଣତନ୍ତ୍ର ବା ଧର୍ମନିରପେକ୍ଷ ଜନମଙ୍ଗଳ ରାଷ୍ଟ୍ର ନିର୍ମାଣ ନୁହେଁ, ଏଗୁଡ଼ିକ ହୁଏତ ଆମ ଜାତୀୟ ଆତ୍ମା ଯେଉଁ ସତ୍ୟକୁ ରୂପାୟିତ କରିବାକୁ ଚାହେଁ ତାର ବାହ୍ୟ ଅଙ୍ଗ ହୋଇପାରନ୍ତି ବା ନପାରନ୍ତି, କିନ୍ତୁ ମୂଳ ଯେଉଁ ଲକ୍ଷ୍ୟ ବା ଆଦର୍ଶ ଆମକୁ ସିଦ୍ଧ ଓ ସାର୍ଥକ କରିବାକୁ ହେବ ତା'ହେଲା–ଭାରତର ଜାତୀୟ ଆତ୍ମା ଉପରେ ପରମ ଦିବ୍ୟ ସତ୍ୟ ଯେଉଁ ଦାୟିତ୍ୱ, ଯେଉଁ କର୍ମଭାର ନ୍ୟସ୍ତ କରିଛନ୍ତି–ସମଗ୍ର ପୃଥିବୀ, ସମଗ୍ର ମାନବସମାଜ ଆଗରେ ଅଧ୍ୟାତ୍ମିକତାର ସୁମହାନ୍ ସତ୍ୟସବୁକୁ ଜୀବନ୍ତ ଓ ଜାଗ୍ରତ କରି ଫୁଟାଇ ତୋଳି ଧରିବା।

❖ ❖ ❖

ଅଭୀପ୍ସାରେ ଆନ୍ତରିକ ହେବାର ଅର୍ଥ– ଭଗବାନଙ୍କୁ କେବଳ ଭଗବାନଙ୍କ ଲାଗି ଚାହିଁବାକୁ ହେବ, କୌଣସି ନାମ କିମ୍ବା ଯଶ କିମ୍ବା ସମ୍ମାନ କିମ୍ବା ଶକ୍ତି ଅଥବା କୌଣସି ଆସ୍ଫାଳନର ପରିତୃପ୍ତି ନିମନ୍ତେ ନୁହେଁ।

**ଶ୍ରୀମା**

# ଓଡ଼ିଶାରେ ଜୁଲାଇ ଟୁରର ରଜତ ଜୟନ୍ତୀ

## ମଧୁସୂଦନ ମିଶ୍ର

୧୯୭୦ ଅକ୍ଟୋବର ମାସରୁ ମା'ଙ୍କ ଆଶୀର୍ବାଦରେ ବାବାଜି ଓ ପ୍ରପତ୍ତିଙ୍କ ନେତୃତ୍ୱରେ ନବଜ୍ୟୋତି କାର୍ଯ୍ୟାଳୟ ତରଫରୁ ଓଡ଼ିଶାର ସଙ୍ଗଠନ କାର୍ଯ୍ୟରେ ଲାଗି ରହିବାକୁ ହେଲା। ଡାଳିଯୋଡ଼ା ଆଶ୍ରମରେ ୧୯୭୪ ଜୁଲାଇ ୧୨ରୁ ରହି ଡାଳିଯୋଡ଼ା ଆଶ୍ରମ କାର୍ଯ୍ୟସହ ଓଡ଼ିଶା ସଙ୍ଗଠନ ଓ ମାତୃମହଲ କାମ ଦେଖିବାକୁ ହେଲା। ୧୯୮୩ ମସିହା ପର୍ଯ୍ୟନ୍ତ ପୁରାଦମ୍‌ରେ ସବୁଆଡ଼େ ବୁଲି ମା'ଙ୍କ କାମ କରିବାକୁ ହୋଇଥିଲା। ୧୯୮୪ ମସିହା ବେଳକୁ ଟିକିଏ ଶାରୀରିକ ଦୁର୍ବଳତା ଜଣାଗଲା। ସେତେବେଳକୁ ପ୍ରପତ୍ତିଙ୍କୁ ମଧ ଦେଖିଲି- ତାଙ୍କର ଶାରୀରିକ ଅସୁସ୍ଥତା ଯୋଗେ ଟୁର କରିବା କଷ୍ଟ ହେଉଥାଏ। ନିଜର ଅସୁବିଧା କଥା ବାବାଜିଙ୍କୁ ଜଣାଇ ଚିଠି ଲେଖିଲି। ବାବାଜି ଲେଖିଲେ, ... ଆପଣଙ୍କର ଶରୀରର ଯତ୍ନ ନିଅନ୍ତୁ। ସବୁ ଯାଗାକୁ ନଯାଇ ପ୍ରତି ଜିଲ୍ଲାର ଗୋଟିଏ ଗୋଟିଏ ସ୍ଥାନକୁ ଯାଇ ସେଠାକୁ ଜିଲ୍ଲାର ସବୁ କର୍ମୀମାନଙ୍କୁ ଡକାଇ ସେମାନଙ୍କ ସହିତ କଥାବାର୍ତ୍ତା କରି ନିଅନ୍ତୁ। ତଦ୍ୱାରା ସମସ୍ତଙ୍କ ସହିତ ସମ୍ପର୍କ ରହି ପାରିବ ଏବଂ କାର୍ଯ୍ୟ ମଧ ଶୃଙ୍ଖଳିତ ଭାବେ ହୋଇପାରିବ।"

ମୁଁ ସେତେବେଳେ କଟକ ମାତୃଭବନରେ କ୍ୟାମ୍ପ କରି ଓଡ଼ିଶାରେ କାର୍ଯ୍ୟ କରୁଥାଏ। ଭିତରୁ ଏକ ପ୍ରେରଣା ଆସିଲା, "ଓଡ଼ିଶାର ସଙ୍ଗଠନକୁ ଏକ ଶୃଙ୍ଖଳିତ ଧାରାରେ ତିଆରି କରି ନେଲେ ତାହା ବହୁତ ସୁବିଧା ହେବ। ପ୍ରତି ଜୁଲାଇ ମାସରେ ସବୁ ଜିଲ୍ଲାରେ କର୍ମୀମାନଙ୍କର ମିଟିଂ କରାଇ ସଙ୍ଗଠନ ରିପୋର୍ଟ ତିଆରି କରି ଅଗଷ୍ଟ ୧୪ ତାରିଖରେ ସେହି ସଙ୍ଗଠନ ରିପୋର୍ଟକୁ ବାବାଜି ମହାରାଜଙ୍କ ଜନ୍ମଦିନରେ ବାବାଜିଙ୍କୁ ଅର୍ପଣ କରାହେବ ଏବଂ ବାବାଜି ମହାରାଜ ତା ପରଦିନ ପ୍ରଭୁଙ୍କ ପବିତ୍ର ଜନ୍ମଦିବସରେ ଶ୍ରୀଅରବିନ୍ଦଙ୍କ ପବିତ୍ର କକ୍ଷରେ ଏହି ରିପୋର୍ଟକୁ ନିବେଦନ କରିବେ। ଅଗଷ୍ଟ ୧୪ ତାରିଖଟି (ବାବାଜି ମହାରାଜଙ୍କ ଜନ୍ମଦିବସ) ଓଡ଼ିଶାର ସଙ୍ଗଠନ ଦିବସ ରୂପେ ମହତ୍ୱ ଦିଆଯିବ। ଫେବୃୟାରୀ ଦର୍ଶନରେ ବାବାଜି ମହାରାଜ ଏବଂ ପ୍ରପତ୍ତିଙ୍କ ସହିତ କଥାବାର୍ତ୍ତା କରିନେଲି। ବାବାଜି ମହାରାଜ କହିଲେ, "ଏହା ବହୁତ ଉତ୍ତମ ବ୍ୟବସ୍ଥା।" ପ୍ରପତ୍ତି କହିଲେ, "ପରୀକ୍ଷା କରି ଦେଖ।" ସେହିଠାରେ ଶ୍ରୀମାଶ୍ରୀଅରବିନ୍ଦଙ୍କର ପବିତ୍ର ମହାସମାଧିରେ ନିବେଦନ କରି ୧୯୮୪ ମସିହା ଜୁଲାଇ ମାସରେ ଜିଲ୍ଲାସ୍ତରୀୟ କର୍ମୀସମ୍ମିଳନୀ ଲାଗି ଏକ କାର୍ଯ୍ୟକ୍ରମ ପ୍ରସ୍ତୁତ କରି ନବପ୍ରକାଶରେ ପ୍ରକାଶ ପାଇଁ ଦେଇ ଆସିଲି। ୧୯୮୪ ଜୁନ ନବପ୍ରକାଶରେ ବାହାରିଲା :

ଜୁଲାଇ ମାସରେ ଜିଲ୍ଲା କର୍ମୀ ସମ୍ମିଳନୀ : ଆସନ୍ତା ଜୁଲାଇ ମାସରେ ନିମ୍ନଲିଖିତ ଦିବସରେ ଏବଂ ସ୍ଥାନମାନଙ୍କରେ ଜିଲ୍ଲା କର୍ମୀ ସମ୍ମିଳନୀ କରାଯିବା ଲାଗି ଶ୍ରୀ ମଧୁସୂଦନ ମିଶ୍ର ସ୍ଥିର କରିଛନ୍ତି। ଏଣୁ ଜିଲ୍ଲାର ମାତୃକର୍ମୀମାନେ ନିଶ୍ଚିତ ଭାବରେ ଯୋଗଦାନ କରି ପାଠଚକ୍ର ସଙ୍ଗଠନ କାର୍ଯ୍ୟରେ ସହଯୋଗ କରିବା ନିମିତ୍ତ ଶ୍ରୀ ମିଶ୍ର ନିବେଦନ କରିଛନ୍ତି। ଦରକାର ପଡ଼ିଲେ କର୍ମୀମାନେ ନିଜେ ନିଜର ଖାଦ୍ୟପେୟର ବ୍ୟବସ୍ଥା ବହନ କରିବେ ବୋଲି ଅନୁରୋଧ। ୪.୭.୧୯୮୪ ସମ୍ବଲପୁର ଜିଲ୍ଲା, ମାତୃନିବାସ, ସମ୍ବଲପୁର, ୮.୭.୮୪ ପୁରୀ ଜିଲ୍ଲା, ଶ୍ରୀଅରବିନ୍ଦ ଧାମ-ପୁରୀ, ୧୧.୭.୮୪ କଟକ ଜିଲ୍ଲା, ମାତୃଭବନ-କଟକ, ୧୩.୭.୮୪ ମୟୂରଭଞ୍ଜ ଜିଲ୍ଲା, ଶ୍ରୀଅରବିନ୍ଦ ପାଠଚକ୍ର, ବାରିପଦା, ୧୫.୭.୮୪ କେନ୍ଦୁଝର ଜିଲ୍ଲା, ମାତୃନିଳୟ- କେନ୍ଦୁଝର, ୧୭.୭.୮୪ ବାଲେଶ୍ୱର ଜିଲ୍ଲା, ଶ୍ରୀଅରବିନ୍ଦ ସ୍ମୃତି ମନ୍ଦିର, ବାଲେଶ୍ୱର, ୧୯.୭.୮୪ ଢେଙ୍କାନାଳ ଜିଲ୍ଲା, ମାତୃସ୍ୱର୍ଗ, ସପ୍ତଶଯ୍ୟା, ୨୧.୭.୮୪ ସୁନ୍ଦରଗଡ଼ ମାତୃବିହାର, ସୁନ୍ଦରଗଡ଼, ୨୩.୭.୮୪ - ବଲାଙ୍ଗୀର ଜିଲ୍ଲା ଶ୍ରୀଅରବିନ୍ଦ ଯୋଗମନ୍ଦିର, ବଲାଙ୍ଗୀର, ୨୫.୭.୮୪ କଳାହାଣ୍ଡି ଜିଲ୍ଲା, ମାତୃନିଳୟ, ଭବାନିପାଟଣା, ୨୭.୭.୮୪ କୋରାପୁଟ ଜିଲ୍ଲା ଶ୍ରୀଅରବିନ୍ଦ ଭବନ, କୋରାପୁଟ, ୨୯.୭.୮୪ ଗଞ୍ଜାମ ଜିଲ୍ଲା, ବ୍ରହ୍ମପୁର, ୩୦.୨.୮୪ ଫୁଲବାଣୀ ଜିଲ୍ଲା ଶ୍ରୀଅରବିନ୍ଦ ପାଠଚକ୍ର, ଫୁଲବାଣୀ।

ପ୍ରୋଗ୍ରାମ ଅନୁସାରେ ମା'ଙ୍କ ଅପାର କରୁଣାରୁ ସବୁ ଜିଲ୍ଲାର କାର୍ଯ୍ୟକ୍ରମ ବହୁତ ସୁନ୍ଦର ହେଲା। ବ୍ଲକ ସଙ୍ଗଠକ, ସବ୍‌ଡ଼ିଭିଜନାଲ ସଙ୍ଗଠକ ଏବଂ ଜିଲ୍ଲା ସଙ୍ଗଠକମାନେ ବହୁତ ଆଗ୍ରହ ସହକାରେ ମା'ଙ୍କ କାର୍ଯ୍ୟରେ ଆଗେଇ ଚାଲିଲେ। ପୂର୍ବ କଳ୍ପିତ ବ୍ୟବସ୍ଥା ପ୍ରକାରେ ୧୯୮୪ ଜୁଲାଇ ଟୁରର ରିପୋର୍ଟ ତିଆରି କରି ମୁଁ ବାବାଜି ମହାରାଜଙ୍କୁ ତାଙ୍କ ପବିତ୍ର ଜନ୍ମ ଉତ୍ସବରେ ନିବେଦନ କଲି। ମହାରାଜ ସେହି ରିପୋର୍ଟକୁ ଶ୍ରୀଅରବିନ୍ଦଙ୍କ ପବିତ୍ର ଜନ୍ମ ଦିବସ ଅଗଷ୍ଟ ୧୫ ତାରିଖରେ ପରମପ୍ରଭୁ ଶ୍ରୀଅରବିନ୍ଦ ଏବଂ ପରମା ଦିବ୍ୟ ଜନନୀ ଶ୍ରୀମା'ଙ୍କର ପବିତ୍ର ମହା ସମାଧିରେ ନିବେଦନ କଲେ।

୧୯୮୫ ଓ ୮୬ ମସିହା ଜୁଲାଇ ଟୁର ମୋର ଉପସ୍ଥିତିରେ ହୋଇଥିଲା। ସେତେବେଳକୁ ଭଜଭାଇ, ଅନାଦି ଭାଇ ଆଦି ସଙ୍ଗଠନ କାମରେ ଲାଗି ପଡ଼ିଥାନ୍ତି। ଅନାଦି ଭାଇ ବାବାଜି ମହାରାଜଙ୍କ ନିର୍ଦ୍ଦେଶରେ ରାଜ୍ୟ ସଙ୍ଗଠନ କାର୍ଯ୍ୟ ହାତକୁ ନେଲେ ଏବଂ ମୋର ଶାରୀରିକ ଅସୁସ୍ଥତା ଯୋଗେ ମୁଁ ୧୯୮୬ ଅକ୍ଟୋବର ୨୦ ତାରିଖରୁ ଶ୍ରୀଅରବିନ୍ଦ ଆଶ୍ରମରେ ରହିଲି ଏବଂ ୧୯୮୭ ମସିହାରୁ 'ଜୁଲାଇ ଟୁର' ଅନାଦି ଭାଇ ଓ ଭଜଭାଇ ମିଳିତ ଭାବରେ ଆରମ୍ଭ କଲେ। ଏହା ହେଲା ଜୁଲାଇ ଟୁରର ଆରମ୍ଭ କାହାଣୀ। ସେତେବେଳେ ଛାଞ୍ଚଟା ତିଆରି ହୋଇଥିଲା। ପ୍ରପତ୍ତି ତ କହିଥିଲେ, 'ପରୀକ୍ଷା କରି ଦେଖ' ବୋଲି। ମା' ଯାହା ଚାହାନ୍ତି ତାହାହିଁ ହୁଏ ଏବଂ ଯାହା ମା' ଚାହାନ୍ତି ନାହିଁ ତାହା କେବେବି ହୋଇପାରେ ନାହିଁ। ଏ ଅନୁଭୂତି ମୋର ଅସ୍ଥିମଜ୍ଜାଗତ। ମୁଁ 'ଜୁଲାଇ ଟୁର' କାର୍ଯ୍ୟ ଯେତେ ସୁନ୍ଦର ଭାବରେ ହେବ ଏବଂ ଏହାର ପ୍ରଭାବ ଯେ ଓଡ଼ିଶାରେ ଏପରି ପଡ଼ିବ ଏକଥା ବିଲକୁଲ ଭୁଲିଯାଇଥିଲି।

ପ୍ରପତ୍ତି ୧୯୮୯ ଜୁନ ୨୮ ତାରିଖରେ ଶରୀର ତ୍ୟାଗ କଲେ। ତା ପୂର୍ବରୁ ସେ ବାରମ୍ବାର କହି ଯାଇଥିଲେ ସେହି ଉତ୍କଳମଣୀ ଗୋପବନ୍ଧୁଙ୍କ ଭାଷାରେ, "ଉତ୍କଳେ ନେତାର ନାହିଁ ପ୍ରୟୋଜନ, ଉତ୍କଳର ନେତା ସ୍ୱୟଂ ନାରାୟଣ" ବୋଲି। ୧୯୯୫ ମସିହାକୁ ଓଡ଼ିଶା ସଙ୍ଗଠନ କାର୍ଯ୍ୟର ଓ ଶ୍ରୀଅରବିନ୍ଦ ଆକ୍‌ସନର ୨୫ବର୍ଷ ପୁରୁଥିବାରୁ ମହାରାଜଜୀ ମୋତେ ଫକୀର ରଥଙ୍କ ସାଙ୍ଗରେ ଓଡ଼ିଶା ପଠାଇଲେ ମା'ଙ୍କ କାର୍ଯ୍ୟ ଦେଖି ଆସିବାକୁ। ସେତେବେଳେ ମୁଁ ଦେଖିଲି- ପ୍ରକୃତରେ ପ୍ରପତ୍ତି ଯାହା କହିଛନ୍ତି ତାହା ଶାଶ୍ୱତ

ସତ୍ୟ । ଓଡ଼ିଶାରେ ମାତୃସନ୍ତାନମାନଙ୍କ ଭିତରେ ସ୍ୱୟଂ ଦିବ୍ୟ ଜନନୀ ନିଜେ ପ୍ରକାଶିତ ହୋଇ ଯେପରି ତାଙ୍କର କାର୍ଯ୍ୟ ସେ କରି କରି ଚାଲିଛନ୍ତି । ସତ କହୁଛି- ମୋତେ ଓଡ଼ିଶାଟା ବିଲ୍‌କୁଲ୍ ପଣ୍ଡିଚେରୀ ଶ୍ରୀଅରବିନ୍ଦ ଆଶ୍ରମ ପରି ଲାଗିଲା । ମୋର ଅନୁଭୂତି ମଧ୍ୟ ୧୯୯୬ ମସିହା ନବପ୍ରକାଶରେ ପ୍ରକାଶିତ ହୋଇଛି ।

ମନେପଡ଼ିଗଲା ଅତୀତ କଥା । ସେଦିନ ହୋଇଥାଏ ୧୯୮୬ ମସିହା ଅଗଷ୍ଟ ୧୩ ତାରିଖ । ସେଦିନ ଦର୍ଶନ ପାଇଁ ଆସିଥିବା ଓଡ଼ିଶାର କର୍ମୀମାନଙ୍କର ଏକ ସମାରୋହରେ ପ୍ରପତ୍ତି, ବାବାଜି ପ୍ରଭୃତି ଉପସ୍ଥିତ ଥାନ୍ତି । ପ୍ରପତ୍ତି କହିଥିଲେ... "ସବୁଆଡ଼େ ମଣିଷ ଆଗେ ଆଗେ ଚାଲୁଥିଲା ବେଳେ ଭଗବାନ ପଛେ ପଛେ ଚାଲନ୍ତି । କିନ୍ତୁ ଓଡ଼ିଶାରେ ଭଗବାନ ସାରଥୀ ଭାବରେ ଆଗରେ ଚାଲନ୍ତି ଏବଂ ଲୋକମାନେ ତାଙ୍କ ପଛରେ ଥାଆନ୍ତି । ଏଣୁ ଓଡ଼ିଶାରେ ମା'ଙ୍କ କାର୍ଯ୍ୟ ହେବା ସୁନିଶ୍ଚିତ ଏଥିରେ ଅଣୁମାତ୍ର ସନ୍ଦେହ ନାହିଁ । (ନବପ୍ରକାଶ, ସେପ୍ଟେମ୍ବର ୧୯୮୬) ବାବାଜିଙ୍କ ରୁମ୍‌ରେ ସେଦିନ ମୁଁ ବାବାଜିଙ୍କୁ ପଚାରିଲି, "ମହାରାଜ ! ପ୍ରପତ୍ତି, ଶର୍ମାଜୀ ଆଉ ପୂର୍ବପରି ଓଡ଼ିଶା ଯାଇପାରିବା ସମ୍ଭବ ନୁହେଁ । ସେ ଦୁହିଁଙ୍କ ଛଡ଼ା ଅନ୍ୟ କିଏତ ଆଶ୍ରମରୁ ଯାଇ ଓଡ଼ିଶା କାର୍ଯ୍ୟ ଦେଖିବା ପରି ସାଧକ ହୋଇଥିବେ, କର୍ମୀ ହୋଇଥିବେ ଏବଂ ଜ୍ଞାନୀ ହୋଇଥିବେ ଏପରି ଲୋକ ତ କାହିଁ ଦିଶୁନାହାନ୍ତି, ଓଡ଼ିଶାରେ ମା'ଙ୍କ କାର୍ଯ୍ୟ ହେବ କିପରି ? ବାବାଜି ମହାରାଜ ଦୃଢ଼ କଣ୍ଠରେ କହିଲେ: "ଓଡ଼ିଶା କାର୍ଯ୍ୟ ଓଡ଼ିଶା କରିବ ।"

ବାବାଜି ମହାରାଜ ଓ ପ୍ରପତ୍ତି ଯାହା କହନ୍ତି ଆମେ ଓଡ଼ିଶାବାସୀ ତାହା ତାଙ୍କଦ୍ୱାରା ମା' ହିଁ କରନ୍ତି ବୋଲି ଜାଣୁ ଏବଂ ନିଶ୍ଚିତ ଭାବେ ତାହାହିଁ ସତ୍ୟ । ପ୍ରପତ୍ତିଙ୍କ ଶରୀର ତ୍ୟାଗ ପରେ ତାଙ୍କର ମୃତ୍ୟୁବିହୀନ ଶାଶ୍ୱତ ଜାଗ୍ରତ ଚେତନା ଓଡ଼ିଶାର ମାତୃସନ୍ତାନମାନଙ୍କୁ ଅନୁପ୍ରାଣିତ କରିଛି ଯାହାକୁ ଭାଷା ନାହିଁ ବର୍ଣ୍ଣନା କରିବାକୁ । ଶ୍ରୀମାଶ୍ରୀଅରବିନ୍ଦଙ୍କ ଦିବ୍ୟ ବାସ୍ତବ ଉପସ୍ଥିତି ସହିତ ବାବାଜି ଓ ପ୍ରପତ୍ତିଙ୍କର ଦିବ୍ୟ ଉପସ୍ଥିତି ସମଗ୍ର ଉତ୍କଳର ସଚେତନ ମାତୃସନ୍ତାନ ମାନଙ୍କ ଭିତରେ ସଙ୍ଗଠନ ଭିତରେ ଦଶକର୍ମଧାରା ମାଧ୍ୟମର ଏପରି କାର୍ଯ୍ୟ କରି ଚାଲିଛି ଯାହାର ଫଳରେ ଆଜି ସମଗ୍ର ଭାରତବର୍ଷ ପରମପ୍ରଭୁ ଓ ପରମା ଦିବ୍ୟଜନନୀ ଯୁଗ୍ମାବତରା ଶ୍ରୀମାଶ୍ରୀଅରବିନ୍ଦଙ୍କର ମହାନ, ଦିବ୍ୟ ଭବିଷ୍ୟବାଣୀର ସଫଳତା ଲାଗି ନିଜକୁ ପ୍ରସ୍ତୁତ କରିବା ପାଇଁ ଅନ୍ତଃଜଗତରେ ପ୍ରସ୍ତୁତ ହୋଇଉଠୁଛି ଦିବ୍ୟଗୁରୁଭାରକୁ ବହନକରି ବିଶ୍ୱର ହିତାର୍ଥେ ।

ହଁ ସେଇ ଜୁଲାଇ ଟୁର କଥାଟି କହୁଛି । ସେତେବେଳେ ଛାଞ୍ଚ ତିଆରି ହୋଇଥିଲା । ସେତେବେଳେ ୧୩ଟି ଜିଲ୍ଲା ଥିଲା । ଏବେ ୩୦ଟି ଜିଲ୍ଲା ହେଲାଣି । ତାର କାର୍ଯ୍ୟକ୍ରମରେ କିଛି ମଧ୍ୟ ଆବଶ୍ୟକତା ଅନୁଯାୟୀ ପରିବର୍ତ୍ତନ ଓ ପରିବର୍ଦ୍ଧନ ହେଲାଣି । ଏବର୍ଷ ଜୁଲାଇକୁ ତାକୁ ପଚିଶ ବର୍ଷ ପୁରିବ । ଓଡ଼ିଶାର ଦିବ୍ୟ ମାତୃକର୍ମଧାରା ସଙ୍ଗଠନକୁ ସେ ଏପରି ଦୃଢ଼ ଭାବରେ ବାନ୍ଧି ରଖିଛି ଯାହାକୁ ମନ ଦ୍ୱାରା ବୁଝି ହେବ ନାହିଁ । ଭଜଭାଇ ଭିତରେ ସାହାଯ୍ୟ କରୁଛନ୍ତି । ଅନାଦି ଭାଇ ବାହାରେ ସାହାଯ୍ୟ କରୁଛନ୍ତି । ଓଡ଼ିଶାର ସକଳ ମାତୃସନ୍ତାନ ପୂର୍ଣ୍ଣପ୍ରାଣରେ ଲାଗି ପଡ଼ିଛନ୍ତି ଏହି ଜୁଲାଇ ଟୁରର ଦିବ୍ୟ ପରିପ୍ରକାଶ ଲାଗି । ମା'ଙ୍କର ଜୟ ହେଉ ।

❖ ❖ ❖

ତୁମର କଥା ଠିକ୍, ଯଥାର୍ଥରେ ଯେଉଁ ଏକମାତ୍ର ବସ୍ତୁ ଗୁରୁତ୍ୱପୂର୍ଣ୍ଣ ତା' ହେଉଛି ଭଗବାନଙ୍କୁ ଉପଲବ୍ଧି କରିବା– ଏବଂ ତାହା ହେବହିଁ ହେବ ।

**ଶ୍ରୀମା**

# ଓଡ଼ିଶାର ପାଠଚକ୍ର ଆନ୍ଦୋଳନ

**ଶ୍ରୀ ସାଧୁଚରଣ ପଟ୍ଟନାୟକ**

ଓଡ଼ିଶାର ପାଠଚକ୍ର ଆନ୍ଦୋଳନର ପ୍ରଥମ ପ୍ରବର୍ତ୍ତନ ବାବାଜି ମହାରାଜଙ୍କ ଅନ୍ତରରେ ହୋଇଥିଲା, ଯେତେବେଳେ ସେ ଶ୍ରୀଅରବିନ୍ଦ ଆଶ୍ରମରେ ଯୋଗଦେବା ପୂର୍ବରୁ ଅଯୋଧ୍ୟାରେ ରହି ବୈଷ୍ଣବ ଭକ୍ତି ମାର୍ଗର ସାଧନା କରୁଥିଲେ। ସେଥିରେ ପ୍ରଧାନ ନିୟମ ହେଲା ପରିବାର,ସମାଜ,ସଂସାର ପ୍ରତି ବୈରାଗ୍ୟ। ତେଣୁ ୧୯୨୯ଠାରୁ ୧୯୪୫ ଯାଏ ଅଯୋଧ୍ୟାରେ ଥିବାବେଳେ ଓଡ଼ିଶା କଥା ସେ ଚିନ୍ତା କରିନଥିଲେ। କିନ୍ତୁ ଶ୍ରୀଅରବିନ୍ଦ ଆଶ୍ରମରେ ଯୋଗଦେବା ପରେ ସେ ଦେଖିଲେ ଯେ ଅନ୍ୟାନ୍ୟ ରାଜ୍ୟର ଲୋକ ବହୁ ସଂଖ୍ୟାରେ ଆସି ଶ୍ରୀମା ଶ୍ରୀଅରବିନ୍ଦଙ୍କର ଦର୍ଶନର ସୌଭାଗ୍ୟ ପ୍ରାପ୍ତ କରୁଅଛନ୍ତି। କିନ୍ତୁ ଓଡ଼ିଶାରୁ ଜଣେ ବି ଦେଖା ନାହିଁ। ବାବାଜି ମହାରାଜ ଜାଣନ୍ତି ଯେ ପ୍ରଭୁ ଶ୍ରୀଅରବିନ୍ଦ ବଙ୍ଗ ଦେଶରେ ଜନ୍ମ ନେଇଥିଲେ ତେଣୁ ସେହି ରାଜ୍ୟର ଲୋକେ ପ୍ରଭାବିତ ହୋଇଛନ୍ତି ଏବଂ ଗୁଜୁରାଟରେ ବାର ବର୍ଷ ରହିବା ଫଳରେ ସେମାନେ ପ୍ରଭାବିତ ହୋଇଛନ୍ତି। କିନ୍ତୁ ଓଡ଼ିଶାର ସେଭଳି ସୌଭାଗ୍ୟ ଘଟି ନାହିଁ, ତଥାପି ଓଡ଼ିଶାର ଅନ୍ତରାତ୍ମାଟି ପ୍ରଭୁଙ୍କ କୃପା ପ୍ରାପ୍ତ କଲାପରି ମନେହୁଏ।

ବାବାଜି ମହାରାଜ ଅନୁଭବ କଲେ ଓଡ଼ିଶାରେ ପାଠଚକ୍ର ଆନ୍ଦୋଳନ ଆରମ୍ଭ କରିବା ପାଇଁ ପ୍ରଥମେ ଶ୍ରୀଅରବିନ୍ଦଙ୍କ ରଚିତ ମହାନ୍ ଗ୍ରନ୍ଥଗୁଡ଼ିକ ଓଡ଼ିଆରେ ଅନୁବାଦ ହେବା ଦରକାର। ତେଣୁ ସେ ସେହି ଦିଗରେ ପ୍ରଥମେ ବ୍ରତୀ ହୋଇଥିଲେ ଏବଂ ସେ ସାହାଯ୍ୟ ପାଇଁ ନିଷ୍ଠାପର ସହକର୍ମୀ ଖୋଜୁଥିଲେ। ଦିନେ ମାଧବ ପଣ୍ଡିତ ଆସି ବାବାଜି ମହରାଜଙ୍କୁ କହିଲେ, "ଓଡ଼ିଶାରୁ ଜଣେ ପ୍ରଫେସର ଏକ ଚିଠି ଲେଖିଛନ୍ତି, ତାଙ୍କ ନିକଟକୁ ଉତ୍ତର ଦିଅନ୍ତୁ।" ବାବାଜି ମହାରାଜ ଦେଖିଲେ କାଙ୍ଗାଳୀ ଚରଣ ପତି ନାମକ ଜଣେ ବ୍ୟକ୍ତି ଶଙ୍କରଙ୍କ ସିଦ୍ଧାନ୍ତକୁ ପ୍ରତିପାଦିତ କରି ପତ୍ର ଲେଖିଛନ୍ତି। ବାବାଜି ମହାରାଜ ତାଙ୍କ ନିକଟକୁ ଦୀର୍ଘ ଦଶ ପୃଷ୍ଠାର ଏକ ଚିଠି ସୁନ୍ଦର ଭାବେ ବୁଝାଇ ଲେଖିଥିଲେ। ସେହି ଚିଠି ପାଇ କାଙ୍ଗାଳୀ ଚରଣ ପତି ମା'ଙ୍କ ଦର୍ଶନ ପାଇଁ ଆସିଥିଲେ। ତାହା ୧୯୪୯ କଥା। ସେ ତା ପରେ ପ୍ରତିବର୍ଷ ଛୁଟିରେ ଆସି ଆଶ୍ରମରେ ରହୁଥିଲେ ଏବଂ ଓଡ଼ିଆ ଅନୁବାଦରେ ବାବାଜି ମହାରାଜଙ୍କୁ ସାହାଯ୍ୟ କରୁଥିଲେ। ଚାରୁଚନ୍ଦ୍ର ଦତ୍ତଙ୍କ ସାହାଯ୍ୟରେ ବାବାଜି ମହାରାଜ ଶ୍ରୀଅରବିନ୍ଦଙ୍କ ଲିଖିତ 'ଉତ୍ତରପଡ଼ା ଅଭିଭାଷଣ' 'ଯୋଗ ପ୍ରଦୀପ' ଏହି ଦୁଇଟି ବହି ଓଡ଼ିଆରେ ଅନୁବାଦ କରାଇଥିଲେ। ତାହା କାଙ୍ଗାଳି ଚରଣ ପତି ନିଜ ଖର୍ଚ୍ଚରେ ଓଡ଼ିଶାରେ ଛପାଇ ଦେଇଥିଲେ। ଶ୍ରୀ କାଙ୍ଗାଳୀ ଚରଣ ପତି ୧୯୫୪ରେ ଅଧ୍ୟାପକ କାର୍ଯ୍ୟରୁ ଇସ୍ତଫା ଦେଇ ଆଶ୍ରମରେ ସ୍ଥାୟୀ ଭାବେ ଯୋଗ ଦେଇଥିଲେ। ପରେ ମା' ତାଙ୍କ ନାମ ଦେଇଥିଲେ ପ୍ରପତ୍ତି।

ଦିନେ କୋରାପୁଟର ଶ୍ରୀ ରଘୁନାଥ ପାଣି ଆସି ବାବାଜି ମହାରାଜଙ୍କୁ ଦେଖା କଲେ ଏବଂ ଓଡିଶାରେ ଶ୍ରୀଅରବିନ୍ଦଙ୍କ ଦର୍ଶନ ସମ୍ପର୍କିତ ଏକ ତ୍ରୈମାସିକ ପତ୍ରିକା ବାହାର କରିବା ପାଇଁ ପ୍ରସ୍ତାବ ଦେଲେ। ଏହି ପ୍ରସ୍ତାବ ବାବାଜି ମହାରାଜ ଓ ପ୍ରପତ୍ତି ସ୍ୱୀକାର କରି ନେଲେ। ପତ୍ରିକାର ନାମ 'ନବଜ୍ୟୋତି' ରଖାଗଲା। ୨୧ ଫେବୃୟାରୀ ୧୯୫୮ରେ ଜୟପୁରରେ ରାମନାଥ ପଣ୍ଡାଙ୍କ ବିକାଶ ପ୍ରେସ୍‌ରୁ ପ୍ରଥମେ ନବଜ୍ୟୋତି ପତ୍ରିକା ପ୍ରକାଶ ହେଲା। ମା'ଙ୍କ ଅନୁମତି ପ୍ରାପ୍ତ କରି ଓଡ଼ିଶାରେ ମା'ଙ୍କ କାର୍ଯ୍ୟ କରିବା ପାଇଁ ପଣ୍ଡିଚେରୀରେ 'ନବଜ୍ୟୋତି କାର୍ଯ୍ୟାଳୟ' ଖୋଲାଗଲା। ସେହି 'ନବଜ୍ୟୋତି କାର୍ଯ୍ୟାଳୟ'ର ସବୁ କାର୍ଯ୍ୟ ପ୍ରପତ୍ତି କରୁଥିଲେ।

ବାବାଜି ମହାରାଜ ପ୍ରପତ୍ତିଙ୍କୁ କହିଲେ: "ବର୍ତ୍ତମାନ ଶ୍ରୀମା ଶ୍ରୀଅରବିନ୍ଦଙ୍କ କାର୍ଯ୍ୟ ଓଡ଼ିଶାରେ କରିବା ପାଇଁ ସମୟ ଅନୁକୂଳ। ଆପଣ ଓଡ଼ିଶା ଯାଆନ୍ତୁ। ଓଡ଼ିଶାର ବିଭିନ୍ନ ସ୍ଥାନରୁ ଶ୍ରୀମାଶ୍ରୀଅରବିନ୍ଦଙ୍କ ଦର୍ଶନ ସମ୍ବନ୍ଧେ ଜାଣିବା ପାଇଁ ଅନେକ ପତ୍ର ଆସୁଛି। ଆପଣ ଗଲେ ବିଭିନ୍ନ ସ୍ଥାନରେ ମିଟିଂ କରିବେ, ଶ୍ରୀମାଶ୍ରୀଅରବିନ୍ଦଙ୍କ ସମ୍ବନ୍ଧେ କହିବେ, ତାଙ୍କ ଯୋଗ ସମ୍ବନ୍ଧେ ବୁଝାଇବେ।" ପ୍ରପତ୍ତି ଆଶ୍ରମରୁ ଓଡ଼ିଶା ଯିବା ପାଇଁ ମା'ଙ୍କ ନିକଟକୁ ଅନୁମତି ପାଇଁ ପତ୍ର ଲେଖିଥିଲେ। ମା' ଅନୁମତି ଓ ଆଶୀର୍ବାଦ ଦେଲେ। ପ୍ରପତ୍ତି ମାର୍ଚ୍ଚ ୧୯୬୨ରେ ଓଡ଼ିଶା ଯାତ୍ରା କରିଥିଲେ। ତାପରେ ଓଡ଼ିଶାରେ ମା'ଙ୍କ କାର୍ଯ୍ୟ ପାଠଚକ୍ର ମାଧ୍ୟମରେ ବ୍ୟାପକ ଭାବରେ ଆରମ୍ଭ ହୋଇଥିଲା। ନୂତନ ପାଠଚକ୍ର ପ୍ରତିଷ୍ଠା ପାଇଁ, ପ୍ରତିଷ୍ଠିତ ପାଠଚକ୍ରମାନଙ୍କୁ ସକ୍ରିୟ କରିବା ପାଇଁ, ଭିନ୍ନ ଭିନ୍ନ ସ୍ଥାନରେ ସଭା, ସେମିନାର ଓ ବାର୍ଷିକୋତ୍ସବ କରିବା ପାଇଁ ପ୍ରପତ୍ତିଙ୍କୁ ଓଡ଼ିଶାରୁ ନିମନ୍ତ୍ରଣ ଆସୁଥିଲା ଏବଂ ସେ ସେହି ନୂତନ କାର୍ଯ୍ୟକ୍ରମ ଆନ୍ତରିକତା ସହିତ ନିର୍ବାହ କରୁଥିଲେ। ତାଙ୍କର ପଣ୍ଡିଚେରୀ ଅବସ୍ଥାନ ସମୟରେ ଶ୍ରୀମାଶ୍ରୀଅରବିନ୍ଦଙ୍କ ଲିଖିତ ଗ୍ରନ୍ଥଗୁଡ଼ିକୁ ଓଡ଼ିଆରେ ଅନୁବାଦ କରିବା, ନବଜ୍ୟୋତି ପତ୍ରିକା ପାଇଁ ଲେଖିବା ଏବଂ ତାହାର ପ୍ରକାଶ ପାଇଁ ସକଳ ବ୍ୟବସ୍ଥା କରିବା ଏବଂ ଏହି କାର୍ଯ୍ୟକ୍ରମ ବାହାରେ ଓଡ଼ିଶାରୁ ବହୁ ସଂଖ୍ୟକ ଦର୍ଶନାର୍ଥୀଙ୍କ ରହିବା ଏବଂ ଖାଇବା ପାଇଁ ବ୍ୟବସ୍ଥା କରିବା ପାଇଁ ଆନ୍ତରିକ ଭାବେ କାର୍ଯ୍ୟ ସମ୍ପାଦନ କରୁଥିଲେ।

'ନବଜ୍ୟୋତି' ପତ୍ରିକାର ଏକକ ଲେଖକ ଥିଲେ ପ୍ରପତ୍ତି। ସେ ନିଜେ ବାବାଜି ମହାରାଜଙ୍କୁ ଶ୍ରୀଅରବିନ୍ଦଙ୍କ ଯୋଗଦର୍ଶନ ସମ୍ବନ୍ଧେ କିଛି ଲେଖିବା ପାଇଁ ଅନୁରୋଧ କରିଥିଲେ। ବାବାଜି ମହାରାଜ ପ୍ରପତ୍ତିଙ୍କ ଭଳି କଲେଜ ପଢ଼ା କରିନଥିଲେ। କେବଳ ଗ୍ରାମର ଚାଟଶାଳୀର ପାଠରେ ତାଙ୍କ ଶିକ୍ଷା ସୀମିତ ଥିଲା। କିନ୍ତୁ ପରିସ୍ଥିତି ଦୃଷ୍ଟିରୁ ସେ କାଗଜ କଲମ ଧରି ଲେଖିବାକୁ ବସିଲେ। ଘଣ୍ଟା ଘଣ୍ଟା ଧରି ବସନ୍ତି କିନ୍ତୁ କ'ଣ ଲେଖିବେ ସେ ବିଷୟରେ କିଛି ଧାରଣା ଆସେନି। ଏମିତି କିଛି ଦିନ ବସିବା ପରେ ହଠାତ୍ ଭଗବାନଙ୍କ ଅସ୍ତିତ୍ୱ ସମ୍ବନ୍ଧେ ଲେଖିବା ପାଇଁ ତାଙ୍କ ଅନ୍ତରରୁ ପ୍ରେରଣା ପାଇଥିଲେ। ସେହି ବିଷୟରେ ଲେଖିବାକୁ ଆରମ୍ଭ କରିଥିଲେ। ତାପରେ ତାଙ୍କ କଲମ ଅବାରିତ ଭାବେ ଚାଲିଥିଲା।

୧୯୪୭ ମସିହାରେ ଶ୍ରୀଅରବିନ୍ଦ ଆଶ୍ରମ ପ୍ରେସ ସ୍ଥାପିତ ହୋଇଥିଲା। କିନ୍ତୁ ସେହି ପ୍ରେସରେ ଓଡ଼ିଆ ଟାଇପ୍ ନଥିଲା। ପ୍ରପତ୍ତି ଆଶ୍ରମରେ ଯୋଗଦେବା ପରେ ବାହାରେ 'ଉତ୍ତରପଡ଼ା ଅଭିଭାଷଣ' ଓ 'ଯୋଗ ପ୍ରଦୀପ' ଛପା ହୋଇଥିଲା। କିନ୍ତୁ ଛପା ଭଲ ହୋଇନଥିଲା, ସେଥିରେ ଅନେକ ଭୁଲ୍ ଥିଲା।

ତେଣୁ ବାବାଜି ମହାରାଜ ଓ ପ୍ରପତ୍ତି ଏକ ଓଡ଼ିଆ କମ୍ପୋଜିଂ ସେକ୍ସନ ଖୋଲିବା ପାଇଁ ମା'ଙ୍କୁ ପ୍ରାର୍ଥନା କରିଥିଲେ । ମା' ପ୍ରାର୍ଥନା ମଞ୍ଜୁର କଲେ ଏବଂ ଆଶୀର୍ବାଦ ପୁଷ୍ପ ପଠାଇଥିଲେ । ୧୯୫୫ ମସିହାରୁ ଆଶ୍ରମ ପ୍ରେସ୍‌ରେ ଓଡ଼ିଆ କମ୍ପୋଜିଟର ରହିଲେ । କଟକସ୍ଥ ଲଳିତ ମୋହନ ଘୋଷ ସମାଜ ପ୍ରେସରୁ ଆଣି କିଛି ଓଡ଼ିଆ ଟାଇପ୍ ପଠାଇଥିଲେ । ନିଜ ନିଜ କାମ ଶେଷ ହେଲା ପରେ ବାବାଜି ଓ ପ୍ରପତ୍ତି ପ୍ରେସରେ କାମ କଲେ । ବାବାଜି ମହାରାଜ କମ୍ପୋଜିଂ କାମ ଶିଖିଥିଲେ । ୧୯୫୯ ମସିହାରେ ଶ୍ରୀପତି ଦାସ ଓଡ଼ିଶାରୁ ଆସି ଆଶ୍ରମରେ ରହିଲେ । ସେ ଓଡ଼ିଆ ବିଭାଗର କମ୍ପୋଜିଟର ଭାବେ ପ୍ରେସ୍‌ରେ ଯୋଗ ଦେଇଥିଲେ । ଏଥର ଓଡ଼ିଆ ଅନୁବାଦଗୁଡ଼ିକ ଆଶ୍ରମ ପ୍ରେସ୍‌ରେ ନିୟମିତ ଭାବେ ଛପା ହେଲା । ଓଡ଼ିଶାରୁ ବହୁ ସଂଖ୍ୟକ ଭକ୍ତ ଆସିବାକୁ ଲାଗିଲେ । ପ୍ରପତ୍ତି ଓଡ଼ିଶାବାସୀଙ୍କ ଏହି ଭିଡ଼ ଦେଖି ସେହି ସମୟରେ ମା'ଙ୍କୁ ଲେଖିଥିଲେ ଯେ ଓଡ଼ିଶାରୁ ବହୁ ସଂଖ୍ୟାରେ ଦର୍ଶକ ଆସୁଛନ୍ତି । ଏହାର କାରଣ କ'ଣ ? ମା' ଉତ୍ତର ଦେଇଥିଲେ, "ଓଡ଼ିଶାର ମଗ୍ନ ଚେତନା ଦିବ୍ୟ ଆଲୋକ ପ୍ରତି ଉନ୍ମୁକ୍ତ ହୋଇଛି ।"

ଓଡ଼ିଶାରେ ପ୍ରତିଷ୍ଠା ହେବା ପାଠଚକ୍ରମାନଙ୍କୁ ମା'ଙ୍କ ଆଶୀର୍ବାଦ ପାଇଁ ପ୍ରାର୍ଥନାମାନ ଆସୁଥିଲା । ନବଜ୍ୟୋତି କାର୍ଯ୍ୟାଳୟ ମାଧ୍ୟମରେ ସେମାନଙ୍କୁ ମା'ଙ୍କ ଆଶୀର୍ବାଦ ପୁଷ୍ପ ପଠାଇ ଦିଆଯାଉଥିଲା । ଥରେ ମା' ପାଠଚକ୍ରର କାର୍ଯ୍ୟ ସମ୍ପର୍କରେ ଜାଣିବାକୁ ଚାହିଁଥିଲେ । ଏହା ପରଠାରୁ ପାଠଚକ୍ରର ନିୟମିତ ବିବରଣୀ ମା'ଙ୍କ ପାଖକୁ ପଠାଇବା ଆରମ୍ଭ କରାଗଲା । ମା' କହିଥିଲେ, "ଏହି ପ୍ରଣାଳୀଟି ଠିକ୍" ।

ଥରେ କଟକରୁ ମାତୃ ଭକ୍ତ ଶ୍ରୀନରେନ୍ଦ୍ର କିଶୋର ଦାସ ବାବାଜି ମହାରାଜଙ୍କୁ ଶ୍ରୀଅରବିନ୍ଦଙ୍କ ଯୋଗ ସାଧନା ସମ୍ପର୍କରେ କିଛି ପ୍ରଶ୍ନ କରି ଚିଠି ପଠାଇଥିଲେ । ସେହି ଚିଠିର ଉତ୍ତର ଦେଇ ବାବାଜି ମହାରାଜ କେତେକ ବିଷୟ ବୁଝାଇ ଲେଖିଥିଲେ । ସେହି ଚିଠିଟି ପାଠଚକ୍ରରେ ସମସ୍ତେ ଆଗ୍ରହରେ ଶୁଣିଲେ । ନରେନ୍ଦ୍ର କିଶୋର ଦାସ ଏହିପରି ସରଳ ଭାବରେ ଶ୍ରୀଅରବିନ୍ଦଙ୍କ ଯୋଗ ସମ୍ପର୍କରେ ଚିଠି ଲେଖିବା ପାଇଁ ବାବାଜି ମହାରାଜଙ୍କୁ ଅନୁରୋଧ କରିଥିଲେ । ସେହି ଚିଠିଗୁଡ଼ିକ ସବୁ ପାଠଚକ୍ରକୁ ପଢ଼ିବା ପାଇଁ ଦିଆଯାଉଥିଲା । ପରେ ଚିଠିଗୁଡ଼ିକ ଏକତ୍ର କରି ବହି ଆକାରରେ ଛପା ହେଲା ଏବଂ ଏହାହିଁ ଶ୍ରୀଅରବିନ୍ଦ ଲୋକ ସାହିତ୍ୟର ଆରମ୍ଭ କାହାଣୀ । ଛାତ୍ରମାନଙ୍କ ପାଇଁ ଏକ ନୂତନ ମାସିକ ପତ୍ରିକା 'ନବପ୍ରକାଶ' ୧୯୭୦ ମସିହାରେ ପ୍ରକାଶ ପାଇଥିଲା ।

୧୯୬୬ ମସିହାରେ ନବଜ୍ୟୋତି ଅଫିସ ଚାଲୁଥିବା ଘରଟିର ମାଲିକ ତାହାକୁ ବିକ୍ରିକରି ଦେବାକୁ ଚାହିଁବାରୁ ମା'ଙ୍କ ଅନୁମତି ନେଇ ତାହା ଶ୍ରୀ ଉତ୍ସବ ସାମନ୍ତରାୟ ମା'ଙ୍କ ନାମରେ ଖର୍ଦ୍ଦି କଲେ । ଦର୍ଶନ ସମୟରେ ଓଡ଼ିଶାରୁ ଏଣିକି ବହୁ ସଂଖ୍ୟାରେ ଭକ୍ତ ଆସିବାକୁ ଲାଗିଲେ । ସେତେବେଳେ ଆଶ୍ରମରେ ଅଳ୍ପ ଗେଷ୍ଟହାଉସ୍ ରହିଥିଲା । ତେଣୁ ଦର୍ଶକମାନଙ୍କ ପାଇଁ ରହିବା ବ୍ୟବସ୍ଥା କରିବା ସକାଶେ ପ୍ରଥମେ ପ୍ରେସ୍ ଘର, ତାପରେ ଓଡ଼ିଆ ନିଳୟମ୍, ଓଡ଼ିଶା ଗେଷ୍ଟ ହାଉସ୍, ଅତିଥି ଭବନ, ରାମକୃଷ୍ଣ ଭବନ, ଗାର୍ଡ଼େନ ଗେଷ୍ଟହାଉସ୍ ଇତ୍ୟାଦି ଗେଷ୍ଟହାଉସ୍‌ମାନ ନୂତନ ଭାବରେ ନିର୍ମାଣ ହୋଇଥିଲା ।

ଶ୍ରୀଅରବିନ୍ଦଙ୍କ ଶତବାର୍ଷିକୀ ଆରମ୍ଭ ହେଲା ୧୫ ଅଗଷ୍ଟ ୧୯୭୨ରେ । ମା' ସେତେବେଳେ ଏକ ବାଣୀ ଦେଇଥିଲେ ଯେ ବର୍ତ୍ତମାନ ସମୟ ଆସିଛି, ଶ୍ରୀଅରବିନ୍ଦଙ୍କ ବାଣୀ ଘରେ ଘରେ ପହଞ୍ଚିବା ଦରକାର । ଏହି ଉଦ୍ଦେଶ୍ୟରେ ଏକ ସେଣ୍ଟିନାରୀ କମିଟି ଗଠନ କରାଗଲା । ପ୍ରତି ଜିଲ୍ଲାରେ ଗୋଟିଏ ଗୋଟିଏ ଏହି କମିଟି ହେଲା । ସମଗ୍ର ଓଡ଼ିଶାକୁ ଚାରୋଟି ଜୋନ୍‌ରେ ବିଭକ୍ତ କରି ପ୍ରତ୍ୟେକ ଜୋନ୍‌ର ଜଣେ ଜଣେ ସଙ୍ଗଠକ ରହିଲେ । ସମଗ୍ର ଓଡ଼ିଶାରେ ପ୍ରତି ଗାଁ ଗଣ୍ଡାରେ ବୁଲି ଶ୍ରୀଅରବିନ୍ଦଙ୍କ ବାଣୀ ପ୍ରସାର କରାଗଲା । ପ୍ରପତ୍ତି ସର୍ବଦା କହୁଥିଲେ ଶିକ୍ଷାଧାରାର ପରିବର୍ତ୍ତନ ଫଳରେ ହିଁ ସାମାଜିକ ପରିବର୍ତ୍ତନ ତ୍ୱରାନ୍ୱିତ ହେବ । ଯେଉଁ ସ୍ଥାନରେ ଏକ ସୁଗଠିତ ପାଠଚକ୍ର ରହିଥିଲା ସେଠାରେ ଏକ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠା କରିବା ପାଇଁ ସେ ଉଦ୍ୟମ କରିଥିଲେ । ପ୍ରଥମେ ଭୁବନେଶ୍ୱରରେ ଏକ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ୧୯୭୦ ମସିହାରେ ଆରମ୍ଭ ହୋଇଥିଲା । ତାପରେ ରାଉରକେଲା, ଗୋପୀନାଥପୁର, ସମ୍ବଲପୁର, ଭୁବନେଶ୍ୱର ଆଚାର୍ଯ୍ୟ ବିହାର, ପୁରୀ, ବ୍ରହ୍ମପୁର, କଟକ (ମାତୃଭବନ)ରେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ମାନ ପ୍ରତିଷ୍ଠା ହେଲା । ଆସ୍ତେ ଆସ୍ତେ ଓଡ଼ିଶାରେ ଅନେକ ସ୍ଥାନରେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଗଢ଼ିଉଠିଲା ।

ଓଡ଼ିଶାରେ ଯେଉଁ ଶ୍ରୀଅରବିନ୍ଦ ପ୍ରତିଷ୍ଠାନମାନ ଗଢ଼ିଉଠିଲା ତାହା ବିଶ୍ୱରେ ଅଦ୍ୱିତୀୟ । ୧୦୬୭୬ ପାଠଚକ୍ର, ୪୮୨ଟି ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଏବଂ ୬୫ଟି ରିଲିକ୍ସ ସେଣ୍ଟର ଗଢ଼ିଉଠିଛି ତାହା ମା'ଙ୍କର ଓଡ଼ିଶା ପ୍ରତି ଅପାର କରୁଣାର ନିଦର୍ଶନ । ଏହି ଅନନ୍ୟ ସଫଳତା ପାଇଁ ଆମେ ମା'ଙ୍କ ନିକଟରେ ପ୍ରତି ମୁହୂର୍ତ୍ତରେ ଗଭୀର କୃତଜ୍ଞତା ଜଣାଇବା ଦରକାର । ଓଡ଼ିଶାର ଏହି ସକଳ ପ୍ରତିଷ୍ଠାନ ସୁଚାରୁରୂପେ ପରିଚାଳନା କରୁଥିବା ହେତୁ ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପାଠଚକ୍ର କମିଟି ଧନ୍ୟବାଦର ପାତ୍ର । ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପାଠଚକ୍ର କମିଟ ଆନୁକୂଲ୍ୟରେ ଶ୍ରୀଅରବିନ୍ଦ ଇଞ୍ଜିନିୟରିଂ ଆଣ୍ଡ ଟେକ୍‌ନିକାଲ ଗ୍ରୁପ୍, ଶ୍ରୀଅରବିନ୍ଦ ମେଡ଼ିକାଲ ଆସୋସିଏସନ, ଶ୍ରୀଅରବିନ୍ଦ ଲିଗାଲ ୟୁନିଟ୍ ଭଳି ଅନୁଷ୍ଠାନମାନ ଗଢ଼ିଉଠି ବୈଷୟିକ କ୍ଷେତ୍ରରେ ବି ଶ୍ରୀଅରବିନ୍ଦଙ୍କ ଯୋଗ ପ୍ରତି ସଚେତନତା ସୃଷ୍ଟି କରିବା ଏକ ପ୍ରଶଂସନୀୟ ଉଦ୍ୟମ । ଶ୍ରୀଅରବିନ୍ଦ କହିଛନ୍ତି, 'ସମଗ୍ର ଜୀବନହିଁ ଯୋଗ' । ତେଣୁ ଜୀବନ ଯାତ୍ରାର ସକଳ କ୍ଷେତ୍ରରେ ଆଧ୍ୟାତ୍ମିକ ମନୋଭାବ ସୃଷ୍ଟିକରିବା ହେଲା ଶ୍ରୀଅରବିନ୍ଦଙ୍କ ଯୋଗର ଏକ ଉଦ୍ଦେଶ୍ୟ ।

ଓଡ଼ିଶାର ଆଧ୍ୟାତ୍ମିକ ଜାଗରଣ ପାଇଁ ଏବଂ ସେହି ଦିଗରେ ଓଡ଼ିଶାକୁ ପରିଚାଳିତ କରିନେଇ ଯିବା ପାଇଁ ବାବାଜି ମହାରାଜ ହେଲେ ଅଗ୍ରଦୂତ । ନୂତନ ସତ୍ୟଯୁଗର ସ୍ୱର୍ଣ୍ଣିମ ଉଷା ଦିଗରେ ଅଙ୍ଗୁଳି ନିର୍ଦ୍ଦେଶ କରି ସେ ଓଡ଼ିଶାବାସୀଙ୍କୁ ଦେଖାଇଦେଇଥିଲେ ଏବଂ ସେହି ସୂର୍ଯ୍ୟାଲୋକିତ ପଥରେ ଓଡ଼ିଶାବାସୀଙ୍କୁ ପ୍ରଣୋଦିତ ଓ ପରିଚାଳିତ କରି ନେଇ ଯାଇଥିଲେ । ମା' ତାଙ୍କର ଦିବ୍ୟ କରୁଣାର ଧାରା ଓଡ଼ିଶାବାସୀଙ୍କ ଉପରେ ଅବାରିତ ଭାବରେ ଢ଼ାଳି ଦେଉଛନ୍ତି । ତାହାରି ନିଦର୍ଶନ ସ୍ୱରୂପ ଓଡ଼ିଶା ରାଜ୍ୟରେ ୬୫ଟି ସାଧନାକେନ୍ଦ୍ର ପ୍ରତିଷ୍ଠା ହୋଇ ସାରିଛି ଏବଂ ପ୍ରଭୁଙ୍କ ପବିତ୍ର ଦେହାଂଶ ସେହି ସ୍ଥାନମାନଙ୍କରେ ସ୍ଥାପନ କରାଯାଇଛି । ଯେଉଁ ସ୍ଥାନରେ ପ୍ରଭୁଙ୍କ ଦେହାଂଶ ସ୍ଥାପନ ହୋଇଛି, ସେହି ସ୍ଥାନମାନଙ୍କରେ ପ୍ରଭୁଙ୍କ ଦିବ୍ୟ ଭୌତିକ ଉପସ୍ଥିତି ପ୍ରତ୍ୟକ୍ଷ ଭାବରେ ରହିଛି । ଓଡ଼ିଶାବାସୀ ସେହି ଦିବ୍ୟ ଉପସ୍ଥିତିର ସାନ୍ନିଧ୍ୟ ଲାଭ କରିବା ପାଇଁ ଯୋଗ୍ୟ ହୋଇ ଉଠିବା ଦରକାର । ନିଜକୁ ଭଗବତୀଙ୍କ ଚରଣରେ ସମ୍ପୂର୍ଣ୍ଣ ଭାବେ, ନିଃଶେଷରେ ଦେଇଦେବା ଫଳରେହିଁ ବ୍ୟକ୍ତି ସେହି ଯୋଗ୍ୟତା ହାସଲ କରିପାରିବ । ଏହି ଅଖଣ୍ଡ ଐକାନ୍ତିକ ଆତ୍ମସମର୍ପଣ ଦିନେ ବା ଦୁଇଦିନ ଭିତରେ ହୋଇପାରିବ ନାହିଁ । ସେହି ଦିଗରେ ବ୍ୟକ୍ତିର ନିୟମିତ ଏକ ଆନ୍ତରିକ ପ୍ରୟାସ ରହିଥିବା ଦରକାର ।

❖ ❖ ❖

# ଶ୍ରୀଅରବିନ୍ଦ ପାଠଚକ୍ର ସଙ୍ଗଠନର ସୂତ୍ର

ଶ୍ରୀ ଅନାଦି ଚରଣ ସ୍ୱାଇଁ

ଫୁଟି ଉଠିବାର ସଙ୍କଳ୍ପ ନେଇ ଗଛରେ ଫୁଲଟିଏ ଯେତେବେଳେ ଫୁଟିଉଠେ ସେତେବେଳେ ତା ଭିତରେ ମଧୁ ସଞ୍ଚାର ହୁଏ। ସେହି ମଧୁ ସଞ୍ଚାର କ୍ରିୟାରେ ଗୋଟିଏ ଏପରି ମହକ ସୃଷ୍ଟିହୁଏ ଯାହାକି ଅପରିଚିତ ପୃଥିବୀର କେଉଁ କୋଣରୁ ମହୁମାଛି ବା ପ୍ରଜାପତିଟିଏ ଆହ୍ୱାନ କରିପାରେ ଏବଂ ସେହି ଅନ୍ତର୍ଗତ ମିଳନ ପ୍ରକ୍ରିୟାରୁ ଆରମ୍ଭ ହୁଏ ସଙ୍ଗଠନ। ମହୁ ଫେଣାଟି ଭିତରେ ଅନେକ ଫୁଲର ମହୁ, ଅନେକ ମହୁମାଛି, ଫୁଲ ଓ ପ୍ରଜାପତିମାନଙ୍କର ମିଳନ, ପାରସ୍ପରିକତା, ଆନନ୍ଦ ଫୁଲମାନଙ୍କର ଓ ପ୍ରଜାପତିମାନଙ୍କର ଭବିଷ୍ୟତ ବଂଶବୃଦ୍ଧି ଓ ସମୃଦ୍ଧିର ମୂଳ ସଙ୍ଗଠନ। ସୁତରାଂ ସଙ୍ଗଠନ ଗୋଟିଏ କର୍ମ, ଗୋଟିଏ ସାଧନା ଯାହାବଳରେ ଗୋଟିଏ ଆଦର୍ଶ, ଗୋଟିଏ ଲକ୍ଷ୍ୟ ମାନବ ସମାଜର ଅନେକଙ୍କ ଭିତରକୁ ସମ୍ପ୍ରସାରିତ ହୁଏ। ଶ୍ରୀମା ଶ୍ରୀଅରବିନ୍ଦଙ୍କ ଅତିମାନସ ଶକ୍ତି ଗୋଟିଏ ସଙ୍ଗଠନ। ଶ୍ରୀମା ଶ୍ରୀଅରବିନ୍ଦ ଅତିମାନସ ଶକ୍ତି ଗୋଟିଏ ସଙ୍ଗଠନ, ଗୋଟିଏ ସ୍ୱୟଂକ୍ରିୟ ସଙ୍ଗଠନ ଯାହା ଅନ୍ୟମାନଙ୍କୁ ଏକାଠି ସଙ୍ଗଠିତ କରେ। ସଙ୍ଗଠନ ଗୋଟିଏ ଶକ୍ତି ଯାହା ବ୍ୟକ୍ତିକୁ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଆଡ଼କୁ ପ୍ରଚୋଦିତ କରେ ଏବଂ ଦେଖାଯାଏ ଯେ ସେହି ଶକ୍ତି ପାଇଁ ସେ ଜନ୍ମ ହୋଇଥାଏ। ସଙ୍ଗଠନରେ କାର୍ଯ୍ୟ କରୁଥିବା ପ୍ରତ୍ୟେକ ବ୍ୟକ୍ତି ନିଜେ ନିଜକୁ ଅନୁଶୀଳନ କଲେ ଜାଣିପାରିବ ଯେ ଏହା ଏପରି ଏକ ଆତ୍ମୋତ୍ସର୍ଗ ଯୋଗ ଯାହା ସାଧକଙ୍କୁ ସାଧନା ଆଡ଼କୁ ଓ ଭଗବାନଙ୍କ ଆଡ଼କୁ ବାଟ କଢ଼େଇ କଢ଼େଇ ନିଏ।

ଓଡ଼ିଶାର ଭାଇ-ଭଉଣୀମାନେ ଯଦି ପ୍ରକୃତରେ ଶ୍ରୀଅରବିନ୍ଦ ପାଠଚକ୍ର କ'ଣ ଏବଂ କେଉଁ କାର୍ଯ୍ୟ ଆମର କରିବା ଆବଶ୍ୟକ ଜାଣିବାକୁ ଚାହାନ୍ତି ତାହେଲେ, ମୋ ନିଜକଥା ଜାଣିଲେ ଏବଂ ସେମାନେ ନିଜ ନିଜ ସହିତ ସମ୍ପୃକ୍ତ ହେଲେ ସଙ୍ଗଠନ ଭବିଷ୍ୟତ ସମାଜ ନିର୍ମାଣରେ ସହାୟକ ହେବ। ଏହାହିଁ ସାମୂହିକ ଯୋଗ ଓ ସାଧନା ଯାହା ବ୍ୟକ୍ତିକୁ ସମୂହ ଭିତରେ ନିଜର ଅଂଶକୁ ସାର୍ଥକ କରିବାକୁ ହେବ। ଆମକୁ କୁହାଯାଇଛି ଏକାଠି ଚାଲିବା, ଏକାଠି କଥା କହିବା ବା ଏକା ପ୍ରକାରର କଥା କହିବା, ମନଗୁଡ଼ିକୁ ଏକ କରିବା ଯାହାକୁ ଆମେ ସଙ୍ଗତି ବୋଲି କହୁଛୁ, ସମାନ ଆଦର୍ଶ ଓ ଲକ୍ଷ୍ୟରେ ସମସ୍ତେ ଏକାଠି ସହଯୋଗୀ ହୋଇ ନାନାବିଧ ବିକାଶ ଓ ଆତ୍ମସାଧନାରେ ନିୟୋଜିତ ରହିବା। ଅତ୍ୟନ୍ତ ସହଜ ପରିଭାଷା ନିଜକୁ ପ୍ରସ୍ତୁତ କରିବା ଓ ସମାଜରେ କାର୍ଯ୍ୟ କରିବା। ପ୍ରଭୁଙ୍କ ନିର୍ଦ୍ଦେଶ, "ଆମ୍ଭମାନଙ୍କୁ ମହତ୍ କର, ମହତ ପ୍ରୟାସୀ କର, ମହତ୍ ଭାବ ସହିତ କାର୍ଯ୍ୟର ଉପଯୁକ୍ତ ହୋଇଉଠୁ।"

ମନୁଷ୍ୟର ସାଧାରଣ ଜୀବନ ଯାତ୍ରାର ଯାହା ଆଭିମୁଖ୍ୟ, ଆପଣାର ପରିବାର ଗଠନକରି ସୁଖ ସମୃଦ୍ଧିର ଜୀବନ ଯାପନ କରିବା, ତାହା ମୋର ମୂଳରୁ ବା ଜନ୍ମରୁ ନଥିଲା। ରାସ୍ତାରେ ଯେପରି ମୋଡ଼ଥାଏ, ସେହିପରି ଜୀବନରେ ମୋଡ଼ ଥାଏ ଓ ଯାନ ବା ଯାତ୍ରୀ ଏତିକିବେଳେ ଗୋଟିଏ ଦିଗରୁ ଆଉ ଗୋଟିଏ ଦିଗକୁ ତାର ନିଜସ୍ୱ ଲକ୍ଷ୍ୟ ଆଡ଼କୁ ଗତିକରେ। ସେହିପରି ସେହି ସମାନ ଧାରାରେ ଚାକିରୀ କରି ପରିବାରକୁ ଓ ଜୀବନକୁ ସହାୟ ହେବା ଆଭିମୁଖ୍ୟରେ ପ୍ରଥମେ ସାହିତ୍ୟ ପଢ଼ିବା, ଧର୍ମ ପାଳନ କରିବା ଏବଂ ଭଗବାନଙ୍କ ଆଡ଼କୁ ଯାତ୍ରା କରିବା ଇଚ୍ଛା ଓ ଆବେଗ କ୍ରମେ ସୃଷ୍ଟି ହେଲା। ସବୁର ମୂଳରେ ଥିଲା ଏହା କ'ଣ ଜାଣିବାକୁ ପଢ଼ିବା, ଚିନ୍ତାକରିବା ଓ ସେହିପରି ହେବାକୁ ଅନୁଭୂତି ନେବାକୁ ଚେଷ୍ଟା କରିବା। ଭଦ୍ରକରେ ଚାକିରୀ କରୁଥିବା ବେଳେ ୧୯୭୧ ଜୁନ୍ ସମୟରେ ଶ୍ରୀଅରବିନ୍ଦ ଶ୍ରୀମାଙ୍କ ନାମ ଶୁଣିବାକୁ ମିଳିଲା, ଆଗ୍ରହ ସୃଷ୍ଟି ହେଲା, ପଢ଼ିବାକୁ ଥିଲା ସତ୍ୟଶ୍ରୀ ପତ୍ରିକା, ଲେଖିବାକୁ ନାମ ମିଳିଲା, ବାବାଜି ରାମକୃଷ୍ଣ ଦାସ, ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ ପଣ୍ଡିଚେରୀ। ଚିଠି ଲେଖିଲା ପରେ ଉତ୍ତର ଆସିଲା ଶ୍ରୀମା ଶ୍ରୀଅରବିନ୍ଦଙ୍କ ଫଟୋରଖ, ମା' ନାମ ଜପକର, ଶ୍ରୀଅରବିନ୍ଦଙ୍କ ସାହିତ୍ୟ ପଢ଼- କାର୍ଯ୍ୟଟିର ନାମ ଶ୍ରୀଅରବିନ୍ଦ ପାଠଚକ୍ର ବା ଶ୍ରୀଅରବିନ୍ଦଙ୍କ ସାଧନା ବା ଶ୍ରୀଅରବିନ୍ଦଙ୍କ ଯୋଗ। ଫଟୋକୁ ଚାହିଁବା, ପ୍ରାର୍ଥନା କରିବା ଓ ପଢ଼ିବାରେ ଯେଉଁ ଭାବ ଚେତନା ସୃଷ୍ଟି ହେବ ସେହି ଅନୁସାରେ କାର୍ଯ୍ୟ କରିବାରେ ଜୀବନର ଧାରା ଅଗ୍ରଗତି କରିବା। ଭଦ୍ରକ, ଚରମ୍ପା ଅଞ୍ଚଳରେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଚେତନା ସମ୍ପର୍କରେ ଆସିବା ଭାଇଭଉଣୀମାନଙ୍କ ଦେଖିବାର ସୁଯୋଗ ଶ୍ରୀଅରବିନ୍ଦ ପାଠଚକ୍ର, ସଭା, ସମ୍ମିଳନୀ ଓ ଶିବିର ମାନଙ୍କରେ ଦେଖିବାକୁ ମିଳିଲା। ସେମାନଙ୍କ ସହିତ ପରିଚୟ ଆଦାନ ପ୍ରଦାନ ବେଳେ ସେମାନେ ଉତ୍ସାହିତ କଲେ ଗାଁ ମାନଙ୍କରେ ଶ୍ରୀଅରବିନ୍ଦ ପାଠଚକ୍ର କର। ଯେଉଁମାନେ ଶ୍ରୀଅରବିନ୍ଦ ପାଠଚକ୍ର କରୁଥିଲେ ସେହିମାନଙ୍କୁ ଦେଖିଲାପରେ, ସେହିମାନେ ପାଠଚକ୍ରରେ କ'ଣ କରୁଛନ୍ତି ଦେଖିଲା ପରେ, ମହାରାଜଙ୍କ ଆନ୍ତରିକତା ପୂର୍ଣ୍ଣ ପତ୍ର ସବୁ ପଢ଼ିଲା ପରେ, ସଭା, ସମ୍ମିଳନୀରେ ସାଧକମାନଙ୍କ ବକ୍ତବ୍ୟ ଏବଂ ଆଳାପ ଆଲୋଚନାରେ ଜଣାଗଲା ଶ୍ରୀଅରବିନ୍ଦ ପାଠଚକ୍ର କ'ଣ ? ଚାକିରୀ କରୁଥିବା ଅଞ୍ଚଳରେ ଗ୍ରାମମାନଙ୍କରେ ନିଜେ ଶ୍ରୀଅରବିନ୍ଦ ପାଠଚକ୍ର କରିବା ସହିତ ଯୁବକ ପିଲାମାନଙ୍କୁ ନେଇ ଶ୍ରୀଅରବିନ୍ଦ ପାଠଚକ୍ର କରାଇଲି। ନିଜେ ପାଠଚକ୍ର କରିବା, କରାଇବା, ଆସନ, ବ୍ୟାୟାମ କରିବା ଓ କରାଇବା, ଶ୍ରୀଅରବିନ୍ଦ ଶ୍ରୀମା'ଙ୍କ ବହି ପଢ଼ିବା ଓ ପଢ଼ାଇବା, ସମସ୍ତଙ୍କ ପାଖକୁ ଯିବା ଏବଂ ସମସ୍ତଙ୍କୁ ପାଠଚକ୍ର ସଭା-ସମ୍ମିଳନୀକୁ ଅଣାଇବା ଏହିସବୁ କାର୍ଯ୍ୟରେ ଏପରି ଭାବଗତ ସମ୍ପର୍କ ଅନ୍ୟମାନଙ୍କ ସହିତ ବଢ଼ିଗଲା ଯାହା ଫଳରେ ସଙ୍ଗଠନ ସହିତ ଜୀବନ- ସାଧନା ସମ୍ପର୍କିତ ହୋଇଗଲା। ଏହି ସମୟରେ ଓଡ଼ିଶା କାର୍ଯ୍ୟରେ ମଧୁସୂଦନ ମିଶ୍ର, ମହେନ୍ଦ୍ର ନାଥ ମହାନ୍ତିଙ୍କୁ ସେମାନଙ୍କ କାର୍ଯ୍ୟରେ ସହଯୋଗ କରି ସେମାନଙ୍କ ନିକଟତର ହେବାର ସୌଭାଗ୍ୟ ମିଳିଲା। ବନ୍ଧୁତ୍ୱ ବା ଭାତୃତ୍ୱ ଏପରି ଏକ ଚେତନାର କ୍ରିୟା ଯାହା ବଳରେ ଜଣେ ଆଉ ଜଣକ ସହିତ ମିଶିଯିବ। ଆଉ ଜଣକୁ ସାହାଯ୍ୟ କରିବାରେ ଏକ ସ୍ୱତଃସ୍ଫୂର୍ତ୍ତ ଆନନ୍ଦ ଓ ଆବେଗର ପ୍ରବାହ ସୃଷ୍ଟିହୁଏ। ବିଶେଷତଃ ମଧୁ ଭାଇନା ଚାକିରୀ ଛାଡ଼ି ମା'ଙ୍କ କାର୍ଯ୍ୟ କରୁଥିଲେ ତେଣୁ ମୁଁ ବି ଚାକିରୀ ଛାଡ଼ି ମା'ଙ୍କ କାର୍ଯ୍ୟ କରିବି- ପ୍ରବୃତ୍ତିଟି ଜାଗ୍ରତ ହେଲା। କଥାଟିଏ ଆମେ ସମସ୍ତେ ଜାଣିଛନ୍ତି ଯେ, "ଯେଉଁମାନେ

ଭଗବାନଙ୍କୁ ବାଛିଛନ୍ତି ସେମାନେ ଭଗବାନଙ୍କ ଦ୍ୱାରା ବଛାଯାଇଛନ୍ତି ।" ଆମେ ସମସ୍ତେ ଆମ ସୁବିଧା ସୁଯୋଗ ଓ ବିନିଯୋଗ ପାଇଁ ଭଗବାନଙ୍କୁ ବାଛିଥିଲେ, ଭଗବାନ ଅର୍ଜୁନଙ୍କୁ କହିଲେ ଯୁଦ୍ଧକର, ଅର୍ଜୁନ କହିଲେ, "ନ ଯୋତ୍ସ୍ୟାମି" ଅର୍ଥାତ୍ ଯୁଦ୍ଧ କରିବି ନାହିଁ । ଶ୍ରୀକୃଷ୍ଣ ପ୍ରବର୍ତ୍ତାଇଲେ, "ଯୁଦ୍ଧାୟ କୃତ ନିଶ୍ଚୟ" । ନିଶ୍ଚୟ ଯୁଦ୍ଧ କରିବାକୁ ହେବ । ଆମକୁ କୁହାଯାଉଛି, "ବିନାଶ କର କ୍ଷୁଦ୍ରତା, ବିନାଶ କର ସ୍ୱାର୍ଥ, ବିନାଶ କର ଭୟ" - "ସ୍ୱାର୍ଥ, ଭୟ କ୍ଷୁଦ୍ରଶୟତାରେ ମ୍ରିୟମାଣ ଭାରତ ।" ଆବଶ୍ୟକ ଏକ ନିରବ, ଶାନ୍ତ ମନ । ଆମେ ସମସ୍ତେ ଇଚ୍ଛାଧୀନ ଯୋଗୀ ।

ଯାହାହେଉ କ୍ରମେ ଭଦ୍ରକରୁ ସାରା ବାଲେଶ୍ୱର ଜିଲ୍ଲା ଓ ପରେ କେନ୍ଦୁଝର ମୟୂରଭଞ୍ଜ ଜିଲ୍ଲା ଶ୍ରୀଅରବିନ୍ଦ ପାଠଚକ୍ର ବନ୍ଧୁମାନଙ୍କ ସହିତ ସମ୍ପର୍କ ଗଢ଼ିଉଠିଲା । ପଢ଼ିବା ଭିତରେ ନବପ୍ରକାଶରେ ଲେଖିବା ଆରମ୍ଭ ହେଲା । ଶ୍ରୀମା ଶ୍ରୀଅରବିନ୍ଦଙ୍କ ପୁସ୍ତକ ପଢ଼ି ଶ୍ରୀଅରବିନ୍ଦ ପାଠଚକ୍ରରେ କହିବା ଆରମ୍ଭ ହେଲା । ନିଜକୁ ସମ୍ପୂର୍ଣ୍ଣ ପ୍ରଭୁଙ୍କ କାର୍ଯ୍ୟରେ ନିୟୋଜିତ କରିବାର ସୁଯୋଗ ମିଳିଗଲା । ଗୋଟିଏ ମାତ୍ର ସୁଯୋଗ ଅଫିସରମାନେ ଯେତେବେଳେ ଜାଣୁଥିଲେ ମୁଁ ଶ୍ରୀମାଶ୍ରୀଅରବିନ୍ଦଙ୍କ କାର୍ଯ୍ୟରେ ମନ ଦେଉଛି ମୋତେ ସୁଯୋଗ ଦେଉଥିଲେ । ହଠାତ୍ କଟକ ବଦଳି ହେଲା ଏବଂ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱରରୁ ସମ୍ପର୍କ କୋରାପୁଟ, ସୁନ୍ଦରଗଡ଼ ଆଡ଼କୁ ବଢ଼ିଗଲା । ବାବାଜି ମହାରାଜ ସବୁ ଖବର ରଖୁଥିଲେ ଉତ୍ସାହିତ କରୁଥିଲେ । ମଝିରେ ମଝିରେ ଶିବିର ଓ ସମ୍ମିଳନୀ ଆୟୋଜନ କରିବାରେ ପ୍ରପତ୍ତିଙ୍କ ସହିତ ସମ୍ପର୍କ ରହୁଥିଲା । ଏହିପରି ଏକ ସମୟରେ ପ୍ରପତ୍ତି ଅସୁସ୍ଥ ହେଲେ, ମଧୁ ଭାଇନା ମଧ ଅସୁସ୍ଥ ହୋଇ ଶ୍ରୀଅରବିନ୍ଦ ଆଶ୍ରମ ପଣ୍ଡିଚେରୀରେ ରହିବା ନିଷ୍ପତ୍ତି କଲେ । ଗୋଟିଏ କଥା ବାରବାର ମନକୁ ଆଲୋଡ଼ିତ କଲା, "ଭାଇନା ଚାଲିଗଲେ କ'ଣ ଓଡ଼ିଶା କାର୍ଯ୍ୟ ବନ୍ଦ ହୋଇଯିବ ? ଭାଇନାଙ୍କୁ ଚିଠି ଲେଖି ସବୁ ଜିଲ୍ଲାର ଠିକଣା ଆଣି ସମସ୍ତଙ୍କ ସହିତ ଯୋଗାଯୋଗ କରି ଭାଇନାଙ୍କ କାର୍ଯ୍ୟ ପୂରା କରିବସିଲି । ଚାକିରୀ ଥାଇ ୧୯୮୬ରେ ଦୀର୍ଘ ଛଅମାସ ଛୁଟି ନେଇ ଭାଇନାଙ୍କ ବର୍ଷକ ଆଗର ସ୍ଥିରୀକୃତ କାର୍ଯ୍ୟକ୍ରମ କରିଗଲା ପରେ ମହାରାଜ କହିଲେ, "ଏଥର, ଚାକିରୀରୁ ଇସ୍ତଫା ଦେଇ ମଧୁବାବୁ ଯେପରି କାର୍ଯ୍ୟ କରୁଥିଲେ, ସେହିପରି କରନ୍ତୁ । ମୋତେ ନେଇ ନିଜେ ମହାରାଜ ପ୍ରପତ୍ତିଙ୍କୁ କହିଲେ ଏବଂ ପ୍ରପତ୍ତି କହିଲେ, "ହଁ ସେ ପାରିବ ।"

ଏଥର ମଧୁଭାଇନାଙ୍କ ଡାଇରୀରୁ ସବୁ ଠିକଣା ଓ ସୂତ୍ର ସଂଗ୍ରହ କରି ଚାକିରୀ ଛାଡ଼ି ଶ୍ରୀଅରବିନ୍ଦ ଶ୍ରୀକ୍ଷେତ୍ରରେ ରହି ମୋ କାର୍ଯ୍ୟ ଆରମ୍ଭ କରିଦେଲି । ଆଜି ଶ୍ରୀଅରବିନ୍ଦ ପାଠଚକ୍ର ଜିଲ୍ଲାକର୍ମୀ ସମ୍ମିଳନୀ ୨୫ ବର୍ଷରେ ପଦାର୍ପଣ କଲା । ମଧୁଭାଇନା ୧୯୮୪ରେ ଆରମ୍ଭ କରିଥିଲେ । ଭଜଭାଇ ଓ ମୁଁ ୧୯୮୬ ରୁ ୨୦୦୧ ପର୍ଯ୍ୟନ୍ତ ଏହି କାର୍ଯ୍ୟ କରିଥିଲୁ । ଜିଲ୍ଲା ସବୁ ୧୩ରୁ ବଢ଼ି ବଢ଼ି ୩୦ ହେଲା । ଏହି କାର୍ଯ୍ୟକ୍ରମ କେତେକ ଶାରୀରିକ ଅସୁବିଧା ଯୋଗୁ ୨୦୦୨ ରୁ ମୁଁ ଆଉ ପାରିଲି ନାହିଁ । କାରଣ କାର୍ଯ୍ୟଟି ଥିଲା ବହୁ ପରିଶ୍ରମର । ଏବେ ଅବସ୍ଥା ବଦଳି ଗଲାଣି । ସଚେତନତା ସହଯୋଗ, ଯୋଗାଯୋଗ ସହଜ ହୋଇଗଲାଣି । ଭଜଭାଇ ମୁଁ ଜୁଲାଇ ବର୍ଷାଦିନ ୩ରେ ସମ୍ବଲପୁର ମାତୃନିବାସରେ ପହଞ୍ଚୁ କାରଣ ଭାଇନା ମାତୃନିବାସରୁ ଆରମ୍ଭ କରିଥିଲେ । ସମ୍ବଲପୁରରୁ ପୁରୀ କଷ୍ଟକର ଯାତ୍ରା । ପୁରୀରେ କାର୍ଯ୍ୟକ୍ରମ ପରେ ପୁନଶ୍ଚ କେନ୍ଦୁଝର । ଦିନେ ଛଡ଼ା ଦିନେ ଯାତ୍ରା । ଦିନେ ସମ୍ମିଳନୀ ଦିନେ ଯାତ୍ରା । ବସରେ ସାରାଦିନ ଯାତ୍ରା । ରାତ୍ରି ବିଶ୍ରାମ ପରେ ଦିନରେ ସମ୍ମିଳନୀ । ସମ୍ମିଳନୀର ବିଶେଷତ୍ୱ ଥିଲା ସାରା ଜିଲ୍ଲାର ସାଙ୍ଗଠନିକ କର୍ମୀମାନେ ଏକାଠି ହୋଇ ଗଲା ବର୍ଷ କ'ଣ ସବୁ କାର୍ଯ୍ୟ କରିଛନ୍ତି ଓ ଆସନ୍ତା ବର୍ଷ କ'ଣ ସବୁ କାର୍ଯ୍ୟ କରିବେ ପରସ୍ପର ଆଲୋଚନା କରୁଥିଲେ । ଆଲୋଚନା ଭିତରେ ମୁଁ ସଂକ୍ଷିପ୍ତ ପରିସଂଖ୍ୟାନ ଟିପି ରଖୁଥିଲି । ଯେଉଁମାନେ ଚାହିଁବେ ମୋ ପାଖରେ ଦୀର୍ଘ ୧୬ ବର୍ଷର ସମ୍ମିଳନୀ ସବୁର ବିବରଣୀ ଓ କିଏ କ'ଣ କହିଛନ୍ତି କ'ଣ କରନ୍ତି ତାର ଦିନଲିପି ସବୁ ରହିଛି । ସମସ୍ତେ ଏକାଠି ହେଲେ ଉତ୍ସାହଟିଏ ସୃଷ୍ଟି ହୁଏ, ମିଳନର ଆନନ୍ଦ, ସଦ୍‌ଭାବ ଓ ଭ୍ରାତୃତ୍ୱ ମା'ଙ୍କ କାର୍ଯ୍ୟରେ ସଙ୍ଗଠିତ ହୁଏ । ସେଦିନର ମୂଳ ସମସ୍ୟାଟି ଆଉ ନାହିଁ । ଭଜଭାଇ, ମୁଁ ସମସ୍ତ ପରିବେଶରେ ଆମକୁ କଷ୍ଟ ଲାଗିଲେବି ଚଳାଇ ନେଉଥିଲୁ । ସମସ୍ତଙ୍କ ସହିତ ମିଶି ଚଳିଗଲା ଫଳରେ ଆତ୍ମୀୟତାଟିଏ ସୃଷ୍ଟି ହେଉଥିଲା । ସେହି ଆତ୍ମୀୟତା ଭାଇ ଭଉଣୀମାନଙ୍କୁ ପରବର୍ତ୍ତୀ କାର୍ଯ୍ୟ କରିବାରେ ପ୍ରେରଣା ଯୋଗାଉଥିଲା । ସଙ୍ଗଠନ ଗୋଟିଏ ଆତ୍ମୀୟତା ପୂର୍ଣ୍ଣ କାର୍ଯ୍ୟ । ସେବକ ମନୋଭାବ ରହିଲେ ଏହି କାର୍ଯ୍ୟ ସହଜ ହୁଏ । ସେହି ଭାବ ପାଇଁ ଆନ୍ତରିକତା ଓ ସରଳତା ମଧ ବହୁତ ଆବଶ୍ୟକ । ଏହିପରି ଗୋଟିଏ ସମ୍ପର୍କରେ ବର୍ଷ ପରେ ବର୍ଷ ଆସିଲା ପରେ କଟକ ମାତୃଭବନ ମାମୁ, ବାବୁଲି ଭାଇ,ଏହିସବୁ କାର୍ଯ୍ୟରେ ସହଯୋଗୀ ହେଲେ ଏବଂ ଧୀରେ ଧୀରେ ସଙ୍ଗଠନର ସମ୍ପୂର୍ଣ୍ଣ ଦାୟିତ୍ୱ ନେଲେ । ଜିଲ୍ଲା ସଂଖ୍ୟା, ସମ୍ମିଳନୀ, ମହିଳା ପାଠଚକ୍ର ସମ୍ମିଳନୀ ଓଡ଼ିଶାର ସାଙ୍ଗଠନିକ ସ୍ୱରୂପ ଏବେ ସମସ୍ତେ ନିରୀକ୍ଷଣ କରୁଛନ୍ତି, ଜାଣୁଛନ୍ତି । ମା'ଙ୍କ କାର୍ଯ୍ୟ ମା' କରୁଛନ୍ତି । ମା' ଆମ୍ଭମାନଙ୍କୁ ଯନ୍ତ୍ରକରି କାର୍ଯ୍ୟଟି କରାଉଛନ୍ତି । ଆମେ ମା'ଙ୍କ ସହିତ ଚେତନାରେ ଏକ ହୋଇ କାର୍ଯ୍ୟଟି କଲେ ମା' ଯେପରି ସାରା ଜଗତର ମା ଆମେ ସେହିପରି ସାରାଜଗତର ଭାଇ ଭଉଣୀ ହୋଇ ମା'ଙ୍କ ଶିଶୁ ହୋଇ ପାରସ୍ପାରିକତା, ଆତ୍ମୀୟତା ଓ ସଦ୍‌ଭାବକୁ ସଙ୍ଗଠନର ସ୍ୱରୂପ ଭାବରେ ଗ୍ରହଣ କଲେ ମା'ଙ୍କ କାର୍ଯ୍ୟ ଆହୁରି ବିସ୍ତାର ଲାଭ କରିବ ।

❖ ❖ ❖

# ଶରୀର ମନ୍ଦିର

**ଶ୍ରୀମତୀ କନକଲତା ମହାନ୍ତି**

ଶରୀର ମାଦ୍ୟଂ ଖଳୁ ଧର୍ମ ସାଧନମ୍

ଏହି ମହତ୍ ବାକ୍ୟକୁ ଅଧିକ ପ୍ରାଞ୍ଜଳ କରି ଓଡ଼ିଆ ଭାଗବତକାର ଅତିବଡ଼ି ଜଗନ୍ନାଥ ଦାସ ଲେଖିଲେ:

ଏ ଦେହ ଥିଲେ ସର୍ବ ପାଇ
ଜଳେ ଯେସନେ ଚନ୍ଦ୍ର ଛାଇ।

ଭାରତ ବର୍ଷର ପୂରାତନ ଯୋଗୀରଷିମାନେ ସ୍ଥୂଳ ଶରୀର ବ୍ୟତୀତ ଆଉ ଦୁଇଟି ଶରୀର ବିଷୟରେ ମଧ୍ୟ ଉଲ୍ଲେଖ କରିଛନ୍ତି। ଗୋଟିଏ ହେଲା ପ୍ରାଣ ଏବଂ ମନ ଦ୍ୱାରା ଗଠିତ ବାୟବୀୟ ସୂକ୍ଷ୍ମ ଶରୀର। ଆଉ ଗୋଟିଏ ହେଲା ବିଜ୍ଞାନ ଏବଂ ଆନନ୍ଦରେ ନିର୍ମିତ ତେଜୋଦୀପ୍ତ କାରଣ ଶରୀର। ପ୍ରାୟ ପ୍ରତ୍ୟେକ ବ୍ୟକ୍ତିର ଚେତନାର ବିକାଶ ଏବଂ ସ୍ଥିତି ଅନୁସାରେ ଏକ ସୂକ୍ଷ୍ମ ଶରୀର ଥାଏ। କେବଳ ମହାତ୍ମା ମହାଯୋଗୀମାନଙ୍କର କାରଣ ଦେହ ବିକଶିତ ଗଠିତ ହୁଏ। କେହି କେହି ସ୍ଥୂଳ ସୂକ୍ଷ୍ମ ଦେହର ବିଲୟ ଘଟାଇ ଆତ୍ମ ଚେତନାରେ ଏକିଭୂତ ହୋଇ ତହିଁରେ ନିବାସ କରିବାର ଉଲ୍ଲେଖ ଅଛି।

ସେସବୁ କିନ୍ତୁ ଆମ ସାଧାରଣ ଜୀବନ ଚର୍ଯ୍ୟାର କଥା ନୁହେଁ ଆମ ହାତ ପାହାନ୍ତାର କଥା ନୁହେଁ। ଏଇ ସ୍ଥୂଳ ଜୀବନ ସ୍ଥୂଳ ପୃଥିବୀ ତାର ସୁଖ ଦୁଃଖ ଛାଇ ଆଲୁଅ ସଙ୍ଗେ ଏଠିକାର ଅବସ୍ଥିତି ଅବବୋଧ ସହିତ ରୂପକଥାର ଗଳ୍ପପରି ସେ ଦୁଇଟି ଶରୀରର ହୁଏତ କିଛି ସମ୍ପର୍କ ନାହିଁ। ଥିଲେ ମଧ୍ୟ ଆମେ ତାକୁ ଜାଣିପାରୁ ନାହିଁ ବୁଝି ପାରୁ ନାହିଁ।

ଆମ ପାଇଁ ଆମର ଏଇ ସ୍ଥୂଳ ଜଡ଼ ଶରୀର ହେଲା ମୂଳ ଆଧାର। ମୌଳିକ ସମସ୍ୟା। ସବୁ ଅରୁଆ ସୂତାର ମୂଳଗଣ୍ଠି।

ଯଦି ବା ଉପରୋକ୍ତ ବାକ୍ୟରେ ଶରୀରକୁ ଯଥେଷ୍ଟ ପ୍ରାଧାନ୍ୟ ଦିଆଯାଇଛି- ତାହା କେବଳ, ଐହିକ ଜୀବନରେ ସୁଖ ଭୋଗ ପାଇଁ ଅଥବା କିଛିଟା ଧର୍ମାଚରଣରେ ପୂଣ୍ୟ ସଞ୍ଚୟ କରି ସ୍ୱର୍ଗ ଲୋକ ଲାଭ ପାଇଁ ଅତିବେଶୀରେ ସାଧନା କରି (ଯାହାର ମାନେ ଶରୀରକୁ ଯଥେଷ୍ଟ କଷ୍ଟ ଦେବା। ଶରୀରର ଅନୁଭୂତି ଲୋପ କରିଦେବା। ଶରୀର ଅଛି ବୋଲି ପାଶୋରୀ ଦେବା।) ମୋକ୍ଷଲାଭ କରିବା।

କଣ୍ଟକ ଶଯ୍ୟାରେ ଶୟନ, ପଞ୍ଚାଗ୍ନି ସାଧନ (ଚତୁର୍ଦ୍ଦିଗରେ ଅଗ୍ନି ଜଳାଇ ବୈଶାଖ ମାସ ରୌଦ୍ରତାପରେ ବସି ଧ୍ୟାନସ୍ଥ ହେବା। ବର୍ଷ ବର୍ଷ ଧରି ଉପବାସ ରହିବା- ଏହିଭଳି ସାଧନା ପଦ୍ଧତି। ସମସ୍ତେ ଯେ ଏସବୁ ସାଧନା ମୋକ୍ଷପାଇଁ କରନ୍ତି, ଏହା ନୁହେଁ ଅନେକ ବିଭିନ୍ନ ଶକ୍ତି ଲାଭ ପାଇଁ ଏସବୁ କରନ୍ତି। ହଟ ଯୋଗରେ ଶରୀରକୁ ସବଳ ସୁସ୍ଥ ଦୀର୍ଘାୟୁ କରିବା ପାଇଁ ଆସନ ପ୍ରାଣାୟମ ପଦ୍ଧତି ଅବଲମ୍ବନ କରାଯାଏ। କଷ୍ଟ ସହିଷ୍ଣୁ କରାଯାଏ। ଶରୀରର ଏକ ସ୍ୱତନ୍ତ୍ର ଭାଗବତ ମୂଲ୍ୟ ଅଛି ବୋଲି ଏମାନେ କେହି ବି ସ୍ୱୀକାର କରନ୍ତି ନାହିଁ। ତନ୍ତ୍ର ମଧ୍ୟ ଶରୀରକୁ ଏକ କ୍ଷଣିକ ଭଙ୍ଗୁର ବସ୍ତୁ କିଛିଟା ଆବଶ୍ୟକ ହିସାବରେ ଦେଖେ। କେବଳ ବୈଷ୍ଣବମାନେ ଶରୀର ପ୍ରତି କିଛିଟା ସୁବିଚାର ସହନଶୀଳତା ପ୍ରଦର୍ଶନ କରିଛନ୍ତି। ଏକ ସାତ୍ୱିକ ଶୁଦ୍ଧ ସୁସ୍ଥ ସ୍ୱଚ୍ଛ ନମନୀୟ ଶରୀର ନହେଲେ ଭାବର ଅନୁଭବ ହେବ ନାହି, ଭାବମୟ ଗୋପୀ ଦେହ ଗଠିତ ହେବ ନାହିଁ ବୋଲି ମତପୋଷଣ କରିଛନ୍ତି। ତିଳ ତୁଳସ ଦିଆଁ ଏ ଦେହ ସମର୍ପିଲୁ ବୋଲି ବୈଷ୍ଣବ ପଦାବଳୀରେ ଗାନ କରାଯାଇଛି ତଥାପି ଶାରୀରିକ କୃଚ୍ଛ୍ର ସାଧନା ଶରୀର ପ୍ରତି ହେୟ ଭାବର ଉଣା ପଡ଼ିନାହିଁ।

ଶ୍ରୀମଦ୍ ଭାଗବତ ଗୀତାରେ କିନ୍ତୁ କୁହାଯାଇଛି ଯେଉଁମାନେ ସୂକ୍ଷ୍ମ ଅହଂର ବଶବର୍ତ୍ତୀ ହୋଇ ଶରୀରକୁ ଅତ୍ୟଧିକ କଷ୍ଟଦେଇ ତଥାକଥିତ ସାଧନା କରନ୍ତି ବା ସାଧନା ବଢ଼େଇ କରନ୍ତି ସେମାନେ ସମସ୍ତେ ତମୋଗୁଣି ଆସୁରି ସ୍ୱଭାବ ସମ୍ପନ୍ନ ଭଗବତ୍ ଉପଲବ୍ଧି ଅଯୋଗ୍ୟ ଅଟନ୍ତି। ସେମାନେ ସିଧା ନରକଗାମୀ ହୁଅନ୍ତି।

ଆମେ ସାଧାରଣ ଲୋକେ ମଧ୍ୟ ମୋ ଶରୀର ବୋଲି ଶରୀର ସଙ୍ଗେ ଜଡ଼ିତ ହୋଇଥାଉ ଏଣେ ସବୁ ଦାଉ ସବୁ ଧକ୍କା ଶରୀର ଉପରେ ଶୁଝାଉ ଥାଉ। ଆମ ପ୍ରାଣ ଆମ ମନ ଶରୀର ଉପରେ ଯେତେ ଇଚ୍ଛା ହାକିମି କରନ୍ତି। ଶରୀରକୁ ଖୁବ୍ ଖଟାନ୍ତି ଓ ଖୁବ୍ ଫାଙ୍କିମାରି ଅଳସୁଆ କରନ୍ତି। କାମ, କ୍ରୋଧ, ଲୋଭ, ମୋହ, ମଦ ମାତ୍ସର୍ଯ୍ୟର କଦର୍ଯ୍ୟ ସ୍ଥୂଳ ଦୁର୍ଭୋଗ ଶରୀର ଭୋଗେ, ରୋଗ ଏବଂ ଯନ୍ତ୍ରଣା ରୂପେ। କ୍ରୋଧରେ ମଣିଷ ଅନ୍ୟକୁ ହତ୍ୟା ପର୍ଯ୍ୟନ୍ତ କରେ। ନିଜେ ମଧ୍ୟ ହୃଦଘାତର ଶିକାର ହୋଇ ମରେ। କ୍ଷୁଧା ନଥିଲେ ସୁଦ୍ଧା ଲୋଭରେ ଆକଣ୍ଠ ଭୋଜନ କରି ପେଟ ରୋଗରେ ଶରୀର କଷ୍ଟ ପାଏ। କ୍ରୋଧ ଲୋଭ ପ୍ରାଣର ଦୋଷ। ମନର ପ୍ରରୋଚନାରେ ଦଣ୍ଡପାଏ ବିଚରା ଶରୀର।

ତଥାପି ରୋଗ ନାମକ ବିଶୃଙ୍ଖଳାକୁ ସଜାଡ଼ି ନେବାର ସାମର୍ଥ୍ୟ ଓ ସଚେତନତା ଏକ ସୁସ୍ଥ ସ୍ୱାଭାବିକ ଶରୀରର ଅଛି। ନିଜକୁ ଯନ୍ତ୍ରଣାମୁକ୍ତ ଆରୋଗ୍ୟ କରିବାର ରହସ୍ୟ ଶରୀର ଜାଣେ। ଶରୀରର ଇଚ୍ଛା ଅନିଚ୍ଛା ରଚି ଅଛି। ନିଜ ସ୍ଥିତି ପ୍ରତି ସଚେତନତା ଅଛି। ମଣିଷ ଏକଥା ନଜାଣି ଏତେଦୂର ମୁର୍ଖାମୀ କରେ ଯେ ପ୍ରାଣର ଘାତ ପ୍ରତିଘାତ କ୍ରୋଧ ହତାଶାର ଶୀକାର ହୋଇ ଶରୀରକୁ ବଳପୂର୍ବକ ନଷ୍ଟ ମଧ୍ୟ କରିଦିଏ ଅର୍ଥାତ୍ ଆତ୍ମହତ୍ୟା କରିଦିଏ। ଏହାର ଭୟଙ୍କର ପରିଣାମ ଓ କୁଫଳରୁ କେହି ବି ତ୍ରାହି ପାଏ ନାହିଁ ଦିବ୍ୟ କରୁଣାର ହସ୍ତକ୍ଷେପ ବିନା।

ପରମ କୃପାମୟୀ ଶ୍ରୀମା ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗ ମାର୍ଗର ଚରମ ଏବଂ ପରମ ପୂର୍ଣ୍ଣତା ହେଲା ଏହି ସ୍ଥୂଳ ଶରୀରର ଦିବ୍ୟ ରୂପାନ୍ତର ଏବଂ ଅନ୍ୟାନ୍ୟ ତିନୋଟି ସତ୍ତାପରି (ପ୍ରାଣ, ମନ, ଚୈତ୍ୟ ସତ୍ତା) ଶରୀରକୁ ପୂର୍ଣ୍ଣ ସ୍ୱୀକୃତି ଏବଂ ପୂର୍ଣ୍ଣ ସ୍ୱାଧୀନତା।

ମନ ପ୍ରାଣ ଭଳି ଶରୀର ମଧ୍ୟ ଅବଚେତନାରୁ ଅହଂକାରରୁ ଅଜ୍ଞାନ କବଳରୁ ପୂର୍ଣ୍ଣ ମୁକ୍ତ ହେବ। ସ୍ୱାଭାବିକ ସୁସ୍ଥତା, ସାମର୍ଥ୍ୟ, ସୌନ୍ଦର୍ଯ୍ୟ ଏବଂ ଦୀର୍ଘାୟୁଷ, ଇଚ୍ଛାମୃତ୍ୟୁ ତାର ପ୍ରାଥମିକ ସିଦ୍ଧି ରୂପରେ ଅବଶ୍ୟ ଆସିବ। ପ୍ରାଣ ମନର ବିନା ସହାୟତାରେ ସେ ଦିବ୍ୟ ଆନନ୍ଦ ଏବଂ ଆଲୋକକୁ ସିଧା ଆବାହନ

କରିପାରିବ । ଧାରଣ କରିପାରିବ । ଦିବ୍ୟ ଶକ୍ତିଦ୍ୱାରା ସେ ନିଜକୁ ସଜାଡ଼ି ନେଇ ପାରିବ । ତାର ପ୍ରତ୍ୟେକ କୋଷ ସଚେତନ ସଜାଗ ଭଗବତ୍ କର୍ମର ଯନ୍ତ୍ର ହୋଇଉଠିବ । ସର୍ବଶେଷରେ ହେବେ ରୂପାନ୍ତର ।

ଏଇ ଜଡ଼ ଅଚେତନ କ୍ଷଣ ଭଙ୍ଗୁର ରକ୍ତମାଂସର ସ୍ଥୂଳ ଶରୀର ହେବ - ଚିନ୍ମୟ ସଚେତନ, ଅମର ଦିବ୍ୟ ଭଗବତ ତନୁ । ବାବାଜି ମହାରାଜଙ୍କ ଭାଷାରେ ଆତ୍ମ ଧର୍ମରେ ଶରୀର ହେବ ଧର୍ମାନ୍ତରିତ । ଚୈତ୍ୟ ସତ୍ତାର ନେତୃତ୍ୱରେ ଶରୀର ହେବ ସିଧା ସଳଖ ଚାଳିତ । ରୋଗ ଜରା ମୃତ୍ୟୁର ଦୁଃସ୍ୱପ୍ନରୁ ହେବ ପୂର୍ଣ୍ଣ ଜାଗରିତ । ଭଗବତ୍ କର୍ମର ସର୍ବଶ୍ରେଷ୍ଠ କର୍ମ ।

ଶ୍ରୀମା ନିଜ ଶରୀରର କୋଷ ସବୁ ରୂପାନ୍ତରିତ କରିବାର କ୍ଲେଶକର ସାଧନାର ପଥରେ ଗତି କରିଛନ୍ତି । ମଣିଷର ଅଜ୍ଞାନତା, ମଣିଷର ଅବିଶ୍ୱାସ, ମଣିଷର ନିଷ୍ଠାହୀନତା, ଶେଷ ଯାଏ ବାଧକ ହେବାରୁ ମା ନିଜର ସ୍ଥୂଳ ଶରୀର ତ୍ୟାଗକରି କାର୍ଯ୍ୟକୁ ତ୍ୱରାନ୍ୱିତ କଲେ ଏବଂ ମଣିଷକୁ ଆହୁରି ଏକ ସୁଯୋଗ ଦେଲେ ବୋଲି ଆମେ ପାଶୋରି ଯିବା ଉଚିତ ନୁହେଁ ।

ନିଜ ଭାଗବତୀ ସ୍ୱରୂପରେ ନିଜ ଶରୀର ରୂପାନ୍ତର ମା'ଙ୍କ ପାଇଁ କ୍ଷଣିକର କଥା । ଈକ୍ଷଣ ଚାଳନାରେ ସୃଷ୍ଟି ସ୍ଥିତି ପ୍ରଳୟ । ମାତ୍ର ମାନୁଷୀ ତନୁରେ ମଣିଷର ପ୍ରତିନିଧି ଭାବେ ଏତକ ସୁଯୋଗ ଦାନ ତାଙ୍କ ଦିବ୍ୟ କୃପା ଛଡ଼ା କିଛି ନୁହେଁ । ଏହାହିଁ ଅବତାରର ରହସ୍ୟ ।

ଯେଉଁମାନେ ପୂର୍ଣ୍ଣଯୋଗ ମାର୍ଗରେ ପାଦ ଥାପିବେ ଅଗ୍ରଗତି କରିବାର ଶେଷପର୍ଯ୍ୟନ୍ତ ଯିବାର ଅର୍ଥାତ ରୂପାନ୍ତରିତ ଶରୀର ପ୍ରାଣ ମନରେ ଭଗବତ ପ୍ରାପ୍ତିର ଲକ୍ଷ୍ୟ ରଖିବେ ସେମାନଙ୍କୁ ସର୍ବାଗ୍ରେ ସବୁ ପୁରାତନ ଧାରଣାକୁ ଛାଡ଼ି ଶରୀର ରୂପାନ୍ତରରେ ବିଶ୍ୱାସ କରିବାକୁ ପଡ଼ିବ । ଅଟଳ ବିଶ୍ୱାସ । ଶରୀରକୁ ଗଭୀର ଭାବରେ ନିରୀକ୍ଷଣ କରିବାକୁ ପଡ଼ିବ । ଏକାବେଳେକେ ଏହା ମହାଲକ୍ଷ୍ମୀ ମହାସରସ୍ୱତୀଙ୍କ କ୍ଷେତ୍ର । ସୌନ୍ଦର୍ଯ୍ୟ ସଙ୍ଗତି ଏବଂ କର୍ମର ସମନ୍ୱୟ ଭୂମି । ଶକ୍ତି ଏବଂ ଜ୍ଞାନର ଧାରକ ।

ଶରୀରକୁ ଏକ କାମନା ବାସନାର ପୂରକ ରୂପରେ ବ୍ୟବସାୟୀ ବୁଦ୍ଧିରେ ନ ଦେଖି ପ୍ରକୃତରେ ହିଁ ଗଭୀର ଭାବରେ ଭଲ ପାଇବାକୁ ହେବ । ଶରୀରର ଇଚ୍ଛା ଅନିଚ୍ଛା ରଚି ପ୍ରତି ଧ୍ୟାନ ଦେବାକୁ ହେବ ।

ଶରୀରକୁ ଅପରିଚ୍ଛନ୍ନ କୁତ୍ସିତ ଅସୁନ୍ଦର ନକରି ପରିଚ୍ଛନ୍ନ ସୁଷମ ଶୁଦ୍ଧ ସୁନ୍ଦର କରିବା ପ୍ରତି ଦୃଷ୍ଟି ରଖିବା ଉଚିତ ।

କାରଣ ଯଥାର୍ଥରେ ଏହି ଶରୀରହିଁ ଭଗବାନ ଭଗବତୀଙ୍କ ଲୀଳା ନିକେତନ । ପୁଣ୍ୟ ମନ୍ଦିର । ଏଥିପାଇଁ କ୍ରୀଡ଼ା ବ୍ୟାୟାମ ଶରୀର ଚର୍ଚ୍ଚାକୁ ବିଶେଷ ଗୁରୁତ୍ୱ ଦିଆ ଯାଇଛି । ଏହା ସାଧନାର ଅଙ୍ଗ । ଖାଦ୍ୟ, ପାନୀୟ, ଯଥେଷ୍ଟ ବିଶ୍ରାମ, ଉତ୍ତମ ମୁକ୍ତ ଶୁଦ୍ଧ ବାତାବରଣ, ଶରୀର ପାଇଁ ଅତ୍ୟନ୍ତ ଲୋଡ଼ା । ଶରୀର ସ୍ୱୟଂ କର୍ମ ତତ୍ପର, ପ୍ରଫୁଲ୍ଲ, ସହିଷ୍ଣୁ, ନମନୀୟ ହେବା ଦିଗରେ ଶରୀରକୁ ବନ୍ଧୁଭଳି ପ୍ରବର୍ତ୍ତାଇବା ଏବଂ ଚେଷ୍ଟା କରିବା ଉଚିତ୍ ।

ଶାରୀରିକ ପ୍ରକୃତିର ମୂଢ଼ତା, ସଂଶୟ, ଅବିଶ୍ୱାସ, ଅଜ୍ଞାନ, ଦୂରାଗ୍ରହ, ଆଳସ୍ୟ, ପରିବର୍ତ୍ତନ ବିମୁଖତା, ତାମସିକତା ଯେଭଳି ଆମ ଚେତନାରୁ ସମୂଳେ ପ୍ରତ୍ୟାଖ୍ୟାତ ହୁଏ । ସେ ଦିଗରେ ଆମର ପ୍ରଚେଷ୍ଟା ଯେପରି ନିରନ୍ତର ହିଁ ଲାଗିରହେ । ବ୍ୟାୟାମ ତାମସିକତାକୁ ପ୍ରତିହତ କରେ । ଚାଲିବା ମଧ୍ୟ ଏକ ବ୍ୟାୟାମ ଏବଂ ସମସ୍ତଙ୍କ କ୍ଷେତ୍ରରେ ଉପଯୋଗୀ । ମୂଢ଼ତା ଓ ସଂଶୟ ଏକ ଭୟଙ୍କର ବିକୃତି । ମୂଢ଼ ଶିଶୁପାଳ ଅନେଶୋତ ବାର କ୍ଷମା ପାଇ ମଧ୍ୟ ଦିବ୍ୟ କୃପାକୁ ବୁଝି ପାରିଲା ନାହିଁ । ଶତବାର ଅପରାଧ କ୍ଷମାର ଅଯୋଗ୍ୟ ବିନାଶ ଛଡ଼ା ଉପାୟ ନଥିଲା । ସଂଶୟାତ୍ମା ବିନଶ୍ୟତି ବୋଲି ଭଗବାନ ସିଧା କହିଛନ୍ତି । ଜଳକା ଆଲୁଅରେ ଦେଖି ନପାରିଲା ପରି ସଂଶୟୀ ସତ୍ୟକୁ ଦେଖି ବି ଦେଖି ପାରେ ନାହିଁ । ଦୂରାଗ୍ରହ ଆକାଶକୁ ଉଡ଼େଇବାର ଭ୍ରମ ଭିତର ଦେଇ ରସାତଳରେ କଚାଡ଼ି ଦିଏ ।

ଯେତିକି ଓଜନ ସେତିକି ଭୋଜନ । ଏଇ କାଣ୍ଡ ଜ୍ଞାନ ରହିବା ଉଚିତ । ଆଳସ୍ୟ ଏବଂ ତାମସିକତା ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ । ତାମସିକତା ଅର୍ଥ ଅପ୍ରବୃତ୍ତି ଏକ ଅଜ୍ଞାନମୟ ଆରାମର ଭ୍ରମ । ଯାହାର ଅନ୍ୟନାମ ଆଳସ୍ୟ । ଶ୍ରୀଅରବିନ୍ଦ ସ୍ପଷ୍ଟ କହିଛନ୍ତି, "ବନ୍ଦ ଅଳସୁଆମୀ (ଆଳସ୍ୟ) ବା ଅତିରିକ୍ତ କର୍ମପ୍ରବଣତା ପରିହାର କରିବାକୁ ପଡ଼ିବ । ଆମ ଯୋଗରେ ଯାହା ଆବଶ୍ୟକ ତା' ହେଲା ଏକ ସୁସ୍ଥ ସାମର୍ଥ୍ୟଯୁକ୍ତ ଶକ୍ତିମାନ ପ୍ରଫୁଲ୍ଲ କର୍ମ ପ୍ରବଣ ସମର୍ପିତ ଶରୀର ।

ସଚେତନତା, ନମନୀୟତା, ସହିଷ୍ଣୁତା, ପ୍ରଫୁଲ୍ଲତା ଧୀର ସ୍ଥିର ନିରବଚ୍ଛିନ୍ନ କର୍ମ ପ୍ରବଣତା ହେଲା ଶରୀର ପାଇଁ ନିତାନ୍ତ ଆବଶ୍ୟକ ।

କୁହାଯାଏ ଶରୀର ଅଭ୍ୟାସର ଦାସ । ମା' କୁହନ୍ତି ରୋଗ ଏବଂ ଯନ୍ତ୍ରଣା ବେଳେ ବେଳେ ଶରୀରର ଅଭ୍ୟାସରେ ପଡ଼ିଯାଏ । ଏପରିକି କ୍ଷୟ ଏବଂ ମୃତ୍ୟୁ ମଧ୍ୟ । ଅଭ୍ୟାସ ଦ୍ୱିତୀୟ ପ୍ରକୃତି ରୂପେ ଅବିହିତ । ସୁଅଭ୍ୟାସ ଶରୀରକୁ ଶୃଙ୍ଖଳିତ କର୍ମଠ କରି ବେଶ୍ କିଛି ଦୂର ନେଇ ପାରେ କିନ୍ତୁ ଅଭ୍ୟାସର ଦାସ ହେବା ଅଗ୍ରଗତିଶୀଳ ଶରୀରର ସ୍ୱଭାବ ହେବା କଦାପି ଉଚିତ୍ ନୁହେଁ । ଅଭ୍ୟାସ ରଖିବା ଏବଂ ଲୋଡ଼ା ପଡ଼ିଲେ ଭାଙ୍ଗିବାରେ ସାମର୍ଥ୍ୟ ଥିବା ଦରକାର ।

ରୋଗ ଯନ୍ତ୍ରଣାରେ ବାହ୍ୟ ଉପାୟ ଔଷଧର ସାହାଯ୍ୟ ଶରୀର ଏବେବି ନେଉଛି କାରଣ ଆମେ ତାକୁ ସେଥିରେ ପକାଇଛୁ । ମା'ଙ୍କ ଶକ୍ତିପ୍ରତି ନିଜକୁ ଖୋଲିଧରିବାର ବିଶ୍ୱାସ ଓ ସାମର୍ଥ୍ୟ ଆସିନାହିଁ । ତଥାପି ଏହି ଔଷଧ ପତ୍ର ଅତି ବେଶି ନହେବା ଉଚିତ । ହୋମିଓପ୍ୟାଥି, କବିରାଜି, ତୁଟୁକା ଏସବୁକୁ ଆଗେ ଦେଖିବା ଭଲ । ଏହା ବୋଲି ଏଲୋପ୍ୟାଥିକ୍ କି ବାସନ୍ଦ କରିବା ଠିକ୍ ନୁହେଁ । ମୂଳକଥା, ଆନ୍ତର ଉପାୟ ଅର୍ଥାତ୍ ଦିବ୍ୟଶକ୍ତିର ଆବାହନ, ଦିବ୍ୟ କୃପା ଉପରେ ନିର୍ଭର କରି ଯାହା କିଛି କରାଯାଇପାରେ । ଭିତର ବାହାରର ଅବସ୍ଥା ବିଶ୍ୱାସ ଭକ୍ତିର ଗଭୀରତା ଇତ୍ୟାଦି ବହୁ ବିଷୟ ଉପରେ ଶାରୀରିକ ସୁସ୍ଥତା, ଅସୁସ୍ଥତା, ଉନ୍ନତି, ଅବନତି ନିର୍ଭର କରେ ।

ଯଥାସାଧ୍ୟ ନିଖୁଣ ନିପୁଣ ଭାବେ କର୍ମ କରି ସମର୍ପଣ କରିବା, ସ୍ୱାଧ୍ୟାୟ, ଧ୍ୟାନ, ପାଠଚକ୍ର, ଜପ, ପ୍ରାଣର ସ୍ଥିରତା, ମନ ଅବିଚଳତା, ନିରବତା ଶରୀରକୁ ଖୁବ୍ ସାହାଯ୍ୟ କରେ । ବିଶେଷତଃ ନାମଜପ ଶରୀର କୋଷ ଉପରେ ସିଧାସଳଖ ପ୍ରଭାବ ପକାଏ ବୋଲି ସ୍ୱୟଂ ଶ୍ରୀମା କହିଛନ୍ତି । ଆମର ଏହି ଜଡ଼ ଶରୀରହିଁ ଭଗବାନଙ୍କର ପ୍ରକୃତ ମନ୍ଦିର । ଶରୀରରେ ତାଙ୍କ ବିକାଶ ପ୍ରକାଶ ହିଁ ପ୍ରକୃତ ସାଧନା ଏବଂ ସିଦ୍ଧି । ତାଙ୍କୁ ମନ୍ଦିରକୁ ଆବାହନ କର ।

❖ ❖ ❖

# କିଛି ସ୍ମୃତି, କିଛି ଅନୁଭୂତି

**ଶ୍ରୀ ଜନାର୍ଦ୍ଦନ ପତି**

"We are but spark of the most perfect fire, waves of that sea. From Him we come, to Him we go, desire eternally." ଆମ୍ଭେମାନେ ସେହି ପରିପୂର୍ଣ୍ଣ ଅଗ୍ନିର ଝଲକ ଓ ସେହି ସାଗରର ତରଙ୍ଗ ରାଜି। ତାଙ୍କଠାରୁ ଆସିଛୁ, ତାଙ୍କଠାକୁ ଯିବୁ, ଏହାହିଁ ଶାଶ୍ୱତ ବାସନା।

୧୯୨୪ ମସିହା ଡିସେମ୍ବର ୧ ତାରିଖରେ ପୂଜ୍ୟ କ୍ଷେତ୍ରମୋହନ ନନ୍ଦ (ଆକୁଳି) ଜନ୍ମ ଗ୍ରହଣ କରିଥିଲେ ଓ ୨୦୦୮ ମସିହା ଜୁଲାଇ ୨୭ ତାରିଖରେ ଇହଲୀଳା ସାଙ୍ଗ କଲେ। ଶ୍ରୀ ପ୍ରପତ୍ତିଙ୍କଠାରୁ ମାତ୍ର ୮ମାସ ସାନ। ପ୍ରପତ୍ତିଜୀ ତଥା ଶ୍ରୀ କାଙ୍ଗାଳୀ ଚରଣ ପତି ତାଙ୍କର (ଆକୁଳି) ଅତି ପ୍ରିୟ ଥିଲେ।

ଉଭୟ ଏକ ସ୍କୁଲରେ (ଶଙ୍ଖତ୍ରାସ) ଅଧ୍ୟୟନ କରୁଥିଲେ। ପ୍ରପତ୍ତି ପ୍ରଥମେ ମାଇନର୍ ପାସ କରି କଟକ କଲିଜିଏଟ୍ ସ୍କୁଲରେ ଅଧ୍ୟୟନ କଲେ ଓ ଭାଇନା (ଆକୁଳି) ଶଙ୍ଖତ୍ରାସରୁ ସୁଦୂର ଷଢ଼େଇକଳାରେ ଅଧ୍ୟୟନ କଲେ କାରଣ ତାଙ୍କର ନନା (ପିତା) ଶ୍ରୀ ମାୟାଧର ନନ୍ଦ ସେ ସମୟରେ ଶଢ଼େଇକଳାରେ ମହାରାଜଙ୍କ ଅଧୀନସ୍ଥ ବିଦ୍ୟାଳୟରେ ଶିକ୍ଷକତା କରୁଥିଲେ। ସ୍ୱର୍ଗତଃ ମାୟାଧର ନନ୍ଦଙ୍କର ଏକ ମାତ୍ର ପୁତ୍ର ହେତୁ ଅତ୍ୟନ୍ତ ଅଲିଅଳରେ ଚଳୁଥିଲେ। କିଛି ଦୁଷ୍ଟାମୀ କଲେ ମଧ୍ୟ କେହି କିଛି କହନ୍ତି ନାହିଁ।

ମାୟାଧର ନନ୍ଦଙ୍କର ପ୍ରଥମ କନ୍ୟା ଉଷାର ଜନ୍ମ ପରେ ଅନ୍ୟ ସନ୍ତାନମାନେ ମରିଯିବାରୁ ଏହି ପୁଅଟିକୁ ଆକୁଳୀ ନାମ ଦେଇ ଯୋଗୀକୁ ବିକ୍ରି କରି ଦେଇଥିଲେ। ଫଳରେ ଉପନୟନ ସମୟରେ ଆକୁଳୀକୁ ଯୋଗୀ ବେଶରେ କିଛି ଘର ବୁଲି ଭିକ୍ଷା କରିବାକୁ ପଡ଼ିଥିଲା ଓ ପରେ ଯୋଗୀକୁ କିଛି ଟଙ୍କା ଓ ନୂତନ ବସ୍ତ୍ର ଦେଇ ପୁଅକୁ ଓ୍ୱାପସ ଆଣିବାକୁ ପଡ଼ିଥିଲା। ଷଢ଼େଇକଳାରେ ପଢୁଥିବା ସମୟରେ ସେ ଆଦୌ ଭଲ ପଢୁନଥିଲେ। କାରଣ ଅଧିକାଂଶ ସମୟ ରାଜାପୁଅମାନଙ୍କ ସହିତ ମିଶି ଛଉ ନାଚ କରିବାରେ କଟାଉଥିଲେ। ଏଣୁ କରି ତାଙ୍କର ନନା (ମାୟାଧର ନନ୍ଦ) ତାଙ୍କୁ ଆଣି କଟକ ପ୍ୟାରୀମୋହନ ଏକାଡ଼େମୀରେ ଏକାଦଶ ଶ୍ରେଣୀରେ ନାମ ଲେଖାଇଲେ। ଏହା ଥିଲା ୧୯୪୫ ମସିହା କଥା। ସେତେବେଳେ ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ ସାରା ଭାରତ ବର୍ଷରେ ଛାତ୍ର ଆନ୍ଦୋଳନ ଅତି ତୀବ୍ର ରୂପ ଧାରଣ କରିଥାଏ। ଛାତ୍ର କ୍ଷେତ୍ରମୋହନ (ଆକୁଳି) ପାଠ ପଢ଼ା ଛାଡ଼ି ଛାତ୍ର ଆନ୍ଦୋଳନରେ ସକ୍ରୀୟ ଭାଗନେଇ ପିକେଟିଂ କରି ପୋଲିସ୍‌ରେ ଧରାପଡ଼ି ଆରେଷ୍ଟ ହେଲେ। ତାଙ୍କୁ ପୁରୀ ଜେଲ ହାଜତକୁ ପଠାଇଦିଆଗଲା। ଏଣେ ଘରେ ନନା, କକେଇ ଓ ଅନ୍ୟାନ୍ୟ ବନ୍ଧୁବର୍ଗ ବଡ଼ ଚିନ୍ତାରେ ପଡ଼ିଗଲେ। ପ୍ରାୟ ଏକ ମାସ ପରେ ସେ ଜେଲରୁ ମୁକୁଳି ଆସିଲେ ସିନା ଆଉ କଟକରେ ରହି ପାରିଲେ ନାହିଁ। ନନା ତାଙ୍କୁ ନେଇ ଜାମସେଦ୍‌ପୁରରେ କକେଇଙ୍କ ପାଖରେ ଛାଡ଼ି ଦେଲେ ଓ ସେଠାରେ କେ.ଏମ୍.ପି.ଏମ୍. ହାଇସ୍କୁଲରୁ ୧୯୪୬ ମସିହାରେ ମାଟ୍ରିକ ପାସ କଲେ। ମାଟ୍ରିକ ପାସ୍ ପରେ କିଛି ଦିନ ପାଇଁ ସେ କଲେଜରେ ଅଧ୍ୟୟନ କରିଥିଲେ।

ଓଡ଼ିଶା ସରକାରଙ୍କ ଅଧୀନରେ କିରାଣୀ ଚାକିରୀଟିଏ ମିଳିଯିବାରୁ ସେ ପାଠ ପଢ଼ା ଛାଡ଼ି ଚାକିରୀରେ ଯୋଗ ଦେଲେ ଓ ନିଜ ଗ୍ରାମ ଶଙ୍ଖତ୍ରାସରେ ରହିବା ଆରମ୍ଭ କଲେ। ନିଜ ଗ୍ରାମରେ ଥିବା ସମୟରେ ସେ ପଢ଼ିଥିବା ମାଇନର ସ୍କୁଲରେ ସମ୍ପାଦକ ରୂପେ କାର୍ଯ୍ୟ କରୁଥିଲେ। ଏହି ସମୟରେ ପ୍ରପତ୍ତିଜୀ ଶଙ୍ଖତ୍ରାସକୁ ବହୁ ସମୟ ଆସୁଥିଲେ। କାରଣ ଶଙ୍ଖତ୍ରାସ ମାଇନର୍ ସ୍କୁଲଟି ଥିଲା ଉଭୟଙ୍କର (କାଙ୍ଗାଳୀ ଚରଣ ପତି ଓ କ୍ଷେତ୍ରମୋହନ ନନ୍ଦ) ପ୍ରଥମ ବିଦ୍ୟା ମନ୍ଦିର। ହଠାତ୍ ଦିନେ ପ୍ରପତ୍ତିଜୀ କ୍ଷେତ୍ରମୋହନ ନନ୍ଦଙ୍କୁ କହିଲେ : "ବୁଝିଲୁ ଆକୁଳି, ଆମର ସିନା ସୁବିଧା ଥିଲା ବୋଲି ଆମେ ଆସି କଟକରେ ପାଠ ପଢ଼ିଲେ। ଆମ ସାଙ୍ଗ ସାଥୀ କେତେ ଭଲ ପିଲା ମାଇନର୍ ପାସକରି ଆଉ ପଢ଼ିବାର ସୁବିଧା ନପାଇ ମୋହରୀର, ଅମୀନ ହୋଇ ବିହାର, କଲିକତାରେ ଚାକିରୀ କରୁଛନ୍ତି। ଶଙ୍ଖତ୍ରାସରେ ଯଦି ହାଇସ୍କୁଲଟିଏ ହୁଅନ୍ତା କେତେ ଭଲପିଲା ଘରୁ ଶାଗ ପଖାଳ ଖାଇ ଅନ୍ତତଃ ମାଟ୍ରିକ ଟିଏ ପାସ କରି ପାରନ୍ତେ।" ସେହି ଦିନଠାରୁ ଆକୁଳି କାଙ୍ଗାଳୀ , ଚନ୍ଦୁ (ଚନ୍ଦ୍ରମଣି ପ୍ରଧାନ, ଟାଇଁକଣା), ଆର୍ତ୍ତବାବୁ, ପଦଭାଇନା (ପଦ୍ମଲାଭ ପତି, ଟାଇଁକଣା) ଓ ଶଙ୍ଖତ୍ରାସ ମୌଜାର ବହୁ ବଦାନ୍ୟ ବ୍ୟକ୍ତି ଶଙ୍ଖତ୍ରାସ ମାଇନର୍ ସ୍କୁଲକୁ ହାଇସ୍କୁଲ କରିବା ପାଇଁ ଉଦ୍ୟମ ଆରମ୍ଭ କରିଦେଲେ। ଫଳରେ ୧୯୪୭ ମସିହାରେ ପ୍ରଥମ କରି ଅଷ୍ଟମ ଶ୍ରେଣୀ ଖୋଲାଗଲା। ପ୍ରପତ୍ତିଜୀ, ଶ୍ରୀ ଚନ୍ଦ୍ରମଣି ପ୍ରଧାନ ଓ ଆର୍ତ୍ତବଲ୍ଲଭ ମିଶ୍ର ମଝିରେ ମଝିରେ ଆସି ପିଲାମାନଙ୍କୁ ପଢ଼ାନ୍ତି ଓ ସନ୍ଧ୍ୟାବେଳକୁ ପାଖ ଆଖ ଗାଁ ମାନଙ୍କରୁ ଚାନ୍ଦା ସଂଗ୍ରହ କରିବାକୁ ଯାଆନ୍ତି। କ୍ଷେତ୍ରମୋହନ ନନ୍ଦ ମାଇନର୍ ସ୍କୁଲର ସମ୍ପାଦକ ଥାଇ ସ୍କୁଲର ବଳକା ପଇସା ହାଇସ୍କୁଲକୁ ପ୍ରଦାନ କରନ୍ତି।

ସମୟ ସ୍ରୋତରେ ପଡ଼ି ସବୁକିଛି ବଦଳି ଯାଏ। ୧୯୫୫ ବର୍ଷ ପ୍ରପତ୍ତିଜୀ ପଣ୍ଡିଚେରୀ ଆଶ୍ରମରେ ସ୍ଥାୟୀ ହୋଇ ରହିଗଲେ ଓ କ୍ଷେତ୍ରମୋହନ ନନ୍ଦ ଗାଁରେ ଥାଇ ପ୍ରପତ୍ତିଜୀଙ୍କ ସହିତ ଅନ୍ତରଙ୍ଗତା ବଢ଼ାଇ ଚାଲିଲେ। ପ୍ରପତ୍ତିଜୀଙ୍କ ପରାମର୍ଶରେ ଭାଇନା (କ୍ଷେତ୍ରମୋହନ ନନ୍ଦ) ନିଜ ଗ୍ରାମରେ ଗୋଟିଏ ଶ୍ରୀଅରବିନ୍ଦ ପାଠଚକ୍ର ଗଢ଼ିଲେ ୧୯୫୮ରେ। ନିଜେ ରହିଲେ ପାଠଚକ୍ରର ପରିଚାଳକ। ସେତେବେଳେ ପାଠଚକ୍ରମାନଙ୍କର ବିବରଣୀମାନ ନବଜ୍ୟୋତି କାର୍ଯ୍ୟାଳୟକୁ ପଠାଯାଉଥିଲା ଓ ତା ସହିତ ପ୍ରତିମାସରେ କିଛି ଟଙ୍କା ମନିଅର୍ଡ଼ର ଯୋଗେ ଶ୍ରୀମା'ଙ୍କ ନାମରେ ଆଶ୍ରମକୁ ପଠାଯାଉଥିଲା। ନିଜେ ମା' ଏହାକୁ ଗ୍ରହଣ କରୁଥିଲେ ଓ ଆଶୀର୍ବାଦ ପଠାଉଥିଲେ। ଶ୍ରୀ କ୍ଷେତ୍ରମୋହନ ନନ୍ଦଙ୍କ ପାଖରେ ବହୁ ମନିଅର୍ଡ଼ର ରସିଦ ମାନ ରହିଛି ଯେଉଁଥିରେ ମା' ନିଜେ ଦସ୍ତଖତ କରିଛନ୍ତି। ଏ ଥିଲା ଆଶ୍ରମ ତଥା ଶ୍ରୀଅରବିନ୍ଦ ପାଠଚକ୍ର ଗଠନର ପ୍ରଥମ ଅବସ୍ଥା।

୧୯୬୧ ମସିହା କଥା। ଏହି ବର୍ଷ ମୁଁ ଭୟଙ୍କର ଭାବରେ ଅସୁସ୍ଥ ହୋଇ କଟକ, ସିଟି ହସ୍‌ପିଟାଲରେ ଚିକିତ୍ସିତ ହେଉଥାଏ। ଭାଇନା ତାଙ୍କର ସମସ୍ତ ବ୍ୟକ୍ତିଗତ କାର୍ଯ୍ୟକୁ ବାତିଲ୍ କରି ମୋ ବେଡ୍ ପାଖର ଦିନ ରାତି ବସି ରହୁଥିଲେ ଓ ମୋର ଆରୋଗ୍ୟ ପାଇଁ ଶ୍ରୀମା'ଙ୍କର ଆଶୀର୍ବାଦ ପାଇଁ ଲେଖିଥିଲେ। ଆଶୀର୍ବାଦ ପୁଷ୍ପ ସହିତ "କେ ଏଇ ମା" ବୋଲି ବଙ୍ଗଳାର ଖଣ୍ଡେ ବହି ମୋତେ ପଢ଼ିବାକୁ ଦେଇଥିଲେ। ମୁଁ ରୋଗ ଶଯ୍ୟାରେ ଥାଇ ସେ ବହିଟିକୁ

୪/୫ଥର ପଢ଼ି ଶେଷ କରି ଦେଲି ଓ ସେହି ଦିନଠାରୁ ମୁଁ ମା'ଙ୍କ ଆଶ୍ରିତ ହୋଇଗଲି। ଆରୋଗ୍ୟ ପରେ ଗାଁ (ଦହିଗାଁ)କୁ ଫେରି ଆସି ଶ୍ରୀଅରବିନ୍ଦ ପାଠଚକ୍ରଟିଏ ଗଠନ କରି ନିଜେ ସମ୍ପାଦକ ରହିଲି।

୧୯୬୮ ମସିହା ଅଗଷ୍ଟ ୧୫ ତାରିଖ। ଏହି ଦିନ ଭାଇନାଙ୍କ ସହିତ ମୁଁ ପ୍ରଥମକରି ପଣ୍ଡିଚେରୀ ଯାଇଥାଏ। ଏଠାରୁ ଯିବାରେ ଭାଇନା, ପ୍ରପତ୍ତିଜୀଙ୍କର ପ୍ରେରଣା, ମୋର ଓ ଅନ୍ୟମାନଙ୍କର ପାଥେୟ ଥାଏ। ୪୨ ମୌଜାରୁ ମୁଁ, ଦୀନବନ୍ଧୁ ନାୟକ, କୈବଲ୍ୟ ଜେନା, ପ୍ରାଣକୃଷ୍ଣ ପତି ଇତ୍ୟାଦି ପଣ୍ଡିଚେରୀ ଯିବା ବାଟରୁ ଇଗ୍‌ମୋରଠାରୁ ଟ୍ରେନ୍‌ଛାଡ଼ି ବସ୍ ଯୋଗେ ଯାଇ ପଣ୍ଡିଚେରୀରେ ପହଞ୍ଚି ପ୍ରଥମେ ପ୍ରପତ୍ତିଙ୍କୁ ଦେଖାକଲୁ। ଆମ ଯିବା ବାଟକୁ ସେ ଚାତକ ପରି ଚାହିଁ ରହିଥିଲେ ଓ ଯିବା ମାତ୍ରେ ସବୁ ବ୍ୟବସ୍ଥା କରିଦେଲେ। ନଡ଼ିଆ ପତ୍ର ଘେରା ଘରେ ରହିବାକୁ ପଡ଼ିଲା। କାରଣ ସେତେବେଳେ ପଣ୍ଡିଚେରୀରେ ଆଶ୍ରମ ପାଇଁ ପର୍ଯ୍ୟାପ୍ତ ଗୃହର ବ୍ୟବସ୍ଥା ନଥିଲା।

ଶ୍ରୀମାଙ୍କର ବାଲ୍‌କୋନୀ ଦର୍ଶନ, ଅରୋଭିଲ ପ୍ରତିଷ୍ଠା ଉତ୍ସବ ଦର୍ଶନ, ଶ୍ରୀମା'ଙ୍କୁ ପ୍ରଣାମୀ ଦର୍ଶନ ପରେ - ଆମ୍ଭେମାନେ ଆଶ୍ରମରେ ପ୍ରାୟ ୧୦, ୧୨ ଦିନ ରହିଗଲୁ। ଫେରି ଆସିବାକୁ ମୋଟେ ଇଚ୍ଛା ହେଉ ନଥାଏ। ପ୍ରପତ୍ତିଜୀ କହିଲେ ଆଉ ରୁହ ନାହିଁ, ଫେରି ଯିବାର ବ୍ୟବସ୍ଥା କର। କ'ଣ ପଇସା ପତ୍ର କିଛି ଦରକାର ? ଆମେ ମନା କରିବାରୁ ସେ ପୁଣି କହିଲେ ଏତେ ଦିନ ଘର, ଛୁଆ ପିଲା ଛାଡ଼ି ବାହାରେ ରହିବା ତୁମମାନଙ୍କ ପରି ଗୃହୀଙ୍କର ଭଲ ନୁହେଁ, କାଲି ହିଁ ଫେରିଯାଅ ଏବଂ ଆମେ ତାହାହିଁ କଲୁ।

କ୍ଷେତ୍ରମୋହନ ନନ୍ଦ କଲେକ୍ଟରେଟ୍‌ରେ ୧୦/୧୨ ବର୍ଷ ଚାକିରୀ କରିବା ପରେ ଭୁବନେଶ୍ୱରସ୍ଥ ସେକ୍ରେଟେରିଏଟ୍‌କୁ ଚାଲିଯାଇ ସ୍ୱାସ୍ଥ୍ୟ ବିଭାଗର କିରାଣୀ ହୋଇ ରହିଲେ ଓ ତାର କିଛି ବର୍ଷ ପରେ ପ୍ରମୋଶନ ପାଇ କଟକ ସି.ଡ଼ି.ଏ.କୁ ହେଡ୍ କ୍ଲର୍କ ହୋଇ ଆସିଲେ। ଘରର ଅସୁବିଧା ପିଲାଙ୍କର ପାଠ ପଢ଼ା, ଚାକିରୀର ମୋହ ଭିତରେ ସେ ପ୍ରପତ୍ତି ଓ ଆଶ୍ରମ ସହିତ ସମ୍ପର୍କକୁ ଆଦୌ ପାସୋରି ନଥିଲେ। ପରିଣତ ବୟସରେ ମଧ୍ୟ ସେ ପ୍ରତିବର୍ଷ ଅଗଷ୍ଟ ୧୫ରେ ଆଶ୍ରମକୁ ଯାଆନ୍ତି। ସେଥିପାଇଁ ଆଶ୍ରମରେ ତାଙ୍କ ପାଇଁ ରହିବାର ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥାଏ। ତାଙ୍କର ଅସୁସ୍ଥତା ବୃଦ୍ଧି ପାଇବାରୁ ଶେଷ ଆଡ଼କୁ ଭାଇନାଙ୍କର ବଡ଼ପୁଅ ଶ୍ରୀମାନ ଅଶୋକ ସାଙ୍ଗରେ ଯାଏ।

ସି.ଡି.ଏ. ଚାକିରୀର କିଛି ବର୍ଷ ପରେ କଟକରୁ ଜଗନ୍ନାଥ ବଲ୍ଲଭରେ ଖଣ୍ଡିଏ ଜାଗାରେ ଘର ଖଣ୍ଡେ କରିପାରିଲେ। ଅନ୍ତିମ ସମୟଟି ଏହିଠାରେ ହିଁ କଟାଇଥିଲେ। କାରଣ ଗାଁରେ ଯେଉଁ ଘର ସବୁ ଥିଲା ତାହା ମହାବାତ୍ୟାରେ ଭାଙ୍ଗି ଯାଇଥିଲା। ତାଙ୍କୁ ମରାମତି କରିପାରି ନଥିଲେ।

ସରକାରୀ ଚାକିରୀରୁ ଅବସର ପରେ ଚାକିରୀର ପେନ୍‌ସନ ଓ ସ୍ୱାଧୀନତା ସଂଗ୍ରାମୀ ଭତ୍ତାକୁ ମିଶାଇ ମୋଟ ୭ ହଜାର ଟଙ୍କା ସେ ମାସିକ ପାଉଥିଲେ। ନିଜ ଗ୍ରାମରେ ମାତୃକେନ୍ଦ୍ର ସ୍ଥାପନ କରିବା ପାଇଁ କିଛି ଯାଗା ଖରିଦ କରି ଗୃହଟି ଆରମ୍ଭ କରିଥିଲେ। ଆର୍ଥିକ ଅଭାବ ତଥା ପାଠଚକ୍ର ସଭ୍ୟମାନଙ୍କର ଆନ୍ତରିକତାର ଅଭାବ ଯୋଗୁ ମାତୃକେନ୍ଦ୍ରଟି ଅସମ୍ପୂର୍ଣ୍ଣ ରହିଯାଇଛି।

୧୯୮୬ ମସିହା ମାର୍ଚ୍ଚ ୨୯ ତାରିଖରେ ପ୍ରପତ୍ତି କଳପଡ଼ାଠାରେ ଶ୍ରୀଅରବିନ୍ଦ ଦେହାଂଶ ସ୍ଥାପନାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପ୍ରପତ୍ତିଙ୍କ ଗହଣରେ ସେଦିନ ଉପସ୍ଥିତ ଥିଲେ କ୍ଷେତ୍ରମୋହନ ନନ୍ଦ, ଦିନବନ୍ଧୁ, ପ୍ରାଣକୃଷ୍ଣ ପତି, ସୁଭାସ ବାରିକ, ଗୁଣନିଧି ପତି ଓ ମୁଁ। ସମସ୍ତେ କରଣି ସିମେଣ୍ଟରେ ସ୍ପର୍ଶ ଦେଇ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ।

ପ୍ରପତ୍ତିଜୀ, କ୍ଷେତ୍ରମୋହନ ନନ୍ଦଙ୍କୁ ଅତି ଆପଣାର ବୋଲି ମନେକରୁଥିଲେ। ଶଙ୍ଖତ୍ରାସ ଅଞ୍ଚଳରେ ବହୁଳ ଭାବରେ ଶ୍ରୀଅରବିନ୍ଦ ପାଠଚକ୍ର ଖୋଲିବା ପାଇଁ ତାଙ୍କୁ ବାରମ୍ବାର ଚିଠି ମାଧ୍ୟମରେ କହୁଥିଲେ। କାର୍ଯ୍ୟର ବ୍ୟତିକ୍ରମ ହେଲେ ତାଙ୍କୁ ବଗୁଲିଆ ବୋଲି କହିବାକୁ ଭୁଲୁ ନଥିଲେ। ପରେ କ୍ଷେତ୍ରମୋହନ ନନ୍ଦଙ୍କ ପ୍ରଚେଷ୍ଟାରେ ମୌଜା, ଅରଡ଼, ଧାନଘରପଡ଼ା, ବାଲିସାହି, କୁରାଙ୍ଗ ଶାସନମାନଙ୍କରେ ପାଠଚକ୍ରମାନ ସ୍ଥାପନ କରାଗଲା।

ସେ ଥିଲେ ଜଣେ ଆଦର୍ଶ ସାଧକ ଓ ମାତୃକର୍ମଧାରାର ନିରଳସ କର୍ମୀ। କଟକ ସଦର ପାଠଚକ୍ର ସଙ୍ଗଠନର ଏକ ବଳିଷ୍ଠ ପୃଷ୍ଠପୋଷକ ଭାବେ ତାଙ୍କର ନିରବଚ୍ଛିନ୍ନ ଉଦ୍ୟମ ସମସ୍ତଙ୍କର ପ୍ରେରଣାର ଉତ୍ସ ହୋଇ ରହିବ।

୨୦୦୮ ମସିହା ଜୁଲାଇ ୨୨ ତାରିଖ ଦିନ ହଠାତ୍ ଭାଇନାଙ୍କ ନାକରୁ ରକ୍ତ ପଡ଼ିଲା। ପିଲାମାନେ ତାଙ୍କୁ କଟକ ବଡ଼ ମେଡ଼ିକାଲକୁ ନେଇଗଲେ। ସେଠାରେ ଚିକିତ୍ସା ପରେ ରକ୍ତ ପଡ଼ିବା ବନ୍ଦ ହୋଇଗଲା। କିନ୍ତୁ ଦୁର୍ବଳତା ଲାଗି ରହିଲା। ଧୀରେ ଧୀରେ କଥା କହୁଥାନ୍ତି। ପାଖରେ ଥିବା ପୁଅ, ନାତିମାନଙ୍କୁ କହିଲେ, ଆଉ ମୋ ପାଇଁ କୌଣସି ଔଷଧ ଆଣନାହିଁ। ମୋର ଯିବାର ସମୟ ହୋଇଗଲାଣି, ମା ମୋତେ ତାଙ୍କ କୋଳକୁ ନେବାକୁ ଚାହିଁଲେଣି। ମୁଁ ତାଙ୍କରି କୋଳକୁ ଚାଲିଯିବି। ମୁଁ ଚାଲିଗଲା ପରେ ମୋର ସ୍ଥୂଳ ଶରୀରକୁ ମାତୃଭବନକୁ ନେବ କାରଣ ମୁଁ ମାତୃଭବନ ସହିତ ଗଭୀର ଭାବରେ ସମ୍ପୃକ୍ତ ଥିଲି। ପରେ ପାରିବ ଯଦି ମୋତେ ମୋର ମାମୁଁ ଘର ମଇଧରପଡ଼ାକୁ ଟିକିଏ ନେବ କାରଣ ମୁଁ ସେଠାରେ ଜନ୍ମ ହୋଇଥିଲି। ଶେଷରେ ଆମ ଗାଁ (ଶଙ୍ଖତ୍ରାସ)କୁ ନେଇ ଶ୍ମଶାନରେ ସତ୍କାରର ବ୍ୟବସ୍ଥା କରିବ। ଏହା ବ୍ୟତୀତ ପାଖରେ ଉପସ୍ଥିତ ଥିବା ପଣ୍ଡିତ କୃଷ୍ଣଚନ୍ଦ୍ର ନନ୍ଦଙ୍କୁ କହିଲେ, "ମୁଁ ଚାଲିଲି, ଗାଁର ମାତୃମନ୍ଦିର ତୋତେ ଲାଗିଲା।" ଏହିପରି କିଛି ଘଣ୍ଟାପରେ ସ୍ୱର ଧୀରେ ଧୀରେ କମିଗଲା ଓ ସେ ଶେଷ ନିଃଶ୍ୱାସ ତ୍ୟାଗ କଲେ ଜୁଲାଇ ୨୭ ତାରିଖରେ।

ଭାଇନାଙ୍କର ଏପରି ମୃତ୍ୟୁକୁ ଇଚ୍ଛା ମୃତ୍ୟୁ କହିବା ନାହିଁ ତ ଆଉ କ'ଣ କହିବା ? ପରିଶେଷରେ କରୁଣାମୟୀ ଶ୍ରୀମା'ଙ୍କ ନିକଟରେ ଏତିକି ପ୍ରାର୍ଥନା ଯେ ଭାଇନା (କ୍ଷେତ୍ରମୋହନ ନନ୍ଦ)ଙ୍କର ଅବଶିଷ୍ଟ ସାଧନା ଜୀବନ ପର ଜନ୍ମରେ ସୁଖମୟ ହେଉ।

❖ ❖ ❖

ଭୟ କରନା, ପ୍ରଭୁ ତୁମର ଯତ୍ନ ନେଉଛନ୍ତି। **—ଶ୍ରୀମା**

# ଦ୍ୟୁମନ୍ ଭାଇଙ୍କ ପରିଚାଳନା ପ୍ରଣାଳୀ

**ଶ୍ରୀ ପ୍ରକାଶ ଚନ୍ଦ୍ର ପଣ୍ଡା**

ଦ୍ୟୁମନ୍ ଭାଇଙ୍କ ବିରୁଦ୍ଧରେ ଜନୈକ ସାଧକଙ୍କ ଦ୍ୱାରା ଦିଆଯାଇଥିବା ଚିଠିର ଉତ୍ତରରେ ଶ୍ରୀଅରବିନ୍ଦ କୁହନ୍ତି :

"you are mistaken in thinking that Dyuman conceals things from the Mother or does as he pleases without telling her. She knows all and is not a state of ignorance. What you write in your second letter is nothing new to her. There were hundreds of protests and complaints against Dyuman (as against other heads of department), against his methods, his detailed acts and managements, his rigid economy, his severe discipline and many thing else. The Mother saw things and where there was justification for change, she has made it but she has consistently supported Dyuman, because the things complained of , economy, discipline, refusal to bend to the claims and fancies and wishes of the sadhaks, were just what she had herself insisted on - without them he could not have done the work as she wanted it done. If he had been loose, indulgent, not severe, he might have become popular, but he could not have been instrument for the work. Whatever defects there might be in his nature, were the mother's concern; if there was too much rigidity any where, it was for her to change it. But she refused to yield to complaints and clamour born of desire and ego; her yielding would only have brought the old state of things back and put an end to the Ashram." (7.1.1937)

ଦ୍ୟୁମନ୍ ମା'ଙ୍କଠାରୁ ସମସ୍ତ କଥା ଲୁଚାଇ ରଖୁଛି କିମ୍ବା ମା'ଙ୍କୁ କିଛି ନ ପଚାରି ତାହାରି ଇଚ୍ଛା ମୁତାବକ କାର୍ଯ୍ୟ କରୁଛି ବୋଲି ଭାବି ତୁମେ ଭୁଲ କରୁଛ । ମା' ସମସ୍ତ ବିଷୟ ଜାଣନ୍ତି ଏବଂ କୌଣସି ବିଷୟରେ ସେ ଅଜ୍ଞ ନୁହନ୍ତି । ତୁମେ ତୁମର ଦ୍ୱିତୀୟ ଚିଠିଟିରେ ଯାହା ଲେଖିଛ ତାହା ମା'ଙ୍କ ସକାଶେ କିଛି ନୂତନ ନୁହେଁ । ଦ୍ୟୁମନ୍‌ଙ୍କ ବିରୁଦ୍ଧରେ ଶହ ଶହ ପ୍ରତିବାଦ ଏବଂ ଅଭିଯୋଗ (ଯେପରି ଅନ୍ୟାନ୍ୟ ବିଭାଗୀୟ ମୁଖ୍ୟଙ୍କ ବିରୁଦ୍ଧରେ ଥାଏ) ଯଥା: ତାହାରି କାର୍ଯ୍ୟକରିବା ପ୍ରଣାଳୀ ବିରୁଦ୍ଧରେ, ତାହାର ପୁଙ୍ଖାନୁପୁଙ୍ଖ କର୍ମ ଓ ପରିଚାଳନା ବିରୁଦ୍ଧରେ, ଦୃଢ଼ ମିତବ୍ୟୟିତା ବିରୁଦ୍ଧରେ, କଠୋର ଶୃଙ୍ଖଳା ଏବଂ ଅନେକ ଅନ୍ୟାନ୍ୟ ଗୁଣ ବିରୁଦ୍ଧରେ ଥିଲା । ମା' ଏହି ସମସ୍ତ ପର୍ଯ୍ୟବେକ୍ଷଣ କରିଛନ୍ତି ଏବଂ ଯେଉଁଠି ପରିବର୍ତ୍ତନ କରିବା ସକାଶେ ଯଥାର୍ଥତା ଥିଲା, ତାହାକୁ ମା' କହିଛନ୍ତି । କିନ୍ତୁ ମା ଦୃଢ଼ ଭାବରେ ଦ୍ୟୁମନ୍‌କୁ ସମର୍ଥନ କରିଆସୁଛନ୍ତି, କାରଣ ଯେଉଁସବୁ ବିଷୟରେ ପ୍ରତିବାଦ ହେଉଛି, ମିତବ୍ୟୟିତା, ଶୃଙ୍ଖଳା, ସାଧକମାନଙ୍କର ଦାବି ଏବଂ ଖିଆଲ ଖୁସୀ, ଏବଂ ଅଭିଳାଷର ଦାବିଗୁଡ଼ିକୁ ଗ୍ରହଣ ନକରି ପ୍ରତ୍ୟାଖ୍ୟାନ କରିବା ଠିକ୍ ଏହି ସମସ୍ତ ବସ୍ତୁକୁ ଠିକ୍ ଏପରି କରିବା ପାଇଁ ହିଁ ଦ୍ୟୁମନ୍‌କୁ ମା' ଦୃଢ଼ତାର ସହିତ କହିଥିଲେ । ଯଦି ଦ୍ୟୁମନ୍ ଏପରି କରି ନ ଥାନ୍ତା, ମା' ଯେପରି ଭାବରେ କାର୍ଯ୍ୟ କରିବା ପାଇଁ ଚାହୁଁଥିଲେ, ସେପରି ଭାବରେ କାର୍ଯ୍ୟ ଦ୍ୟୁମନ୍ କରିପାରି ନଥାନ୍ତା । ଯଦି ଦ୍ୟୁମନ୍ ଢ଼ିଲା ତଥା ଅବହେଳାକାରୀ, ଇଚ୍ଛାପୂରଣକାରୀ, ଅକଠୋର ହୋଇଥା'ନ୍ତା, ସେ ହୁଏତ ସମସ୍ତଙ୍କର ପ୍ରିୟପାତ୍ର ହୋଇପାରିଥାଆନ୍ତା, କିନ୍ତୁ ମା'ଙ୍କ କାର୍ଯ୍ୟ ସକାଶେ ଯନ୍ତ୍ର ହୋଇପାରି ନଥାନ୍ତା । ତାହାରି ପ୍ରକୃତି ମଧ୍ୟରେ ଯାହାକିଛି ତ୍ରୁଟି ଥାଇପାରେ, ତାହା ସୁଧାରିବା ସକାଶେ ମା'ଙ୍କ ଉପରେ ନିର୍ଭର କର, ଯଦି ତାହା ମଧ୍ୟରେ କେଉଁଠି ପ୍ରବଳ କଠୋରତା ଥାଏ, ମା' ଯଦି ଇଚ୍ଛା କରନ୍ତି ତାହା ପରିବର୍ତ୍ତନ କରିପାରିବେ । କିନ୍ତୁ ଦ୍ୟୁମନ୍‌ଙ୍କ ବିରୁଦ୍ଧରେ ସମସ୍ତ ଆପତ୍ତି ଏବଂ ଉଚ୍ଚ କଳରବ ଯାହାକି ଅଭିଳାଷ ଓ ଅହଂକାରର ଦାବି ପୂରଣ ସକାଶେ ଉଦ୍ଦିଷ୍ଟ ମା' ସେ ସବୁକୁ ଗ୍ରହଣ ନକରି ଖଣ୍ଡନ କରିଛନ୍ତି । ଯଦି ମା' ସେ ସମସ୍ତ ଦାବିକୁ ଗ୍ରହଣ କରିଥାଆନ୍ତେ ତେବେ ପୁଣି ଥରେ ପୁରାତନ ଅବସ୍ଥାର ସମସ୍ତବସ୍ତୁକୁ ପ୍ରଶ୍ରୟ ଦେଇଥାନ୍ତେ ଯଦ୍ଦ୍ୱାରା ଆଶ୍ରମର ଅସ୍ତିତ୍ୱ ଲୋପ ପାଇ ଯାଇଥାଆନ୍ତା । - ଶ୍ରୀଅରବିନ୍ଦ

୧୯୭୫ ମସିହାଠାରୁ ଦ୍ୟୁମନ୍ ଭାଇଙ୍କ ସହିତ କାର୍ଯ୍ୟ କରିବା ସକାଶେ ମୁଁ ସୁଯୋଗ ପାଇଥିଲି । ତାଙ୍କରି କାର୍ଯ୍ୟ କରିବାର ପ୍ରଣାଳୀ ବିଷୟରେ ଯତ୍‌କିଞ୍ଚିତ୍ ଅନୁଭବ କରିଛି, ସେଥିରୁ କିଛି ପ୍ରକାଶ କରିବା ପାଇଁ ଚେଷ୍ଟା କରୁଛି ।

୧. ଦ୍ୟୁମନ୍ ଭାଇ ତାଙ୍କ ସହିତ କାର୍ଯ୍ୟ କରୁଥିବା କର୍ମୀମାନଙ୍କ ଉପରେ ନୀରବରେ ନଜର ରଖୁଥିଲେ । ଯଦି କୌଣସି ସାଧକଙ୍କର କୌଣସି କାର୍ଯ୍ୟରେ କିଛି ଅନିୟମିତତା ଦେଖନ୍ତି ତେବେ ସେ ତାହାକୁ ପ୍ରକାଶ ନକରି, ଠିକ୍ କାର୍ଯ୍ୟ କିପରି କରାଯାଇପାରିବ ତାହା ନିଜେ କରୁଥାନ୍ତି । ଏସମ୍ପର୍କରେ କିଛି ଉଦାହରଣ ଦିଆଯାଇପାରେ ।

କ) ୧୯୭୫-୭୬ ମସିହାର ଘଟଣା । ବର୍ଷାଦ୍ୱାରା ଅନ୍ନପୂର୍ଣ୍ଣା ଫାର୍ମର ଉପର ମାଟି ଧୋଇ ହୋଇ ନିକଟରେ ଥିବା ଏକ ନାଳରେ ଜମା ହୋଇଥାଏ । ଦିନେ ଦ୍ୟୁମନ୍ ଭାଇଙ୍କ ସହିତ ଫାର୍ମ ପରିଭ୍ରମଣ କରୁଥିବା ସମୟରେ ସେ ହଠାତ୍ ସେହି ନାଳ ପାଖକୁ ଯାଇ ସେଥିରୁ କିଛି ମାଟି ହାତରେ ଉଠାଇଲେ । ମୁଁ ମଧ୍ୟ ସେହି ମାଟିକୁ ଦେଖି ଜାଣି ପାରିଲି ଯେ ଏହା ବହୁତ ଉର୍ବର ମାଟି । ଏହାପରେ ସେ ମୋତେ କହିଲେ, ଏହି ସମସ୍ତ ମାଟି ଆମ ଫାର୍ମରୁ ବର୍ଷାରେ ଧୋଇ ହୋଇ ବହୁ ବର୍ଷରୁ ଏଠାରେ ଜମା ହୋଇଅଛି । ମୁଁ ତାଙ୍କୁ କହିଲି, ଆମେ ଯଦି ଏହି ମାଟିକୁ ପୁଣି ଆମ୍ଭ ଜମିରେ ପକାଇବା ଏବଂ ବନ୍ଧ-ବାଡ଼ କରିବା, ତେବେ କିପରି ହେବ ? ସେ ଏହା ଶୁଣି ବହୁତ ଖୁସୀ ହୋଇ କହିଲେ, ଏହାହିଁ କରିବା ପାଇଁ ମୁଁ ଚାହୁଁଛି । ଏହାପରେ ସେହି କାର୍ଯ୍ୟଟି ଆରମ୍ଭ ହୋଇଥିଲା ।

ଖ) ଗ୍ଲୋରିଆଲ୍ୟାଣ୍ଡରେ କାମ କରୁଥିବା ସମୟରେ ଥରେ ଗୋଟିଏ ବଡ଼ ନିମ୍ବଗଛରୁ କିଛି ବକଳ ଔଷଧ କରିବା ସକାଶେ ବାହାର କରିଥିଲି । ଦ୍ୟୁମନ୍ ଭାଇ ମନୀନ୍ଦ୍ର ଭାଇଙ୍କ ସହିତ ଫାର୍ମ ପରିଭ୍ରମଣ କରୁଥିବା

ସମୟରେ, ସେହି ଗଛ ନିକଟକୁ ଯାଇ ଗଛଟିର ସେହି ଅଂଶଟିରେ ଯତ୍ନର ସହି ମୃଦୁ ହସ୍ତଚାଳନା କରିଥିଲେ । ମନୀନ୍ଦ୍ର ଭାଇ ପରିସ୍ଥିତିର ଗମ୍ଭୀରତାକୁ ଅନୁଧାନ କରୁଥାନ୍ତି । ଏହାପରେ ଫାର୍ମର ଅନ୍ୟ ଏକ ସ୍ଥାନରେ ମୋର ସାକ୍ଷାତ ହେବା ପରେ ସେହି କ୍ଷତ ଅଂଶଟିରେ କିଛି ଗୋବର ଓ ମାଟି ଲେପନ କରିବା ସକାଶେ ମନୀନ୍ଦ୍ର ଭାଇ ମୋତେ କହିଥିଲେ । ଦ୍ୟୁମନ୍ ଭାଇ ହସି ହସି ମୋତେ କହିଲେ, ଯଦି ତୁମ୍ଭେ ମୋ ହାତରୁ କିଛି ଚମଡ଼ା ଏପରି ବାହାର କରିନେବ, ମୁଁ ହୁଏତ ଜୀବିତ ରହି ପାରିବି ନାହିଁ । ଗଛର ସେହି କ୍ଷତ ଅଂଶଟିରେ ମାଟି ଏବଂ ଗୋବରର ମିଶ୍ରଣ ଲେପନ କରାଯିବା ପରେ ତାହାକୁ ଦେଖି ଦ୍ୟୁମନ୍ ଭାଇ ବହୁତ ଖୁସୀ ହୋଇଥିଲେ ।

ଗ) ପୂର୍ବରୁ ଆଶ୍ରମ ସକାଶେ ଗ୍ଲୋରିଆଲ୍ୟାଣ୍ଡରେ କଦଳୀଚାଷ କରାଯାଉଥାଏ । ୧୯୭୬-୭୭ ମସିହାଠାରୁ କଦଳୀ ଚାଷର ଦାୟିତ୍ୱ ମୋତେ ଦିଆଯାଇଥାଏ । ଦିନେ ଗୋଟିଏ ଦୁଇ ଏକର ବିଶିଷ୍ଟ କଦଳୀ ବଗିଚା ଜଳସେଚିତ ହୋଇଥାଏ । ଗଛଗୁଡ଼ିକ ବହୁତ ସତେଜ ଦେଖା ଯାଉଥାନ୍ତି । ସେଦିନ ଦ୍ୟୁମନ୍ ଭାଇଙ୍କ ସହିତ 'ଅରୋକଲ୍‌ଚର' ପରିଦର୍ଶକ ହିସାବରେ ଆସିଥାନ୍ତି । ସେ ଗଛଗୁଡ଼ିକର ସତେଜତାକୁ ଦେଖି କହିଲେ, 'ଗଛଗୁଡ଼ିକ ଖୁସୀ' । ଦ୍ୟୁମନ୍‌ଭାଇ ମଧ୍ୟ ଖୁସୀ ହୋଇ ସେହି ଗଛଗୁଡ଼ିକୁ ନିରୀକ୍ଷଣ କଲେ ଏବଂ ଜମି ମଧ୍ୟକୁ ଯାଇ ଗୋଟିଏ ସ୍ଥାନରେ ଦଣ୍ଡାୟମାନ ହେଲେ । ଦେଖାଗଲା ସେହି ସ୍ଥାନରେ ଚାରି ପାଞ୍ଚ ଗୋଟି ଗଛ ଭୁଲ ବଶତଃ ଜଳସେଚିତ ହୋଇନାହିଁ । ସମସ୍ତେ ଅବାକ୍ । ପରେ ସନ୍ଧ୍ୟା ସମୟରେ ଏହି ବିଷୟରେ ମନୀନ୍ଦ୍ରଭାଇଙ୍କ ସହିତ ଆଲୋଚନା ସମୟରେ ସେ ମୋତେ କହିଲେ, ଦ୍ୟୁମନ୍‌ଭାଇଙ୍କର ଏକାତ୍ମତା ମାଧ୍ୟମରେ ଜ୍ଞାନ ଅଛି । ସେ ଗଛ ସହିତ ମିଶିଯା'ନ୍ତି ଏବଂ ତାଙ୍କର ଭାଷା ବୁଝନ୍ତି ।

ଏହିପରି ଦ୍ୟୁମନ୍ ଭାଇ ସମସ୍ତ କାର୍ଯ୍ୟକୁ ନିଜେ କରି ତାଙ୍କରି ସହିତ କାର୍ଯ୍ୟ କରୁଥିବା କର୍ମୀମାନଙ୍କୁ ପ୍ରସ୍ତୁତ କରାଉଥିଲେ । କୌଣସି ସମୟରେ ବିରକ୍ତ ହେଉ ନଥିଲେ କିମ୍ବା ଧୈର୍ଯ୍ୟହରା ହେଉ ନଥିଲେ । ସେ ସମୟେ ସମୟେ କହୁଥିଲେ, କୌଣସି ବ୍ୟକ୍ତିଙ୍କୁ ଜାଣିବା ପାଇଁ ହେଲେ ମୁଁ ତାଙ୍କରି କାର୍ଯ୍ୟଟିକୁ ଦେଖିଥାଏ । କାର୍ଯ୍ୟଟି କିପରି ପରିଷ୍କାର ଭାବରେ ହୋଇଛି, କେଉଁ ଚେତନାରେ ହୋଇଛି... ଇତ୍ୟାଦି । କାରଣ କାର୍ଯ୍ୟଦ୍ୱାରା ବ୍ୟକ୍ତି ତାହାର ପରିଚୟ ଦେଇଥାଏ ।

୨. ୧୯୭୫ ମସିହାରେ ଅନ୍ନପୂର୍ଣ୍ଣା ଫାର୍ମରୁ ଅରୋଭିଲ୍‌ର ଜନୈକ ବ୍ୟକ୍ତିଙ୍କ ନିକଟକୁ ଫାର୍ମ କାର୍ଯ୍ୟରେ ଯାଇଥାଏ । ସେହି ବ୍ୟକ୍ତିଙ୍କଠାରୁ କିଛି ଫୁଲ ଗଛ ଫାର୍ମ ସକାଶେ ସଂଗ୍ରହ କରିଥିଲି । ଏହି ବିଷୟରେ ପରେ ଦ୍ୟୁମନ୍ ଭାଇଙ୍କୁ ଜଣାଇବା ପରେ, ସେ ପ୍ରଥମେ ମୋତେ ପଚାରିଲେ, 'ଫୁଲଗଛ ସକାଶେ ଅର୍ଥ ଦେଇଛ ?' ମୁଁ ଉତ୍ତର ଦେଲି- ନାଁ । ସେ ଭଦ୍ରବ୍ୟକ୍ତି ଅର୍ଥ ଗ୍ରହଣ କରିବା ପାଇଁ ମନାକଲେ । ଏହାପରେ ଦ୍ୟୁମନ୍‌ଭାଇ କହିଲେ, କୌଣସି ବ୍ୟକ୍ତିଙ୍କଠାରୁ କୌଣସି ଦ୍ରବ୍ୟ ବିନାମୂଲ୍ୟରେ ଆଣିବା ସହଜ ଅଟେ । କିନ୍ତୁ ପରବର୍ତ୍ତୀ ସମୟରେ ତାହାକୁ ପରିଚାଳନା କରିବା ବହୁତ କଠିନ । ଏହାପରେ କିଛି ଅର୍ଥ ନେଇ ସେହି ବ୍ୟକ୍ତିଙ୍କୁ ଦେଇ ଆସିଥିଲି ।

୩. ୧୯୭୫ ମସିହାରେ ଅନ୍ନପୂର୍ଣ୍ଣା ଫାର୍ମରେ ଦିନେ ଫାର୍ମ ପରିଭ୍ରମଣ କରୁଥିବା ସମୟରେ ବିଭିନ୍ନ ଫସଲ ଦେଖି ଦ୍ୟୁମନ୍ ଭାଇ ବହୁତ ଖୁସୀ ହେଉଥାନ୍ତି ଏବଂ କିଛି ମଧୁ ଚାଷ କରିବା ସକାଶେ ଇଚ୍ଛା ପ୍ରକାଶ କରୁଥାନ୍ତି । ସେହି ସମୟରେ ମୁଁ ତାଙ୍କୁ କହିଲି, ମଧୁଚାଷ ବିଷୟରେ ମୋର କିଛି ଧାରଣା ଅଛି, କାରଣ ପୂର୍ବରୁ ମୁଁ ଏହି ଚାଷ କରୁଥିଲି । ଏହା ଶୁଣି ସେ ବହୁତ ଖୁସୀ ହୋଇଗଲେ ।

କିଛିଦିନ ବିତିଗଲା । ଦିନେ ହଠାତ୍ ମୋତେ ପଚାରିଲେ, ମଧୁଚାଷ କେତେ ଦୂର ଗଲା ? ମୁଁ ଅବାକ୍ ହୋଇ ତାଙ୍କୁ କହିଲି, କିନ୍ତୁ ଏଠାରେ କେଉଁଠି ଏହା ପାଇବା ସମ୍ଭବ ମୁଁ କିଛି ଜାଣିନାହିଁ । ଏହା ଶୁଣି ସେ କହିଲେ, ସେ କଥା ମୁଁ ଜାଣେ ନାହିଁ । ଦ୍ୟୁମନ୍‌ଭାଇଙ୍କଠାରୁ ଏହା ଶୁଣିବା ପରେ, ସେହି ଦିନହିଁ ଏହି ବିଷୟରେ ଖବର ନେବାପରେ ଜାଣିବାକୁ ପାଇଲି ଯେ, ନିକଟସ୍ଥ 'ସେଦେରାପେଟ୍' ଗ୍ରାମରେ ଏହି ବିଷୟରେ ଏକ ସରକାରୀ କାର୍ଯ୍ୟାଳୟ ଅଛି । ସେଠାକୁ ଯାଇ ଜନୈକ କର୍ମଚାରୀଙ୍କ ସହିତ ଯୋଗାଯୋଗ କରିବା ପରେ, ଏକ ସପ୍ତାହ ମଧ୍ୟରେ ସେ ଦୁଇଟି ମଧୁମକ୍ଷିକା ସହିତ ପେଟି ପ୍ରଦାନ କରିଥିଲେ ।

ନଭେମ୍ବର ମାସରେ ଦିନେ ଦ୍ୟୁମନ୍ ଭାଇ କିଛି ବିଦେଶୀ ଅରୋଭିଲିଆନ୍‌ଙ୍କୁ ସଙ୍ଗରେ ନେଇ ଫାର୍ମ ପରିଭ୍ରମଣରେ ଆସିଥାନ୍ତି । ସେତେବେଳକୁ ମଧୁ ପ୍ରସ୍ତୁତ ହୋଇ ସାରିଥାଏ । କିଛି ଚକ୍ର ମଧୁ ସଂଗ୍ରହ କରି ପରିବେଷଣ କରିବା ପରେ ଦ୍ୟୁମନ୍‌ଭାଇଙ୍କର କି ଆନନ୍ଦ ! ସେ ତାହାକୁ ଗ୍ରହଣ କରି ସେହି ଦର୍ଶକମାନଙ୍କୁ କହିଲେ, ଅନ୍ନପୂର୍ଣ୍ଣା ମଧୁଭଳି ମିଠା । ଏହାର କିଛିଦିନ ପରେ ମଧୁଚାଷ ସମ୍ବନ୍ଧୀୟ କିଛି ପୁସ୍ତକ ମଗାଇ ପ୍ରଦାନ କରିଥିଲେ ।

ସାଧକମାନଙ୍କର କାର୍ଯ୍ୟ ଦେଖି ସେ ବହୁତ ଉତ୍ସାହିତ କରୁଥିଲେ ।

୪. କିଛି ଔଷଧୀୟ ବୃକ୍ଷ-ଲତାର ସଦ୍‌ଉପଯୋଗ କରି ମୁଁ ଏକତା ଆୟୁର୍ବେଦୀୟ ଚିକିତ୍ସା କରିବା ଆରମ୍ଭ କରିଥାଏ । ଦ୍ୟୁମନ୍‌ଭାଇ ଏହା ଜାଣିପାରି ବହୁତ ପ୍ରୋତ୍ସାହନ ଦେଲେ । ଦିନେ ହଠାତ୍ 'ସୁମନଗଉରୀ' ନାମକ ଜନୈକା ଆଶ୍ରମ ସାଧିକାଙ୍କୁ ଗ୍ଲୋରିଆଲ୍ୟାଣ୍ଡକୁ ଆଣି ମୋ ସହିତ ପରିଚିତ କରାଇଦେଲେ । ବିଗତ ୨୫ ବର୍ଷ ଧରି ସେ ଆଲର୍ଜି ଦ୍ୱାରା ଆକ୍ରାନ୍ତ ହୋଇଥିଲେ ଏବଂ ବହୁ ପ୍ରକାର ଚିକିତ୍ସା ସତ୍ତ୍ୱେ ବି ଆରୋଗ୍ୟ ଲାଭ କରି ନଥିଲେ । ତାଙ୍କରି ଚିକିତ୍ସା କରିବା ସକାଶେ ଦ୍ୟୁମନ୍‌ଭାଇ ମୋତେ ପରାମର୍ଶ ଦେଲେ । ତାଙ୍କରି ଇଚ୍ଛା ମୁତାବକ ମା'ଙ୍କୁ ସ୍ମରଣ କରି ଚିକିତ୍ସା ଆରମ୍ଭ କରିଥିଲି । ପ୍ରାୟ ୧୫ଦିନ ଔଷଧ ଖାଇବା ପରେ ଦ୍ୟୁମନ୍‌ଭାଇ ତାଙ୍କୁ ପୁଣି ଗ୍ଲୋରିଆଲ୍ୟାଣ୍ଡକୁ ନେଇ ଆସିଥିଲେ । ସେ ସେତେବେଳକୁ ପୂରାପୂରି ସୁସ୍ଥ । ତାଙ୍କୁ ଦେଖି ମୁଁ ନିଜେ ଆଶ୍ଚର୍ଯ୍ୟ ହୋଇଯାଇଥିଲି ।

୫. ଦ୍ୟୁମନ୍ ଭାଇ ଫାର୍ମ ପରିଭ୍ରମଣରେ ଆସୁଥିବା ସମୟରେ, ରାସ୍ତାରେ ଯଦି କୌଣସି ସ୍ଥାନରେ କିଛି ନୂତନ ବସ୍ତୁ ବା ଫସଲ ନଜରରେ ଆସୁଥାଏ, ପ୍ରୟୋଜନସ୍ଥଳେ ସେଠାରେ କିଛି ସମୟ ଅଟକି ତାହାକୁ ଅନୁଧାନ କରୁଥା'ନ୍ତି ।

ଦିନେ ଅପରାହ୍ନରେ ଅନ୍ନପୂର୍ଣ୍ଣା ଫାର୍ମରୁ ପଣ୍ଡିଚେରୀ ଫେରୁଥିବା ରାସ୍ତାରେ ଜଣେ ବୃଦ୍ଧା କିଛି ମହୁଲ ଫୁଲ ସିଝାଇ ସେଥିରୁ ରସ ବାହାର କରୁଥିବାର ଦେଖି ସେହି ସ୍ଥାନରେ ଅଟକି ସେହି ଦିଗକୁ ଅଗ୍ରସର ହେଲେ । ବୃଦ୍ଧାଜଣକ ସେଥିରୁ କିଛି ରସ ଅତି ଆଗ୍ରହର ସହିତ ଦ୍ୟୁମନ୍ ଭାଇଙ୍କୁ ଦେଇ କହିଲେ, 'ନାଲା ଇରିକିଦା ଆୟା, ସାପାଡ଼' (ଏହା ଖୁବ୍ ଭଲ ଜିନିଷ ବାବୁ, ପାନ କରନ୍ତୁ) । ବୃଦ୍ଧାଟିର ଭକ୍ତଭରା ଅର୍ପଣ ଦେଖି ଦ୍ୟୁମନ୍‌ଭାଇ ମଧ୍ୟ ତାହାକୁ ଗ୍ରହଣ କରିଥିଲେ ଏବଂ ଉପରୋକ୍ତ ଘଟଣାବଳୀଟିକୁ ଅନ୍ନପୂର୍ଣ୍ଣା ଫାର୍ମରେ ବର୍ଣ୍ଣନା କରିଥିଲେ । ଏହା ଶୁଣି ମୁଁ ତାଙ୍କୁ କହିଥିଲି, 'ସେ ନିବେଦନ କଲା ଏବଂ ଆପଣ ଗ୍ରହଣ କଲେ ।' ଏଥିରେ ଦ୍ୟୁମନ୍ ଭାଇ ମସ୍ତକ ହଲାଇ ସମ୍ମତି ପ୍ରଦାନ କରିଥିଲେ ।

୬. ଦ୍ୟୁମନ୍ ଭାଇଙ୍କୁ 'ୟେସ୍ ମଦର ବୟ' କୁହାଯାଉଥାଏ । କାରଣ ମା' ଯାହା କରିବା ପାଇଁ ଇଚ୍ଛା ପ୍ରକାଶ କରୁଥିଲେ, ତାହାକୁ ବିନା ଦ୍ୱିଧାରେ ଦ୍ୟୁମନ୍ ଭାଇ କାର୍ଯ୍ୟକାରୀ କରାଉଥିଲେ ।

ଥରେ ମା' ପଣ୍ଡିଚେରୀସ୍ଥ ଏକ ଜମି (ପାପାମାଲ୍) ଖରିଦ କରିବା ସକାଶେ ଇଚ୍ଛୁକ ଥିଲେ। ସେ ଏହି ବିଷୟରେ ତାଙ୍କରି କିଛି ଆଇନ ପରାମର୍ଶଦାତା ସନ୍ତାନଙ୍କ ସହିତ ଆଲୋଚନା କରୁଥିବା ସମୟରେ, ସେହି ଜମିଟିକୁ ଖରିଦ ନ କରିବା ସକାଶେ ସେମାନେ ମା'ଙ୍କୁ ପରାମର୍ଶ ଦେଲେ। କାରଣ ସେହି ଜମି ଉପରେ ଅଦାଲତରେ ମୋକଦ୍ଦମା ଚାଲିଥାଏ। ଏହାପରେ ମା' ଦ୍ୟୁମନ୍ ଭାଇଙ୍କ ଆଡ଼କୁ ଚାହିଁଲେ। ଦ୍ୟୁମନ୍ ଭାଇ ମା'ଙ୍କର ଉଦ୍ଦେଶ୍ୟ ବୁଝିପାରି ସେହି ଜମିଟିକୁ ଖରିଦ କରିବାର ବ୍ୟବସ୍ଥା କଲେ ଏବଂ ପରବର୍ତ୍ତୀ ସମୟରେ ମା' ସେହି ମକଦ୍ଦମା ମଧ୍ୟ ଜୟ କରିଥିଲେ।

୭. ଅନ୍ନପୂର୍ଣ୍ଣା ଫାର୍ମଟି ଅରୋଭିଲ୍‌ର ଅଟେ। କିନ୍ତୁ ସେହି ୧୫୦ ଏକର ବିଶିଷ୍ଟ କୃଷି ଫାର୍ମଟିକୁ ଦ୍ୟୁମନ୍ ଭାଇ ପରିଚାଳନା କରୁଥିଲେ। ଏହାର କାରଣ ସମ୍ପର୍କରେ ଥରେ ଜଣେ ଦ୍ୟୁମନ୍ ଭାଇଙ୍କୁ ପ୍ରଶ୍ନ କରିବାରୁ ତାହାର ଉତ୍ତରରେ ଦ୍ୟୁମନ୍ ଭାଇ କହିଲେ, କିଶୋରୀଲାଲ୍ ଏହି ଫାର୍ମଟିକୁ ପରିଚାଳନା କରି ନପାରିବାରୁ ମୋତେ ଏହାର ଦାୟିତ୍ୱ ନେବା ପାଇଁ ଅନୁରୋଧ କଲେ। ଏହି ବିଷୟରେ ମା'ଙ୍କୁ ପଚାରିବା ସକାଶେ ମୁଁ ତାଙ୍କୁ ପରାମର୍ଶ ଦେଲି। ସେ ମୋରି ଉପସ୍ଥିତିରେ ମା'ଙ୍କୁ ଏହି ବିଷୟରେ ଜଣାଇଲେ। ସେତେବେଳେ ମୁଁ କିଶୋରୀଲାଲଙ୍କୁ ପଚାରିଲି, କିନ୍ତୁ ଏହି ଫାର୍ମ ପରିଚାଳନା ସକାଶେ କିଏ ଅର୍ଥ ଯୋଗାଇବେ ? କିଶୋରୀଲାଲ୍ ନିଜେ ଏଥି ସକାଶେ ଅର୍ଥ ଯୋଗାଇବା ପାଇଁ ପ୍ରତିଶ୍ରୁତି ଦେଲେ। କିନ୍ତୁ ଏଥିପାଇଁ ସେ ଅର୍ଥ ଯୋଗାଇଲେ ନାହିଁ।

୮. କଲିକତାରେ ରିଜେଣ୍ଟ ପାର୍କଠାରେ ଆଶ୍ରମର ଗୋଟିଏ ବିରାଟ ସ୍କୁଲ ଅଛି ଯାହାର ନାମ 'ଲକ୍ଷ୍ମୀ ଭବନ'। ଲକ୍ଷ୍ମୀଦେବୀ ହେଉଛନ୍ତି ଆଶ୍ରମବାସୀ ମଦନଲାଲ୍‌ଜିଙ୍କର ଶାଶୁ ଏବଂ ଏହି 'ଲକ୍ଷ୍ମୀ ଭବନ'ଟି ତାଙ୍କରି ବ୍ୟକ୍ତିଗତ ସମ୍ପତ୍ତି ଥିଲା। ତାହା ଆଶ୍ରମ ଅଧୀନକୁ ଆସିବା ପରେ 'ଜୟା ମିତ୍ତର' ନାମକ ଜନୈକା ସାଧିକା ତାହାକୁ ପରିଚାଳନା କରୁଥିଲେ। ପ୍ରଥମେ ଆଶ୍ରମ ଟ୍ରଷ୍ଟି 'ପ୍ରଦ୍ୟୁତ୍ ଦା' ତାହାର ସଭାପତି ଥିଲେ। 'ପ୍ରଦ୍ୟୁତ୍‌ଦା' ଙ୍କର ଦେହାନ୍ତ ପରେ, ଦ୍ୟୁମନ୍ ଭାଇ ସେହି ସ୍ଥାନ ପୂରଣ କରିଥିଲେ।

ମନୀନ୍ଦ୍ର ଭାଇ ଯେତେବେଳେ କଲିକତା କୌଣସି କାର୍ଯ୍ୟରେ ଯାଉଥିଲେ, ସେ 'ଲକ୍ଷ୍ମୀଭବନରେ' ଅବସ୍ଥାନ କରୁଥିଲେ। ୧୯୮୭ ମସିହାରେ ଥରେ ସେ ସେଠାରେ ଅତିଥି ଭାବରେ ପହଞ୍ଚିବା ବେଳକୁ ଦେଖିଲେ, 'ଜୟାଦିଦି' କାହା ସହିତ ଫୋନ୍‌ରେ କଥା ହେଉଛନ୍ତି। ଏଣୁ ମନୀନ୍ଦ୍ର ଭାଇ ସେହି କାର୍ଯ୍ୟରେ ବାଧା ନଦେଇ, ତାଙ୍କରି ପଛରେ ଦଣ୍ଡାୟମାନ ହେଲେ। ମନୀନ୍ଦ୍ର ଭାଇ ଫୋନ୍ କଥାବାର୍ତ୍ତାରୁ ଯାହା ଶୁଣିଲେ, ସଂକ୍ଷେପରେ ତାହା ହେଉଛି 'ଲକ୍ଷ୍ମୀ ଭବନ' ନାମରେ ପ୍ରାୟ ୨୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଋଣ ବାକି ଅଛି ଏବଂ ସେହି ଅର୍ଥ ପରିଶୋଧ କରିବା ସକାଶେ ଜୟାଦିଦି ଶ୍ରୀଅରବିନ୍ଦ ଆଶ୍ରମ ଉପରେ ବୋଝ ନହୋଇ, ନିଜେ କୌଣସି ଠାରୁ ବ୍ୟବସ୍ଥା କରିବା ସକାଶେ କଠୋର ପ୍ରଚେଷ୍ଟା ଚଳାଇଛନ୍ତି। ତାଙ୍କରି ଭାଷାରେ ଗମ୍ଭୀରତା ଏବଂ ଉତ୍କଣ୍ଠା ପୂର୍ଣ୍ଣହୋଇ ରହିଥିଲା, ସତେ ଯେପରି ଏହି ସମସ୍ୟାରୁ ମୁକୁଳିବା ସକାଶେ ମା'ହିଁ କେବଳ ସାହା ଭରସା। ପୁଣି ସେହି ଅର୍ଥକୁ 'ମଦନଲାଲଜୀ'ଙ୍କୁ ପରିଶୋଧ କରିବା ପାଇଁ ହେବ ! 'ଜୟାଦିଦି' ଫୋନ୍ କଥାବାର୍ତ୍ତା ଶେଷକରି ପଛକୁ ଚାହିଁଲା ବେଳକୁ ମନୀନ୍ଦ୍ର ଭାଇଙ୍କୁ ଦେଖି ଅବାକ୍ ହୋଇଗଲେ। ମନୀନ୍ଦ୍ର ଭାଇ ପରିସ୍ଥିତିକୁ ଅନୁଧ୍ୟାନ କରି ଏହାର ସମାଧାନ ସକାଶେ ଚେଷ୍ଟା କରିବା ପାଇଁ 'ଜୟା ଦିଦି'ଙ୍କଠାରୁ ଅନୁମତି ମାଗିଲେ।

ଜୟାଦିଦି ଉତ୍ତର ଦେଲେ - ତୁମ୍ଭେ କ'ଣ କରିପାରିବ ?

ମନୀନ୍ଦ୍ର ଭାଇ ଉତ୍ତର ଦେଲେ - ଚେଷ୍ଟା ତ କରିପାରିବି।

ମନୀନ୍ଦ୍ର ଭାଇ ଗ୍ଲୋରିଆଲ୍ୟାଣ୍ଡକୁ ଫେରି ଆସି ଦ୍ୟୁମନ୍ ଭାଇଙ୍କୁ ଏହି ସମସ୍ତ ବିଷୟ ଜଣାଇଲେ। ଦ୍ୟୁମନ୍ ଭାଇଙ୍କ ଅନୁମତିରେ ଦିନେ ମନୀନ୍ଦ୍ର ଭାଇ 'ମଦନଲାଲଜି'ଙ୍କୁ ଗ୍ଲୋରିଆଲ୍ୟାଣ୍ଡକୁ ଆମନ୍ତ୍ରଣ କରି ଦ୍ୟୁମନ୍ ଭାଇଙ୍କ ଉପସ୍ଥିତିରେ ଏହି ସମସ୍ୟାର ସମାଧାନ କରିବା ସକାଶେ ପ୍ରସ୍ତାବ ଦେଲେ। ମଦନଲାଲ୍‌ଜି ସମସ୍ତ ଋଣ ଛାଡ଼ କରିଦେବା ପାଇଁ ପ୍ରତିଶ୍ରୁତି ଦେଲେ, କିନ୍ତୁ ଗୋଟିଏ ସର୍ତ୍ତରେ। ତାହା ହେଉଛି- ଯଦି ଦ୍ୟୁମନ୍ ଭାଇ 'ଲକ୍ଷ୍ମୀ ଭବନ'ରେ ଉପସ୍ଥିତ ରହି ସେଠାରେ ଅନ୍ତତଃ ଗୋଟିଏ ରାତ୍ରି ଯାପନ କରିବେ। ସୌଭାଗ୍ୟବଶତଃ ଦ୍ୟୁମନ୍ ଭାଇ ଏହି ପ୍ରସ୍ତାବରେ ସମ୍ମତି ପ୍ରଦାନ କଲେ ଏବଂ ତାହାକୁ ବାସ୍ତବତାରେ ପରିଣତ କରାଇଥିଲେ।

ଦ୍ୟୁମନ୍ ଭାଇ ୪.୧.୧୯୮୮ରେ ମାତୃଗ୍ରାମକୁ ଲେଖିଥିବା ଚିଠିରୁ ଜଣାଯାଏ:

Dear ones

2nd morning, I flow to Calcutta. 3rd night returned. That is why you had nothing on the 2nd and 3rd...

ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ଦ୍ୟୁମନ୍ ଭାଇ ପ୍ରତ୍ୟେକ ଦିନ ଡାକଦ୍ୱାରା ମାତୃଗ୍ରାମକୁ ଚିଠି ପଠାଉଥିଲେ। ସେହି ଦୁଇଦିନ ଚିଠି ନଲେଖି ପାରିଥିବା ବିଷୟ ବର୍ଣ୍ଣନା କରିଛନ୍ତି।

୯. ଜୁନ୍ ମାସ ୧୯ ତାରିଖ ହେଉଛି ଦ୍ୟୁମନ୍ ଭାଇଙ୍କ ଜନ୍ମଦିନ। ତାଙ୍କର ୧୯୭୭ ମସିହା ଜନ୍ମଦିନରେ ଅପରାହ୍ନ ସମୟରେ ଗ୍ଲୋରିଆଲ୍ୟାଣ୍ଡରେ ଚା'ପାନ କରୁଥିବା ସମୟରେ ଦ୍ୟୁମନ୍ ଭାଇ କୌତୁହଳ ପୂର୍ଣ୍ଣ ଭଙ୍ଗୀରେ କହିଲେ, ଆଜି ପୂର୍ବାହ୍ନରେ ମୁଁ ୧୭ ଥର ଜଳଖିଆ କରିଛି। ଯେ ଯାହା ଦେଇଛନ୍ତି ସମସ୍ତ ଖାଦ୍ୟ ଭୋଜନ କରିଛି, ସତେ ଯେପରି ପ୍ରତ୍ୟେକଙ୍କ ବାସଭବନରେ ପ୍ରଥମେ ଜଳଖିଆ ଗ୍ରହଣ କରୁଛି। କାରଣ କାହାକୁ ଆଘାତ ଦେବା ପାଇଁ ମୁଁ ଚାହୁଁ ନଥିଲି।

୧୦. ଆଶ୍ରମରେ ଭୋଜନ ସହିତ ପ୍ରତ୍ୟେକ ଦିନ ପାଚିଲା କଦଳୀ ପରିବେଷଣ କରାଯାଇଥାଏ। ପ୍ରଥମେ ଦ୍ୟୁମନ୍ ଭାଇ ବଜାରରୁ ତାହା ଖରିଦ କରାଉଥାନ୍ତି। ଏହାପରେ କ୍ରମଶଃ ତାହା ଆଶ୍ରମ ଫାର୍ମମାନଙ୍କରେ ଚାଷ କରାଗଲା। ଗ୍ଲୋରିଆଲ୍ୟାଣ୍ଡରେ ଅଧିକ ପରିମାଣରେ କଦଳୀ ଚାଷ କରାଗଲା। ପଣ୍ଡିଚେରୀଠାରୁ ପ୍ରାୟ ଶହେ କିଲୋମିଟର ଦୂରରେ 'ଆଡୁଦୋରାଇ' ନାମକ ଏକ ସ୍ଥାନରେ ତାମିଲନାଡୁ ସରକାରଙ୍କର ଗୋଟିଏ କଦଳୀ ଚାଷର ଗବେଷଣା କେନ୍ଦ୍ରଥାଏ। ସେହି ସ୍ଥାନକୁ ଭ୍ରମଣରେ ଯିବା ସକାଶେ ଦିନେ ଦ୍ୟୁମନ୍ ଭାଇ ମନୀନ୍ଦ୍ର ଭାଇଙ୍କୁ କହିଲେ। ଏଣୁ ପୂର୍ବଯୋଜନା ମୁତାବକ ମୁଁ ଏବଂ ମନୀନ୍ଦ୍ର ଭାଇ ଦିନେ ପ୍ରତ୍ୟୁଷରେ ଗ୍ଲୋରିଆଲ୍ୟାଣ୍ଡରୁ ଆଶ୍ରମରେ ପହଞ୍ଚି ଦ୍ୟୁମନ୍ ଭାଇଙ୍କୁ ସଙ୍ଗରେ ନେଇ 'ଆଡୁଦୋରାଇ' ଅଭିମୁଖେ ଯାତ୍ରାକଲୁ। ପ୍ରାତଃଭୋଜନ ସକାଶେ କିଛି ଖାଦ୍ୟ ସଙ୍ଗରେ ନେଇ ଯାଉଥାଉ। 'ଆଡୁଦୋରାଇ'ରେ ପ୍ରାୟ ପୂର୍ବାହ୍ନ ୯ଟାରେ ପହଞ୍ଚିବା ପରେ ସେହି ଫାର୍ମଟିକୁ ପରିଭ୍ରମଣ କଲୁ। ଇତି ମଧ୍ୟରେ ଫାର୍ମର ଭାରପ୍ରାପ୍ତ କର୍ମଚାରୀ ଆସି ଆମ ସହିତ ସାକ୍ଷାତ କରି ବିଭିନ୍ନ କିସମର କଦଳୀ ଗଛମାନଙ୍କ ବିଷୟରେ ବର୍ଣ୍ଣନା କଲେ। ସେହି ଫାର୍ମରେ ୧୨୬ଟି କିସମର କଦଳୀ ଚାଷ ହେଉଥିବା ବିଷୟ କହି, 'ଚକିଆ' ନାମକ ଏକ କିସମ ଯାହା ଉଭୟ 'ତର୍କାରୀ' ଏବଂ 'ଫଳ' ସକାଶେ ଉପଯୁକ୍ତ ଅଟେ ଜଣାଇଥିଲେ। ସେଥିରୁ କିଛି ଚାରା ଗ୍ଲୋରିଆଲ୍ୟାଣ୍ଡ ସକାଶେ ଖର୍ଦ୍ଦି କରିଥିଲୁ। ସେଠାରୁ କାର୍ଯ୍ୟ ଶେଷ ହେବା ପରେ ଦ୍ୟୁମନ୍ ଭାଇ ମନୀନ୍ଦ୍ର ଭାଇଙ୍କୁ 'ପଟ୍ଟାକୋଟାଇ' ନାମକ ସ୍ଥାନରେ

ଥିବା ତାମିଲନାଡୁ ସରକାରଙ୍କ 'ନଡ଼ିଆ ଗବେଷଣା କେନ୍ଦ୍ର' ଭ୍ରମଣ କରିଯିବା ସକାଶେ ପ୍ରସ୍ତାବ ଦେଲେ। ଏହି ସ୍ଥାନଟି ସେହି 'କଦଳୀ ଗବେଷଣା କେନ୍ଦ୍ର'ଠାରୁ ପ୍ରାୟ ଶହେ କିଲୋମିଟର ଦୂରରେ ଅବସ୍ଥିତ। ସେତେବେଳକୁ ପ୍ରାୟ ଦିନ ୧୧ଟା ହୋଇଥାଏ। ଯଦିଓ ମନୀନ୍ଦ୍ର ଭାଇ ଏବଂ ମୁଁ କ୍ଷୁଧା ଅନୁଭବ କରୁଥିଲୁ। ଦ୍ୟୁମନ୍ ଭାଇ କିନ୍ତୁ ପୂରାପୂରି ସତେଜ ଥିଲେ। ମନୀନ୍ଦ୍ର ଭାଇ ଦ୍ୟୁମନ୍ ଭାଇଙ୍କୁ କହିଲେ, ନଡ଼ିଆ ଫାର୍ମଟି ବହୁତ ଦୂରରେ ଅବସ୍ଥିତ। ଅନ୍ୟ ଏକ ଦିନ ଆମ୍ଭେ ସେଠାକୁ ଯିବା।

ସୌଭାଗ୍ୟ ବଶତଃ ଏଥିରେ ଦ୍ୟୁମନ୍ ଭାଇ ସମ୍ମତି ପ୍ରଦାନ କଲେ ଏବଂ ସେଠାରୁ ପଣ୍ଡିଚେରୀ ଅଭିମୁଖେ ଯାତ୍ରାରମ୍ଭ କଲୁ। ଆଶ୍ରମରେ ଦ୍ୟୁମନ୍ ଭାଇଙ୍କୁ ଛାଡ଼ି ଗ୍ଲୋରିଆଲ୍ୟାଣ୍ଡରେ ପହଞ୍ଚିବା ବେଳକୁ ଅପରାହ୍ନ ପ୍ରାୟ ତିନିଟା। ସେଠାରେ ପହଞ୍ଚି ସଙ୍ଗରେ ଫେରାଇ ଆଣିଥିବା ଜଳଖିଆ ଭୋଜନ କଲୁ।

ଏଠାରେ ପ୍ରଶ୍ନ ହୋଇପାରେ, ଯଦି 'ନଡ଼ିଆ ଫାର୍ମ' ପରିଦର୍ଶନରେ ଯାଇଥାନ୍ତୁ, ତେବେ ଖାଦ୍ୟ ବିନା ଆମ୍ଭର ଅବସ୍ଥା କ'ଣ ଯେ ହୋଇଥାନ୍ତା, ପାଠକମାନେ ଚିନ୍ତା କରିବା ପାଇଁ ଅନୁରୋଧ।

୧୧. ମା'ଙ୍କର ପ୍ରତ୍ୟେକ ବ୍ୟବହାର୍ଯ୍ୟ ବସ୍ତୁ, ଖାଦ୍ୟ, ପେୟ, ଆଦି ଦ୍ୟୁମନ୍ ଭାଇଙ୍କ ଦାୟିତ୍ୱରେ ଥିଲା। ଏଣୁ ସେ ଥିଲେ ମା'ଙ୍କର ମା। ପ୍ରତ୍ୟେକ ଦର୍ଶନ ପୂର୍ବରୁ ସେ ମା'ଙ୍କୁ ଗୋଟିଏ 'କାଞ୍ଚିପୁରମ୍ ସିଲ୍କ ଶାଢ଼ୀ' ଅର୍ପଣ କରୁଥିଲେ। ପ୍ରାୟତଃ ସେ ନିଜେ କାଞ୍ଚିପୁରମ୍ ଯାଇ ଶାଢ଼ୀ ମନୋନୀତ କରି ଆଣୁଥିଲେ। ଥରେ ସେ ନିଜେ ନଯାଇ ପାରିବା କାରଣରୁ କାଞ୍ଚିପୁରମ୍‌ରୁ ଶହେ ଖଣ୍ଡ ଶାଢ଼ୀ ମଗାଇ ସେଥିରୁ ଚୟନ କରିବା ସକାଶେ ମା'ଙ୍କୁ ଅନୁରୋଧ କଲେ। ମା ଗୋଟିଏ ଶାଢ଼ୀ ଚୟନ କରି ଅନ୍ୟ ଏକ ଶାଢ଼ୀ ପ୍ରତି ନଜର ଦେଉଥାନ୍ତି। ସେହି ଉଭୟ ଶାଢ଼ୀ ଗ୍ରହଣ କରିବା ସକାଶେ ସେ ମା'ଙ୍କୁ ଅନୁରୋଧ କରିଥିଲେ।

୧୨. ଆଶ୍ରମର ଟେନିସ୍ ଖେଳ ପଡ଼ିଆଟି ସମୁଦ୍ର ଲହରୀ ଦ୍ୱାରା କ୍ଷୟ ନହେବା ସକାଶେ ମା' ଇଚ୍ଛା ପ୍ରକାଶ କଲେ। ଦ୍ୟୁମନ୍ ଭାଇ ଯଥାଶୀଘ୍ର- ସମ୍ଭବ ସମୁଦ୍ର କୂଳରେ ବଡ଼ ବଡ଼ ମୁଗୁନି ପଥର ଠୁଳ କରାଇଲେ ଯଦ୍ୱାରା ଟେନିସ୍ ଗ୍ରାଉଣ୍ଡଟିର ମାଟିକୁ ସମୁଦ୍ର ଲହରୀ ସ୍ପର୍ଶ କରି ପାରିବ ନାହିଁ। ପଣ୍ଡିଚେରୀ ସରକାର ଏହାକୁ ଅନୁକରଣ କରି ପଣ୍ଡିଚେରୀର ପୁରା ସମୁଦ୍ର କୂଳରେ ଏହିପରି ପଥର ଦ୍ୱାରା ଏକ ବନ୍ଧ ନିର୍ମାଣ କରିଛନ୍ତି ଯଦ୍ୱାରା ପଣ୍ଡିଚେରୀ ସହରଟି ବିପଦମୁକ୍ତ ହୋଇପାରିଛି।

୧୩. ଦ୍ୟୁମନ୍ ଭାଇ ତାଙ୍କର ସମସ୍ତ କାର୍ଯ୍ୟବ୍ୟସ୍ତତା ମଧ୍ୟରେ ବି ପ୍ରତ୍ୟେକ ଦିନ ସମସ୍ତ ଲବ୍ଧ ଖବର କାଗଜ ଗୁଡ଼ିକ ପାଠକରି କୃଷି ସମ୍ବନ୍ଧୀୟ ତଥା ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଖବରଗୁଡ଼ିକୁ ମୁଖ୍ୟ ଖବର କାଗଜରୁ କାଟି ସେହି, ସେହି ପେପର କଟିଙ୍ଗଗୁଡ଼ିକୁ ଗ୍ଲୋରିଆଲ୍ୟାଣ୍ଡ ପଠାଉଥିଲେ। ଯଦ୍ୱାରା ସେହି ଖବରଗୁଡ଼ିକ ମୁଖ୍ୟ ଖବର କାଗଜରୁ ପୁଣି ଖୋଜିବା ସକାଶେ ସମୟ ନଷ୍ଟ ନକରି ସମସ୍ତେ ପାଠ କରି ପାରିବେ।

୧୯୭୨ ମସିହାରେ ଦ୍ୟୁମନ୍‌ଭାଇ ଖବର କାଗଜରୁ ଜାଣିବାକୁ ପାଇଲେ ଯେ, ଲୁଧିଆନାର ବିଶ୍ୱବିଦ୍ୟାଳୟ ଏନ.ବି.-୨୧ (ନାପିଆର-ବାଜରାର ମିଶ୍ରଣରେ) ଏକ ଉନ୍ନତ କିସମର ଘାସ ଉଦ୍ଭାବନ କରିଛି ଯାହା ପ୍ରାୟ ୧୦-୧୫ଫୁଟ ପର୍ଯ୍ୟନ୍ତ ଉଚ୍ଚା ହୁଏ ଏବଂ ଗାଈମାନଙ୍କ ସକାଶେ ଅଧିକ ପୁଷ୍ଟିକାରକ ଅଟେ। ଦ୍ୟୁମନ୍ ଭାଇ ଏହି ଖବର ପାଇବା ପରେ ଜଣେ ବ୍ୟକ୍ତିଙ୍କୁ ଲୁଧିଆନା ପଠାଇ ସେହି ଘାସର କିଛି ଚାରା ସଂଗ୍ରହ କରିଥିଲେ। ବହୁତ ସଫଳତା ସହିତ ତାହା ଗ୍ଲୋରିଆଲ୍ୟାଣ୍ଡରେ ଚାଷ କରାଗଲା। ଏହାର ସଫଳତାକୁ ଦେଖି ଆଖପାଖ ଚାଷି ତଥା ସରକାରଙ୍କ ସ୍ତରରେ ମଧ୍ୟ ଏହି ଘାସର ଚାରାକୁ ଗ୍ଲୋରିଆଲ୍ୟାଣ୍ଡରୁ ସଂଗ୍ରହ କରି ସଫଳତାର ସହିତ ଚାଷ କରାଯାଇଥିଲା।

ସେହିପରି 'ସୋଲାମିଟ୍' ନାମକ ନୂତନ କିସମର ଚିନାବାଦାମ ବିଷୟରେ ଗୋଟିଏ ଗୁଜୁରାଟ ଖବରକାଗଜରୁ ଦ୍ୟୁମନ୍ ଭାଇ ଜାଣିବାକୁ ପାଇଲେ, ଯାହା ଅନ୍ୟାନ୍ୟ କିସମର ଚିନାବାଦାମ୍ ଅପେକ୍ଷା ଅଧିକ ପରିମାଣରେ ତୈଳ ଯୋଗାଇଥାଏ। ଦ୍ୟୁମନ୍ ଭାଇ ଜଣେ ବ୍ୟକ୍ତିଙ୍କୁ ଗୁଜୁରାଟ ପଠାଇ କିଛି ବିହନ ସଂଗ୍ରହ କରିଥିଲେ।

୧୯୮୮ ମସିହାରେ ମାତୃଗ୍ରାମରେ 'ଡେରାଡୁନ୍ ବାସୁମତୀ' କିସମର ଧାନକୁ ଚାଷ କରିବା ସକାଶେ ଇଚ୍ଛା କରି ଦ୍ୟୁମନ୍ ଭାଇଙ୍କ ନିକଟକୁ ଏକ ପତ୍ର ଲେଖିଥିଲି। ପ୍ରାୟ ଏକମାସ ମଧ୍ୟରେ ଋଷିକେଶରୁ ରବି-ବଂସାଲ ନାମକ ଜନୈକ ବ୍ୟକ୍ତିଙ୍କଠାରୁ ତିନି ପ୍ରକାର କିସମର ବାସୁମତୀ ଧାନ ବିହନ ପାଇଥିଲି।

କୃଷିଫାର୍ମ ସକାଶେ ନୂତନ କିସମର ଚାରା ବିହନ ସଂଗ୍ରହ କିରବାରେ ଦ୍ୟୁମନ୍ ଭାଇଙ୍କର ଏକ ସ୍ୱତନ୍ତ୍ର ଗୁଣ ଥିଲା।

୧୪. ପଣ୍ଡିଚେରୀ ଅଞ୍ଚଳରେ ବହୁ ସମୟରେ ଘୂର୍ଣ୍ଣିଝଡ଼ ହୋଇଥାଏ। ମୁଖ୍ୟତଃ ମେ-ଜୁନ୍ ମାସରେ ଏହାର ପ୍ରକୋପ ଅଧିକ। ଏଣୁ ଫାର୍ମଗୁଡ଼ିକର ବହୁ କଦଳୀଗଛ ଏଥିରେ ନଷ୍ଟ ହୋଇଥାଏ। କିନ୍ତୁ ପ୍ରତ୍ୟେକ ଦିନ ଆଶ୍ରମ ସକାଶେ ପ୍ରାୟ ପାଞ୍ଚହଜାର ପାଚିଲା କଦଳୀ ଆବଶ୍ୟକ। ଏଣୁ ୧୯୭୭ ମସିହାରେ 'ବାସରାଇ' କିସମର କଦଳୀ ଚାଷ କରିବା ସକାଶେ ଦ୍ୟୁମନ୍ ଭାଇ ସ୍ଥିର କଲେ। ଏହି କିସମର ବିଶେଷତ୍ୱ ହେଉଛି, ଏହାର ଉଚ୍ଚତା ଅପେକ୍ଷାକୃତ କମ୍ ହୋଇଥିବାରୁ ଘୂର୍ଣ୍ଣିଝଡ଼ ଦ୍ୱାରା ଅଧିକ କ୍ଷୟ-କ୍ଷତି ହୋଇ ନଥାଏ ଏବଂ ଏହାର ଉତ୍ପାଦନ କ୍ଷମତ ମଧ୍ୟ ଅଧିକ ହୋଇଥାଏ। ଏହି କିସମର ଚାରା ସଂଗ୍ରହ କରିବା ସକାଶେ ଦ୍ୟୁମନ୍ ଭାଇ ମହାରାଷ୍ଟ୍ରର ଜନୈକ ଭକ୍ତଙ୍କ ପାଖକୁ ଚିଠି ଲେଖିଲେ ଏବଂ ପରବର୍ତ୍ତୀ ସମୟରେ ମନୀନ୍ଦ୍ରଭାଇଙ୍କୁ ଏହି କାର୍ଯ୍ୟ ସକାଶେ ମହାରାଷ୍ଟ୍ର ପଠାଇଲେ। କିଛି ଦିନ ବିତିଗଲା। ମନୀନ୍ଦ୍ର ଭାଇଙ୍କ ସହିତ କିଛି ଯୋଗାଯୋଗ ବି ନାହିଁ। ଏପରି ଅବସ୍ଥାରେ ସମସ୍ତେ ବ୍ୟସ୍ତତା ମଧ୍ୟରେ ରହିବା ସ୍ୱାଭାବିକ।

ଦିନେ ରାତ୍ରି ପ୍ରାୟ ଆଠଟା ବେଳେ ଦ୍ୟୁମନ୍ ଭାଇ ଗୋଟିଏ ଧୋତି ଓ ଫତେଇ ପିନ୍ଧି ଗ୍ଲୋରିଆଲ୍ୟାଣ୍ଡରେ ଅଚାନକ ଗାଡ଼ିରୁ ଓହ୍ଲାଇଲେ। ତାଙ୍କରି ମୁଖମଣ୍ଡଳ ଖୁବ୍ ଗମ୍ଭୀର ଥିଲା। ସତେଅବା ଏକ ଚରମ ଦୁଃଖର ବାର୍ତ୍ତା ନେଇ ସେ ଆସିଛନ୍ତି। ତାଙ୍କୁ ଦେଖି ଗ୍ଲୋରିଆଲ୍ୟାଣ୍ଡର ସମସ୍ତେ ତାଙ୍କରି ନିକଟକୁ ଦୌଡ଼ିଗଲୁ। ତାଙ୍କରି ଗମ୍ଭୀରତାର ତୀବ୍ରତା ସେହିପରି ଅକ୍ଷୁଣ୍ଣ ରହିଥାଏ। ଏହାପରେ ତାଙ୍କୁ କାଶିନାଥ ଭାଇ ଉତ୍କଣ୍ଠିତ ହୋଇ ପଚାରିଲେ, କ'ଣ ହେଲା ଦ୍ୟୁମନ୍ ଭାଇ ? ଦ୍ୟୁମନ୍ ଭାଇ ସେପରି ବାତାବରଣରେହିଁ ଗୋଟିଏ ଟେଲିଗ୍ରାମ କାଗଜକୁ ବଢ଼ାଇ ଦେଇ କହିଲେ, ଯଦି କେହି ଇଂରାଜୀ ଭାଷା ଜାଣିଛ ଏହାକୁ ପାଠକର। ଦ୍ୟୁମନ୍ ଭାଇଙ୍କ ହାତରୁ ସେହି କାଗଜଟି ଆଣି କାଶିନାଥ ଭାଇ ପାଠକଲେ:

Trip success Suckers arranged
Reaching Madras Central

ଏହାପରେ ସେହି ଗାମ୍ଭୀର୍ଯ୍ୟପୂର୍ଣ୍ଣ ବାତାବରଣଟି ଏକ ହାସ୍ୟରୋଳରେ ପରିଣତ ହେଲା। ଦ୍ୟୁମନ୍‌ଭାଇଙ୍କର ଏପରି କୌତୁକପୂର୍ଣ୍ଣତାର ଅଦ୍ଭୁତ ଗୁଣଥିଲା।

୧୫. ଦ୍ୟୁମନ୍ ଭାଇ ଆଶ୍ରମର କେତେକ ବିଭାଗର ମୁଖ୍ୟ ପରିଚାଳକ ଭାବରେ କାର୍ଯ୍ୟ କରୁଥିଲେ ମଧ୍ୟ ସେହି ବିଭାଗର ପରିଚାଳକମାନଙ୍କୁ ବହୁତ ପ୍ରାଧାନ୍ୟ ଦେଉଥିଲେ ଏବଂ ତାଙ୍କୁ ଉପେକ୍ଷା କରି କୌଣସି କାର୍ଯ୍ୟ କରୁ ନଥିଲେ। ଏଠାରେ ନିମ୍ନ ଉଦାହରଣଟି ଉଲ୍ଲେଖଯୋଗ୍ୟ।

୧୯୭୮ ମସିହାରେ ଦିନେ ଲେକ୍ ଇଷ୍ଟେଟ୍‌ର ଜଣେ କର୍ମୀ ସେଠାରେ କରାଯାଉଥିବା ମଧୁଚାଷର କିଛି ସମସ୍ୟା ବିଷୟରେ ଆଶ୍ରମ ପୋଷ୍ଟ ଅଫିସ ନିକଟ ରାସ୍ତାକଡ଼ରେ ଦଣ୍ଡାୟମାନ ହୋଇ ମୋ ସହିତ ଆଲୋଚନା କରୁଥାନ୍ତି। ସୁବିଧା ଦେଖି ଲେକ୍‌ଇଷ୍ଟେଟ୍‌କୁ ଯାଇ ସେହି ମଧୁଚାଷ କରାଯାଉଥିବା ପେଟିଗୁଡ଼ିକୁ ପର୍ଯ୍ୟବେକ୍ଷଣ କରି ସମସ୍ୟାର ସମାଧାନ କରିବା ସକାଶେ ସେ ମୋତେ ଅନୁରୋଧ କରୁଥାନ୍ତି। ମୁଁ ସେତେବେଳେ ଗ୍ଲୋରିଆଲ୍ୟାଣ୍ଡରେ କାର୍ଯ୍ୟ କରୁଥାଏ। ମନୀନ୍ଦ୍ର ଭାଇ ଗ୍ଲୋରିଆଲ୍ୟାଣ୍ଡର ପରିଚାଳକ ଏବଂ ଦ୍ୟୁମନ୍ ଭାଇ ମୁଖ୍ୟ ପରିଚାଳକ ଭାବେ କାର୍ଯ୍ୟ କରୁଥାନ୍ତି। ଏଣୁ ମଧୁଚାଷର ସମସ୍ୟା ସମାଧାନ ସକାଶେ ମୋର ଲେକ୍ ଇଷ୍ଟେଟ୍ ଯିବା ବିଷୟରେ ଦ୍ୟୁମନ୍ ଭାଇଙ୍କଠାରୁ ଅନୁମତି ନେବା ସକାଶେ ମୁଁ ଲେକ୍‌ଇଷ୍ଟେଟ୍‌ର ସେହି କର୍ମୀଙ୍କୁ କହିଲି। ଆଶ୍ଚର୍ଯ୍ୟର କଥା, ଠିକ୍ ସେତିକିବେଳେ ଦ୍ୟୁମନ୍‌ଭାଇ ସେହି ରାସ୍ତାଦେଇ ଆଶ୍ରମର ଭୋଜନାଳୟରୁ ଆଶ୍ରମ ଅଭିମୁଖେ ପଦଯାତ୍ରା କରୁଥିଲେ। ଏଣୁ ସେ ସେଠାରେହିଁ ଦ୍ୟୁମନ୍‌ଭାଇଙ୍କୁ ଏହି ବିଷୟରେ ଅନୁରୋଧ କଲେ। ଦ୍ୟୁମନ୍ ଭାଇ ତାଙ୍କୁ କହିଲେ, ତୁମେ ମନୀନ୍ଦ୍ରଙ୍କଠାରୁ ଏ ବିଷୟରେ ଅନୁମତି ନେବା ଆବଶ୍ୟକ।

୧୬. ୧୯୭୫ ସାଲର ଘଟଣା। ସେତେବେଳେ ମୁଁ ନୂତନ ଭାବରେ ଅନ୍ନପୂର୍ଣ୍ଣା ଫାର୍ମରେ ଯୋଗଦେଇଥାଏ। ଦିନେ ଦ୍ୟୁମନ୍‌ଭାଇଙ୍କ ସହିତ ଫାର୍ମ ପରିଭ୍ରମଣ କରୁଥିବା ସମୟରେ, ସେ ମୋତେ ଏହି ୧୫୦ଏକର ବିଶିଷ୍ଟ ଫାର୍ମର ବିଭିନ୍ନ ଭବିଷ୍ୟତ ଯୋଜନା ବିଷୟରେ ବର୍ଣ୍ଣନା କରୁଥାନ୍ତି। ଯଥା- ବିଭିନ୍ନ ଫସଲ ଚାଷ କରିବା ସକାଶେ ଗଭୀର ନଳକୂପମାନ ଖନନ କରି ଜଳସେଚନର ସୁବିଧା କରିବା। ବିଭିନ୍ନ ଫସଲ ଯଥା- ଧାନ, କଦଳୀ, ନଡ଼ିଆ, ପନିପରିବା, ଗୋଶାଳା, ଗାଈମାନଙ୍କ ସକାଶେ ଘାସଚାଷ ଆଦି କରି ପ୍ରଥମ ପର୍ଯ୍ୟାୟରେ ଦୁଇହଜାର ବ୍ୟକ୍ତିଙ୍କ ସକାଶେ ଖାଦ୍ୟ ଉତ୍ପାଦନ କରିବା। ସେହି ସମୟରେ ଫାର୍ମଟି ପ୍ରାରମ୍ଭିକ ଅବସ୍ଥାରେ ଥିବା କାରଣରୁ, ବିଶେଷ କିଛି ଉନ୍ନତି ହୋଇନଥାଏ। ବିଭିନ୍ନ ଭବିଷ୍ୟତ ଯୋଜନାର ବର୍ଣ୍ଣନାଶୁଣି ମୁଁ ତାଙ୍କୁ ପଚାରିଲି- କିନ୍ତୁ ଏସବୁର ଉନ୍ନତି ସକାଶେ ଅର୍ଥ କେଉଁଠାରୁ ଆସିବ ? ଏହାର ଉତ୍ତରରେ ସେ ମୋତେ କହିଲେ, ମୁଁ ମୋର ସାଙ୍ଗମାନଙ୍କୁ ଅର୍ଥ ଯୋଗାଇବା ସକାଶେ କହିବି। ଏହାପରେ ମୁଁ ତାଙ୍କୁ ପ୍ରଶ୍ନକଲି - ଆପଣଙ୍କ ସାଙ୍ଗମାନେ ଏତେ ବିତ୍ତଶାଳୀ ଯେ କି ଏତେ ପରିମାଣରେ ଅର୍ଥ ଯୋଗାଇ ପାରିବେ ? ସେ ହସି ହସି ଉତ୍ତର ଦେଲେ- ହଁ।

କିନ୍ତୁ ତଥାପି ମୋ ମନରେ ପ୍ରଶ୍ନ ରହିଗଲା। କିଏ ତାଙ୍କରି ସାଙ୍ଗ ଯେ କି ବିନା ଦ୍ୱିଧାରେ ଏତେ ପରିମାଣରେ ଅର୍ଥ ଯୋଗାଇ ଦେବେ... ଇତ୍ୟାଦି। ପରେ ଜାଣିବାକୁ ପାଇଲି, ଲକ୍ଷ୍ମୀ ଏବଂ ଗଣପତି ହେଉଛନ୍ତି ତାଙ୍କରି ସାଙ୍ଗ ଏବଂ ସେମାନେ ଦ୍ୟୁମନ୍ ଭାଇଙ୍କ ଆହ୍ୱାନରେ ସମସ୍ତ କିଛି ଅଲୌକିକତା କରିଥାନ୍ତି। ଦ୍ୟୁମନ୍ ଭାଇଙ୍କର କାର୍ଯ୍ୟ କରିବା ପ୍ରଣାଳୀ ଏବଂ ତାଙ୍କରି ସାଙ୍ଗମାନଙ୍କ ଅଲୌକିକତା ବିଷୟରେ କିଛି ଆଭାସ ତାଙ୍କରି ନିମ୍ନଚିଠିରୁ ଜଣାଯାଏ।

୧୫.୩.୮୯ରେ ପ୍ରଥମ ଥର ଦ୍ୟୁମନ୍ ଭାଇ ମାତୃଗ୍ରାମକୁ ପରିଭ୍ରମଣରେ ଆସିଥିଲେ। ଓଡ଼ିଶାରେ ଥିବା ମା'ଙ୍କର ଅନ୍ୟାନ୍ୟ ଅନୁଷ୍ଠାନ ଯଥା- ମାତୃଭବନ, ଶ୍ରୀଅରବିନ୍ଦ ଶ୍ରୀକ୍ଷେତ୍ର, ଭୁବନେଶ୍ୱର ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଆଦି ମଧ୍ୟ ପରିଭ୍ରମଣ କରିଛନ୍ତି। ଓଡ଼ିଶା ଆସିବା ପୂର୍ବରୁ ଦ୍ୟୁମନ୍ ଭାଇ ତାଙ୍କରି ୧୧.୩.୮୯ ଚିଠିରେ ମାତୃଗ୍ରାମକୁ ଲେଖିଥିଲେ :

ମୋର ସ୍ନେହର ପ୍ରକାଶ, ବୈକୁଣ୍ଠ,

ଆଉ ଅଳ୍ପଦିନ ମଧ୍ୟରେ ମୁଁ ତୁମ୍ଭମାନଙ୍କ ନିକଟକୁ ଆଗମନ କରିବି। ମନୀନ୍ଦ୍ର ମୋତେ ତୁମ୍ଭମାନଙ୍କ ନିକଟକୁ ନେଇ ଯାଉଛି ଏବଂ ଗ୍ଲୋରିଆଲ୍ୟାଣ୍ଡ ମାତୃଗ୍ରାମକୁ ପ୍ରେରିତ କରୁଛି।

ମୁଁ ଜଗନ୍ନାଥ, ଚୈତନ୍ୟଙ୍କର ପବିତ୍ର ଭୂମିକୁ ପରମେଶ୍ୱରଙ୍କର ଏକ ନମ୍ର ସେବକ ଭାବରେ ଆସୁଛି। ଯେଉଁ ପୃଥିବୀ ମାତାଙ୍କୁ ତାଙ୍କରି ସମସ୍ତ ପ୍ରାଚୁର୍ଯ୍ୟତାରେ ଗ୍ଲୋରିଆ ପରି ଫୁଲ ଫଳ ଭରା ହେବା ପାଇଁ ଦିବ୍ୟଜନନୀଙ୍କୁ ଅର୍ପଣ କରାଯାଇଛି (ମାତୃଗ୍ରାମ), ସେହି ପୃଥିବୀ ମାତାଙ୍କୁ ପ୍ରଣାମ କରିବା ସକାଶେ ମୁଁ ଆସୁଛି।

ମୁଁ ସନ୍ଧ୍ୟା ସମୟରେ ସେଠାରେ ପହଞ୍ଚି ରାତ୍ରିଯାପନ କରିବି ଏବଂ ଅପରାହ୍ନରେ ଦିବ୍ୟଜନନୀଙ୍କ ନିକଟକୁ ଫେରି ଆସିବା ସକାଶେ ଯାତ୍ରାରମ୍ଭ କରିବି।

ପ୍ରାତଃ ସମୟରେ ଆମ୍ଭେ 'ଉଷା'କୁ ଆହ୍ୱାନ କରିବା। ଅତି ସୁନ୍ଦର, ଆଲୋକଦାୟିନୀ, ଜ୍ୟୋତିର୍ମୟୀ ଉଷା। ଆମ୍ଭେ ସମସ୍ତେ ମାତୃଗ୍ରାମର ନରମ ମୃତ୍ତିକାରେ ପଦଯାତ୍ରା କରିବା, ସେବକ ଭାବରେ ମୃତ୍ତିକା ସହିତ କିଛି ସମୟ ବିତାଇବା। ସେହି ମୃତ୍ତିକା ପ୍ରଚୁର ପରିମାଣରେ ଖାଦ୍ୟ ଉତ୍ପନ୍ନ କରନ୍ତି। ଫୁଲ, ଫଳ, ଶସ୍ୟ, ଶ୍ରୀଫଳ, ଦୁଗ୍ଧ, ମଧୁ ଆଦିରେ ପରିପୂର୍ଣ୍ଣ ହୁଅନ୍ତି।

ଏହା ସମସ୍ତ କ୍ଷୁଧା ଓ କ୍ଷୁଧାଜନିତ ଯନ୍ତ୍ରଣା ବିଲୀନ କରିଥାଏ। ସେହି ମାଟି ଶ୍ରୀବୃଦ୍ଧି ପ୍ରାପ୍ତ କରିଥାଏ। ଫୁଲ ଫଳରେ ପୂର୍ଣ୍ଣ ହୋଇଥାଏ, ପ୍ରକୃତି ସହିତ ମନୁଷ୍ୟ ମଧ୍ୟ ଶ୍ରୀବୃଦ୍ଧି ସମ୍ପନ୍ନ ହୋଇଥାଏ।

ମୁଁ ମୋ ସାଙ୍ଗରେ ଆଣିବି, ମୁଁ ମିନତିପୂର୍ଣ୍ଣ ସହିତ ମୋର ସାଙ୍ଗମାନଙ୍କୁ ଆହ୍ୱାନ କରୁଛି, ଦିବ୍ୟଜନନୀ ମୋତେ ଅର୍ପଣ କରିଥିବା ମୋର ସାଙ୍ଗ - ଲକ୍ଷ୍ମୀ, ଗଣପତି। ସେମାନେ ଖୁବ୍ ବିଶ୍ୱସ୍ତ। ଯାହାକିଛି ପ୍ରୟୋଜନ, ସେ ସମସ୍ତ ସେମାନେ ପୂରଣ କରିବେ।

ସ୍ନେହର ପ୍ରକାଶ, ବୈକୁଣ୍ଠ- ମୁଁ ଜଣେ ନମ୍ର ସେବକ ଭାବରେ ଓଡ଼ିଶା ମାଟିକୁ ଆସୁଛି। - ଦ୍ୟୁମନ୍

ଦ୍ୟୁମନ୍ ଭାଇଙ୍କର ପରିଚାଳନା ପ୍ରଣାଳୀ ବିଷୟରେ ବର୍ଣ୍ଣନା କରିବାକୁ ଗଲେ ଅନେକ କିଛି ଲେଖାଯାଇ ପାରିବ। କିନ୍ତୁ ବର୍ତ୍ତମାନ ପାଇଁ ଏତିକିରେ ଏହାକୁ ଶେଷ କରିବା।

(ସ୍ମୃତିରୁ ଲିଖିତ)

❖ ❖ ❖

# ପାଠଚକ୍ର - ପୂର୍ଣ୍ଣାଙ୍ଗ ଯୋଗର ଚାବିକାଠି

ଶ୍ରୀ ଲଳିତ ମୋହନ ପଟ୍ଟନାୟକ

ସଙ୍ଗଠନ କାମ ମହାନ୍ ଓ ଦୁଃସାଧ୍ୟ । ବୟସର, ବିଭିନ୍ନ ରୁଚିର, ବିଭିନ୍ନ ଦକ୍ଷତାର, ବିଭିନ୍ନ ଦୁର୍ବଳତାର, ବିଭିନ୍ନ ମନୋଭାବର ମାତୃପ୍ରେମୀ, ମାତୃକର୍ମୀ ପ୍ରଭୃତି ଯେଉଁ ଭାଇ ଅପା ମାନଙ୍କୁ ସାଙ୍ଗରେ ନେଇ ଆମେ କାମ କରୁ, ସେମାନଙ୍କ ମଧ୍ୟରୁ ସମସ୍ତଙ୍କ ବିଶ୍ୱାସ, ଉନ୍ମୀଳନ, ନିଷ୍ଠା, ଆନ୍ତରିକତା, ସମର୍ପଣ ସମାନ ପରିମାଣରେ ନଥାଏ । ସମସ୍ତଙ୍କ ଭିତରେ ଥିବା ରାଗ, ଅହଙ୍କାର, କ୍ଷମତାଲିପ୍ସା, ମହଦାକାଂକ୍ଷା, ପରଶ୍ରୀକାତରତା, କାମ, ସ୍ୱାର୍ଥ, ଲୋଭ ଇତ୍ୟାଦି ଦୁର୍ବଳତାଗୁଡ଼ିକର ଓଜନ ଓ ପରିମାଣ ମଧ୍ୟ ସମାନ ନଥାଏ । ସମସ୍ତଙ୍କ ଭିତରେ ସବଳତା ବା ଦୁର୍ବଳତା ମଧ୍ୟ ସମାନ ପରିମାଣରେ ନଥାଏ । ଅଥଚ ଜଣେ ଦକ୍ଷ ସଙ୍ଗଠକ ଭାବେ ପାରସ୍ପରିକ ସବଳତା ବା ଦକ୍ଷତା କିମ୍ବା ସକାରାତ୍ମକ - ଗଠନମୂଳକ ଗୁଣାବଳୀକୁ ସଙ୍ଗଠନ କ୍ଷେତ୍ରରେ ଯଥାର୍ଥ ଭାବେ ବିନିଯୋଗ କରିବାକୁ ପଡ଼ିଥାଏ । ଦୁର୍ବଳତାଗୁଡ଼ିକୁ ପରିହାର କରି ସଙ୍ଗଠନକୁ ସୁଦୃଢ଼ କରିବାକୁ ହୋଇଥାଏ ।

ଆମ ପାଠଚକ୍ର ହିଁ ପୂର୍ଣ୍ଣାଙ୍ଗ ଯୋଗର ଯଜ୍ଞଶାଳା । ପାଠଚକ୍ର ହିଁ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଭିତ୍ତିଭୂମି । ପାଠଚକ୍ରରେ ମା' ଓ ଶ୍ରୀଅରବିନ୍ଦଙ୍କର ପୂର୍ଣ୍ଣ ଉପସ୍ଥିତିକୁ ଉପଲବ୍ଧି କରିହୁଏ । ପାଠଚକ୍ରରେ ସାମୂହିକ ଧ୍ୟାନବେଳେ ମନ ନୀରବ ହୋଇଯାଏ, ହୃଦୟରେ ଭକ୍ତି, ଶାନ୍ତି, ଆନନ୍ଦ ଅନୁଭୂତ ହୁଏ । ପାଠଚକ୍ରୀୟ ସ୍ୱାଧ୍ୟାୟ ଓ ଆଲୋଚନାରେ ଯଥାର୍ଥ ଜ୍ଞାନ ପ୍ରାପ୍ତି ହୁଏ । ଅନନ୍ୟ ସେ ଅନୁଭୂତି । "ବଚନ ବିଷୟ ନୁହଇ ସେ ଛବି, ହୃଦ ସେ କେବଳ ପାରେ ଅନୁଭବୀ" । ପାଠଚକ୍ରକୁ ଯିଏ ଯାଇଛି, ପାଠଚକ୍ର ଯିଏ କରୁଛି - ସେ ଏକଥା ନିଶ୍ଚିତ ଭାବେ ସ୍ୱୀକାର କରିବ ।

ପୃଥିବୀରେ ଅତିମାନବ ଜାତି ପ୍ରତିଷ୍ଠିତ ହେବା ପୂର୍ବରୁ ପ୍ରତି ଗ୍ରାମରେ, ସହରରେ, ଘରେ ଘରେ ପାଠଚକ୍ର ହେବ । ଏହା ନିଶ୍ଚିତ । ଏଥିପାଇଁ ସାଙ୍ଗଠନିକ ଉଦ୍ୟମ ଚାଲିଛି, ଚାଲୁଥିବ ।

ପାଠଚକ୍ରଟିଏ ଶୁଭାରମ୍ଭ ହେଲାପରେ ଦେଖାଯାଏ : ୧. ସକ୍ରୀୟ ଭାବେ, ନିରବଚ୍ଛିନ୍ନ ଭାବେ, ନିର୍ଦ୍ଧାରିତ ବାର ଓ ସମୟରେ, ଅଖଣ୍ଡ ଭାବେ ବରାବର ଚାଲୁଅଛି । ୨. ପ୍ରତି ସପ୍ତାହରେ ନିର୍ଦ୍ଧାରିତ ବାର-ସମୟରେ ସକ୍ରୀୟ ନହୋଇ ବେଳେବେଳେ ବିଶେଷ ଦର୍ଶନ ଦିବସରେ କିମ୍ବା ପରିବାରର ସଦସ୍ୟଙ୍କ ଜନ୍ମଦିନ ଇତ୍ୟାଦିରେ ଚାଲୁଅଛି । ୩. ନିୟମିତ ନହୋଇ କେହି ସାଙ୍ଗଠନିକ ସାଧକ କର୍ମୀ, ବକ୍ତା ଅତିଥି ଆସିବାର ନିର୍ଦ୍ଧାରିତ ଦିନ ଓ ସମୟରେ ପାଠଚକ୍ର ହେଉଛି । ଆଗ୍ନେୟଗିରି ଯେମିତି ଜୀବନ୍ତ ସୁପ୍ତ ଓ ମୃତ - ସେଭଳି ଆମ ପାଠଚକ୍ରଗୁଡ଼ିକ ମଧ୍ୟ ଅତି ସକ୍ରିୟ, ଅର୍ଦ୍ଧ ସକ୍ରିୟ, ଅର୍ଦ୍ଧ ନିଷ୍କ୍ରିୟ ଭାବେ ଚାଲିଛି । ଆଧ୍ୟାତ୍ମିକତା ଦୃଷ୍ଟିରୁ ପ୍ରତ୍ୟେକ ବର୍ଗର ପାଠଚକ୍ରର ଭୂମିକା ରହିଛି । ଏଥିରେ ସନ୍ଦେହ ବା ତର୍କର ଅବକାଶ ନାହିଁ । କାରଣ, ମା' ହିଁ ଏକମାତ୍ର ଲକ୍ଷ୍ୟ, ସେ ହିଁ ଆମର ଦିଶାରି । ଆମକୁ କେବଳ ମା ଓ ଶ୍ରୀଅରବିନ୍ଦଙ୍କ ପ୍ରତି ଯଥାର୍ଥଭାବେ ଉନ୍ମୀଳିତ ହେବାକୁ ପଡ଼ିବ । ମା'ଙ୍କ ପ୍ରତି ଆମର ଚୈତ୍ୟିକ ଉନ୍ମୀଳନ ହେଲେ, ମା'ଙ୍କ ପ୍ରତି ବିଶ୍ୱାସ-ଭରସା ଦୃଢ଼ୀଭୂତ ହେଲେ, ଆମର ସବୁ ଶ୍ରେଣୀର ପାଠଚକ୍ର ଜୀବନ୍ତ, ଚଳଚଞ୍ଚଳ, ସଦା ଜାଗ୍ରତ, ଅବିରତ, ଅବିଚ୍ଛିନ୍ନ ଓ ସକ୍ରୀୟ ହୋଇଉଠିବ । ଏ ଦିଗରେ ଆମେ ସମସ୍ତେ ଯଥାର୍ଥ ସାଙ୍ଗଠନିକ ଉଦ୍ୟମ କରିବା ଏକାନ୍ତ ପ୍ରୟୋଜନ ।

ଆମେ ଶ୍ରୀଅରବିନ୍ଦଙ୍କ ବାଣୀ ମନେରଖି ଦିବ୍ୟକର୍ମରେ ଅଗ୍ରଣୀ ହେବା;- "Keep yourself open to the Mother, remembeer her always and let her Force work in you, rejecting all other influences - that is the rule for yoga." and "By remaining psychically open to the Mother, all that is necessary for work or sadhana develops progressively, that is one of the chief secrets, the central secret of the sadhana."

ଆମ ପାଠଚକ୍ର ଗୃହକୁ ସୁନ୍ଦରଭାବେ ସଜାଇବା ଅଳନ୍ଧୁ, ବୁଢ଼ୀଆଣି ଜାଲରୁ ମୁକ୍ତ କରିବା । ମା ଓ ଶ୍ରୀଅରବିନ୍ଦଙ୍କ ଫଟୋକୁ ସବୁଦିନ ସଫା କରିବା । ମା'ଙ୍କ ଆସ୍ଥାନ ନିକଟରେ ଇତଃସ୍ତତଃ ବହି ଓ ଅନ୍ୟାନ୍ୟ ସିନେମା କ୍ୟାଲେଣ୍ଡର ଇତ୍ୟାଦି ରଖିବା ନାହିଁ । ବାରମ୍ବାର ପଢ଼ା ହେଉଥିବା ହେତୁ ଦୁର୍ଗାସ୍ତୋତ୍ର, ମା, ଧ୍ୟାନ ଓ ପ୍ରାର୍ଥନା, ଚିରନ୍ତନି ବହିର ପୃଷ୍ଠାଗୁଡ଼ିକ ଢ଼ିଲା ବା ଚିରିଯିବାର ସମ୍ଭାବନା ବେଶୀ । ଏପରି ହେଲେ ଆଳସ୍ୟବଶତଃ ଉକ୍ତ ଚିରା ବହିକୁ ବ୍ୟବହାର ନକରି, ନୂଆ ବହି ବନ୍ଦେଇ କରିବା । ଆଶ୍ରମ ଧୂପ ବ୍ୟବହାର କରିବା । ଆଶ୍ରମ ଧୂପ ସରିଯିବାର ଯଥେଷ୍ଟ ପୂର୍ବରୁ ନିକଟସ୍ଥ ବିକ୍ରୟକେନ୍ଦ୍ର ବା ମାତୃଭବନ ଷ୍ଟୋର ବା ପଣ୍ଡିଚେରୀ ଆଶ୍ରମରୁ ଆବଶ୍ୟକ ମୁତାବକ ଧୂପ ଅଣାଇ ପାଠଚକ୍ରରେ ବ୍ୟବହାର କରିବା । ଘରେ ପାଠଚକ୍ର ଚାଲିଥିବା ସମୟରେ ଘରେ ଓ ସାଇପଡ଼ିଶାରେ ଅନ୍ୟ ଅପା ଭାଇଙ୍କୁ ଡାକି ପାଠଚକ୍ରରେ ବସାଇବା । ଉକ୍ତ ସମୟରେ ଟି.ଭି., ରେଡ଼ିଓ, ଟେପ୍ ରେକର୍ଡ଼ର ଇତ୍ୟାଦି ସମ୍ପୂର୍ଣ୍ଣ ବନ୍ଦଥିବା ଆବଶ୍ୟକ । ଘରର ଅନ୍ୟ ବ୍ୟକ୍ତିମାନେ ଯେଉଁମାନେ ପାଠଚକ୍ରରେ ନବସି ଅନ୍ୟାନ୍ୟ ଘରକାମରେ ବ୍ୟସ୍ତଥିବେ, ସେମାନେ ସମ୍ପୂର୍ଣ୍ଣ ନୀରବତା ରକ୍ଷା କରିବେ । ଆବଶ୍ୟକ ହେଲେ ଚୁପ୍‌ଚାପ୍ କଥାହେବେ ଯେମିତି ପାଠଚକ୍ରର ନୀରବତା ରକ୍ଷା କରାଯାଇ ପାରିବ । ପାଠଚକ୍ର ସମୟରେ କୌଣସି ଅତିଥି, ସାଙ୍ଗସାଥୀ ଆସିଲେ ସେମାନଙ୍କୁ ପାଠଚକ୍ରରେ ବସାଇବେ, ପାଠଚକ୍ର ପରେ ହିଁ ଚର୍ଚ୍ଚା, ବାର୍ତ୍ତାଳାପ କରିବେ । ପାଠଚକ୍ରର ସମୟର ଗୋଟାଏ ମିନିଟ୍ ମଧ୍ୟ ଏପଟ-ସେପଟ ନହୁଏ, ସେଥିପ୍ରତି ଦୃଷ୍ଟିଦେବେ । ପାଠଚକ୍ରର ସେହି ନିର୍ଦ୍ଧାରିତ ଏକ ଘଣ୍ଟା ଏକ ଶାଶ୍ୱତ ମୁହୂର୍ତ୍ତ । ଉକ୍ତ ଦିବ୍ୟ ମୁହୂର୍ତ୍ତଟି କେବଳ ଧ୍ୟାନ, ସ୍ୱାଧ୍ୟାୟ ଓ ଯଥାର୍ଥ ଆଲୋଚନା ମଧ୍ୟରେ ଅତିବାହିତ ହେବ - ସେଥିପ୍ରତି ଯଥେଷ୍ଟ ସତର୍କତା ଅବଲମ୍ବନ କରିବେ ।

ସମସ୍ତେ ସାଧାରଣ ପାଠଚକ୍ରରେ ନିୟମିତ ଅନିବାର୍ଯ୍ୟ ଭାବେ ଯୋଗଦେବେ । ଏହା ସହିତ ନିଜର ପରିବାରରେ ପାଠଚକ୍ର ନିଷ୍ଠାର ସହିତ କରିବେ । ବିଭିନ୍ନ ସମୟରେ, ବିଭିନ୍ନ ସ୍ଥାନରେ, ନିକଟରେ ବା ଦୂରରେ, ବ୍ଲକ୍-ଜିଲ୍ଲା- ଜୋନ୍- ବା ରାଜ୍ୟ ସ୍ତରରେ ହେଉଥିବା ବିଭିନ୍ନ ଶିବିର ସମ୍ମିଳନୀରେ

ଅବଶିଷ୍ଟାଂଶ ୪୭ ପୃଷ୍ଠାରେ

# ବାବାଜି ମହାରାଜ ଶ୍ରୀରାମକୃଷ୍ଣ ଦାସଙ୍କ ସ୍ମରଣେ

ଗୁଣାନନ୍ଦ ଭାଇ

ସନ୍ୟାସୀମାନଙ୍କ ମଧ୍ୟରେ ନିୟମ ଅଛି ଯେ ଯେଉଁମାନେ ଗୃହତ୍ୟାଗ କରି ସନ୍ୟାସୀ ହୁଅନ୍ତି ଓ ଗୁରୁଗୃହରେ ଉପଯୁକ୍ତ ସନ୍ୟାସୀଙ୍କ ଶିଷ୍ୟତ୍ୱ ଗ୍ରହଣ କରନ୍ତି ସେମାନେ କିଛି ବର୍ଷ ଗୁରୁଙ୍କ ପାଖରେ ରହି ଗୁରୁଙ୍କଠାରୁ ଆଧ୍ୟାତ୍ମିକ ଜ୍ଞାନ ଶିକ୍ଷା କରିବା ପରେ, ଗୁରୁ ଶିଷ୍ୟ କେତେ ଦୂର ଜ୍ଞାନରେ ବା ତ୍ୟାଗ ବୈରାଗ୍ୟରେ କେତେଦୂର ନିଷ୍ଠାବାନ ବା ଉପଯୁକ୍ତ ହୋଇଛନ୍ତି କି ନାହିଁ ଜାଣିବା ପାଇଁ ଦେଶବିଦେଶକୁ ଭ୍ରମଣ କରିବାକୁ ପଠାନ୍ତି। ଠିକ ସେହିପରି ମହାରାଜ ଶ୍ରୀ ରାମକୃଷ୍ଣ ଦାସଙ୍କୁ ଗୁରୁ ମୌନିବାବା ତାଙ୍କୁ ପଦଯାତ୍ରାରେ ଭାରତ ଭ୍ରମଣ କରିବାକୁ ପଠାଇଲେ। ଦିନେ ସେ ଭାରତର କୌଣସି ଅଞ୍ଚଳରେ ପଦଯାତ୍ରାରେ ଯାଇଥିଲେ, ଯାଉ ଯାଉ ସେ ଗୋଟିଏ ଜାଗାରେ ପହଞ୍ଚିଲେ, ସେତେବେଳକୁ ସନ୍ଧ୍ୟା ହୋଇଯାଇଥିଲା। ଜାଗାଟା ଜଙ୍ଗଲରେ ପରିପୂର୍ଣ୍ଣ ଥିଲା। ପାଖରେ କୌଣସି ଗ୍ରାମ ଦେଖାଯାଉ ନଥିଲା କିନ୍ତୁ ପଛରେ ଛାଡ଼ି ଆସିଥିବା ଗ୍ରାମ ଦେଖା ଯାଉଥିଲା, ଯାହା ବହୁତ ଦୂର ହେବ ଏବଂ ଫେରିଯିବା ପାଇଁ ସମୟ ନାହିଁ। ଯାହା ଫଳରେ ସେହି ଘନ ଜଙ୍ଗଲରେ ରହିବାକୁ ପଡ଼ିଲା। ସେ ଗୋଟିଏ ବଡ଼ ଗଛରେ ଚଢ଼ିଗଲେ ଓ ସାରା ରାତିଟି ଗୁରୁଙ୍କ ମନ୍ତ୍ର ଜପ କରି କରି କଟାଇଲେ। ତାପରଦିନ ସକାଳ ହେବା ବେଳକୁ ବର୍ଷା ଆରମ୍ଭ ହୋଇଯାଇଛି, ବର୍ଷା ବହୁତ ଯୋର୍‌ରେ ହେଉଛି, ଯାହା ଫଳରେ ତଳକୁ ଓହ୍ଲାଇ ଆସି ଯିବା ପାଇଁ ଚାହିଁଲେ ନାହିଁ। ସନ୍ଧ୍ୟା ପୁଣି ଆଗତ ହେଲା, ଗୋଟିଏ ରାତି, ଆଉ ଦିନରେ ତ କିଛି ଖାଇ ନାହାନ୍ତି ତଥାପି ସେ ରାମ ମନ୍ତ୍ର ଜପ କରିବାକୁ ଲାଗିଥାନ୍ତି ଓ ରାତିଟା କଟାଇ ଦେବାକୁ ମନସ୍ଥ କରିଥିଲେ। ହଠାତ୍ ବର୍ଷାର ଧାରା କମ ହେବାକୁ ଲାଗିଲା ଏବଂ ଏତିକିବେଳେ ଜଣେ ସୌମ୍ୟ ସୁନ୍ଦରୀ ମହିଳା ତାଙ୍କ ପାଖକୁ ଆସୁଥିବାର ଦେଖିଲେ, ପ୍ରଥମେ ଆସି ମହାରାଜଙ୍କୁ ଡାକିଲେ ଏବଂ ଉପବାସ ଥିବାରୁ ତୋ ପାଇଁ ଖାଦ୍ୟ ପଦାର୍ଥ ଧରି ଆସିଛି ବୋଲି କହିଲେ। ପୁଅ ତୁ ଗଛ ଉପରୁ ତଳକୁ ଓହ୍ଲାଇ ଖାଦ୍ୟ ପଦାର୍ଥ ନେଇଯା। ତାପରେ ମହାରାଜ ତଳକୁ ଓହ୍ଲାଇ ତାଙ୍କ ହାତରୁ ଖାଦ୍ୟ ଥାଳି ନେଇଗଲେ କିନ୍ତୁ ସେହି ସମୟରେ ସେ ଏତେ ମନ୍ତ୍ରଜପରେ ନିମଗ୍ନ ଥିଲେ ଯେ ତାଙ୍କୁ କୌଣସି ପ୍ରଶ୍ନ ପଚାରିବାକୁ ଇଚ୍ଛା କରୁନଥିଲେ।

ତାପରେ ମହାରାଜଜୀ ଦେଖିଲେ ଯେ ସେହି ମହିଳା ତାଙ୍କଠାରୁ ଅଳ୍ପଦୂର ଚାଲିଯାଇ କୁଆଡ଼େ ଅଦୃଶ୍ୟ ହୋଇଗଲେ। ସେ ଦିବ୍ୟ ଅନ୍ନ ଖାଇ ସାରି ତୃପ୍ତି ହୋଇଗଲେ ଓ ଭାବିଲେ କି ସ୍ୱାଦିଷ୍ଟ ଭୋଜନ, ମୋର ଜୀବନରେ କେବେହେଲେ ଏପରି ସ୍ୱାଦିଷ୍ଟ ଖାଦ୍ୟ ଖାଇନଥିଲି। ସେ ସେହି କଥା ଚିନ୍ତା କରି କରି ତାଙ୍କର ଅନ୍ୟ କୌଣସି ସ୍ଥାନକୁ ଯିବା ଆରମ୍ଭ କରିଦେଲେ। ଅନ୍ୟ ଏକ ସ୍ଥାନରେ ପହଞ୍ଚି ସେଠାରେ ଏକ ଭଦ୍ରବ୍ୟକ୍ତିଙ୍କ ଘରେ ଉପସ୍ଥିତ ହେଲେ। ସାଧାରଣତଃ ବୈଷ୍ଣବ ସମ୍ପ୍ରଦାୟର ସାଧୁମାନେ କୌଣସି ବ୍ୟକ୍ତିଙ୍କ ହାତରେ ରୋଷେଇ ହୋଇଥିବା ଅନ୍ନ ଗ୍ରହଣ କରନ୍ତି ନାହିଁ। ସେମାନେ ଉକ୍ତ ଭଦ୍ରବ୍ୟକ୍ତିଙ୍କ ଘରୁ ରୋଷେଇ କରିବା ପାଇଁ ସବୁକିଛି ଜିନିଷ ଦିଅନ୍ତି ଏବଂ ସାଧୁମାନେ ରୋଷେଇ କରି ଅନ୍ନ ଗ୍ରହଣ କରନ୍ତି ଓ ପ୍ରସାଦ ପାଇଁ ଉକ୍ତ ଭଦ୍ରବ୍ୟକ୍ତିଙ୍କ ପରିବାରକୁ ମଧ୍ୟ କିଛି ଦିଅନ୍ତି। ମହାରାଜଜୀ ମଧ୍ୟ ସେହି ବ୍ୟକ୍ତିଙ୍କ ଘରେ ତାହା କଲେ ଓ ରାତ୍ରିରେ ବିଶ୍ରାମ ନେଲେ। ଏପର୍ଯ୍ୟନ୍ତ ମହାରାଜ ଶ୍ରୀମା ଶ୍ରୀଅରବିନ୍ଦଙ୍କୁ ଜାଣି ନଥାନ୍ତି। ଦିନେ ସେ ଶ୍ରୀଅରବିନ୍ଦଙ୍କୁ ସ୍ୱପ୍ନରେ ଦେଖିଲେ ଏବଂ ଦେଖିଲା ପରେ ସବୁବେଳେ ଚିନ୍ତା କରିବାକୁ ଲାଗିଲେ ଏହି ମହାପୁରୁଷ କେଉଁଠାରେ ଅଛନ୍ତି ? କ'ଣ ପାଇଁ ଆସିଛନ୍ତି ଏହି ପୃଥିବୀ ପୃଷ୍ଠକୁ ? ଇତ୍ୟାଦି ତାଙ୍କ ମନରେ ପ୍ରଶ୍ନ ଉଙ୍କି ମାରୁଥାଏ। ଏହିପରି ସ୍ଥାନ ଭ୍ରମଣ କରୁ କରୁ ଦିନେ ତାଙ୍କ ହାତରେ ଗୋରଖପୁରରୁ ପ୍ରକାଶ ହେଉଥିବା କଲ୍ୟାଣ ପତ୍ରିକାଟିର ସୂଚୀପତ୍ର ଦେଖିଲେ। ସେଥିରେ ଶ୍ରୀଅରବିନ୍ଦ ଆଶ୍ରମର ଜଣେ ସାଧକଙ୍କର ଶ୍ରୀମା ଶ୍ରୀଅରବିନ୍ଦଙ୍କର ଆଦର୍ଶ ଉପରେ ଆଧାରିତ ଗୋଟିଏ ଲେଖା ପ୍ରକାଶିତ ହୋଇଥାଏ ଏବଂ ସେହି ସାଧକଙ୍କର ନାମଥିଲା ଚନ୍ଦ୍ରଦୀପ। ମହାରାଜ ସେହି ଲେଖାଟିକୁ ପଢ଼ିବାକୁ ଲାଗିଲେ ତାହା ତାଙ୍କୁ ବହୁତ ଭଲ ଲାଗିଲା ଏବଂ ତାପରେ ଶ୍ରୀଅରବିନ୍ଦଙ୍କର ଅନ୍ୟାନ୍ୟ ଗ୍ରନ୍ଥ ପଢ଼ି ସେ ଜାଣିଲେ ଯେ ମୃତ୍ୟୁପରେ ସଂସାର ଛାଡ଼ି ଯେଉଁ ଗୋଲକ ବୈକୁଣ୍ଠକୁ ଯାଇ ଅତି ଆନନ୍ଦରେ ରହିବାକୁ ହୁଏ ଆବଶ୍ୟକ ହେବ ନାହିଁ। ଏହି ସଂସାରରେ ରହି ମନ ପ୍ରାଣ ଶରୀରକୁ ରୂପାନ୍ତରିତ କରି ରୂପାନ୍ତରିତ ମନ ପ୍ରାଣ ଶରୀରରେ ଭଗବତ ପ୍ରାପ୍ତି କରିବାକୁ ହେବ। ଏବଂ ଏହି ମୃତ୍ୟୁପୁରୀ ଦିବ୍ୟ ସ୍ୱର୍ଗ ରାଜ୍ୟରେ ପରିଣତ ହେବ। ଶ୍ରୀଜଗନ୍ନାଥ ଦାସଙ୍କ ଏକାଦଶସ୍କନ୍ଧର ଗୋଟିଏ ବାଣୀ ମନେପଡ଼ିଲା। "ଏ ମନ ଖୋଜୁଥାଇ ଯାହା, କାଳେ ପ୍ରାପତ ହୁଏ ତାହା। ମହାରାଜ ଜଣେ ଏପରି ଗୁରୁଙ୍କ ସନ୍ଧାନରେ ଭ୍ରମଣ କରୁଥିଲେ। ଯଦି ସେପରି କୌଣସି ଗୁରୁଙ୍କୁ ପାଇଗଲେ ତାଙ୍କର ଶିଷ୍ୟ ହେବେ, ନହେଲେ ହିମାଳୟକୁ ଚାଲିଯାଇ ସେଠାରେ ସେ ତପସ୍ୟା କରିବେ ଓ ତାଙ୍କର ଶରୀର ଛାଡ଼ି ଦେବେ।

ଏଠାରେ ମନରେ ସ୍ୱତଃସ୍ଫୁର୍ତ୍ତ ଭାବରେ ଗୋଟିଏ ପ୍ରଶ୍ନ ଉଠେ। ସେହି ସମୟରେ ଅଯୋଧାରେ ପାଞ୍ଚ ହଜାର ସାଧୁଥିଲେ ଏବଂ ସେମାନଙ୍କ ମଧ୍ୟରୁ ପାଞ୍ଚଜଣ ସାଧୁ ସିଦ୍ଧ ଥିଲେ। ସେଥିମଧ୍ୟରୁ ତାଙ୍କର ଗୁରୁ ଶ୍ରୀରାମ ଶରଣ ବାବା ମୌନିବାବା ଶ୍ରେଷ୍ଠ ଥିଲେ ଏବଂ ମୌନିବାବାଙ୍କର ଗୁରୁଥିଲେ ଶ୍ରୀ ରଘୁନାଥ ବାବା, ତାଙ୍କ ସମୟର ଗୋଟିଏ ଘଟଣା ଏଠାରେ ନଦେଲେ ତାଙ୍କ ଆଶ୍ରମର ମହିମାର ଗୁରୁତ୍ୱ ଜଣା ପଡ଼ିବ ନାହିଁ। ସେତେବେଳେ ପ୍ରାୟତଃ ସାରା ପୃଥିବୀରେ ବ୍ରିଟିଶର ରାଜତ୍ୱ ଥିଲା। ଏତେ ଶକ୍ତିଶାଳୀ ରାଜ୍ୟର ଅଧିଶ୍ୱର ଥାଇ ମଧ୍ୟ କୌଣସି କାରଣରୁ ଉତ୍ତର ଭାରତରେ ବହୁତ ବିଭ୍ରାଟ ସୃଷ୍ଟି ହେଉଥିଲା। ବ୍ରିଟିଶ ସୈନ୍ୟମାନେ ଗାଁ ଗଣ୍ଡା ସହର ବଜାରରେ ଆତଙ୍କ ପକାଉଥିଲେ, ସେଥିରୁ ଆଶ୍ରମମାନେ ମଧ୍ୟ ବାଦ ଯାଉନଥିଲେ। ଅଯୋଧାକୁ ଆସି ଏହି ସୈନ୍ୟମାନେ ମଧ୍ୟ ଅନେକ ଆଶ୍ରମକୁ ଯାଇ ଗୋଳମାଳ କରିବାକୁ ଲାଗିଲେ। କିନ୍ତୁ ରଘୁନାଥ ବାବାଙ୍କ (ବଡ଼ଛାଉଣୀ) ଆଶ୍ରମକୁ ପଶିବାକୁ ସାହସ କଲେ ନାହିଁ। କାରଣ ଭଗବାନ ଶ୍ରୀରାମଚନ୍ଦ୍ରଙ୍କ ଉପରେ ତାଙ୍କର ପ୍ରଗାଢ଼ ବିଶ୍ୱାସ ଥିଲା। ଶେଷରେ ତାଙ୍କର ଆଶ୍ରମ ସୁରକ୍ଷିତ ଅବସ୍ଥାରେ ରହିଲା। ବ୍ରିଟିଶ ସୈନ୍ୟମାନେ କୌଣସି ପ୍ରକାର ହସ୍ତକ୍ଷେପ କଲେ ନାହିଁ। ବାବା ରଘୁନାଥଙ୍କ ଆଶ୍ରମ ଏପରି ପ୍ରତିଷ୍ଠିତ

ଥିଲା । କିନ୍ତୁ ମହାରାଜଜୀ ଶ୍ରୀରାମକୃଷ୍ଣ ଦାସ ଏପରି ପ୍ରତିଷ୍ଠିତ ଆଶ୍ରମର ମୋହକୁ ଅକ୍ଳେଶରେ ତ୍ୟାଗ କରିଥିଲେ । ତାହାର କାରଣ ହେଲା ଜଙ୍ଗଲରେ ଯିଏ ତାଙ୍କୁ ଖାଦ୍ୟ ପଦାର୍ଥ ଦେଇଥିଲେ ସେ ଥିଲେ ସ୍ୱୟଂ ଆଦ୍ୟା ଅଦ୍ୱିତୀୟା ପରାଶକ୍ତିର ଜନନୀ ଶ୍ରୀମା । ଏହା ସେ ଜାଣିଲେ ଯେତେବେଳେ ୧୯୪୫ ମସିହା ଫେବୃୟାରୀ ୨ ତାରିଖରେ ପଣ୍ଡିଚେରୀକୁ ଆସି ଶ୍ରୀମା'ଙ୍କୁ ଦର୍ଶନ କରିବା ପରେ ।

ଆଉ ଗୋଟିଏ ଘଟଣା ହେଲା ମହାରାଜଜୀ ଯେତେବେଳେ ଶାନ୍ତି ଭବନର ପ୍ରଥମ ମହଲାରେ ରହୁଥିଲେ ଏବଂ ପରିସ୍ରା କରିବାକୁ ପାଇଖାନା କୁ ଯାଇ ଫେରି ଆସିଥିଲେ (ସେତେବେଳେ ତାଙ୍କ ସହ ସେହି ପ୍ରଥମ ମହଲାରେ ମୁଁ ମଧ ରହୁଥାଏ) ତାର ଠିକ ୨ମିନିଟ୍ ପରେ ମୋତେ ପରିସ୍ରା ଲାଗିବାରୁ ମୁଁ ମଧ ସେଇ ପାଇଖାନାକୁ ଗଲି ଏବଂ ଭିତରକୁ ପ୍ରବେଶ କରୁ କରୁ ପଦ୍ମଫୁଲର ସୁଗନ୍ଧ ପାଇଲି । ଘଟଣାକ୍ରମରେ ଦିନେ ମୋର ଧୀରେନ୍ଦ୍ର ଭାଇଙ୍କ ସହ ଆଶ୍ରମ ଭୋଜନାଳୟରେ ଭେଟ ହେଲା ଯିଏକି ମହାରାଜଜୀଙ୍କ ଅନନ୍ୟ ଭକ୍ତଥିଲେ । ସେ ସି ବିଚ୍ ଅଫିସ୍‌ରେ ନୂଆ ପରିଚାଳକ ଥିଲେ  ଯେତେବେଳେ ବାବାଜି ମହାରାଜ ସକାଳ ସମୟରେ ଆଶ୍ରମର ଚାରିପାଖରେ ଭ୍ରମଣ କରୁଥିଲେ ଆଉ ତାଙ୍କର ହାତଧରି ନିର୍ମଳ ସ୍ୱାଇଁ ଚାଲୁଥିଲେ ସେତେବେଳେ ଏହି ଭଦ୍ରବ୍ୟକ୍ତି ୧୦ଫୁଟ ବ୍ୟବଧାନରେ ତାଙ୍କ ସହ ଚାଲୁଥିଲେ । ମୁଁ ତାଙ୍କୁ ଏହି ଘଟିଯାଇଥିବା ଘଟଣା ବର୍ଣ୍ଣନା କରି ସେ ଶୁଣି ସାରିବା ପରେ ମୋତେ କହିଲେ, "ବାବାଜି ମହାରାଜ ତ ଜଣେ ଦେବତା ଓ ଦେବତାମାନଙ୍କ ଦେହରୁ ସୁଗନ୍ଧ ବାହାରେ" ।

ଆଉ ଗୋଟିଏ ଘଟଣା ହେଲା ପ୍ରାୟତଃ ମୁଁ ମହାରାଜଜୀଙ୍କ ପାଇଁ ସକାଳ ସମୟରେ ସେକା ହୋଇଥିବା ବ୍ରେଡ୍ ସ୍ଲାଇସ୍ ନେଇକରି ଯାଏ ଏବଂ ତାଙ୍କ ପାଇଁ ଶୈଳଅପା ବା ସରୋଜିନୀ ଅପା ସକାଳେ ଯିଏ ଖାଦ୍ୟ ତିଆରି କରି ଆଣନ୍ତି ସେଥିରୁ ଅଳ୍ପକିଛି ମହାରାଜଜୀଙ୍କ ହାତ ସ୍ପର୍ଶକରି ତାଙ୍କ ଖାଦ୍ୟରୁ ମୋ ପାଇଁ ଗୋଟିଏ ଛୋଟ ପାତ୍ରରେ ରଖିଦେଇ ଥାଆନ୍ତି । ଉଭୟ ଅପାମାନଙ୍କୁ ହାତରେ ସେକା ସ୍ଲାଇସ୍ ଦେଇ ଦେଇ ସାରିବା ପରେ ସେମାନଙ୍କ ମଧ୍ୟରୁ କେହି ଜଣେ କହିବେ, "ଗୁଣାନନ୍ଦ ବାବୁ ମହାରାଜଙ୍କ ପ୍ରସାଦ ଖାଇ ନିଅନ୍ତୁ ।" ତାପରେ ପ୍ରସାଦ ଖାଇସାରି ମୋ କୋଠରୀକୁ ଚାଲିଯାଏ । ସେତେବେଳେ ବାବାଜି ମହାରାଜ ଶାନ୍ତି ଭବନର ତଳ ମହଲାରେ ରହୁଥିଲେ । ଅନ୍ୟ କୌଣସି କାମ ଥିଲେ ଅଥବା ଶ୍ରୀମାଙ୍କର ପୁଷ୍ପପ୍ରସାଦ ପଠାଇବାକୁ ଥିଲେ ମହାରାଜଙ୍କ ପାଖକୁ ଯାଇ ପୁଷ୍ପପ୍ରସାଦ ନେଉଥିଲି । ଏମିତି ଦିନକର ଘଟଣା । ଦିନେ ୩ଟା ସମୟରେ ବିଶ୍ରାମ ସାରି ତାଙ୍କ କୋଠରୀ ଭିତରେ ବସି କିଛି ଲେଖାଲେଖି କରୁଥିଲେ । ମୁଁ ତାଙ୍କ କୋଠରୀକୁ ପ୍ରବେଶ କରିବା ପୂର୍ବରୁ ଦେଖିଲି ତାଙ୍କ ମୁଣ୍ଡର ସବୁବାଳଗୁଡ଼ିକ ସୁନେଲି ବର୍ଣ୍ଣ ଦେଖାଯାଉଛି ଏବଂ ଗୋଟିଏ ବାଳ ତାଙ୍କ ନାକ ତଳକୁ ଓହଳି ପଡ଼ିଥାଏ । ମୋର ସାଙ୍ଗେ ସାଙ୍ଗେ ଗୋଟିଏ କଥା ମନେପଡ଼ିଲା ଚମ୍ପକଲାଲ ଯେପରି ଶ୍ରୀମାଶ୍ରୀଅରବିନ୍ଦଙ୍କର ନଖ ବାଳ ସାଇତି ରଖିଥିଲେ ମୁଁ ମଧ ସେପରି କରିବି ଏବଂ ମୁଁ ମଧ ଭାବିଲି ଯେ ମୁଁ ଯେଉଁ ମହାପୁରୁଷଙ୍କ ବଳରେ ଶ୍ରୀଅରବିନ୍ଦ ଆଶ୍ରମରେ ରହିବାର ସୁଯୋଗ ପାଇଛି ଏବଂ ଯାହାଙ୍କଠାରୁ ଏତେ ସ୍ନେହ, ଶ୍ରଦ୍ଧା ପାଇ ପାରୁଅଛି ତାଙ୍କର କିଛି ବାଳ, କୌଣସି ପ୍ରକାରେ ନେଇ ଆସି ମୋର ଜନ୍ମଭୂମି ଗାଁକୁ ନେଇ ଯାଇ ପ୍ରତିଷ୍ଠା କରିବି । ଏତିକି ଚିନ୍ତା କରୁ କରୁ ଯେଉଁ ଦୃଶ୍ୟ ଦେଖୁଥିଲି ତାହା ଅଦୃଶ୍ୟ ହୋଇଗଲା ଏବଂ ସାଧାରଣ ଭାବରେ ଯେପରି ବାବାଜିଙ୍କର କେଶ ଥିଲା ଠିକ ସେପରି ଦେଖିବାକୁ ପାଇଲି ଅଧା ଧଳା ଓ ଅଧା କଳା ।

ମହାରାଜ ଶ୍ରୀ ରାମକୃଷ୍ଣ ଦାସ ଶାନ୍ତିଭବନର ଉପର ମହଲାରେ ଯେତେବେଳେ ରହୁଥିଲେ, ତାଙ୍କ ଦ୍ୱାର ସମ୍ମୁଖରେ ଗୋଟିଏ ଗୁଣ୍ଡୁଚିମୂଷା ଘର କରି ରହୁଥିଲା ଏବଂ ସଦାବେଳେ ମହାରାଜଙ୍କର ଦ୍ୱାର ସମ୍ମୁଖକୁ ଅପରିଷ୍କାର କରୁଥାଏ । ମୁଁ ସମୟେ ସମୟେ ମହାରାଜଜୀ ନବଜ୍ୟୋତିକୁ ଗଲାପରେ ଗୁଣ୍ଡୁଚିମୂଷା ଘରକୁ ବାଉଁଶ ଦ୍ୱାରା ଭାଙ୍ଗିଦିଏ । ଏହିପରି ଅନେକ ଥର କରିଥିଲି । ଦିନେ ସେହିପରି ଭାଙ୍ଗିସାରିବା ପରେ ମହାରାଜ  ତାଙ୍କର ଭୋଜନାଳୟର କାର୍ଯ୍ୟ ସାରି ଘରକୁ ଫେରିବାବେଳକୁ ପ୍ରାୟ ୧.୩୦ ମିନିଟ୍‌ରେ ଦେଖିଲି ଯେ ସେହି ଗୁଣ୍ଡୁଚିମୂଷା ପୁଣି ତାର ଘର କରିସାରିଲାଣି । ଏହା ଦେଖି ମୁଁ ଆଶ୍ଚର୍ଯ୍ୟ ହୋଇଗଲି ଏବଂ ମହାରାଜଙ୍କୁ କହିଲି ଆଜ୍ଞା ଆପଣ ନବଜ୍ୟୋତି କାର୍ଯ୍ୟାଳୟକୁ ଗଲାପରେ ମୁଁ ଗୁଣ୍ଡୁଚିମୂଷାର ଘରକୁ ଭାଙ୍ଗି ଦେଇଥିଲି କିନ୍ତୁ ଏବେ ଦେଖୁଛି ଯେ ପୁଣି ସେ ତାର ଘର ପୁଣି ତିଆରି କରିସାରିଲାଣି । ମୋ କଥା କହିବା ନ ସରୁଣୁ ସେ କହିଲେ, "ଦେଖ ଗୁଣାନନ୍ଦ, ଗୋଟିଏ ଗୁଣ୍ଡୁଚିମୂଷାର ଉଦ୍ୟମ, କେତେ ସାହସୀ ଓ ପରିଶ୍ରମୀ । ଯଦି ଭାରତର ଲୋକମାନେ ଏହି ଗୁଣ୍ଡୁଚିମୂଷା ପରି ହୋଇଥାନ୍ତେ ତାହେଲେ ଦରିଦ୍ର ଭାରତ ଧନୀ ରାଷ୍ଟ୍ରରେ ପରିଣତ ହୋଇଯାନ୍ତା ।" ଉଦ୍ୟମୀ, ସାହସୀ, ପରିଶ୍ରମୀ ହେବାର କଥା ମୁଁ ଏହିଠାରୁ ଶିକ୍ଷା ପାଇଥିଲି ।

ମହରାଜ ଶ୍ରୀ ରାମକୃଷ୍ଣ ଦାସଙ୍କୁ ସ୍ୱାଭିମାନର ବିଗ୍ରହ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏଠାରେ ଗୋଟିଏ ଘଟଣା ଉଲ୍ଲେଖ କରୁଛି । ଥରେ ମୋର କାକାଙ୍କ ଝିଅ ଯାହାର ନାମ ଇନ୍ଦୁମତୀ ମୋତେ ଚିଠି ଲେଖିଲେ ଯେ ମୋ ଝିଅ ପ୍ରଭାତୀ ଆଶ୍ରମରେ ରହିବା ପାଇଁ ଚାହୁଁଛି । ତାହାଲାଗି ତୁ ଟିକେ ଚେଷ୍ଟା କରିବୁ । ତାପରେ ମୁଁ ବାବାଜିଙ୍କୁ କହିଲି ଆଜ୍ଞା ବର୍ତ୍ତମାନ ଯିଏ ଗୋଲକୁଣ୍ଡାର ମୁଖ୍ୟ ଅଛନ୍ତି ତାଙ୍କୁ ମୁଁ ମୋ ଭାଣିଜୀଙ୍କ କଥା କହିଛି ସେ କହିଲେ ଆମର ଏଠାରେ ବର୍ତ୍ତମାନ ଲୋକ ଦରକାର ନାହିଁ । ମୋର ଜଣେ ଘନିଷ୍ଠ ବନ୍ଧୁ ଅଛନ୍ତି ତାଙ୍କର ଗୋଟିଏ ଛାପାଖାନା ଅଛି ତାଙ୍କୁ କହିବି ସେ ମହାଶୟ ବାବାଜିଙ୍କର ଅତିପ୍ରିୟ ଭକ୍ତଥିଲେ । ଯେତେବେଳେ ଶ୍ରୀଅରବିନ୍ଦଙ୍କ ଦେହାଂଶ ଅଯୋଧ୍ୟାକୁ ଗଲା ସେତେବେଳେ ସେ ତାଙ୍କ କାରରେ ବାବାଜିଙ୍କ ସାଥିରେ ଅଯୋଧ୍ୟାକୁ ଯାଇଥିଲେ । ଅତିଥିଭବନ ହେବା ସମୟରେ ମଧ ସେ ଅନେକ ଟଙ୍କା ଦାନ କରିଥିଲେ । ମୁଁ ବାବାଜିଙ୍କୁ କହିଲି ତାଙ୍କୁ କହି ତାଙ୍କ ଛାପାଖାନାରେ ରଖାଇବା ପାଇଁ । ସେ କିଛି ସମୟ ଚୁପ୍ ରହି ସାରିବା ପରେ କହିଲେ, "ତୁମେ ହେବ ଆଶ୍ରମର ସାଧକ ଓ ସେ ହେବ ତାଙ୍କର ଚାକରାଣୀ" । ଏହା କହି ସେ ଗମ୍ଭୀର ହୋଇଗଲେ ।

ବାବାଜିଙ୍କ ଅମ୍ଳାନ ସ୍ମୃତି ପ୍ରତି ମୋର ଶ୍ରଦ୍ଧାଞ୍ଜଳି ଜଣାଉଛି ।

❖ ❖ ❖

# ସ୍ୱର୍ଣ୍ଣପୁତ୍ର ଚମ୍ପକଲାଲ

**ଶ୍ରୀମତୀ ଅମଲା ପାତ୍ର**

ଶ୍ରୀମା ଶ୍ରୀଅରବିନ୍ଦଙ୍କର ସ୍ୱର୍ଣ୍ଣ ପୁତ୍ର "ଚମ୍ପକଲାଲଜୀ" - ଯାହାଙ୍କର ପଦଯୁଗଳ ଅନବରତ ଦୀର୍ଘ ୫୫ ବର୍ଷ ଧରି ସେହି ଦୁଇ ପ୍ରଭୁଙ୍କର କକ୍ଷରେ ସୂର୍ଯ୍ୟ-ଚନ୍ଦ୍ର-ନକ୍ଷତ୍ର ପରି ଘୁରି ବୁଲୁଥିଲା। ସେହି ଦିବ୍ୟ ପଦଯୁଗଳକୁ ଆମର କଳୁଷକ୍ଷୟ କଳିଙ୍ଗ କାରଖାନାସ୍ଥିତ - ମାଟ୍‌କାମ୍ୟେଡ଼ାର ପ୍ରତିଟି ରେଣୁ ଧାରଣ କରିବ। ଯେଉଁ ସେବା ଯୋଗ୍ୟ ସୁକୋମଳ ହସ୍ତଦ୍ୱୟ ମା ଶ୍ରୀଅରବିନ୍ଦଙ୍କର ଶରୀରକୁ ବାରମ୍ବାର ବହୁବାର ସ୍ପର୍ଶ କରିଛି: ଆଜି ସେହି କରଯୁଗଳର ସ୍ପର୍ଶ ଲାଭ ଆମର ସୌଭାଗ୍ୟ ହେବ। ପ୍ରଭୁ ଆମକୁ ଆଶୀର୍ବାଦ କରନ୍ତୁ ଯେପରି ଆମର ହୃଦୟ ନିର୍ମଳ କାଚପରି ସ୍ୱଚ୍ଛ ହେଉ ତାଙ୍କରି ଉପସ୍ଥିତିରେ।

ରାମାୟଣ ଯୁଗର କଥା: ଶ୍ରୀରାମଙ୍କ ପଥ ଚାହିଁ ରହିଛନ୍ତି ଭକ୍ତବୃନ୍ଦ। ଅହଲ୍ୟା ପାଷାଣ ଭିତରେ ଥାଇ ଅପେକ୍ଷା କରୁଛନ୍ତି, ସେହି ସତ୍ୟର ଆଧାର ଶ୍ରୀରାମଚନ୍ଦ୍ରଙ୍କର ପଦ ରଜକୁ। ଶବରୀ ଖୋଜି ଖୋଜି ରଖିଛି ଫଳମୂଳ ପ୍ରଭୁଙ୍କୁ ନିଜ ହାତରେ ଖୁଆଇ ଦେବାକୁ; ହେଲେ ଆମର ଏହି ଅଜ୍ଞାନ ମନ ପ୍ରାଣ ଶରୀର ଭିତରେ ସେତିକି ଉଚ୍ଛ୍ୱାସ ଭକ୍ତି କାହିଁ ? ପ୍ରଭୁ; ତୁମେହିଁ ଆମ ମଧ୍ୟରେ ଥାଇ; ଆମକୁ ଜ୍ଞାନ ଦେବାକୁ, ଭକ୍ତି ଦେବାକୁ, ଶକ୍ତି ଦେବାକୁ ଆମେ ପ୍ରାର୍ଥନା କରୁଛୁ।

ପୂର୍ବରୁ ଆମର ଅନୁରୋଧ ମୁତାବକ ବାବାଜି ମହାରାଜ ଓ ପ୍ରପତ୍ତିଜୀ ସହୃଦୟ ହୋଇ ଜାନୁୟାରୀ ୧୯୭୯ ମସିହା ୩୧ ତାରିଖ ଦିନ ୧୧ଟା ୩୦ମି.ରେ ଚମ୍ପକଲାଲଜୀ ଓ ତାଙ୍କର ସହଯାତ୍ରୀବୃନ୍ଦ ରାଉରକେଲାରୁ ଆମର ମାଟକାମ୍ୟେଡ଼ାକୁ ଆସିବେ ବୋଲି ଆମକୁ ଖବର ଦେଇଛନ୍ତି। ଆମର ଆନନ୍ଦର ଢ଼େଉ ଟେନ୍‌ସା ଘାଟିଯାଏ ମାଡ଼ିଯାଉଛି। ଆମକୁ ଦେଇଥିବା ସମୟ ଯେତିକି ଯେତିକି ଗଡ଼ି ଯାଉଛି; ସେତିକି ଆମେ ସମସ୍ତେ ବ୍ୟଗ୍ର ହୋଇ ଉଠୁଛୁ। ଭିତରେ, ବାହାରେ ଗୋଟିଏ ପ୍ରଶ୍ନ ଡେରି ହେଲା କାହିଁକି ? ପ୍ରୋଗ୍ରାମ କିଛି ପରିବର୍ତ୍ତନ ହେଲା କି ?

ଆମେ ଜାଣୁ ଜଗନ୍ନାଥଙ୍କ ରଥ ତାଙ୍କରି ଇଚ୍ଛାରେ ଚାଲେ। ହଜାର ହଜାର ଲୋକ ଦଉଡ଼ିରେ ଯେତେ ଜୋରଦେଇ ଟାଣିଲେ ବି ତାହା ଗୋଟିଏ ଇଞ୍ଚ ମଧ୍ୟ ଘୁଞ୍ଚେ କି ? ଦିନ ପ୍ରାୟ ୪ଟା ବାଜିବାକୁ ଯାଉଛି। ଥରକୁ ଥର ଦଳେ ଦଳେ କରି କିରିବୁରୁ ଛକରେ ପ୍ରଭୁଙ୍କର ପଥ ଦେଖି ଫେରି ଆସୁଛନ୍ତି ନିରାଶରେ। ମୋର ମୂଢ଼ ମନ ଭାବିଲା, ରଥର ଦଉଡ଼ି ହୁଏତ ଟେନ୍‌ସା ଭକ୍ତଙ୍କ ହାତରେ ପଡ଼ିଯାଇଛି। ନିର୍ଦ୍ଧାରିତ ସମସ୍ତ ପାଠଚକ୍ର କାର୍ଯ୍ୟକ୍ରମ ବିଳମ୍ବ ହେବାର ଦେଖି, ଉପସ୍ଥିତ ସମସ୍ତଙ୍କର ଖାଇବାର ବ୍ୟବସ୍ଥା ଆଗ କରାଗଲା। ମନ ବିବେକ ବିତର୍କରେ ଲଢ଼େଇ କରୁଛନ୍ତି। ଆଗ ଚାଖି ପରେ ଖୁଆଇଲା ପରି ହେବାରୁ ରାମାୟଣର ଶବରୀ କଥା ମନେପଡ଼ିଲା। ପାଖାପାଖି ୫୦ଜଣ ପୁରା ହଲ୍‌ରେ ଖାଇବସିଛୁ। ହେଲେ ମୋର ଅନ୍ତର ଭିତରେ ଖାଲି ଘଣ୍ଟା, ମୃଦଙ୍ଗ, ଝାଞ୍ଜର ଧ୍ୱନିପରି କେବଳ କାର୍‌ର ହର୍ଣ୍ଣ ଶୁଭିଯାଉଛି। ମୋର ଏତେ ବ୍ୟସ୍ତତା ଏବଂ ଉଠବସ୍ ଦେଖି କେଉଁଝରର ପାଠଚକ୍ରର ଝିଅଟିଏ ମୋତେ ଧୈର୍ଯ୍ୟ ଦେଇ କହିଲା, "ମାଉସୀ, ଆପଣ ହାତ ନ ଧୋଇଲେ, ସ୍ୱାଗତ କରିବା ପାଇଁ ପ୍ରସ୍ତୁତ ନହେବା ଯାଏ ପ୍ରଭୁ ଆସିବେ ନାହିଁ। ଆପଣ ଖାଇସାରି ମୁହଁ ହାତ ଧୋଇ ସାରିଲେ ନିଶ୍ଚୟ ଆସିବେ, ଦେଖିବେ।" ସ୍ୱୟଂ ତା ଭିତରେ ଜଗତ୍‌ଜନନୀ ଥାଇ ସେ କଥାଗୁଡ଼ିକ କହିଥିଲେ ଯେପରି, ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରି ସତକୁ ସତ ମୁଁ ତରବର ହୋଇ ଉଠିଯାଇ ରୁମାଲରେ ହାତ ପୋଛୁଛି। ବାହାରୁ ଦୌଡ଼ି ଆସିଲେ ଜେନାବାବୁଙ୍କର ଦୁଇପୁଅ ଖବର ଦେବା ପାଇଁ। "ହେଇ ଆସିଗଲେ" ଶବ୍ଦରେ ହଲ୍‌ଟି ମୁଖରିତ ହୋଇଉଠିଲା। ଆମେ ସବୁ ଲିଭି ଯାଇଥିବା ଦୀପରେ ତେଲ ପାଇଲା ପରି ଗେଟ୍ ସମ୍ମୁଖକୁ ସତେଜରେ ଧାଇଁଗଲୁ। ସମସ୍ତେ ଆସି ରୁଣ୍ଡ ହୋଇ ଚାରି ଚକିଆ ରଥର ଦିବ୍ୟମାନବଙ୍କୁ ଦର୍ଶନ କରିବା ପାଇଁ ଠେଲାପେଲା ହେଲେ।

ଚମ୍ପକଲାଲଜୀ ଗାଡ଼ିରୁ ଓହ୍ଲାଇ ସମସ୍ତଙ୍କ ହାତରୁ ପୁଷ୍ପ ଗୁଚ୍ଛ ଗ୍ରହଣ କରି ଭିତରକୁ ପ୍ରବେଶ କଲେ। ଆମ ଭିତରେ ଆନନ୍ଦର ସୀମା ନାହିଁ। ଅବିଳମ୍ବେ ସମସ୍ତଙ୍କର ଭୋଜନର ବ୍ୟବସ୍ଥା ହୋଇଗଲା। ମୁଁ ଚମ୍ପକଲାଲଜୀଙ୍କ ପାଇଁ ଦୁଧ, ପାଲୁଅ, ପରିବା ଝୋଳ, ଫଳ ଇତ୍ୟାଦି ସଜାଡ଼ି ଦେଲି। ସାଥୀରେ କମଳାବେନ୍, ପପତ୍ତିଜୀ, ଶର୍ମାଜୀ, ଅନିମେଶ, ଲାଲାଭାଇ , ଗଦାଧର ଭାଇ ଆଉ ଅନ୍ୟାନ୍ୟ ସମସ୍ତେ ମିଶି ଭୋଜନ କଲେ। ପ୍ରାୟ ପାଞ୍ଚଟା ବାଜିବ; ଆମେ ସମସ୍ତେ କେତେଜଣ ଆସି ପାଠଚକ୍ର ଘରେ ଧ୍ୟାନ ଓ ସର୍ବସାଧାରଣଙ୍କ ପାଇଁ ସଭାର ସବୁ ଭଲମନ୍ଦ ବୁଝିଗଲୁ। ସମସ୍ତେ ପାଠଚକ୍ର ହଲ୍‌ରେ ନୀରବତା ରକ୍ଷା କରି ବସିଛନ୍ତି। ମୁଁ ଚମ୍ପକଲାଲଜୀଙ୍କୁ ସାଙ୍ଗରେ ଆଣିବା ପାଇଁ ଗେଷ୍ଟହାଉସ୍‌ରେ ତାଙ୍କର ରୁମରେ ପ୍ରବେଶ କଲି। ଦେଖିଲି ସେ ଏକା ବସିଛନ୍ତି। ମୁଁ ନିରୋଳାରେ ଦିବ୍ୟ ଦର୍ଶନ ପାଇବାର ମୁହୂର୍ତ୍ତକୁ ଅନ୍ତର ଭିତରେ ଖୋଜୁଥିଲି। ଅପୂର୍ବ ସୁଯୋଗ ପାଇଗଲି।

ତାଙ୍କୁ କ'ଣ ଦେଇ ପ୍ରଣାମ କରିବି ? ମୁଁ ଯେ ଶୂନ୍ୟ ହସ୍ତରେ ଅଛି। ମୋର ସେହି ଶୂନ୍ୟହସ୍ତ ଦୁଇଟିକୁ ତାଙ୍କର କଲ୍ୟାଣମୟ ହସ୍ତ ଦୁଇଟିର ଅଙ୍ଗୁଳି ଭିତରେ ରଖି ତାଙ୍କର ଦିବ୍ୟ ଚକ୍ଷୁକୁ ଚାହିଁ ରହିଲି। ସେ ଚାହାଣୀ ସାକ୍ଷାତ ଶ୍ରୀମା'ଙ୍କର ଅପୂର୍ବ ଚାହାଣୀ।... ଅପଲକ ଦୃଷ୍ଟି ଭିତରେ ଥାଇ ସ୍ୱତଃ ମୋର ମୁହଁରୁ ମା ମା ମା ମା ଉଚ୍ଚାରଣ ହୋଇଛି। ମୁଁ ଜାଣି ପାରିନି। କିଛି ସମୟ ପରେ ମୁଁ ଆଖି ଖୋଲି ଦେଖିଲି। ଚମ୍ପକଲାଲଜୀ ଆଖି ବନ୍ଦ କରି ମୁଣ୍ଡକୁ ଚୌକି ପଛପଟକୁ ଝୁଙ୍କାଇ ଦେଇ ପୂରା ଧ୍ୟାନରେ ରହିଯାଇଛନ୍ତି। ସହସା ମୋର କ'ଣ ହୋଇଗଲା ପୁରା ଝାଳେଇ ଯାଉଛି ମୁଁ। ତାଙ୍କୁ ସେପରି ଅବସ୍ଥାରେ ଦେଖି ମୋର ନିଜର ସ୍ଥିରତା ହରାଇ ତାଙ୍କର ହାତ ଦୁଇଟିକୁ ଧୀରେ ଧୀରେ ଆଉଁସି ଚୁମ୍ବନ ଦେଲି। ତଥାପି ସେ ଆଖି ଖୋଲୁ ନାହାନ୍ତି। ମୁଁ କାହିଁକି ମା ମା ମା ମା ଉଚ୍ଚାରଣ କଲି ବୋଲି ନିଜକୁ ଦୋଷି ମନେକଲି। ଅପୂର୍ବ ସେହି ଦୃଶ୍ୟ। ସେ କେତେ ସମୟ ପରେ ଆଖି ଖୋଲିଲେ, ମୁଣ୍ଡ ସଳଖ କଲେ। ତାଙ୍କର ଆଶିଷ ଭରା ହାତ ଦୁଇଟିରେ ମୋର ମୁଣ୍ଡ, ଗାଲ ଆଉଁସି ଦେଲେ। ନିଜର ବାହ୍ୟ ଚେତନାକୁ ଆସି ସୋଫାରୁ ଉଠି ନିଜର ବ୍ୟାଗ୍ ଭିତରୁ ଗୋଟିଏ ଆଶୀର୍ବାଦ ପୁଷ୍ପ ପୁଡ଼ା ବାହାର କରି ମୋର ହାତରେ ଦେଲେ। ତାଙ୍କର ଡାଏରୀ ବାହାର କରି ସେଥିରେ ମୋର ନାମ, ଠିକଣା ଲେଖି ଦେବାକୁ ନିର୍ଦ୍ଦେଶ ଦେଲେ ଠାରରେ। ମୁଁ ଡାଏରୀରେ ନିଜର ନାମ, ସ୍ଥାନ, ଜିଲ୍ଲାର ନାମ ସବୁ ଲେଖିଦେଲି।

ମୋର ହାତରୁ ଡାଏରୀ ନେଇ ସେ ମୋର ଲେଖାର ବାମ ପାର୍ଶ୍ୱରେ ଗୋଟିଏ ଚତୁର୍ଭୁଜ ଘର ଅଙ୍କନ କରି ତା ଭିତରେ କ'ଣ କ'ଣ ସବୁ ଲେଖିଲେ। ଲେଖୁଥିବା ସମୟରେ ମୋତେ ବାରମ୍ବାର ଦେଖୁଥାନ୍ତି। ଅପୂର୍ବ ସେ ଦର୍ଶନ। ଭାଷା ନାହିଁ ମୋର ତାକୁ ବର୍ଣ୍ଣନା କରିବାକୁ। ମୁଁ ପାଠଚକ୍ରର ମିଟିଂ ପାଇଁ ତାଙ୍କୁ ଡାକିବା ପାଇଁ ଆସିଥିଲି : ତାଙ୍କ ପାଖରେ ଏତେ ସମୟ ରହିଗଲି। ବିନୟ ସହିତ କହିଲି ତାଙ୍କୁ "ସଭା ପାଇଁ ଆମକୁ ବାହାରକୁ ଯିବାର ଅଛି।" ବାହାରେ ଥଣ୍ଡା ଥିବାରୁ ତାଙ୍କର ଦେହରେ ଶାଲଟି ଆଣି ଘୋଡାଇ ଦେଲି। ସେ ତାଙ୍କରି ବ୍ୟାଗ୍‌ଟି ନିଜେ ଧରିଲେ। ଆମେ ସବୁ ପାଠଚକ୍ରର ସଭାଗୃହକୁ ଆସିଲୁ। ପ୍ରଥମେ ଆମ ଘର ପାଠଚକ୍ର ଗୃହରେ ମାତ୍ର ପାଞ୍ଚମିନିଟ୍ ନୀରବ ଧ୍ୟାନରେ ରହି ତାପରେ ସାଧାରଣ ସଭା ହଲ୍‌କୁ ଗଲୁ। ସେଠାରେ ସମସ୍ତେ ନୀରବ। ଶ୍ରୀମା ଶ୍ରୀଅରବିନ୍ଦଙ୍କ ଫଟୋ ଆସ୍ଥାନର ବାମ ପାଖରେ ଥିବା ଗଦି ଉପରେ ବସିବାକୁ ନାରାଜ ହୋଇ ଚମ୍ପକଲାଲଜୀ ତଳେ ଭୂମି ଉପରେ ବସିବାକୁ ଚାହିଁଲେ। ପୁଣି ପ୍ରପତ୍ତିଜୀଙ୍କର ଅନୁରୋଧରେ ଆସି ଗଦି ଉପରେ ବସିଲେ। ଶ୍ରୀମାଙ୍କର ସଙ୍ଗୀତ ସହ ପ୍ରଥମେ ସମସ୍ତେ ଧ୍ୟାନରେ ପାଞ୍ଚମିନିଟ୍ ରହି କାର୍ଯ୍ୟକ୍ରମ ଆରମ୍ଭ ହେଲା। ନିୟମ ଅନୁଯାୟୀ ସ୍ୱାଗତ ସମ୍ଭାଷଣ, ରିପୋର୍ଟ ପାଠ ଏବଂ ପରେ ଶର୍ମାଜୀ; ପ୍ରପତ୍ତିଜୀ ପୂର୍ଣ୍ଣଯୋଗ ଏବଂ ଶ୍ରୀମା'ଙ୍କର କାର୍ଯ୍ୟ ବିଷୟରେ ସୁନ୍ଦରଭାବରେ ବୁଝାଇଥିଲେ। ଗଦାଧର ଭାଇ, ବାବାଜି ମହାରାଜଙ୍କର ଚମ୍ପକଲାଲଙ୍କ ବିଷୟରେ ଲେଖାଟି ପାଠ କରିଥିଲେ। ଆଶ୍ଚର୍ଯ୍ୟର ବିଷୟ ପରିବେଶର ଅଧେ ଲୋକଙ୍କୁ ଯେଉଁଠି ସମ୍ଭାଳି ହୁଏ ନାହିଁ, ଆଜି ସେହି ଗୃହରେ ପରିପୂର୍ଣ୍ଣ ଗହଳିରେ ଏହି ନୀରବତା କିପରି ତିଷ୍ଠି ପାରିଛି ଭାବି ହେଉନାହିଁ। ସର୍ବଶେଷରେ ଚମ୍ପକଲାଲଜୀଙ୍କର ଦୃଷ୍ଟିରେ ଶ୍ରୀମା'ଙ୍କର ଟେରାସ୍ ଦର୍ଶନର ଅନୁଭବ ଚୀର ସ୍ମରଣୀୟ। ଶିଶୁଠୁ ଆରମ୍ଭ କରି ପ୍ରତିଜଣଙ୍କୁ ସେ ଦିବ୍ୟ ଦୃଷ୍ଟିଦେଇ କଲ୍ୟାଣ କରିଛନ୍ତି। ଉପସ୍ଥିତ ସମସ୍ତ ଭାଇଭଉଣୀ ପ୍ରକାଶ କରୁଥିଲେ। ଚମ୍ପକଲାଲଜୀ ମୌନରହି : ସ୍ୱର୍ଗୀୟ ଦୃଷ୍ଟିରେ ଯେପରି ଆମକୁ ଭାଷଣ ଦେଇଗଲେ।

ଆମେ ସବୁ ସଭା ଶେଷରେ ପୁଣି ଗେଷ୍ଟହାଉସ୍‌କୁ ଆସି ବାହାରୁ ଆସିଥିବା ସଭ୍ୟସଭ୍ୟାମାନଙ୍କର ଖାଇବା କଥା ବୁଝିବୁ। ସମସ୍ତେ ବିଦାୟ ନେଇଗଲେ। ଚମ୍ପକଲାଲଜୀ କିଛି ନ ଖାଇ ସେମିତି ଶୋଇଗଲେ। ପରଦିନ ସକାଳୁ ସେମାନେ ଆମ ପାଖରୁ ବିଦାୟ ନେବେ। ତାଙ୍କର ହାତଲେଖା କିଛି ଟିକିଏ ମୁଁ କିପରି ପାଇବି ଚିନ୍ତା କରୁଥିଲି। ହଠାତ୍ ମୋର ମୁଣ୍ଡରେ ପଶିଲା, ଆମର ଫଟୋ ଆଲବମ୍‌ରେ ତ ସମସ୍ତେ ଅଛୁ, ସେହି ଆଲବମ୍‌ରୁ ସେ ସମସ୍ତଙ୍କୁ ଦେଖିବେ ଏବଂ ଆମ ସମସ୍ତଙ୍କୁ କଲ୍ୟାଣ କରି କିଛି ଟିକିଏ ଲେଖି ଦେଇଯିବେ। ମୁଁ ରାତିରେ ଘରୁ ଆଲବମ୍ ଆଣି ତାଙ୍କରି ରୁମ୍‌ରେ ରଖିଦେଇଛି। ପରଦିନ ଭୋରରୁ ଘରୁ ଫୁଲ ନେଇ ଗେଷ୍ଟହାଉସ୍‌କୁ ଯାଇ ଜଣ ଜଣ କରି ତାଙ୍କ ହାତରେ ଫୁଲ ଚଢ଼ାଇଲୁ: ପୁଣି ତାଙ୍କ ହାତରୁ ଆମେ ଫୁଲ ଗ୍ରହଣ କଲୁ। ମୁଁ ପୁରୀର ତିନିଠାକୁର ତିନିମୂର୍ତ୍ତିଙ୍କୁ ତାଙ୍କରି ହାତରେ ଦେଲି। ତିନି ମୂର୍ତ୍ତିଙ୍କୁ ଦେଖି ବହୁତ ଖୁସୀ ହେଲେ। ମୁଁ ରାତିରୁ ରଖିଥିବା ଆଲବମ୍‌ଟି ଆଣି ତାଙ୍କର କୋଳରେ ରଖିଲି। ସେ ପୃଷ୍ଠା ପୃଷ୍ଠା କରି ସମସ୍ତଙ୍କୁ ଦେଖିଲେ। ମଝି ମଝିରେ ଆଙ୍ଗୁଠି ଠାରି ପଚାରୁଥାନ୍ତି ସେମାନଙ୍କର ପରିଚୟ। ତା ଭିତରେ ମୁଁ ୩ବର୍ଷର ଥିବା ଗୋଟିଏ ଫଟୋ ଥିଲା। ସେହି ଫଟୋକୁ ଦେଖି ମୌନ ଥାଇ ମଧ୍ୟ ସେ ସଶବ୍ଦରେ ହସି ଉଠିଥିଲେ। ସମସ୍ତଙ୍କୁ ଦେଖି ସାରିଲା ପରେ ମୁଁ ପ୍ରଥମ ପୃଷ୍ଠାରେ କିଛି ଲେଖିଦେବା ପାଇଁ ଅନୁରୋଧ କଲି। ରଙ୍ଗିନ୍ ପେନ୍‌ସିଲ ତାଙ୍କର ବ୍ୟାଗ୍‌ରୁ ବାହାରକରି ଆଲବମଟି କୋଳରେ ଧରି ଲେଖା ଆରମ୍ଭ କଲେ। ସବୁଜରଙ୍ଗର ପେନ୍‌ସିଲରେ ଗୁଜୁରାଟି ଭାଷାରେ ଲେଖିଦେଲେ। ଆଜି ତାହାହିଁ ମୋର ଅମୂଲ୍ୟ ଉପହାର।

ସ୍ନେହରେ ସଦା ସତତ ସତ୍ୟନୀ ସାଧାମା............. ଇତ୍ୟାଦି

ଶେଷରେ ଆଇଛତି............... ସପ୍ରେମ

ଚମ୍ପକଲାଲ

❖ ❖ ❖

୪୩ ପୃଷ୍ଠାର ଅବଶିଷ୍ଟାଂଶ

ଯୋଗ ଦେଉଥିବେ। ବ୍ୟକ୍ତିଗତ ସ୍ୱାଧ୍ୟାୟ ସାଧନା କରୁଥିବେ। ସାମୂହିକ ସାଙ୍ଗଠନିକ ସାଧନାରେ ସହଯୋଗ କରୁଥିବେ। ତା' ହେଲେ ମା' ଶ୍ରୀଅରବିନ୍ଦଙ୍କ କୃପା, ସହାୟତା ଓ ଆଶୀର୍ବାଦ ପାଉଥିବେ। ଅତିମାନସ ଶକ୍ତି-ଜ୍ୟୋତି ଆପଣଙ୍କ ମଧ୍ୟରେ ସତତ କ୍ରିୟା କରିଚାଲିଥିବ। ମା ଆପଣଙ୍କୁ ଯନ୍ତ୍ରକରି ତାଙ୍କ ରୂପାନ୍ତର କର୍ମ କରି ଚାଲିଥିବେ। ଶ୍ରୀଅରବିନ୍ଦ କହିଛନ୍ତି : "Be always faithful to The Mother. She will be ever with you and protect you." ମା' ବି କହୁଛନ୍ତି: "Have faith and be sincere." ବିଶ୍ୱାସ ରଖ ଓ ନିଷ୍ଠାପର ହୁଅ।

ସେଇ ବିଶ୍ୱାସ ଓ ନିଷ୍ଠାକୁ ଜୀବନରେ, ପାଠଚକ୍ରରେ ପ୍ରୟୋଗ କରି, ଭଗବତ୍ କୃପାକୁ ପଥ ଓ ପାଥେୟ କରି ଆମେ ପୂର୍ଣ୍ଣାଙ୍ଗ ଯୋଗ ମାର୍ଗରେ ଆଗେଇଯିବା। ଆମ ପାଠଚକ୍ରକୁ ସୁଦୃଢ଼ କରିବା। ପାଠଚକ୍ରୀୟ ସମସ୍ତ କର୍ମରେ ଆମେ ଆନ୍ତରିକ ହେବା। ସପ୍ତାହରେ ସେଇ ନିର୍ଦ୍ଧାରିତ, ସଙ୍କଳ୍ପିତ, ଗୋଟିଏ ଘଣ୍ଟାର ସକ୍ରୀୟ ପାଠଚକ୍ରହିଁ ପୂର୍ଣ୍ଣାଙ୍ଗ ଯୋଗ -ଜୀବନର, ଆମ ସାଧନାର ଏକମାତ୍ର ମୂଳ ଚାବିକାଠି, ଅଭୂତପୂର୍ବ- ଅଦ୍ୱିତୀୟ ଆଧାତ୍ମିକ ଯଜ୍ଞଶାଳା।

❖ ❖ ❖

# CHOICE IS IMPERATIVE

**Dr. Shyama Kanungo**

We have reached a stage in Mother's Work in Orissa when there are burning current issues to address. There are the well defined streams of work. The first and earliest work which is to go on cogently and in a focused manner is the Sri Aurobindo Study Circle organisation including the Women's, Yuva Chhatra wings for increasing awareness of the Ideology and creating what Prapatti always called 'courage of conviction'.

Basing on this next are the karma dharas which have evolved –the foremost being Integral Education. These have to be steadily strengthened, streamlined and given a state wide operation.

But what about the centres which form the nucleus and field of efflorescence of the new way of living paving the way for the New World? Taking a look at the Centres of collective living what is the scenario? We have heard late Bhajakrishna Bhai expressing his concern so are we hearing Anadi bhai's observations. The younger mass is showing lack of giving up themselves totally for the work. Definitely it is a tug-of war between a sense of security, especially financial security, and the call for a higher life and collaboration in the formation of a new world. Yet new centres are to be created. Old sick ones are waiting for some one to come and take it forward or sometimes resisting any change in the existing structure and function. With the industrialization there are job opportunities and rather than remain in a centre the youth are selecting the jobs and financial security rather that adopt the 'risky' path of Sadhana and total self giving to this ideology in a Centre. Fair enough. Valid enough. One can pursue this Sadhana in whichever social setting, as a bachelor or as a grihastha. These individuals can support the Centres from outside, participate in study circle activities. No issues. No objections to such a trend.

However whatever the individual decisions for the individual's sake this in any case this does not solve the need of the Centre – the need for successors and collectivity of sadhaks carrying forward the centre. How is this to be?? Yet it happens that a sadhak or sadhaks leave a place, join another or start another centre – what is the motive? Does the inner psychological crisis or reason of quitting, which not solved or overcome, get resolved by this escaping from it? Is it really the inner call? Does it carry the Mother's Sanction? Is it faithfulness? Is it not an alter-ego that we are setting out to serve?

What is the solution to safeguard the Centre which implies safeguarding its inmates? It is not an issue of going out to 'feed the poor or social service'. It is an issue of security, health care, basic needs of those who have offered their all to The MotherSriAurobindo that is our first concern. If we evade the proposition then a joyous offering is at stake. The central life breath of Her work is threatening to get extinct; we very well know this but perhaps pretend not to understand.

First thing is – should we worry? If we are true children of the Mother can we sleep over it? It is true that we should intensely aspire and sincerely pray for this crisis to be overcome in all the Mother's existing centres- offering the problem at Her Feet. But all too easily we fall into the trap of inaction- since the Mother is looking into it. But the crises surfacing calls for pragmatic action. It is high time some practical steps be decided collectively with clear cut Guide lines. We have to save all the existing centres and not allow expansion at this stage in numbers but look into the quality of the existing ones. If not we are shilly shallying over the problem betraying our inner lack of concern and insincerity.

There have to be some basic Guiding attitudes and concrete regulations for achieving a quality control.

1. Every Centre *is none other than* The MotherSriAurobindo.
2. We are there for Them alone.
3. Every other inmate is a comrade and brother or sister –children of the same Divine Parents, who is also there for Them alone.
4. There should be a central co-coordinating body which looks at the well being of all centres without imposing itself.
5. Information and data base of the man power status as well as the needs of all the existing centres must be with the central coordinating body.
6. There should be a common code of conduct and operating mechanism – where only 3 criteria are strictly adhered to- viz: No Drugs. No Politics. No sex.
7. Apart from these 3 there should be maximum tolerance to mistakes.
8. Love and affection and kindness should be the criteria alone to deal with each solution.
9. Well designed projects and schemes for financial self sustenance should be organised through CUSAG on priority basis.
10. Health insurance for every inmate must be done.
11. A senior sadhaks home should be developed at State level with collective effort to make the life of senior sadhaks who have offered their all in return for their long faithful service to Her cause.

Negligence of burning issues amounts to gross unfaithfulness to Sri Aurobindo's Ideal. It takes the sap out of this movement. It is really the legacy of negligence of Life in lieu of the Spirit ingrained for centuries which has brought our decadence as a nation. That is indeed responsible for not paying heed to this gaping need in the core of our movement. Quality Life has to be raised up to the Spirit- not allowed to be smothered out. The issue cannot be hedged any longer- the choice is imperative, the action should be urgent and decisive for the catastrophe is imminent- at the threshold.

❖ ❖ ❖

Alone her hands can change Time's dragon base.

Savitri **Sri Aurobindo**

# ଏପ୍ରିଲ ସମ୍ମିଳନୀର ପୃଷ୍ଠଭୂମି

ଶ୍ରୀ ପ୍ରସାଦ ତ୍ରିପାଠୀ

ପ୍ରଥମେ ୧୯୬୮ ମସିହାରେ ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ କଟକ ବାରବାଟୀ ଷ୍ଟାଡ଼ିୟମଠାରେ ଅନୁଷ୍ଠିତ ହୋଇଥିଲା । ଆମ୍ଭେମାନେ ସବୁ ବହୁତ ଛୋଟ ହୋଇଥାଉ । ମୁଁ ରେଭେନ୍ସା କଲେଜରେ ଏମ୍.ଏସ୍.ସି. ପଢୁଥାଏ । ଆମର ନିଉଲାଇଟ୍ ସୋସାଇଟି ଖୁବ୍ ସକ୍ରୀୟ ଥାଏ । ବାରବାଟୀ ଷ୍ଟାଡ଼ିୟମରେ ନନ୍ଦିନୀ ଶତପଥୀ ପତାକା ଉତ୍ତୋଳନ କରିବା କଥା । ତା'ପରେ ମାର୍ଚ୍ଚପାଷ୍ଟ ହେବ । ତା' ପୂର୍ବରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଶ୍ରୀଅରବିନ୍ଦ ସଂସ୍କୃତି ସଂସଦର ରାଜ୍ୟସ୍ତରୀୟ ସମ୍ମିଳନୀରେ ଆମେ ଡ: ହରେକୃଷ୍ଣ ମହତାବ ପତାକା ଉତ୍ତୋଳନ କଲାପରେ ମାର୍ଚ୍ଚପାଷ୍ଟ କରିଥିଲୁ । ବାଏଁ ଦେଖ ହେବ କି ଡାଏଁ ଦେଖ ହେବ- ତେଜ୍ ଦା (ଗୋବିନ୍ଦ ତେଜ୍)ଙ୍କୁ ପଚାରି ବୁଝିବାକୁ ହେଲା । ସେ ପତାକା ଖୁଣ୍ଟ ଆଗରେ ବିଭିନ୍ନ ଦିଗ ଆଡ଼କୁ ମୁହଁ ହୋଇ ଠିଆ ହୋଇ ଶେଷରେ ବାଏଁ ଦେଖ କରିବାକୁ କହିଲେ । ରବୀନ୍ଦ୍ର ମଣ୍ଡପ ଏକ କ୍ଷୁଦ୍ର ସ୍ଥାନ ସେଠାରେ ସେହିପରି ମାର୍ଚ୍ଚପାଷ୍ଟ କରିବାକୁ ମିଳିନଥିଲା ମାତ୍ର ବାରବାଟୀ ଷ୍ଟାଡ଼ିୟମ୍ଠାରେ ଏକ ଲମ୍ବା ଧାଡ଼ି । ପୁଅଝିଅ ସମସ୍ତେ ଧଳା ହାଫ୍ ପ୍ୟାଣ୍ଟ ଏବଂ ଧଳା ହାଫ୍ ସାର୍ଟ ପିନ୍ଧି ମାର୍ଚ୍ଚପାଷ୍ଟ କରିଥିଲୁ । ସେତେବେଳେ ଆମ ମଧ୍ୟରେ ମାମୁ କେବଳ ସକ୍ରୀୟ ଥିଲେ । ଆମେ ସବୁ ବହି ବିକିବା, ଦରି ପକାଇବା ଭଳି କାର୍ଯ୍ୟରେ ରହୁଥିଲୁ । ସେତେବେଳକୁ ମାତୃଭବନର ପ୍ରଶ୍ନ ନଥାଏ । ୧୯୭୦ ମସିହାରେ ମାତୃଭବନ ଶୁଭ ଦିଆଯାଇଥିଲା । ୧୯୭୨ ମସିହାରେ ପ୍ରଭୁଙ୍କ ଦେହାଂଶ ସ୍ଥାପନ କରାଗଲା । ସେଇ ୭୨ ମସିହା ଏପ୍ରିଲ ମାସରେ ପୁଣି ବାରବାଟୀ ଷ୍ଟାଡ଼ିୟମ୍ରେ ସମ୍ମିଳନୀ ହେଉଥିଲା । ସେଥରକ ମା' ସମ୍ମିଳନୀ ପାଇଁ ବାଣୀ ଦେଇଥିଲେ- "Let your highest aspiration organise your life." ସେ ବର୍ଷ ହେଲା ପରମପ୍ରଭୁ ଶ୍ରୀଅରବିନ୍ଦଙ୍କ ଜନ୍ମ ଶତବାର୍ଷିକୀ । ନୂଆ ବର୍ଷର ବାଣୀ ମଧ୍ୟ ମା' ଦେଇଥିଲେ, "Let us all try to be worthy of Sri Aurobindo's Centenary". ସେଇ ବର୍ଷ ମଧ୍ୟ ଏପ୍ରିଲ ସମ୍ମିଳନୀକୁ ଏକ ଭିନ୍ନ ରୂପ ଦେବା ପାଇଁ ଯେପରି ସଙ୍କଳ୍ପ କରାଗଲା । ମାତୃଭବନର ନୂତନ ଦାୟିତ୍ୱ । ୧୯୭୩ ଜୁନ ମାସରେ ଏକ ଯୁବଛାତ୍ର ଶିବିର ରେଭେନ୍ସା କଲେଜରେ ଅନୁଷ୍ଠିତ ହେଲା । ଶ୍ରୀ ଜାଟି ଥାଆନ୍ତି ଓଡ଼ିଶାର ରାଜ୍ୟପାଳ । ସେତେବେଳେ ରେଭେନ୍ସା କଲେଜର ଭିତର ପଡ଼ିଆରେ ସାନ୍ଧ୍ୟ ସମ୍ମିଳନୀ, କମର୍ସ ବ୍ଲକ୍ରେ ପ୍ରଦର୍ଶନୀ, ଇଷ୍ଟ ହଷ୍ଟେଲ ଏବଂ ଲେଡ଼ିଜ୍ ହଷ୍ଟେଲରେ ରହିବାର ବନ୍ଦୋବସ୍ତ ଇତ୍ୟାଦି କରାଯାଇଥିଲା । ତା'ପରେ ନିରବଚ୍ଛିନ୍ନ ଭାବରେ ଏପ୍ରିଲ ସମ୍ମିଳନୀ ମାତୃଭବନ ପରିସରରେ ହେବାକୁ ଲାଗିଲା ।

ଏପ୍ରିଲ ସମ୍ମିଳନୀର ନାମ କରଣହିଁ ତାହା । ଅର୍ଥାତ୍ ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ ବୋଲି କେହି କହନ୍ତି ନାହିଁ, ସମସ୍ତେ କୁହନ୍ତି ଏପ୍ରିଲ ସମ୍ମିଳନୀ । ଏହା ମଧ୍ୟରେ ଅନେକ ଅନୁଭବ ଗ୍ରହଣ କରି ଏପ୍ରିଲ ସମ୍ମିଳନୀ ବର୍ତ୍ତମାନର ରୂପରେ ହପଞ୍ଚିଛି ।

ଏହାର ତିନୋଟି ଦିଗ ଅଛି । ଗୋଟିଏ ଏକଦମ୍ ବୌଦ୍ଧିକ (academic), ଗୋଟିଏ ସାଙ୍ଗଠନିକ (Organisational) ଏବଂ ଶେଷଟି ଭକ୍ତିମୂଳକ (devotional) । ପାଖାପାଖି ଜ୍ଞାନଯୋଗ, କର୍ମଯୋଗ ଓ ଭକ୍ତିଯୋଗର ସମାହାର । ସକାଳ ଅଧିବେଶନଟି କେବଳ ଶ୍ରୀଅରବିନ୍ଦଙ୍କର କୌଣସି ଗୋଟିଏ ପୁସ୍ତକର ପ୍ରତ୍ୟେକ ଅଧ୍ୟାୟ, ଅନୁଚ୍ଛେଦ, ବାକ୍ୟ ଏପରିକି ଶବ୍ଦକୁ ମଧ୍ୟ ଅନୁଧ୍ୟାନ କରି ଆଲୋଚନା କରାଯାଏ । ତେଣୁ ସ୍ଥଳବିଶେଷରେ ୪/୫ରୁ ଆରମ୍ଭ କରି ୭/୮ ଜଣ ମଧ୍ୟ ଆଲୋଚକ ଏଥିରେ ଦାୟିତ୍ୱ ଗ୍ରହଣ କରିଥାନ୍ତି । ସେମାନେ ସମସ୍ତେ ଯଥେଷ୍ଟ ଆଗରୁ ଏଥିପାଇଁ ଗଭୀର ନିଷ୍ଠାର ସହିତ ପ୍ରସ୍ତୁତ ହୋଇଥାନ୍ତି । ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଶେଷ କରିବାକୁ ସେମାନଙ୍କୁ ଅନୁରୋଧ କରାଯାଇଥାଏ । ଅଭ୍ୟାସବଶତଃ କେହି କେହି ବକ୍ତା ସୀମାତିରିକ୍ତ ସମୟ ନେଉଥିଲେ ମଧ୍ୟ ଏହି ସମ୍ମିଳନୀରେ ତା'ର କୌଣସି ଦୃଷ୍ଟାନ୍ତ ଦେଖିବାକୁ ମିଳେ ନାହିଁ । ସମୟ ଏବଂ ବିଷୟ ଉପରେ ଗୁରୁତ୍ୱ ଦେଇ ସମସ୍ତେ ନିଜର ବକ୍ତବ୍ୟ ପ୍ରକାଶ କରନ୍ତି । ଏଇ ଅଧିବେଶନଟି ସମ୍ପୂର୍ଣ୍ଣ ବୌଦ୍ଧିକ (academic) ଏଥିରେ ବକ୍ତା ଏବଂ ଶ୍ରୋତା ଉଭୟେ ସମ୍ପୂର୍ଣ୍ଣ ନିବିଷ୍ଟ ହୋଇ ଅଂଶଗ୍ରହଣ କରନ୍ତି । କାହାରିକୁ ଲାଇନଚ୍ୟୁତ ହେବା ପାଇଁ ସମ୍ଭାବନା ନଥାଏ ।

ଅପରାହ୍ନ ଅଧିବେଶନଟି ସାଙ୍ଗଠନିକ । ଏହା କର୍ମ ଉପରେହିଁ ପର୍ଯ୍ୟବେଶିତ ହୋଇଥାଏ । ଓଡ଼ିଶାର କେଉଁ କେଉଁ ଅଞ୍ଚଳରେ କି କି ମାତୃକର୍ମ ହେଉଛି ଏବଂ ସେଠାରେ ଆଉ କ'ଣ କ'ଣ କରାଯାଇପାରିବ ଏହାକୁ ଆଧାର କରି ଅପରାହ୍ନ ଅଧିବେଶନରେ ଆଲୋଚନା କରାଯାଏ । ପ୍ରାୟ ସବୁ ସଙ୍ଗଠକ ତଥା କର୍ମୀମାନେ ଏଥିରେ ଅଂଶଗ୍ରହଣ କରନ୍ତି । ଅପରାହ୍ନ ଅଧିବେଶନ ସେଥିପାଇଁ ଅନେକ ଗୁରୁତ୍ୱ ବହନ କରେ । ଯେଉଁ ଗୁରୁ ଦାୟିତ୍ୱ ବାବାଜି ମହାରାଜ ଏବଂ ପ୍ରପତ୍ତି ମହାଶୟ ଆମ୍ଭମାନଙ୍କ ଉପରେ ଦେଇଛନ୍ତି ତାହାହେଲା ଶ୍ରୀଅରବିନ୍ଦ ପାଠଚକ୍ର ସଙ୍ଗଠନ । ତା'ର ଫଳ ସ୍ୱରୂପ ହିଁ ଓଡ଼ିଶା ବାକି ସାରା କାର୍ଯ୍ୟକ୍ରମ କରାଯାଉଛି । ଏପରିକି ଏଇ ଏପ୍ରିଲ ସମ୍ମିଳନୀ ମଧ୍ୟ ଓଡ଼ିଶାରେ ଅତୀତରେ କୌଣସି ଗୋଟିଏ ପାଠଚକ୍ରର ସଙ୍ଗଠନର ଦୃଢ଼ତା ଉପରେହିଁ ପର୍ଯ୍ୟବେଶିତ । ତେଣୁ ଅପରାହ୍ନ ଅଧିବେଶନରେ ସମସ୍ତେ ଖୁବ୍ ସଚେତନ ଭାବରେ ପାଠଚକ୍ର, ମହିଳା ପାଠଚକ୍ର, ଛାତ୍ର ପାଠଚକ୍ର, ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ପବିତ୍ର ସମାଧି ପୀଠ, ଅନ୍ୟାନ୍ୟ ସାଧନା କେନ୍ଦ୍ର, ଦଶକର୍ମଧାରାରେ ବିଭିନ୍ନ ଅନୁଷ୍ଠାନ ଏବଂ ଶ୍ରୀଅରବିନ୍ଦ ବିଶ୍ୱବିଦ୍ୟାଳୟ ସମ୍ପର୍କରେ ଆଲୋଚନା କରନ୍ତି । ଏହି ଅଧିବେଶନର ଆଲୋଚନା ମାଧ୍ୟମରେ ହିଁ ଓଡ଼ିଶାରେ ଏତେ ସଂଖ୍ୟାରେ ବିଭିନ୍ନ ଅନୁଷ୍ଠାନମାନ ଗଢ଼ିଉଠିଛି । ତେଣୁ ଅପରାହ୍ନ ଅଧିବେଶନଟି ମୁଖ୍ୟତଃ କର୍ମାଭିମୁଖୀ ।

ବାକି ସାନ୍ଧ୍ୟ ଅଧିବେଶନ । ଏଥିରେ ସାଧାରଣତଃ ମା ଶ୍ରୀଅରବିନ୍ଦଙ୍କୁ ପରମଶ୍ରଦ୍ଧା କରୁଥିବା ଉଭୟ ବକ୍ତା ଏବଂ ଶ୍ରୋତୃ ମଣ୍ଡଳୀ ଉପସ୍ଥିତ ଥାଆନ୍ତି । ଏତଦ୍‌ଭିନ୍ନ ହୁଏତ ମା'ଙ୍କୁ ଜାଣିନଥିବା ମଧ୍ୟ କେହି କେହି କେବଳ ଉତ୍କଣ୍ଠାରେ ଚାଲିଆସିଥାନ୍ତି । ସେମାନଙ୍କ ମଧ୍ୟରେ ଯାହା ସବୁଠାରୁ ସହଜରେ ଦେଇହେବ ତାହାହେଲା ମା'ଙ୍କୁ ଭଲପାଇବା । ଏଥିରେ ଯଦିଓ ନିର୍ଦ୍ଦିଷ୍ଟ ବିଷୟ ଉପରେ ଆଲୋଚନା କରାଯିବା ପାଇଁ ନିର୍ଦ୍ଦେଶ ଥାଏ ତେବେ ପ୍ରାତଃ ଅଧିବେଶନ ଭଳି ଏତେ ସୀମା ନିର୍ଦ୍ଧାରଣ କରାଯାଇନଥାଏ । ଏଥିରେ ବିଭିନ୍ନ ଦିଗକୁ ଯିବା ପାଇଁ ବକ୍ତାଙ୍କର ସ୍ୱାଧୀନତା ଥାଏ । ତେଣୁ ସେମାନେ ସବୁ ପ୍ରକାର ସାମର୍ଥ୍ୟ ପ୍ରୟୋଗ କରି ଶ୍ରୋତା ମଣ୍ଡଳୀଙ୍କର ଜିଜ୍ଞାସାକୁ ସନ୍ତୁଷ୍ଟ କରିବାକୁ ଉଦ୍ୟମ କରିଥାନ୍ତି । ଏହି

ଅଧିବେଶନଟି ମୁଖ୍ୟତଃ ମା ଶ୍ରୀଅରବିନ୍ଦଙ୍କ ପ୍ରତି ଭଲପାଇବା, ଶ୍ରଦ୍ଧା, ଭକ୍ତି ଉପରେହିଁ ପର୍ଯ୍ୟବେଶିତ ହୋଇଥାଏ । ଏଥିରେ ବିଭିନ୍ନ ପ୍ରକାର ଶ୍ରୋତା ଥିଲେ ମଧ୍ୟ ଫେରିଲା ସମୟରେ ସମସ୍ତେ ଭିତରେ ମା'ଙ୍କ ପ୍ରତି ଏକ କୃତଜ୍ଞ ଭାବ ନେଇ ଫେରିଯାଆନ୍ତି । ତେଣୁ ମୁଖ୍ୟତଃ ଏହା ଭକ୍ତିମାର୍ଗକୁ ପଥ ଦେଖାଇଥାଏ ।

ଏହିପରି ଭାବରେ ତିନୋଟି ଅଧିବେଶନ ଯଦିଓ ତିନି ପ୍ରକାର ମାର୍ଗକୁ ମୁଖ୍ୟତଃ ଆକର୍ଷିତ କରିଥାଏ ତଥାପି ସେମାନଙ୍କ ମଧ୍ୟରେ କୌଣସି ବିଭେଦ ନଥାଏ । ଅର୍ଥାତ୍ ଅପରାହ୍ନର ସଙ୍ଗଠକମାନଙ୍କ ମଧ୍ୟରୁ ମଧ୍ୟ ଅନେକ ସକାଳ ଆଲୋଚନାରେ ଅଂଶଗ୍ରହଣ କରିଥାନ୍ତି । ସକାଳେ ବୌଦ୍ଧିକ ଆଲୋଚନାରେ ସମ୍ପୃକ୍ତ କେହି କେହି ବକ୍ତା ମଧ୍ୟ ସାନ୍ଧ୍ୟ ଅଧିବେଶନରେ ମୁଖ୍ୟ ବକ୍ତା ଥାଆନ୍ତି । ଯଦିଓ ସେମାନଙ୍କର ଦାୟିତ୍ୱ ସମ୍ପର୍କରେ ସେମାନେ ସ୍ପଷ୍ଟ ଥାଆନ୍ତି ତଥାପି ଅନ୍ୟ କୌଣସି ଭୂମିକାରୁ ବଞ୍ଚିତ ନଥାନ୍ତି । ବାସ୍ତବିକ ଶ୍ରୀଅରବିନ୍ଦଙ୍କ ଯୋଗ ସମନ୍ୱୟର ଏକ ପ୍ରତିଛବି ।

ଆମ୍ଭେମାନେ ଜାଣୁ ଆମ୍ଭମାନଙ୍କର ସାମର୍ଥ୍ୟ କେତେ । ଯୋଗ୍ୟତା କେତେ, ଅନୁଭୂତି କେତେ, ଅନୁଭବ କେତେ- କୌଣସି କିଛି ଆମକୁ ଅଛପା ନାହିଁ ମାତ୍ର ତା' ସହିତ ଜାଣୁ ଭଗବତୀଙ୍କ କୃପା, ଆଶୀର୍ବାଦ ତଥା ସୁରକ୍ଷା ଆମ ସହିତ ରହିଛି । ଆମର ସଚେତନ, ଅଚେତନ, ଉପରେ କିଛି ବି ନିର୍ଭର କରୁନାହିଁ ମା'ଙ୍କର ଆମ ପ୍ରତି ଅହେତୁକି କୃପା ଓ କରୁଣା - ବର୍ଷି ଚାଲିଅଛି- ଅବାରିତ ଧାରାରେ । ସେ ବର୍ଷି ଚାଲିଛନ୍ତି- ଅପେକ୍ଷା ରଖିଛନ୍ତି- ଆମକୁ - ତାଙ୍କର ପ୍ରିୟ ସନ୍ତାନମାନଙ୍କୁ ତାଙ୍କର କୃପା ପ୍ରତି କେବେନା କେବେ ନିଶ୍ଚୟ ଗ୍ରହଣଶୀଳ ହେବେ, କୃତଜ୍ଞ ହେବେ ।

ଆଉ ବିଳମ୍ବ କରିବା ନାହିଁ । ଏପ୍ରିଲ ସମ୍ମିଳନୀ ଆମକୁ ଆହ୍ୱାନ କରୁଅଛି, ନିଦ୍ରାଛାଡ଼, ଆଳସ୍ୟ ଛାଡ଼, ବାହାରିପଡ଼, ସେଇ ଦିଗକୁ, ମା'ଙ୍କର ଅବାରିତ କୃପା, କରୁଣାରେ ଅଭିଷିକ୍ତ ହୁଅ, ଯାତ୍ରା ଆରମ୍ଭ କର, ସାଙ୍ଗରେ ସେ ଅଛନ୍ତି, କୌଣସି କିଛିକୁ ଭୟ କରନାହିଁ, କେବଳ କୃତଜ୍ଞ ରୁହ, ମାଡ଼ିଚାଲ ଆଗକୁ- ଆଗକୁ- ଆହୁରି ଆଗକୁ ।

❖ ❖ ❖

# ସବୁବେଳେ ମାଆ ତୋର କରୁଣା ବରଷେ

**ଶ୍ରୀମତୀ ଜ୍ୟୋସ୍ନାରାଣୀ ଦାଶ**

ଶ୍ରାବଣରେ ଝର ଝର ବରଷା ଝରିଲେ
ଆକାଶରେ ବିଦ୍ୟୁତ୍‌ର ଦିପାଳୀ ଜଳିଲେ
ପୃଥିବୀ କମ୍ପଇ ଯେବେ ଘଡ଼ଘଡ଼ି ତ୍ରାସେ
ସେତେବେଳେ କୃପାମୟୀ ମାଆ ତୋର କରୁଣା ବରଷେ ।

ଆଶ୍ୱିନ ଆକାଶ ଭରା ମଧୁଜୋଛନାରେ
ଶରତରେ ଶେଫାଳୀର ବିମୁଗ୍ଧ ବାସ୍ନାରେ
ଶିଶିର କଣାକୁ ଚାହିଁ ସୂର୍ଯ୍ୟ ଯେବେ ହସେ
ସେତେବେଳେ କୃପାମୟୀ ମାଆ ତୋର କରୁଣା ବରଷେ ।

ଧରଣୀ ବୁକୁରେ ମୃଦୁ କମ୍ପନ ଜଗାଇ
ମଧୁର ବସନ୍ତ ଯେବେ ଧୀରେ ଆସେ ନଇଁ
କୋକିଳର କୁହୁତାନେ ବକୁଳର ବାସେ
ସେତେବେଳେ କୃପାମୟୀ ମାଆ ତୋର କରୁଣା ବରଷେ ।

ଦୁଃଖର ଦୁର୍ଦ୍ଦିନେ ଯେବେ ଝରେ ଆଖିଲୁହ
ପାଣିରେ ପଦ୍ମ ପରି ଫୁଟିଉଠେ ମୁହଁ
ଲୁହ ଯେବେ ଶୁଖିଯାଏ ଭରା ଦୀର୍ଘଶ୍ୱାସେ
ସେତେବେଳେ କୃପାମୟୀ ମାଆ ତୋର କରୁଣା ବରଷେ ।

ମନର ଆକାଶୁଁ ଲିଭେ ଭରସାର ତାରା
ଯେତେସବୁ ଦିଗହଜା ଆଲୋକର ଧାରା
ବିବେକଟା ହଜିଯାଏ ଅଚେତନା ଗ୍ରାସେ
ସେତେବେଳେ କୃପାମୟୀ ମାଆ ତୋର କରୁଣା ବରଷେ ।

ଚିରନ୍ତନ ଅନ୍ତହୀନ କରୁଣାର ଧାରା
ଝର ଝର ଝରୁଥାଏ ଅବାରିତ ପରା
କ୍ଷୁଦ୍ର ମନେ ବୁଝେନି ଯା' ଭରା ଅବିଶ୍ୱାସେ
ହସ, ଲୁହେ, ଦୁଃଖେ, ସୁଖେ ସବୁବେଳେ ମାଆ ତୋର କରୁଣା ବରଷେ ।

❖ ❖ ❖

# TIPS ON ORGANISATION

Sri Gadadhar Mishra

1. Generally it is difficult to get rid of the nature one carries in his secret subconscious self. Many times it is marked that those who are from political origin will always do politics wherever they are. Even if they are in an Ashram outwardly professing a sacred life but will never overcome the habit of the nature that comes from the old political background that they had lived long ago.

There are however exceptions. On the contrary there are many in politics who are not at all politicians in their nature. By turning towards spiritual life, they utilised the gain from politics for a better purpose.

2. Sadhana has two modes – One is individual and the other is collective. Individually, we have to be strict with ourselves, because here the progress, up to certain extent, exclusively depends upon us. But for collective progress one must have patience and learn to wait. There are atavisms of the nature that cannot be altered just by waving one's hand. Also, it seems there is a destiny that marks the limitation of certain efforts. Our own single lifetime is a part of a very big plan. So, the wise solution is to rely on Her arrangement.

3. In all our activities, knowingly and unknowingly, we are predominantly egoistic. To break out of this subjugation, a series of circumstances are required that are often painful to experience. But the lesson one learns passing through these situations are worth the trouble. At last one learns how to rely on Her for everything even to the smallest detail.

4. Be careful for the so called friends around. They are likely to be the cause of the fall from the spiritual path. They may provoke to choose a way or move in a line that finally ends in a disaster.

5. When we declare to organise our life around Her Presence, immediately a series of circumstances is set to examine the sincerity and authenticity of our decision. All our weakness will be shown only to be offered to Her for removal. We should not lose the chance by projecting the cause of our difficulties on others.

6. In a part of our personality we carry the seed of our forefathers of every birth. Some say it is seven, fourteen or twenty one generations which influence us. They are waiting to be fulfilled. But what is this fulfillment? It is to turn oneself towards the Presence. When each layer or part of our personality is opened to or is in contact with Her, we really complete our act of fulfillment of a debt to our ancestors, *pitruruna*. With our liberation they too are helped or liberated in us.

7. Never invite complaints from others that can not help the work. This will only instigate the impulses of dissatisfaction in the person and there is no end to it. Our aim is not to satisfy every one but The Mother, Her Presence in us and the organisation. Everything must be rebuilt and organised around the Presence. One has to accommodate with the discipline, not to break the discipline to satisfy our or others whims.

8. What after all is life? It is a play of a Consciousness. As Sri Aurobindo has said, it is the inner spirit struggling to manifest in outer nature and its age old habits and inertia; the nature is obstructing the manifestation. The name of this situation is life.

9. We do not remember the detail of day to day happenings but the impression is carried forward. Rather the achievement of the spirit in the process of manifestation is recorded in the consciousness. This is the stuff that is carried forward from life to life.

10. The struggling Consciousness will win one day. This certainty gives us the courage to fight against all hurdles. This certainty lies in the depth of our heart. When we dig inside, it wells up to the front.

11. When something goes wrong let us find out the reason within. We must have committed some blunder inside, allowed our consciousness to be

covered, to go down, slipped on the path, became superficially excited and loose in our talk, lost the remembrance of Her and the inevitable result is series of happenings from most unexpected side. So, to drag us to the path, She has given Her permission to our so called difficulties.

12. With Her Grace what is there that is impossible? Any circumstance could change to be better. If She *matimkarotu* (From Chandi- if She wills) all clouds can disappear. Any negative situation could end in positive result. Remembering this let us face any situation having entire reliance upon Her.

13. Our opinion is nothing but the superficial impression gathered from our friends- relatives, news papers, news channels, books etc. Rarely are we visited by original thoughts. A time comes when we stand back from our superficial self and question to all our so called independent opinion.

14. We could come in contact with people who solely dwell on their own prestige, name and fame. They talk of ideal, country and even of the Divine Service only to satisfy and safeguard their position. When this is hampered, they immediately change their color. There attitude is "A work may be good but if my name is not there why I shall support it?" They never like any discipline. They are obedient to the extent their purpose is served. These people become humble only under the pressure of difficulties. But the moment the difficult situation is over, again they show their true color. Only a clear perception of the ideal and the heart's commitment to Her purpose could emancipate and truly guide us.

15. Let us not forget Sri Aurobindo's words in the 4th chapter of the book The Mother. Power, wealth and sex are pleasing to the Asuras. Through these three agents Asura keeps its tight hold over human beings.

16. It is better not to choose our blood relations as the collaborator for the work that is given to us. They slowly establish themselves with a right and when deprived will be our main obstacle to Her service. In our subconscious part, from our side too we have sympathy towards them. Our spontaneous reaction for the same mistake done by the relatives and other people will be naturally different, even without our conscious knowledge. Always our decisions are influenced by their presence almost without exceptions. A severe discipline, a remembrance of the very aim of our existence, perhaps a constant dwelling on the Impersonal is required to come out of this helplessness.

❖ ❖ ❖

All grace and glory and all divinity
Were here collected in a single form;
All worshipped eyes looked through his from one face;
He bore all godheads in his grandiose limbs.

Savitri **Sri Aurobindo**

# FRIENDS OF DALIJODA

Welcome to Friends of Dalojoda who aspire to take a leap towards the Future and willing to act as per the call of The Mother – the world is preparing for a big change and will you help.

**DALIJODA** – a vast sketch of land extending from Tangi-Choudwar to Kalakala and further to Kapilash forest area. A beautiful hill renge with undulated topography and fertile land , water, vegetation, wild and domestic animals and simple but poor and uneducated mass of people , masority of whom are ST and SC . There are sporadic villages and mostly hamlets distributed over the area with poor road communication , no transportation , inadequate medical facilities , no much educational facilities, poor sanitation , no safe drinking water and non availability of other such amenities.

**Sri Aurobindo Shreekshetra**- In the centre of this vast stretch of undeveloped area of Daliojoda the nuclecs is Sri Aurobindo Shreekshetra. This place comprising of an area of about 250 acres of land which was forseen to be a destined divine land which has attracted and inspired the people of Orissa to join the spiritual movement and try for a new way of life- Integral Yoga for integral perfection and transformation above all barriers of life.

Sri Aurobindo Shreekshetra is also a centre of research for future humanity evolving from mental to Supramental Truth Consciousness by the action of which the mortal human body can be transformed into a divine immortal body transcending the age old genetic way.

It undertakes all the activities of the normal human life in the rural perspective and offering oneself to the Supreme being in order to discover layer after layer ascending echelons of the hidden Higher Consciousness and simultaneously to integrate the downmost field of material existence and thus to pave the path for a glourious golden earth.

**Location** - Sri Aurobindo Shreekshetra is 55 km from Bhubaneswar and 39 km from Cuttack. On NH-5 after 15 Km from Cuttack a road leads to Haripur(Tangi-Haripur Road) . On this road after village Safa with a left turn and covering about 3 Km the village Karanji comes which is the revenue village of Shreekshetra.

The land area of about 200 cares owned by Late Dr Khetramohan Ray of Cuttack has been transfer to a Trust which is registered under Trust Act with FCR. Subsquently some more area has been added and Shrekshetra has developed its activities since 1974.

At present agriculture farming , fruit orchards, nursery of fruits and flowers, dairy a, handicrafts and cottage Industry, trade and commerce have been developed.

